

କୌଣସି ଟାର୍ଗେଟ୍ ଅପହଞ୍ଚ ନୁହେଁ

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 34 | ISSUE 212 ଭାଗ ୩୪ | ସଂଖ୍ୟା ୨୧୨ | Monday 26 October 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର, ୨୬ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

Ministry of Home Affairs
Government of India

CBC 19101/13/0019/2627

ଚାଲନ୍ତୁ ଦେଶଭକ୍ତି ପଥେ,
ଏକତା ନଗରକୁ ଯିବା

ଆଭ୍ୟନ୍ତରୀଣ ସୁରକ୍ଷା ବାହିନୀକୁ ସଲାମ
ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଏକତାର ବିବିଧ ରଙ୍ଗ ଦେଖନ୍ତୁ, ଗୋଟିଏ ସ୍ଥାନରେ
ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

Rashtriya Ekta Diwas
31st OCTOBER, 2026
Statue of Unity, Ekta Nagar, Gujarat

ସୂଚନା ଏବଂ ରହିବା ପାଇଁ ସ୍ଥାନ ବୁକ୍ କରିବାକୁ ସ୍କାନ କରନ୍ତୁ
କିମ୍ବା ପରିଦର୍ଶନ କରନ୍ତୁ rashtriyaektadiwas.com



ଶ୍ରୀ ନରେନ୍ଦ୍ର ମୋଦି
ମାନନୀୟ ପ୍ରଧାନମନ୍ତ୍ରୀ



କୋଟିଆରେ ଆନ୍ଧ୍ର ପୁଲିସ ଓ ବିଧାୟକ ମୁହାଁମୁହିଁ

ବ୍ଲକ ଓ ଜିଲ୍ଲାସ୍ତରରେ ଗଠନ ହୋଇଛି ସର୍ବଦଳୀୟ କମିଟି

ବିରୋଧୀଙ୍କ ସବୁ ପ୍ରଶ୍ନର ଉତ୍ତର ଦେବାକୁ ଚାହୁଁନି: ରାଜସ୍ୱ ମନ୍ତ୍ରୀ

ପଟ୍ଟାଙ୍ଗି,୨୫।୧୦(ସଂଚାର ବ୍ୟୁରୋ): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ କୋଟିଆ ପଞ୍ଚାୟତକୁ ନେଇ ବିବାଦ ବଢ଼ିବାରେ ଲାଗିଛି। କୋଟିଆର ସୀମାନ୍ତ ଗ୍ରାମରେ ଆନ୍ଧ୍ର ପୁଲିସର ଉପସ୍ଥିତିକୁ କୋରାପୁଟ ବିଧାୟକ ରଘୁରାମ



ମାଛ ବିରୋଧ କରିଛନ୍ତି। ଓଡ଼ିଶାର ସୀମାନ୍ତ ଗ୍ରାମକୁ କୌଣସି କାମରେ ଆସିବାକୁ ହେଲେ ଓଡ଼ିଶା ସରକାର କିମ୍ବା କୋରାପୁଟ ପ୍ରଶାସନର ଅନୁମତି ନେବାକୁ ସେ ଆନ୍ଧ୍ର ପୁଲିସକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ମଧ୍ୟ ଜଣାପଡ଼ିଛି।

ସୂଚନାନୁଯାୟୀ, କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛଙ୍କ ସହ ଦଳର ପୂର୍ବତନ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ ଓ ଚୈତନ୍ୟ ନନ୍ଦିବାଲି ପ୍ରମୁଖ କୋଟିଆ ପଞ୍ଚାୟତ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ସେମାନେ ପଞ୍ଚାୟତର ସୀମାନ୍ତ ଗ୍ରାମ ଫାଟୁସିନେରୀ ଅଭିମୁଖେ ଯାଉଥିଲେ। ଫାଟୁସିନେରୀ ପୂର୍ବରୁ ପଡୁଥିବା ମାଡ଼କାର ଗ୍ରାମରେ ଆନ୍ଧ୍ର ପୁଲିସର କିଛି କର୍ମଚାରୀଙ୍କୁ ସେମାନେ ଦେଖିଥିଲେ। ସେଠାରେ ପୃଷ୍ଠା-୬

ଜାତି ଉଦ୍ଦେଶ୍ୟରେ ଆରବିଆଇ ଡାଟା ସେଣ୍ଟର ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ

ରାଜ୍ୟରେ ଖଣିରୁ ମାଇକ୍ରୋଚିପ୍ ଶିଳ୍ପ ବିକାଶର ନୂଆ ଭବିଷ୍ୟତ




- ଦେଶ ବିକାଶରେ ବଡ଼ ଭୂମିକା ନେବ ଓଡ଼ିଶା
- ଡିଜିଟାଲ୍ ବ୍ୟାଙ୍କିଂରେ ଦେଶର ପ୍ରତ୍ୟେକ ନାଗରିକ ଲାଭାର୍ଥୀ
- ଆଗାମୀ ଦଶନ୍ଧି ବ୍ୟାଙ୍କ ସେବାକୁ ଅଧିକ ଦକ୍ଷ ଓ ଭରସାଯୋଗ୍ୟ କରିବ
- ସରକାର କଲ୍ୟାଣକାରୀ, ସକ୍ରିୟ ଓ ସୁଶାସନ ମଡେଲ ନେଇ ବଢ଼ୁଛନ୍ତି
- ସନ୍ତୁଳିତ ବିକାଶ ଗାଁ ଓ ସହରରେ ସମାନ ସୁଯୋଗ ସୁନିଶ୍ଚିତ କରିବ
- ବ୍ୟାଙ୍କକୁ ଲୁଟେରା ଓ ଆତଙ୍କବାଦୀଙ୍କଠାରୁ ସୁରକ୍ଷା ଦେବା ଜରୁରୀ

ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆ କରି ପ୍ରତିଷ୍ଠା ହୋଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଉଦ୍‌ଘାଟନ କରିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଭୁବନେଶ୍ୱର ଆଜି ନୂତନ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ତଥା ନୂତନ ପ୍ରତିଷ୍ଠାନ ଭେଟି ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଦୁଇଟି ସୁବିଧା କେନ୍ଦ୍ରର ଶୁଭାରମ୍ଭରେ ସମ୍ପୃକ୍ତ ରହିଥିବା ଆରବିଆଇ ଓ ଅନ୍ୟ ସମସ୍ତ ଅଂଶୀଦାରଙ୍କୁ ପ୍ରଧାନମନ୍ତ୍ରୀ ଶୁଭକାମନା ଦେଇଥିଲେ। ଏହା ଓଡ଼ିଶା ଓ ଦେଶର ଲୋକଙ୍କ ପାଇଁ ବେଶ ଲାଭଦାୟକ ହେବ ବୋଲି ମୋଦି କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି କାର୍ଯ୍ୟକ୍ରମ



ଦେଶର ପ୍ରଶାସନିକ ଆଭିମୁଖ୍ୟରେ ଆସିଥିବା ମୌଳିକ ପରିବର୍ତ୍ତନକୁ ଦର୍ଶାଉଛି। ବିଗତ ଦଶନ୍ଧି, ବ୍ୟାଙ୍କ ସେବାକୁ ସେହି ଲୋକଙ୍କ ପାଖରେ ପହଞ୍ଚାଇଥିଲା ଯେଉଁମାନେ ଏଥିରୁ ବଞ୍ଚିତ ଥିଲେ। ଆଗାମୀ ଦଶନ୍ଧି ବ୍ୟାଙ୍କ ସେବାକୁ ଅଧିକ ଦକ୍ଷ ଓ ଅଧିକ ଭରସାଯୋଗ୍ୟ କରିବା ଲାଗି ଉଦ୍ଦିଷ୍ଟ। ଓଡ଼ିଶାର ନୂଆ ଡାଟା ସେଣ୍ଟର ଓ ଦୃଢ଼ କମ୍ପ୍ୟୁଟିଂ ସିଷ୍ଟମ ଏଥିରେ ସହାୟକ ହେବ। ଆଧୁନିକ ଯୁଦ୍ଧରେ ନୂଆ ନୂଆ ସାଇବର ବିପଦ ମାଧ୍ୟମରେ ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବାକୁ ଉଦ୍ୟମ କରାଯାଉଥିବା ପ୍ରଧାନମନ୍ତ୍ରୀ ଚେତାଇ ଦେଇଥିଲେ। ସେ କହିଥିଲେ ଯେ ପ୍ରଗତିଶୀଳ ଆର୍ଥିକ ଶକ୍ତିଗୁଡ଼ିକ ନିଜର ଅର୍ଥ ବ୍ୟବସ୍ଥାକୁ ସାଇବର ଲୁଟେରା ଓ ସାଇବର ଆତଙ୍କବାଦୀଙ୍କଠାରୁ ରକ୍ଷା କରିବା ଉଚିତ। ପୁରୁଣା ତାଲିମ ପୃଷ୍ଠା-୬

ଆନ୍ଧ୍ରରେ 'ଅର୍ଣ୍ଣବ'ର ଲ୍ୟାଣ୍ଡଫଲ୍ ଓଡ଼ିଶାରେ ପ୍ରଳୟ



- ପବନର ବେଗ ଘଣ୍ଟା ପ୍ରତି ୧୪୦ ଟପିବ!
- ସ୍ଥଳଭାଗ ଛୁଇଁ ଓଡ଼ିଶା-ଛତିଶଗଡ ସୀମା ଦେଇ ଗତି କରିବ
- ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲାରେ ପ୍ରବଳ ବର୍ଷା ଓ ବିପ୍ଲାତ ସମ୍ଭାବନା
- ମୁକାବିଲା ପାଇଁ ବରିଷ୍ଠ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ

ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଆସନ୍ତାକାଲି ସୁଦ୍ଧା ବାତ୍ୟାରେ ପରିଣତ ହେବ। ୨୭ରୁ ୨୮ ତାରିଖ ମଧ୍ୟରେ ଏହା ଅତି ଭୀଷଣ ବାତ୍ୟାର ରୂପ ଧାରଣ କରି ସ୍ଥଳଭାଗ ଛୁଇଁବ। ଏହା ଆନ୍ଧ୍ରପ୍ରଦେଶ ଆଡ଼କୁ ମୁହାଁଇ ସ୍ଥଳଭାଗ ଛୁଇଁବା ପରେ ଓଡ଼ିଶା-ଛତିଶଗଡ଼ ସୀମା ଦେଇ ଉତ୍ତର ଆଡ଼କୁ ଗତି କରିବ। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୧୫ରୁ ୧୨୫ କିମି ପର୍ଯ୍ୟନ୍ତ ରହିପାରେ। ଓଡ଼ିଶାରେ ପବନ ଅପେକ୍ଷା ବର୍ଷାର ପ୍ରଭାବ ଅଧିକ ରହିବ।


କୋରାପୁଟ, ଗଞ୍ଜାମ, ଗଜପତିରେ ଅରେଞ୍ଜ ଆଲର୍ଟ। ଆସନ୍ତାକାଲି ଅପରାହ୍ନରୁ ରାଜ୍ୟରେ ବର୍ଷା ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ତନ୍ମଧ୍ୟରୁ ୨୮ ତାରିଖରେ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ହେବ। ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ୨୦ରୁ ୩୦ ସେଣ୍ଟିମିଟର ପର୍ଯ୍ୟନ୍ତ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୭ ତାରିଖ ପାଇଁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ 'ଅରେଞ୍ଜ ଆଲର୍ଟ' ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ୬୦ରୁ ୭୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଛି। ବାତ୍ୟା ସହ ପୃଷ୍ଠା-୬

୮ ମନ୍ତ୍ରୀଙ୍କୁ ୮ ଜିଲ୍ଲା ଦାୟିତ୍ୱ



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଏବେ ଶକ୍ତିଶାଳୀ ହୋଇ ବାତ୍ୟାର ରୂପ ନେବାକୁ ଯାଉଛି। ଏହି ସମ୍ଭାବ୍ୟ ବାତ୍ୟା ଓ ଅତି ପ୍ରବଳ ବର୍ଷାର ମୁକାବିଲା ପାଇଁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସଜାଗ ହୋଇପଡ଼ିଛନ୍ତି। ପରିସ୍ଥିତିକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୮ଟି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ପାଇଁ ୮ ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ସିଧାସଳଖ ସ୍ଥିତି ଅନୁଧ୍ୟାନ ଓ ତଦାରଖ ପାଇଁ ମୁଖ୍ୟମନ୍ତ୍ରୀ ୮ ଜଣ ମନ୍ତ୍ରୀଙ୍କୁ ନିର୍ଦ୍ଦିଷ୍ଟ ଜିଲ୍ଲାର ଦାୟିତ୍ୱ ଦେଇଛନ୍ତି। ଏହି ମନ୍ତ୍ରୀମାନେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ନିଜ ନିଜ ଜିଲ୍ଲାରେ ଉପସ୍ଥିତ ରହି ବାତ୍ୟା ପ୍ରଶମନ ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିବେ। ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓଙ୍କୁ କୋରାପୁଟ ଜିଲ୍ଲା ଦାୟିତ୍ୱ ଦିଆଯାଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ରାୟଗଡ଼ା ଜିଲ୍ଲା ଦାୟିତ୍ୱ, ପଞ୍ଚାୟତି ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକଙ୍କୁ କନ୍ଧମାଳ ଜିଲ୍ଲା, ପରିବହନ ମନ୍ତ୍ରୀ ବିଭୁତି ଜେନାଙ୍କୁ ଗଞ୍ଜାମ ଜିଲ୍ଲା, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ନବରଙ୍ଗପୁର ଜିଲ୍ଲା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ମାଲକାନଗିରି ଜିଲ୍ଲା, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ କଳାହାଣ୍ଡି ଜିଲ୍ଲା, ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଗଜପତି ଜିଲ୍ଲା ଦାୟିତ୍ୱ ଦିଆଯାଇଛି।

ଫାଣ୍ଡିବାବୁଙ୍କ ନିର୍ଯାତନାରେ ଚିଙ୍ଗୁଡ଼ି ଚାଷୀଙ୍କ ଆତ୍ମହତ୍ୟା



ସୁଇସାଇଡାଲ୍ ନୋଟ୍‌ରେ ଚାଷୀଙ୍କ ଆରୋପ

ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ଫାଣ୍ଡି ବାବୁଙ୍କ ନିର୍ଯାତନା ଅସହ୍ୟ ହେବାରୁ ଜଣେ ଚିଙ୍ଗୁଡ଼ି ଚାଷୀ ଆତ୍ମହତ୍ୟା କରିଛନ୍ତି। ଏପରି କିଛି ଅଭିଯୋଗ କରିଛନ୍ତି ଚିଲିକା ଟାପୁସ୍ଥିତ ଗୁରୁବାଇ ଗ୍ରାମର ଚିଙ୍ଗୁଡ଼ି ଚାଷୀ ପଞ୍ଚାନନ ସିଠି ତାଙ୍କ ସୁଇସାଇଡାଲ୍ ନୋଟ୍‌ରେ। ନିଜ ପତ୍ନୀଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଉକ୍ତ ଚିଠିରେ ଶ୍ରୀ ସିଠ ଲେଖିଛନ୍ତି ଯେ ତାଙ୍କ ଚିଙ୍ଗୁଡ଼ି ଫାର୍ମରେ ଚିଙ୍ଗୁଡ଼ି ଓ କଙ୍କଡ଼ା ଜାଆଁଳକୁ ନେଇ ମହାଜନ ଦିଲୀପ ପଲେଇଙ୍କ ସହ ହୋଇଥିବା ବିବାଦର ସମାଧାନ ପାଇଁ ଫାଣ୍ଡି ଅଧିକାରୀ ତାଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। କିନ୍ତୁ ସେ ଦିଲୀପଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଇ ତାଙ୍କୁ ବରାବର ନିର୍ଯାତନା ଦେଉଥିବା ଶ୍ରୀ ସିଠ ଉକ୍ତ ସୁଇସାଇଡାଲ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି। ଏହି ନିର୍ଯାତନା ଅସହ୍ୟ ହେବାରୁ ସେ ବାଧ୍ୟ ହୋଇ ଆତ୍ମହତ୍ୟା କରିଥିବା ଶ୍ରୀ ସିଠ ଦର୍ଶାଇଛନ୍ତି। ତେବେ ଏପରି ଏକ ଚିଠି ସାମ୍ନାକୁ ଆସିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି, ଯାହାକୁ ନିୟନ୍ତ୍ରଣ କରିବା ସକାଶେ ଦାୟିତ୍ୱ ନେଇଛନ୍ତି ଏସ୍‌ଡିପିଓ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ପାଳନ କରିବାକୁ ଅନୁରୋଧ କରୁଛି ।

ଦୁର୍ନୀତି ପ୍ରଗତିର ଅନ୍ତରାୟ । ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦୁର୍ନୀତିମୁକ୍ତ ଶାସନ ଅପରିହାର୍ଯ୍ୟ । କେବଳ ସରକାରୀ ପ୍ରୟାସ ନୁହେଁ, ବରଂ ସଚେତନ ନାଗରିକଙ୍କ ସକ୍ରିୟ ସହଭାଗିତା ହିଁ ଦୁର୍ନୀତି ବିରୋଧୀ ଅଭିଯାନକୁ ସଫଳ କରିପାରିବ । ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆପଣାଇଲେ ଆମ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ।

ଆମ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବାକୁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଜିରୋ ଟଲେରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଅସାଧୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପେନସନ ମଧ ବନ୍ଦ କରାଯାଇଛି । ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ରିପୋର୍ଟ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁର୍ନୀତି ନିବାରଣ ସଂସ୍ଥା ଭାବେ ସ୍ଥାନ ପାଇଛି । ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ । ଏଥିପାଇଁ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି ।

ଆସନ୍ତୁ, ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା । ସାଧୁତା ଓ ସ୍ୱଚ୍ଛତାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କରି "ସମୃଦ୍ଧ ଓଡ଼ିଶା" ଗଢ଼ିବାରେ ସହାୟକ ହେବା । ଆପଣଙ୍କ ସହଯୋଗ ହିଁ ହେବ ସମୃଦ୍ଧ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/ 320920 -15001/123/2627

ମୁଦ୍ରାସ୍ଫୀତିର ସାଂଘାତିକ ଚାପ
ନିୟନ୍ତ୍ରଣ ହରାଉଛି ବଜାର ଦର

ଚାଉଳଠୁ ପରିବା ସବୁ ମହଙ୍ଗା

ଆହୁରି ବଢ଼ିବ ଚିନି, ଚାଉଳ ଓ ତେଲ ଦର

ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ହାଟକୁ ଗଲେ ପରିବା ଓ ଖାଦ୍ୟ ସାମଗ୍ରୀର ଦର ପଚାରିବାକୁ ଡର ଲାଗୁଛି। ଚାଉଳ, ଡାଲି, ଚିନି, ତେଲ, ପିଆଜଠୁ କାକୁଡ଼ି ପର୍ଯ୍ୟନ୍ତ ହାଣ୍ଡିଶାଳର ପ୍ରତ୍ୟେକ ନିତ୍ୟାବଶ୍ୟକ ସାମଗ୍ରୀର ଦର



ବେଲଗାମ୍ ହୋଇଛି। ଫଳତଃ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରର ହାଣ୍ଡିଶାଳରେ ହାହାକାର ପଡ଼ିଲାଣି। ବିଶେଷକରି ଚାଉଳ ମୂଲ୍ୟ ଅଧିକ କନ୍ଦାଇଲାଣି। ସରକାର ଚାଷୀଙ୍କୁ ଲାଭ ଦେବା ପାଇଁ ଉଚ୍ଚ ମୂଲ୍ୟରେ ଧାନ କିଣୁଥିବା ବେଳେ ବ୍ୟବସାୟୀମାନେ ସୁଯୋଗ ନେଇ ଚାଉଳ ଦର ବଢ଼ାଇ ଖାଉଟିଙ୍କ ପକେଟ୍ ଖାଲି କରିଦେଉଛନ୍ତି।

କିଛି ମାସ ଧରି କ୍ରମାଗତ ଭାବେ ରାଜ୍ୟରେ ଖାଇବା ତେଲ, ଡାଲି, ଚିନି, ପିଆଜ ଓ ପନିପରିବାର ଦର ହୁହୁ ହୋଇ ବଢ଼ିଚାଲିଛି। ଡାଲିର ହୋଲସେଲ୍ ମୂଲ୍ୟ ମାସକ ପୂର୍ବରୁ ୧୦୦-୧୧୦ ଟଙ୍କା କିଲୋ ଥିବା ବେଳେ ଏବେ ୧୦-୨୦ ଟଙ୍କା ବଢ଼ିଛି। ଖୁଚୁରା ପୃଷ୍ଠା-୬

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ଆଶା ଉଜ୍ଜ୍ୱଳ

- କୋଟିଆ ଓ ମହାନଦୀ ବିବାଦର ହୋଇପାରେ ସମାଧାନ
- ଦୁଇ ରାଜ୍ୟ ଉପରେ ରହିଛି ମୋଦିଙ୍କ ପ୍ରଭାବ

ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ଆନ୍ଧ୍ରପ୍ରଦେଶ ସହ ଚାଲିଥିବା କୋଟିଆ ସୀମା ବିବାଦ ଓ ଛତିଶଗଡ଼ ସହ ଚାଲିଥିବା ମହାନଦୀ ଜଳ ବିବାଦର ସମାଧାନ ଖୁବଶୀଘ୍ର ହୋଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନବମ ଓଡ଼ିଶା ଗସ୍ତ ପରେ ଏହି ଆଶା ଉଜ୍ଜ୍ୱଳ ହୋଇଛି। ଦୁଇ ରାଜ୍ୟ ସରକାରଙ୍କ ଉପରେ ପ୍ରଧାନମନ୍ତ୍ରୀଙ୍କ ପ୍ରଭାବ ରହିଥିବାରୁ ଓଡ଼ିଶା ପକ୍ଷରୁ ଏଭଳି ସକାରାତ୍ମକ ମନୋଭାବ ପୋଷଣ କରାଯାଇଛି।

ଓଡ଼ିଶାର କୋଟିଆରେ ଆନ୍ଧ୍ର ପ୍ରଦେଶ ସରକାର ଦୀର୍ଘଦିନ ଧରି ଅନୁପ୍ରବେଶ ଜାରି ରଖିଥିବା ବେଳେ ଏବେ କୋଟିଆରେ ପଞ୍ଚାୟତ ନିର୍ବାଚନ ପାଇଁ ଘୋଷଣା କରି ସବୁ ସୀମା ଟପିଛନ୍ତି। ଏହାକୁ ନେଇ ଓଡ଼ିଶାର ବିଜେପି ସରକାର ଚିନ୍ତାରେ ପଡ଼ିଥିବା ବେଳେ ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ବରାବର ଚାପ ସୃଷ୍ଟି କରିବାରେ ଲାଗିଛନ୍ତି। ଆନ୍ଧ୍ର ପ୍ରଦେଶରେ ବିଜେପିର ସହଯୋଗୀ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସରକାର ଚାଲିଥିବାରୁ କେନ୍ଦ୍ର ସହଯୋଗରେ ବିଜେପି ଏହି ବିବାଦରେ ସମାଧାନ ପାଇଁ ବିରୋଧୀ ଦଳମାନେ କହୁଛନ୍ତି। ଅବଶ୍ୟ ଏହି



ପ୍ରସଙ୍ଗରେ ଓଡ଼ିଶା ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ କୋଟିଆକୁ ଓଡ଼ିଶା ନେତାଙ୍କ ସୁଅ ଛୁଟିବାରେ ଲାଗିଛି।

ସେହିଭଳି ବିଜେପିଶାସିତ ରାଜ୍ୟ ଛତିଶଗଡ଼ ସହ ଓଡ଼ିଶାର ଜଳ ବିବାଦ ଜାରି ରହିଛି। ଏ ସଂକ୍ରାନ୍ତରେ ମାମଲା ବି ଚାଲିଛି। ଛତିଶଗଡ଼ର ବିଜେପି ମୁଖ୍ୟମନ୍ତ୍ରୀ ସପତ୍ନୀକ ଓଡ଼ିଶା ଗସ୍ତ ସାରି ଫେରିଲା ପରେ ମଧ୍ୟ ମହାନଦୀ ଜଳ ବିବାଦ ଯେଉଁଠି ଥିଲା, ଏବେ ବି ସେଇଠି ରହିଛି। ଯେହେତୁ ଛତିଶଗଡ଼ରେ ବିଜେପି ସରକାର ରହିଛି, ତେଣୁ ଓଡ଼ିଶାର ବିଜେପି ସରକାର କେନ୍ଦ୍ର ସହାୟତାରେ ଛତିଶଗଡ଼ ଉପରେ ଚାପ ପକାଇ ମହାନଦୀ ଜଳ ବିବାଦର ସମାଧାନ କରିବାକୁ ରାଜ୍ୟର ବିରୋଧୀ ଦଳଗୁଡ଼ିକ ଦାବି କରୁଛନ୍ତି।

ଏହି ଦୁଇ ଆନ୍ତଃରାଜ୍ୟ ବିବାଦ ଉଗ୍ର ହେଉଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ରାଜ୍ୟବାସୀଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି। କାରଣ ମହାନଦୀ ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଛନ୍ତି। ଶ୍ରୀ ଶାହ ଏହି ବିବାଦର ସମାଧାନ ନିଶ୍ଚୟ ପୃଷ୍ଠା-୬

ସତରେ ତୁମେ ବଦଳି ଯାଇଛ



ପୁଷ୍ପଲତା ମିଶ୍ର



ସମୟ ସବୁବେଳେ ଏକାଭଳି ରହେ ନାହିଁ। ସମୟ ସହିତ ମଣିଷ, ତା'ର ଚିନ୍ତାଧାରା, ଅଭ୍ୟାସ ଓ ସମ୍ପର୍କ ମଧ୍ୟ ବଦଳିଯାଏ। କିନ୍ତୁ କେତେକ ପରିବର୍ତ୍ତନ ଏତେ ଗଭୀର ହୋଇଥାଏ ଯେ ନିଜ ଆଖିରେ ଦେଖିଲେ ମଧ୍ୟ ବିଶ୍ୱାସ ହୁଏ ନାହିଁ। ଦିନେ ଯେଉଁ ମଣିଷଟି ମୋ ପାଇଁ ସବୁଠାରୁ ନିକଟତମ ଥିଲା, ଆଜି ତା'ର ବ୍ୟବହାର ଦେଖି ମନେ ହୁଏ-ସତରେ ତୁମେ ବଦଳି ଯାଇଛ। ମନେପଡ଼େ ସେହି ପୁରୁଣା ଦିନଗୁଡ଼ିକ। ଛୋଟ ଛୋଟ କଥାରେ ଆମେ ଘଣ୍ଟା ଘଣ୍ଟା ହସୁଥିଲୁ। ମୋ ମୁହଁ ଦେଖି ମୋ ମନର କଥା ବୁଝିଯାଉଥିଲ। ମୁଁ ଚୁପ୍ ରହିଲେ ମଧ୍ୟ ତୁମେ ପଚାରୁଥିଲ-"କ'ଣ ହେଲା ?" ମୋ ଦୁଃଖରେ ତୁମେ ଦୁଃଖୀ ହେଉଥିଲ ଏବଂ ମୋ ଖୁସିରେ ନିଜଠାରୁ ଅଧିକ ଖୁସି ହେଉଥିଲ। ସେତେବେଳେ ଲାଗୁଥିଲା, ଏହି ସମ୍ପର୍କ କେବେ ବଦଳିବ ନାହିଁ। କିନ୍ତୁ ଆଜି ସବୁକିଛି ଅଲଗା। ମୋ କଥା ଶୁଣିବା ପାଇଁ ତୁମ ପାଖରେ ସମୟ ନାହିଁ। ମୋ ନିରବତା ତୁମକୁ ଆଉ ପ୍ରଶ୍ନ କରିବାକୁ ବାଧ୍ୟ କରେ ନାହିଁ। ମୋ ଅନୁପସ୍ଥିତି ତୁମ ଜୀବନରେ କୌଣସି ଖାଲିପଣ ସୃଷ୍ଟି କରୁନାହିଁ। କେବେ କେବେ ତୁମ ସହିତ କଥା ହେବାକୁ ଇଚ୍ଛା ହୁଏ, କିନ୍ତୁ ତୁମ ବ୍ୟସ୍ତତା ଓ ଦୂରତା ମୋତେ ଅଟକାଇ ଦିଏ। ହୁଏତ ତୁମେ ବଦଳିନାହଁ; ହୁଏତ ପରିସ୍ଥିତି ତୁମକୁ ବଦଳାଇ ଦେଇଛି। ଜୀବନର ଦାୟିତ୍ୱ, ନୂଆ ସମ୍ପର୍କ, ନୂଆ ଲୋକ ଏବଂ ନୂଆ ସ୍ୱପ୍ନ ମଣିଷକୁ ଅନେକ କିଛି ଶିଖାଇଥାଏ। ହୁଏତ ଏବେ ତୁମର ପ୍ରାଥମିକତା ବଦଳିଛି। ଏଥିପାଇଁ ତୁମକୁ ଦୋଷ ଦେବାକୁ ମୋର ଇଚ୍ଛା ନାହିଁ। କାରଣ ପରିବର୍ତ୍ତନ ଜୀବନର ଏକ ସତ୍ୟ। ତଥାପି ମନ କେବେ କେବେ ପୁରୁଣା ଦିନକୁ ଖୋଜେ। ସେହି ପୁରୁଣା ତୁମକୁ, ଯିଏ ମୋର ଗୋଟିଏ ଡାକରେ ପାଖରେ ଆସି ଠିଆ ହେଉଥିଲ। ଆଜି ତୁମେ ଦୂରେ ଥାଇପାର, ବଦଳି ଯାଇଥାଇପାର; କିନ୍ତୁ ତୁମ ସହିତ କଟିଥିବା ସେହି ସ୍ମୃତିଗୁଡ଼ିକ ମୋ ମନରେ ଆଜି ବି ସେହିଭଳି ଅଛି। ହଁ, ସତରେ ତୁମେ ବଦଳି ଯାଇଛ। କିନ୍ତୁ ତୁମ ପରିବର୍ତ୍ତନଠାରୁ ବଡ଼ କଥା ହେଉଛି-ମୁଁ ମଧ୍ୟ ବଦଳିବା ଶିଖିଯାଇଛି। ଏବେ ମୁଁ କାହାକୁ ଧରି ରଖିବାକୁ ଜିଦ୍ କରେ ନାହିଁ। ଯିଏ ରହିବାକୁ ଚାହେଁ, ତା'କୁ ହୃଦୟରୁ ସ୍ୱାଗତ କରେ; ଯିଏ ଚାଲିଯିବାକୁ ଚାହେଁ, ତା'କୁ ନିରବରେ ବିଦାୟ ଦିଏ। କାରଣ କେତେକ ସମ୍ପର୍କ ଜୀବନସାରା ରହିବା ପାଇଁ ନୁହେଁ, ବରଂ ଆମକୁ କିଛି ଶିଖାଇ ଯିବା ପାଇଁ ଆସିଥାଏ।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭

ମୁହଁସଞ୍ଜ

ଡ଼. ଚନ୍ଦ୍ରକଳା ନାୟକ



ଜୀବନ ସାରା
ନିଜର ମନର ଆସକ୍ତି ଗୁଡାକୁ
ସମ୍ମାନର ଭାବରାଜି ମାନଙ୍କୁ
କେବେ କେବେ ଅନ୍ୟ କେଉଁଠାରେ
ଦେଖେ କ୍ଷଣିକ ଆଲୋକରେ
ଅଜ୍ଞାତରେ ବାଢୁଥିବା ଏଇ ଜୀବନକୁ ।
ମୁହଁ ସଞ୍ଜଟାରେ ବେଶି ଚିକ୍କଣ ଦିଶେ
ଠିକ ଆଖିତଳ କଳାଦାଗ ପରି
ଦମ୍ ଦେବାକୁ କେହି ନାହିଁ
ବୟସର ଅପରାହ୍ନରେ ନଇଁପଡେ
ଶୀଥିଳ ହୁଏ ଶରୀରଟା
ଆଉଜେଇ ପଡେ ଗଛର ଚେରଟାରେ ।
ଏ ମୋ ଜୀବନ ଯୌବନର
ମନ ତଳର ଛାଇ ବାଣ୍ଟେ
ଫୁଲ ଫଳ ମାନଙ୍କୁ ଆଦର କରେ
ସବୁ ଦୁଃଖକୁ ପିଇଯାଏ, ଅଥଚ
ମୁହଁସଞ୍ଜ ହେଲେ ଥକିପଡେ ପାଦ
ନିଃସଙ୍ଗତା ଘାଣ୍ଟି ଦିଏ ମନକୁ
ମୁଁ ଏକଲା ପଣରେ ଭାଙ୍ଗିଯାଏ
ଠିକ କାଚକାଛର ନର୍ତ୍ତକୀ ପରି ।
ଭଲ ପାଇବା ବାଣ୍ଟିଥିବା ମଣିଷଟା
ତା ଜମା ଖାତାରୁ ପ୍ରେମ ଟିକକ ସାରିଦିଏ,
ନିଜ ପାଇଁ ଖାଲି ହତାଶା ବୋଧଟିଏ
ଆଉ ବଳି ପଡିଥିବା କଲ୍ୟାଣ ଶବ୍ଦରୁ
ଅନ୍ତହୀନ ଦୀର୍ଘ ଶ୍ୱାସଟିଏ ଛାଡେ
ହେଲେ ସେ ଅବିରତ ଅତିକ୍ରମ କରେ
ତା ମନ ଗହ୍ୱରର ପଳାତକ ମାନଙ୍କୁ
ମୁହଁସଞ୍ଜ ବେଳଟାରେ ଖୋଜିବାକୁ
ଦୁଃଖ ଭିତରେ ପ୍ରାପ୍ତିର ଅନ୍ୟ ଏକ ସେପାନ ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭



ସିଂହ ବାହିନୀ ଦୁର୍ଗତି ନାଶିନୀ

ଏଲିଜା ଜେନା



ଜୟ ମା ଭବାନୀ ଦୁର୍ଗତି ନାଶିନୀ
ମାଆ ତୁ ସିଂହ ବାହିନୀ
କାଶତଣ୍ଡି ଫୁଲେ ବିମଣ୍ଡିତା ହୋଇ
ଆସିଛୁ ଶରତ ରାଣୀ ।

ବରଷକେ ଥରେ ମାଆଲୋ ତୋହର,
ହୁଏ ଶାରଦୀୟ ପୂଜା
ଓହ୍ଲାଇ ଆସିଛୁ ମରତ ମାଟିକୁ
ଦେବୀ ମାତା ଦଶଭୂଜା ।

ବିଜେ କରିଅଛୁ ପୂଜା ମଣ୍ଡପରେ
ଏଇ ଶୁଭ ଲଗନରେ
ନାନା ବେଶ ରୂପ ହୁଅଇ ତୋହର
ଦଶହରା ଉତ୍ସବରେ।

ସିଂହ ବାହିନୀ ମା' ଦୁର୍ଗତି ନାଶିନୀ
ଦଶ ଆୟୁଧକୁ ଧରି
ଦୁଷ୍ଟ ମାନଙ୍କର ସଂହାର ପାଇଁ କି
ଆସିଅଛୁ ଅବତରୀ।

ଧନ୍ୟ ଅଟୁ ମାଆ ଧନ୍ୟ ତୋ କରୁଣା,
ପାଇଥିଲେ ରାମଚନ୍ଦ୍ର
ବିଜୟା ଦଶମୀ ନାମରେ ବିଖ୍ୟାତ
ରାବଣକୁ କରି ବଧ ।

ଭୁବନେଶ୍ୱର

ପ୍ରଣୟ ପଲ୍ଲବ


ଡ. ଶୁଭେନ୍ଦୁ ମେହେର





ଶରତ ନିଶୀଥେ ସରସୀର ବୁକେ ସ୍ମିତହାସ୍ୟ ବିକଶାଇ,
ରକତ ଅଧର ଚୁମ୍ବି ସୁଧାକର ପ୍ରେମେ ଚାରୁ ନାଳି କଇଁ ।
ମଧୁର ମାନସେ ମତ୍ତ ମଧୁପ ଗୁଞ୍ଜରଇ ନୀଳ ନୀର,
କାକର କୋମଳ ମୋତି ପ୍ରାୟେ ଶୋଭେ ଘୋଟିଥାଇ ନିଶାକର ।
ପଙ୍କରୁ ଜନମ ପବିତ୍ର ପୀରତି ପଟାନ୍ତର ନାହିଁ ତା'ର,
ଲାଜୁକୀ ଲତିକା ଲହରୀ ବିଳାସେ ଅପୂର୍ବ ରଙ୍ଗ ବିସ୍ତାର ।
ଅନୁପ୍ରାସ ଅଳଙ୍କାରେ ଆଭୂଷିତ ହୋଇ ଶୋଭା ପାଏ ସ୍ୱପ୍ନ,
ଚପଳ ଚାହାଣୀ ଚାରୁ ଚନ୍ଦ୍ରମୁଖୀ ପ୍ରାୟେ ପ୍ରେମ ଓ ଯୌବନ ।
ଅରୁଣ ଉଦୟେ ଆଖି ବୁଜି ଦିଏ ଫୁଟାଇ ପାଖୁଡ଼ା କଳି,
ଭାବୁକ ଭାବନା ଭରେ ଉନ୍ମାଦନା ଭାବ ରସେ କୋଳାକୋଳି ।
ରଜନୀର ରାଣୀ ରକ୍ତ କମଳ ପ୍ରେମ ଜ୍ୟୋତି ଦିଏ ଘେରି,
ଜନ ମାନସରେ ମିଠା ସମ୍ମୋହନ ମତି ଗତି ନିଏ ହରି ।
ରକ୍ତିମ କିରଣେ ଆଖି ବୁଜି ଦେଇ ଫୁଟଇ ସଞ୍ଜରେ ପୁଣି,
ଚପଳ ଛନ୍ଦରେ ମୁକୁଳା କେଶରେ ଅଳସୀ ରଜନୀ ରାଣୀ ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୬୪



ପରିବେଶ ଦୂଷିତ

ଡଃ ନାରାୟଣ ଚନ୍ଦ୍ର ସେନାପତି



ମାଟି ପାଣି ବାୟୁ ହୋଇଲେ ଦୂଷିତ
ପରିବେଶ ହୁଏ ଦୁଷ୍ଟ
ଶାନ୍ତିରେ ଜୀବନ ଜୀଇଁବା ଦୁଃସ୍ୱପ୍ନ
ଏ କଥା ନୁହଁ କି ସତ ?
ଧୂଳି ମଳି ମଲା ଶବ ଓ ନଳିତା
ପଡ଼ିଲେ ଜଳାଶୟରେ
ଗୋରୁ ଗାଈ ସ୍ନାନ ଶୌଚରେ ଏ ଜଳ
ଦୂଷିତ ହୁଏ ଅଚିରେ।
ଦୂଷିତ ଜଳକୁ କରିଲେ ସେବନ
ହୁଏ ଜଳ ଯୁକ୍ତ ରୋଗ
ଝାଡା ବାନ୍ତି ଜ୍ୱରେ ଦୁର୍ବଳ ଶରୀର
ଦୁଃଖ କଷ୍ଟ କରେ ଭୋଗ।
ରୋଷେଇ ଘର ଓ ମୋଟର ଧୂଆଁ ରେ
କାରଖାନା ବାଷ୍ପ ମିଶି
ବାୟୁମଣ୍ଡଳକୁ କରଇ ଦୂଷିତ
ପରିବେଶ ଯାଏ ରୁଷି।
ହାଡ଼ଫୁଟି ମିଳିମିଳା ପରି କେତେ
ଶ୍ୱାସ ରୋଗ ହୋଇଯାଏ
ତା ସଂଗେ ଦୂଷିତ ବାୟୁ ମିଶିଗଲେ
ମଣିଷ ଅଶାନ୍ତି ହୁଏ।
ମାଟି ପରେ ଜୀବଜନ୍ତୁ ମଳତ୍ୟାଗ
କ୍ଷେତରେ ବିଷ ଓ ସାର
ଏସବୁରେ ମାଟି ହୁଅଇ ଦୂଷିତ
କରେ ସଭିଙ୍କୁ ଶୀକାର।

ଜମ୍ବରା, କେନ୍ଦୁଝର



ଶାରଦୀୟ ନବରାତ୍ରି

ବାସନ୍ତୀ ଲତା ଜେନା



ଶାରଦୀୟ ପୂଜା ଶରତ ଋତୁରେ
ଶଙ୍ଖ ଧ୍ୱନି ପାର୍ବଣର
ଆକାଶରେ ଭାସେ ଧଳା ମେଘ ଖଣ୍ଡ
ପୂଜନ୍ତି ମତା ପୟର (ଘୋଷା)
ନିର୍ମଳ ଆକାଶେ ଜହ୍ନ ତାରା ହସେ
ମର୍ତ୍ତ୍ୟ ଭୂମି ଖୁସି ଭରା
କାଶତଣ୍ଡି ନାଚେ ନଦୀ ପଠା ଧାରେ
ମାତାର ସ୍ୱାଗତେ ତୋରା
ଆଶ୍ୱିନ ଶୁକ୍ଳରେ ନବରାତ୍ରି ଆସେ
ନବ ରୂପ ଦୁର୍ଗାଙ୍କର
ଶାରଦୀୟ ପୂଜା....... ।୧।
ପ୍ରଥମ ଦିବସେ ଶୈଳ ପୁତ୍ରୀ ରୂପ
ଦ୍ୱିତୀୟେ ବ୍ରହ୍ମ ଚାରିଣୀ
ତୃତୀୟରେ ତୁମେ ହେଲ ଚନ୍ଦ୍ର ଘଣ୍ଟା
ଚତୁର୍ଥେ କୁଷ୍ମାଣ୍ଡା ପୁଣି
ପଞ୍ଚମରେ ତୁମେ ହେଲ ସ୍କନ୍ଦମାତା
ଷଷ୍ଠେ କାତ୍ୟାୟିନୀ ତୋର
ଶାରଦୀୟ ପୂଜା...... ।୨।
ସପ୍ତେ କାଳରାତ୍ରି ଉପାସନା ତୋର
ଅଷ୍ଟମରେ ମହାଗୌରୀ
ନବମରେ ତୁମେ ସିଦ୍ଧି ଦାତ୍ରୀ ହେଲ
ସ୍ନେହମୟୀ ଭୟଙ୍କରୀ
ଅସୁରୀୟ ଗୁଣ ନାଶ କରିବାକୁ
ଭିନ୍ନ ଭିନ୍ନ ରୂପ ତୋର
ଶାରଦୀୟ ପୂଜା..... ।୩।
ଚତୁର୍ଭୁଜା ତୁହି ଅଷ୍ଟଭୁଜା ତୁହି
ସହସ୍ର ଭୁଜା ତୋହର
ସିଂହ ବାହିନୀ ତୁ ମହିଷାମର୍ଦ୍ଦିନ୍
ସତ୍ୟ ଧର୍ମ ରକ୍ଷା କର
ପାପ ବିନାଶିନୀ ଅଭୟ ଦାୟିନୀ
କରୁଣାର ପାରାବାର
ଶାରଦୀୟ ପୂଜା..... ।୪।

ଗାନ୍ଧୀନଗର, ନବରଙ୍ଗପୁର

ଅନ୍ଧ ବିଶ୍ୱାସରେ ବିଚାରୀ ପଶୁ

ସନ୍ତୋଷ କୁମାର ସାହୁ



ଆଜିର ସମାଜେ ଧରମ ନାମରେ
ଅନ୍ଧବିଶ୍ୱାସର ପ୍ରଥା
ନିରୀହ ନିର୍ଦ୍ଦୋଷୀ ମୂକ ପଶୁଙ୍କର
କଟିଯାଏ ଆଜି ମଥା...

ଯେଉଁ ପଶୁଟିର ନାହିଁ ଭୁଲ୍ କିଛି
ଧର୍ମ ନାମେ ବଳି ପଡ଼େ
ବେଦନାକୁ ସହି ବିଚାରୀ ପଶୁଟି
ନିଜର ଜୀବନ ଛାଡ଼େ...

ମନ୍ଦିରକୁ ଟାଣି ନିଅନ୍ତି ପଶୁକୁ
ପିନ୍ଧାଯାଇ ଫୁଲମାଳ
ନିରୀହ ପଶୁଟି ବୁଝି ତ ପାରେନି
ବଳି ପାଇଁ ଏଠି ଖେଳ...

ସେ ଜାଣେନି କିଛି ଭକ୍ତି ଧର୍ମ କଣ
ଭୟର ଥରୁଛି ମନ
ଜାଣି ପାରେ କିନ୍ତୁ ତରବାରି ଦେଖି
ଆଜି ତାର ଶେଷ ଦିନ...

ଧର୍ମ ଅର୍ଥ ନୁହେଁ ବଳି ଦେବାପାଇଁ
କିନ୍ତୁ ଅଟେ ବଳିଦାନ
ନିଜର ଭିତରେ ଥିବା କ୍ରୋଧ ହିଂସା
ଛାଡ଼ିଦେବା ପ୍ରତିଦିନ...

ରକତରେ ନୁହେଁ ଭକତିରେ ଯଦି
ଦେବୀଙ୍କୁ କରିଲେ ପୂଜା
ଧର୍ମ ନାମେ କିଆଁ ଅନ୍ଧ ବିଶ୍ୱାସରେ
ପଶୁ'ଟି ପାଇବ ସଜା...

ଅନ୍ଧ ବିଶ୍ୱାସ ଯେ ଧରମ ନାମରେ
କୁସଂସ୍କାର ଅଜ୍ଞାନତା
ଧରମ କହୁଛି ଜୀବ ପ୍ରତି ଦୟା
ଏହାହିଁ ସକଳ ହିତା...

ଗାନ୍ଧୀ ନଗର, କୋରାପୁଟ
ମୋବାଇଲ୍: ୯୪୩୭୪୩୩୬୫୭



ସମୟର ଛାୟାଚିତ୍ର

କୁଆଁର ପୁନେଇ ଜହ୍ନରେ ଗଜଲକ୍ଷ୍ମୀଙ୍କ ଆଗମନ

ଡକ୍ଟର ଲକ୍ଷ୍ମଣ ସାହୁ



ଓଡ଼ିଶାର କୁମାର ପୂର୍ଣ୍ଣିମା ଏକ ବିଶେଷ ପର୍ବ। ଏହି ପର୍ବ କୁମାରୋତ୍ସବ ବା କୋଜାଗର ପୂର୍ଣ୍ଣିମା ନାମରେ ମଧ୍ୟ ପରିଚିତ ସେଭଳି କନ୍ୟାମାନଙ୍କ ଜହ୍ନି ଓଷା ଭାବେ ବିଦିତ। ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବଟି ପାଳିତ ହୁଏ। ଏହି ପୂର୍ଣ୍ଣିମା ଶରତ ଋତୁରେ ପଡୁଥିବାରୁ ଅନେକ ସ୍ଥାନରେ ଏହାକୁ ଶରତ ପୂର୍ଣ୍ଣିମା ମଧ୍ୟ କହିଥାନ୍ତି। ଅପରପକ୍ଷରେ ଏହିଦିନ ଜଗନ୍ମାତା ମା' ଲକ୍ଷ୍ମୀ ଦେବୀଙ୍କର ଆରାଧନା ହେଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା ବା କୋଜାଗାର ଲକ୍ଷ୍ମୀ ପୂଜା କୁହାଯାଇଥାଏ। କୁମାରୀ ଝିଅ ସମେତ ଓଡ଼ିଶାବାସୀ ତୁଳସୀ ଚଉରା, ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରବା ଲୋକ ବିଶ୍ୱାସ ରହିଛି। ସାଧାରଣତଃ କୁମାରୀ କନ୍ୟାମାନେ କାର୍ତ୍ତିକେୟଙ୍କ ଭଳି ସୁନ୍ଦର ଜୀବନସାଥୀ ପାଇବା ପାଇଁ ଏହି ବ୍ରତ ପାଳନ କରିଥାନ୍ତି। ଏହା ଆଶ୍ୱିନ ମାସର ପ୍ରଥମ ଦିନରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ହୋଇଥାଏ। ମାସସାରା ପ୍ରତି ଅପରାହ୍ଣରେ ଜହ୍ନିଫୁଲ ଫୁଟିବା ପରେ ଜହ୍ନିଫୁଲକୁ ନେଇ ତୁଳସୀ ଚଉରା ମୂଳେ କୁମାରୀମାନେ ବୃନ୍ଦାବତୀଙ୍କୁ ପୂଜା କରନ୍ତି। ଗ୍ରାମାଞ୍ଚଳର କୁମାରୀ ଝିଅ ମାନେ ଏଥିରେ ଲିଆ, ଉଖୁଡ଼ା, କଦଳୀ, କାକୁଡ଼ି ଆଦି ଭୋଗ କରନ୍ତି। ସଞ୍ଜ ବେଳେ ଗୀତ ବୋଲି, ହୁଳହୁଳି ଦେଇ ଝିଅମାନେ ମହାନନ୍ଦରେ ଏହି ଓଷାକୁ ପାଳନ କରିଥାନ୍ତି। ଅପରାହ୍ଣରେ ସେମାନେ ଚଉରାମୂଳରେ ଜହ୍ନିଫୁଲ ତଥା ଅନ୍ୟାନ୍ୟ ଫୁଲରେ କୋଠି ତିଆରି କରି କଳସ ସ୍ଥାପନା କରନ୍ତି ଓ ଜହ୍ନିଓଷା ବହି ପଢ଼ି ପୂଜା କରନ୍ତି। ଗୀତ ଗାଇ ଗାଇ ବୃନ୍ଦାବତୀଙ୍କୁ ଜହ୍ନି ଫୁଲର ଆଞ୍ଜୁଳି ଦିଅନ୍ତି। ବିଶ୍ୱାସ ଅଛି କୁଷ୍ଠ ରୋଗରୁ ମୁକ୍ତି, ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ଜହ୍ନି ଓଷା କଲେ ଭଲ ହେବାର କଥିତ ଅଛି। କେତେକ କୁମାରୀ ଝିଅ ମାସସାରା ଓଷା ନକରିପାରିଲେ କୁମାର ପୂର୍ଣ୍ଣିମା ପୂର୍ବରୁ ୧୫ଦିନ ଅଥବା ୫ଦିନ ମଧ୍ୟ ଏହି ଓଷା ପାଳନ କରିଥାନ୍ତି। ଓଷା ବିଧି ଓ ପରମ୍ପରା ସହ ଅପରାହ୍ଣରେ ଗୀତ ଗାଇ ପୁଚି ଖେଳି ଆନନ୍ଦ ଉଲ୍ଲାସରେ କିଛି ସମୟ କାଟିବା ସେମାନଙ୍କ ଏକପ୍ରକାର ବ୍ୟାୟାମ ବୋଲି ଧରାଯାଏ।

କିମ୍ବଦନ୍ତୀ ଅନୁସାରେ ଏହି ଓଷାରେ କବି ଦୀନକୃଷ୍ଣ ଦାସଙ୍କର ରଚିତ "ଜହ୍ନିଓଷା କଥା" ଗାଇଥାଆନ୍ତି। ଏଥିରେ ବହୁ ପ୍ରକାର ଛନ୍ଦରେ ଭିନ୍ନ ଭିନ୍ନ କିମ୍ବଦନ୍ତୀ ବଖଣାଯାଇଛି। ରଚନା ଦୃଷ୍ଟିରୁ ଏହି କାବ୍ୟଏକାଦଶ ଅକ୍ଷରୀ ପଦ୍ୟରେ ପାଞ୍ଚ ଛାନ୍ଦରେ ବିଭକ୍ତ କରାଯାଇପାରେ। ପ୍ରଥମ ଛନ୍ଦରେ ଓଷା ନିନ୍ଦାର କୁପରିଣତି କଣ ଘଟେ ତାହା ବଖଣାଯାଇଛି। ଆଶ୍ୱିନମାସ ତିରିଶ ଦିନ ଯାଏ କୁଆଁରୀ ଝିଅମାନେ ଏକତ୍ରିତ ହୋଇ ତୁଳସୀ ଚଉରା ମୂଳରେ ଜହ୍ନି ଫୁଲରେ କୋଠି କାଟି ଓଷା କରନ୍ତି। ଲିଆ ଉଖୁଡା ଆଦି ଭୋଗ ଲଗାନ୍ତି। ଚଉରା ଉପରେ ଜହ୍ନି ଫୁଲରେ ଆଞ୍ଜୁଳା ଦିଅନ୍ତି। ଦିନେ ମହାରାଷ୍ଟ୍ରଦେଶରେ ଜମ୍ବୁବତୀ ବୋଲି ଜଣେ ନାରୀ ଏହି ଓଷାକୁ ଥଟ୍ଟା ପରିହାସ କଲା। ଏହି ଓଷା ଝିଅମାନେ ମୁଢ଼ି ଖାଇବାକୁ କରୁଛନ୍ତି ବୋଲି କହି ଉପହାସକଲା। ଯାହା ଫଳରେ ମା' ବୃନ୍ଦାବତୀ ରାଗିଲେ। ତାଙ୍କ ଅଭିଶାପରୁ ସର୍ପ ଜମ୍ବୁବତୀର ସୁପ୍ତ ପୁତ୍ରକୁ ଦଂଶନ କଲା। ମୃତ ପୁତ୍ରକୁ ଧରି ବାହୁନୁଥିବା ବେଳେ ତା'ର ସ୍ୱାମୀ ମହେଶ୍ୱର ଆସି ପହଞ୍ଚିଲା। ଓଷା ନିନ୍ଦାର ପରିଣତି ସ୍ୱରୂପ ଏପରି ଘଟିଥିବାର ଜାଣି ପତିପତ୍ନୀ ବୃନ୍ଦାବତୀଙ୍କୁ ଯାଇ ଆକୁଳ ଭାବେ ପ୍ରାର୍ଥନା କଲେ। ବହୁତ କାକୁତି ମିନତି ହେବା ପରେ ବୃନ୍ଦାବତୀ ସନ୍ତୁଷ୍ଟ ହେଲେ ଓ ତା'ର ମୃତ ପୁତ୍ରକୁ ଜୀବନ୍ୟାସ ଦେଲେ। ସେଭଳି ଦ୍ୱିତୀୟ ଛାନ୍ଦରେ ଏକ ସାଧବ ପରିବାରର କାହାଣୀ ଉଲ୍ଲେଖନୀୟ। ଓଡ୍ର ରାଷ୍ଟ୍ରପୁରରେ ଭଗୀରଥୀ ନାମକ ଜଣେ ସାଧବ ତା'ର ପାଞ୍ଚପୁଅ ଓ ଗୋଟିଏ ଝିଅକୁ ନେଇ ସୁନାର ସଂସାର କରିଥିଲେ। ହେଲେ ଦୁର୍ଯୋଗକୁ ଝିଅ ରାଧୀକି କୁଷ୍ଠରୋଗ ହେଲା। ତା'ମାଆ ସୁକାନ୍ତୀ ଦିନେ ପିଲାଏ ଚଉରା ମୂଳେ ଜହ୍ନିଓଷା ପୂଜୁଥିବାର ଦେଖିଲା ଓ ଏହି ଓଷା କଲେ ରୋଗ ନାଶ ହୁଏ ବୋଲି ସେ ଶୁଣିଲା। ଯାହା ଫଳରେ ତା'ଝିଅର ବ୍ୟାଧି ନାଶ ହେଲେ ପାଞ୍ଚବର୍ଷ ଯାଏ ଜହ୍ନିଓଷା ପୂଜିବ ବୋଲି ମାନସିକ କଲା। କୁଆଁରୀ ଓଷେଇତି ଝିଅମାନେ ତା'ନାଁରେ ହୁଳହୁଳି ଦେଲେ। ପରବର୍ତ୍ତୀ ଜହ୍ନିଓଷା ବେଳେ ରାଧୀ ତା'ମାଆକୁ ଓଷା ପାଇଁ 'ଭୂଜା'(ମୁଢ଼ି) ମାଗିଲା। ମାଆ ବିରକ୍ତ ହୋଇ ଓଷା ପୂଜିବାକୁ ମନା କରିଦେଲା। ଯାହା ଫଳରେ ବୃନ୍ଦାବତୀ ରାଗି ତା'ର ପାଞ୍ଚ ପୁଅକୁ ନେଇ ଅଜଣା କୋରଡ଼ ଭିତରେ ଲୁଚାଇ ଦେଲେ। ସୁକାନ୍ତୀ ବାହୁନି କାନ୍ଦିଲା। ପୁଅକୁ ପାଇଲେ ପାଞ୍ଚଟି କାକରା ଭୋଗ କରିବ ବୋଲି ବୃନ୍ଦାବତୀଙ୍କ ପାଖରେ ମାନସିକ କଲା। ଝିଅ ଓଷା କରୁ ବୋଲି ସ୍ୱପ୍ନରେ ଦେବୀ କହିଲେ। ରାଧୀ ପାଞ୍ଚଟି କାକରା ଦେଇ ଓଷା ପୂଜିବାରୁ ତାର ପାଞ୍ଚପୁଅ ସ୍ୱଗୃହକୁ ଫେରି ଆସିଥିଲେ।

ଏହି ଓଷାର ପାଳନ ବିଧି ସଂପର୍କରେ କୁହାଯାଇଛି ଯେ ଭାଦ୍ର ପୂର୍ଣ୍ଣିମାଠାରୁ ଆଶ୍ୱିନ ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀମାନେ ତୁଳସୀ ଦେବୀଙ୍କ ନିକଟରେ ଏହି ଓଷା ପାଳନ ହୁଏ । ଝିଅମାନେ ବିଭିନ୍ନ ଗୀତ, ଖେଳ, ହୁଳହୁଳି ସହିତ ଏହାକୁ ପାଳନ କରିଥାନ୍ତି। ଦୀନକୃଷ୍ଣ ଦାସଙ୍କ ରଚିତ "ଜହ୍ନିଓଷା କଥା"ର ୧ମ ଓ ୫ମ ଛାନ୍ଦରେ ପୂଜାବିଧିର ଟିକିନିଖି ବର୍ଣ୍ଣନା ଅଛି। କୁଆଁରୀ ଓଷେଇତି ଝିଅମାନେ ମିଳିତ ହୋଇ ଗୀତ ବୋଲି ପୂଜା କରନ୍ତି। ଜହ୍ନିଓଷାରେ ଉଭୟ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପୂଜା କରାଯାଇଥାଏ। କୁମାରୀମାନେ ସକାଳେ ସୂର୍ଯ୍ୟ ଉଇଁବା ପରେ ନଦୀ-ପୋଖରୀରେ ଗାଧୋଇ ବାଲିପିଣ୍ଡ ଦେଇଥାନ୍ତି। ଏହି ବାଲିପିଣ୍ଡକୁ ବିଭିନ୍ନ ପ୍ରକାରର ଫୁଲରେ ସଜାଇଥାନ୍ତି। ଠିକ୍ ସଞ୍ଜରେ ତୁଳସୀ ଚଉରା ମୂଳ ଜହ୍ନିଫୁଲରେ ସଜାଇ ଲିଆ ଭୋଗ କରିଥାନ୍ତି। ମାସ ସାରା ଓଷାକାରିଣୀ ଝିଅମାନେ କେବେ ଜହ୍ନି ଖାଇନଥାନ୍ତି। ସଞ୍ଜ ବେଳେ ଝିଅମାନେ ଜହ୍ନିଓଷା ଗୀତ ବୋଲିଥାନ୍ତି। ଏହି ସମୟରେ ସେମାନେ ପୁଚି ଓ ଦଉଡ଼ିଡିଆଁ ମଧ୍ୟ ଖେଳିଥାନ୍ତି। ପୁଚି ଖେଳର ତାଳେ ତାଳେ

" କୁଆଁର ପୁନେଇ ଜହ୍ନ ଗୋ ଫୁଲ ବଉଳ ବେଣୀ,
କୁଆଁରୀ ଝିଅଙ୍କ ଅପୂର୍ବ ଆନନ୍ଦ
ପୁଚି ଖେଳିବାକୁ ମନ ଗୋ ଫୁଲ ବଉଳ ବେଣୀ..."

ଏହି ପର୍ବରେ ତିଆରି କରାଯାଉଥିବା ମଣ୍ଡା ପିଠା ଓଡ଼ିଶାର ମୁଖ୍ୟ ଆକର୍ଷଣମାନଙ୍କ ମଧ୍ୟରୁ ଅନ୍ୟତମ। ପୂଜା ସମୟରେ ଚାନ୍ଦ ଚକଟା ଓ ମଣ୍ଡା ପିଠା ଭୋଗ ଚଉରା ଏବଂ ଚନ୍ଦ୍ରଙ୍କୁ ଅର୍ପଣ କରି ସେମାନଙ୍କୁ ଶଙ୍ଖ ଓ ହୁଳହୁଳି ସହ ଦୀପରେ ବନ୍ଦାଇ ଦିଆଯାଏ। ଯେଉଁ ଘରେ କୌଣସି କୁମାରୀ କନ୍ୟା ନଥାନ୍ତି, ସେ ଘରେ ବିବାହିତା ସ୍ତ୍ରୀମାନେ ନିଜ ସ୍ୱାମୀଙ୍କ ସୁଖ ସମୃଦ୍ଧି କାମନା କରି ଚଉରା ଓ ଚନ୍ଦ୍ର ପୂଜା କରିଥାନ୍ତି। ପୂଜା ସରିଲା ପରେ ଭୋଗ ଖାଇ କୁମାରୀ କନ୍ୟାମାନେ ନିଜର ସାରା ଦିନର ଉପବାସ ଭାଙ୍ଗିଥାନ୍ତି। କୁମାର ପୂର୍ଣ୍ଣିମା ଦିନକୁ ଲକ୍ଷ୍ମୀଙ୍କର ଜନ୍ମଦିନ ରୂପେ ମଧ୍ୟ ପାଳନ କରାଯାଏ। ଏହି ଦିନ ସମୃଦ୍ଧିର ଦେବୀ ଲକ୍ଷ୍ମୀଙ୍କୁ ଗଜ ବାହନ ସହ ପୂଜା କରାଯାଇଥାଏ। ସାଧାରଣତଃ ଗଜଲକ୍ଷ୍ମୀଙ୍କୁ ଦିନଟିଏ ପାଇଁ ହିଁ ପୂଜା କରାଯାଇଥାଏ। କିନ୍ତୁ କେତେକ ସ୍ଥାନରେ ଏହି ପୂଜା ୭/୧୦ ଦିନ ଧରି କରାଯାଇଥାଏ। ଏହି ପୂଜା ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଲକ୍ଷ୍ମୀଙ୍କ ଆରମ୍ଭ ହୋଇଥାଏ। ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ପାଇଁ ସ୍ୱତନ୍ତ୍ର ସ୍ଥାନ ପାଇଛି।

ସେଦିନ ବଧୂର ବାପଘରୁ ତା'ର ଶାଶୁଘରକୁ ଚାଉଳ, ଦୁବ ଘାସ, ଗୁଆ, ପାନ, ନଡ଼ିଆ, କଦଳୀ, କାଜୁ, ପେସ୍ତା ବାଦାମ, ପଇତା ସୂତା, ଲବଙ୍ଗ, ଗୁଜୁରାତି, ରୌପ୍ୟ ମୁଦ୍ରା କିମ୍ବା ରୂପାରେ ତିଆରି ମାଛ କିମ୍ବା ରୂପାରେ ତିଆରି କଇଁଛ, ଦହି, ବିଭିନ୍ନ ପ୍ରକାରର ମିଷ୍ଟାନ୍ନ, ସମସ୍ତଙ୍କ ପାଇଁ ନୂତନ ବସ୍ତ୍ର ଓ ମିଥିଳାର ପଟ୍ଟଚିତ୍ର ଇତ୍ୟାଦି ଭାର ହିସାବରେ ପଠାଯାଇଥାଏ। ବିଶ୍ୱାସ ଅଛି ଯେ, ଏହି ଦିନ ରାତିରେ ଲକ୍ଷ୍ମୀ ଆକାଶରେ "କୋ ଜାଗର୍ତି ?" କହି କହି ବୁଲନ୍ତି ଓ ଯିଏ ରାତି ସାରା ଉଜାଗର ରହିଥାଏ ତା' ଉପରେ କୃପା କରିଥାନ୍ତି। ସଂସ୍କୃତ ବାକ୍ୟ "କୋ ଜାଗର୍ତି ?"ର ଅର୍ଥ "କିଏ ଜାଗ୍ରତ ଅଛି ?"। ତେଣୁ ଏହି ପର୍ବକୁ କୋଜାଗରି ପୁନମ୍ ମଧ୍ୟ କୁହାଯାଏ।

ସ୍ୱାସ୍ଥ୍ୟ ଦୃଷ୍ଟିରୁ ସେଦିନ ରାତିରେ ଚୁଡ଼ା ସହ କ୍ଷୀର ଖାଇବା ପଛରେ ଏକ ଆୟୁର୍ବେଦିକ କାରଣ ରହିଛି। ଏହା ଶରତ ଋତୁ ହୋଇ ଥିବାରୁ ଦିନ ଉଷୁମ ରହେ ଓ ରାତିରେ ଶୀତ ଅନୁଭୂତ ହୁଏ । ତେଣୁ ଋତୁର ପରିବର୍ତ୍ତନ ଯୋଗୁଁ ବାତ , ପିତ୍ତ ଓ କଫ ଦୋଷ ହେବାର ସମ୍ଭାବନା ଅଧିକ ଥିବାରୁ ରାତିରେ ଚୁଡ଼ା ସହ କ୍ଷୀର ଖାଇବାଦ୍ୱାରା ସେସବୁ ଦୋଷ ହେବାର ସମ୍ଭାବନା କମିଯାଇଥାଏ। ବାସ୍ତବରେ ଲୋକ କିମ୍ବଦନ୍ତୀରେ କୁଆଁର ପୁନେଇ ଜହ୍ନ ଗୋ ଓ ଲକ୍ଷ୍ମୀ ପୂଜାକୁ ନେଇ ପର୍ବ ପାଳନ କେବଳ ଓଡ଼ିଶାରେ ନୁହେଁ ମହାରାଷ୍ଟ୍ର, ପଶ୍ଚିମ ବଙ୍ଗ, ଗୁଜରାଟ ଭଳି ଭାରତର ଅନ୍ୟାନ୍ୟ ରାଜ୍ୟରେ ସ୍ତ୍ରୀ, ପୁରୁଷ ନିର୍ବିଶେଷରେ ସମସ୍ତେ ଏହି ପର୍ବକୁ ପାଳନ କରିଥାନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ଦିନ ଚନ୍ଦ୍ର ପୃଥିବୀର ନିକଟତମ ସ୍ଥିତିରେ ଥାଏ ଓ ଚନ୍ଦ୍ର କିରଣ ମଣିଷର ସ୍ୱାସ୍ଥ୍ୟ ଓ ଚିନ୍ତାଧାରା ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ ବୋଲି ବିଶ୍ୱାସ ରହିଛି। ସମୟର ଛାୟା ଚିତ୍ରରେ ପାଳିତ ହେଉଥିବା ଏହି ଦିନଟିକୁ ଭାରତର ବିଭିନ୍ନ ପ୍ରାନ୍ତରେ ଖୁବ୍ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ...!!!

ଅଧ୍ୟକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ
କଟକ -୪, ମୋବାଇଲ୍: ୯୦୪୦ ୧୫୧୪୭୫

● ପ୍ରଧାନମନ୍ତ୍ରୀଙ୍କ ୧୩୯ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

ସମୃଦ୍ଧ ଓଡ଼ିଶା ଓ 'ବିକଶିତ ଭାରତ' ଗଠନରେ ଗୁରୁତ୍ୱ ରଖିବ



ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ପ୍ରତି ମାସର ଶେଷ ରବିବାରରେ ପ୍ରସାରିତ ହେଉଥିବା ଏହି କାର୍ଯ୍ୟକ୍ରମ ଯୁବବର୍ଗଙ୍କ ମନରେ କିଛି ନୂଆ କରିବା ପାଇଁ ଆଗ୍ରହ ସୃଷ୍ଟି କରୁଛି। ପଛୁଆ ଓ ଆଦିବାସୀ ଅଞ୍ଚଳରେ ଯେଉଁ ବ୍ୟକ୍ତିମାନେ ନିଜ ଅଧ୍ୟବସାୟ ବଳରେ ସଫଳତା ହାସଲ କରିଛନ୍ତି ସେମାନଙ୍କ ସଫଳତାକୁ ମୋଦି ଏହି କାର୍ଯ୍ୟକ୍ରମ ଜରିଆରେ ଲୋକଲୋଚନକୁ ଆଣିପାରୁଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ମୋଦିଙ୍କ ୧୩୯ତମ 'ମନ୍ କୀ ବାତ' କାର୍ଯ୍ୟକ୍ରମ ଶୁଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ସମ୍ବଲପୁରସ୍ଥିତ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳର ଜଣେ ଆଦିବାସୀ ମହିଳା ମୈଥିଳୀଙ୍କ ପରିବେଶ ସୁରକ୍ଷା ଓ ଆତ୍ମନିର୍ଭରଶୀଳତାର ଉଦ୍ୟମକୁ ପ୍ରଧାନମନ୍ତ୍ରୀ ମୋଦି ସ୍ୱୀକୃତି ଦେଇଥିଲେ। ଏହା ଯୁବଶକ୍ତି ଓ ଅନ୍ୟସବୁ ବର୍ଗର ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇଛି। ଭୋକାଲ୍ ଫର ଲୋକାଲ୍‌ରେ ସ୍ୱଦେଶୀ ଉତ୍ପାଦକୁ ମୋଦି ଗୁରୁତ୍ୱାରୋପ କରିଛନ୍ତି। ମହାରାଷ୍ଟ୍ରର ଆଦିବାସୀ ମହିଳାଙ୍କ ଦ୍ୱାରା ପରିଚାଳିତ 'ଶବରୀ ନ୍ୟାଚୁରାଲ୍ସ' ଓ କର୍ଣ୍ଣାଟକର ଉଦାହରଣ ଦେଇ ଉତ୍ପାଦର ଉନ୍ନତ ପ୍ୟାକେଜିଂ କିଭଳି ବଜାର ସୃଷ୍ଟି ଓ ରୋଜଗାର ବୃଦ୍ଧିରେ ସହାୟକ ହୋଇପାରିଛି, ସେ ବିଷୟରେ ମୋଦି କହିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ସାଂସଦ ଅନିତା ଶୁଭଦର୍ଶିନୀ, ବିଧାୟକ ନବୀନ ଜୈନ୍, ଓମ୍ ପ୍ରକାଶ ମିଶ୍ର, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ କୋଷାଧ୍ୟକ୍ଷ ଅଜୟ ଅଗ୍ରୱାଲ, ରାଜ୍ୟ ସ୍ୱଚ୍ଛଭାରତ ସଂଯୋଜକ ମହେଶ୍ୱର ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

ବିଜେପି ନେତ୍ରୀଙ୍କୁ ଥାନାଧିକାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ଥାନା ଆଗରେ ଶତାଧିକ ମହିଳାଙ୍କ ଧାରଣା

କେନ୍ଦ୍ରାପଡ଼ା,୨୫।୧୦(ସଂଚାର ବ୍ୟୁରୋ): ସଦର ଥାନା ଅଧିକାରିଣୀ (ଆଇଆଇସି) ପଦ୍ମାଳୟା ପ୍ରଧାନଙ୍କ ନାମରେ ପୁଣି ଏକ ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଛି। ବିଜେପିର ବରିଷ୍ଠ ନେତ୍ରୀ ଗୀତାଞ୍ଜଳି ସେଠୀଙ୍କ ସମେତ ସାଧାରଣ ମହିଳାଙ୍କୁ ଅଶାଳୀନ ବ୍ୟବହାର ତଥା ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଆଜି ସନ୍ଧ୍ୟାରେ ସଦର ଥାନା ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଶତାଧିକ ମହିଳା ଓ ବିଜେପି କର୍ମୀ ଥାନା ଘେରାଉ କରିବା ସହ ଧାରଣାରେ ବସିଛନ୍ତି। ଆଇଆଇସିଙ୍କୁ ତୁରନ୍ତ ନିଲମ୍ବନ ଓ ବହିଷ୍କାର କରିବା ପାଇଁ ଉତ୍ୟକ୍ତ ଜନତା ଦାବି କରିଛନ୍ତି।

ଘଟଣାରୁ ପ୍ରକାଶ ଯେ ନିକଟରେ ପୁଲିସ ଦ୍ୱାରା ଏକ ବାଇକ ଚୋରି ର୍‍ୟାକେଟର ପର୍ଦ୍ଦାଫାସ ହୋଇଥିଲା। ଏହି ଚୋରି ବାଇକଗୁଡ଼ିକ ମଧ୍ୟରେ ଗୀତାଞ୍ଜଳିଙ୍କର ଜଣେ ସମ୍ପର୍କୀୟା ମହିଳାଙ୍କ ବାଇକ୍ ବି ରହିଥିଲା। ପୁଲିସ ଦ୍ୱାରା ବାଇକ୍ ଜବତ ହେବା ଖବର ପାଇ ସମ୍ପୃକ୍ତ ମହିଳା ଜଣଙ୍କ



ନିଜ ଗାଡ଼ିର କାଗଜପତ୍ର ଦେଖାଇ ତାହାକୁ ଫେରସ୍ତ ଆଣିବା ଉଦ୍ଦେଶ୍ୟରେ ସଦର ଥାନାକୁ ଯାଇଥିଲେ। ମାତ୍ର ଥାନାଧିକାରିଣୀ ପଦ୍ମାଳୟା ପ୍ରଧାନ ଉକ୍ତ ମହିଳାଙ୍କ କଥା ବୁଝିବା ପରିବର୍ତ୍ତେ ତାଙ୍କୁ କଟୁ ଭାଷାରେ ଗାଳିଗୁଲଜ କରିବା ସହ ଅତ୍ୟନ୍ତ ଅସୌଜନ୍ୟମୂଳକ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ନିରୁପାୟ ହୋଇ ଉକ୍ତ ମହିଳା ଜଣଙ୍କ ତୁରନ୍ତ ଏ ବାବଦରେ ବିଜେପି ନେତ୍ରୀ ଗୀତାଞ୍ଜଳିଙ୍କୁ ଜଣାଇଥିଲେ। ସୂଚନା ପାଇବା ପରେ ଶ୍ରୀମତୀ ସେଠୀ ଘଟଣାର ସତ୍ୟାସତ୍ୟ ବୁଝିବା ପାଇଁ ସଦର ଥାନାରେ ପହଞ୍ଚିଥିଲେ। ସେ ଆଇଆଇସିଙ୍କୁ ମହିଳାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଓ ବାଇକ୍ ଫେରସ୍ତ ସମ୍ପର୍କରେ ପଚାରି ବୁଝିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଜଣେ ଜନପ୍ରତିନିଧି ତଥା ମହିଳା ନେତ୍ରୀଙ୍କୁ ମଧ୍ୟ ଆଇଆଇସି ଉଚିତ ସମ୍ମାନ ନ ଦେଇ ଉଦ୍ଧତ ଆଚରଣ ଦେଖାଇଥିଲେ ଏବଂ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଜେପି ନେତ୍ରୀଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ମହିଳା ଓ ଦଳୀୟ କାର୍ଯ୍ୟକର୍ତ୍ତା ଥାନା ଆଗରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନ୍ୟାୟ ଦାବିରେ ଶତାଧିକ ମହିଳା ଥାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇ ବସି ରହିଥିଲେ। ଉତ୍ୟକ୍ତ ଲୋକେ ପୁଲିସ ପ୍ରଶାସନ ବିରୋଧରେ ଜୋରଦାର ନାରାବାଜି କରିବା ସହ ଥାନାଧିକାରିଣୀଙ୍କ ମନମୁଖୀ ଶାସନକୁ ନିନ୍ଦା କରିଥିଲେ। ଏନେଇ ଗୀତାଞ୍ଜଳି କହିଛନ୍ତି ଯେ ପଦ୍ମାଳୟା ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ। ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର ତାଙ୍କର ଅହଙ୍କାର ଓ ଭ୍ରଷ୍ଟାଚାରର ପରିଚୟ ଦେଉଛି।

୮ରୁ ମା' ଶ୍ୟାମାକାଳୀଙ୍କ ବାର୍ଷିକ ମହୋତ୍ସବ

କଟକ, ୨୫।୧୦ (ସଂଚାର ବ୍ୟୁରୋ): ଶିଖରପୁର ନଦୀକୂଳସାହି କାଳିଆବୁଦାସ୍ଥିତ ମା' ଶ୍ୟାମାକାଳୀଙ୍କ ପୀଠରେ ବାର୍ଷିକ ମହୋତ୍ସବ-୨୦୨୬ ଓ ପଞ୍ଚଦଶତମ ଅଖଣ୍ଡ ଭଜନ ସମାରୋହ ଆସନ୍ତା ନଭେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହେବ। ଏହି ଉପଲକ୍ଷେ ରବିବାର ମନ୍ଦିର ପରିସରରେ ମା' ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ସୁକଦେବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକକୁ ସାହି ମୁରବୀ ଶରତ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ମହୋତ୍ସବର ପ୍ରଥମ ଦିନ ନଭେମ୍ବର ୮ ତାରିଖ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅଖଣ୍ଡ ଭଜନ ସମାରୋହ ଅନୁଷ୍ଠିତ ହେବ। ୯ ତାରିଖରେ ଶିଶୁ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। ସେହିପରି ୧୦ ତାରିଖରେ ୨୨ଟି ଦିଗଭାଗର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ। ଏହି ଅବସରରେ ଜନପ୍ରତିନିଧି, ପୂଜା କମିଟି ଓ ସାହି ପୂଜା କମିଟିର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ ସଂଗଠନ, ସାମାଜିକ କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବ।

୫୨ନଂ ୱାର୍ଡରେ ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧନା



କଟକ, ୨୫।୧୦ (ସଂଚାର ବ୍ୟୁରୋ): ଶାରଦୀୟ ଦୁର୍ଗାପୂଜା ଅବସରରେ କର୍ପୋରେଟର ସୌଭାଗିନୀ ଅରବିନ୍ଦ ନଗରଠାରେ ୱାର୍ଡରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରିବା ସହ ନୂତନ ବସ୍ତ୍ର ଓ ଦଶହରା ଭେଟି ପ୍ରଦାନ କରିଛନ୍ତି। ୱାର୍ଡର ସ୍ୱଚ୍ଛତା କ୍ଷେତ୍ରରେ ସଫେଇ କର୍ମୀଙ୍କ ଅବଦାନ ଅତୁଳନୀୟ ବୋଲି କର୍ପୋରେଟର ସୌଭାଗିନୀ କହିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଙ୍ଗଳାମନ୍ଦିର ମହଲା ସଭାର ସମ୍ପାଦକ ସରୋଜ ପ୍ରସାଦ ସ୍ୱାଇଁ, ପ୍ରଦୀପ ବେହେରା, ଶୁଭେନ୍ଦୁ ମିଶ୍ରଙ୍କ ସମେତ ସିଏମସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଆପଣ କେମିତି ଅଛନ୍ତି କାର୍ଯ୍ୟକ୍ରମ

ଶିକ୍ଷାବିତଙ୍କୁ ଭେଟିଲେ କଟକ ମେୟର



କଟକ, ୨୫।୧୦ (ସଂଚାର ବ୍ୟୁରୋ): 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମରେ କଟକର ବିଶିଷ୍ଟ ଶିକ୍ଷାବିତ୍ ବିବେକାନନ୍ଦ ଦାସଙ୍କୁ ଭେଟିଛନ୍ତି କଟକ ମହାନଗର ନିଗମର ମେୟର ସୁବାସ ସିଂହ ଓ କମିଶନର ସୁଶ୍ରୀ କିରଣଦୀପ କୌର ସାହୋତା। ଏହି ସାକ୍ଷାତ୍କାର ଅବସରରେ ମେୟର ଶ୍ରୀ ସିଂହ ଓ କମିଶନର ସୁଶ୍ରୀ ସାହୋତା ଶ୍ରୀ ଦାସଙ୍କ ସହ ଆତ୍ମୀୟତାର ସହ ଭାବ ବିନିମୟ କରିଥିଲେ। ଏହି ଅବସରରେ ସାହିତ୍ୟିକ ବିଜୟାନନ୍ଦ ସିଂହ, ପ୍ରକାଶକ ଶିବାଶିଷ କର ଓ ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ ଉପସ୍ଥିତ ଥିଲେ। 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ କେବଳ ଏକ ସୌଜନ୍ୟମୂଳକ ସାକ୍ଷାତ୍କାର ନୁହେଁ; ଏହା ନାଗରିକଙ୍କ ସହ ପ୍ରଶାସନର ଆତ୍ମୀୟ ସମ୍ପର୍କ ସ୍ଥାପନ କରିବାର ଏକ ପ୍ରୟାସ। ବିଶେଷକରି ବରିଷ୍ଠ ନାଗରିକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟ, ସୁଖଦୁଃଖ ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିବା ମାଧ୍ୟମରେ ସମ୍ମାନ, ଯତ୍ନ ଓ ସାମାଜିକ ଦାୟିତ୍ୱବୋଧର ଭାବନାକୁ ଆଗକୁ ବଢ଼ାଇବା ଏହାର ମୁଖ୍ୟ ଲକ୍ଷ୍ୟ।

ପଞ୍ଚାୟତ ନିର୍ବାଚନରେ ଏକାଠି ଲଢ଼ିବାକୁ ସଂକଳ୍ପ ନେଲେ କଂଗ୍ରେସ ନେତା

■ ଏମ୍ଏମ୍ଡିଆର ଓ ଏସଆଇଆର ପ୍ରସଙ୍ଗକୁ ଘରେ ଘରେ ପହଞ୍ଚାଯିବ

■ ନଭେମ୍ବର ୧ ଦିଲ୍ଲୀ ସମାବେଶରେ ଯୋଗଦେବେ କଂଗ୍ରେସ ନେତା ଓ କର୍ମୀ

ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ବିଜେପିର ଡବଲ ଇଞ୍ଜିନ ସରକାରର ମଳିନ ଛବି, ରାହୁଲ ଗାନ୍ଧିଙ୍କ କ୍ରମବର୍ଦ୍ଧିଷ୍ଣୁ ଜନପ୍ରିୟତା ତଥା କଂଗ୍ରେସ ନେତା କର୍ମୀଙ୍କ ଅଦମ୍ୟ ଉତ୍ସାହ ବଳରେ ଆସନ୍ତା ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଉଭୟ ବିଜେପି ଓ ବିଜେଡିକୁ ପଛରେ ପକାଇ ସବୁଠୁ ଅଧିକ ସଫଳତା ପାଇବ। ଏମିତିରେ ମଧ୍ୟ ବିଜେପି ପ୍ରତିଦିନ ହରାଇଚାଲିଥିବା ଜନାଦେଶକୁ ସାଧାରଣରେ କଂଗ୍ରେସ ସପକ୍ଷରେ ସ୍ଥାନାନ୍ତରିତ ହେବା ସମସ୍ତେ ଲକ୍ଷ୍ୟ କରୁଛନ୍ତି ବୋଲି ଆଜି ମଧ୍ୟାହ୍ନରେ



ପିସିସିର ରାଜନୈତିକ ବ୍ୟାପାର କମିଟି ବୈଠକରେ ଅଧ୍ୟକ୍ଷତା କରି ଏଆଇସିସିର ରାଜ୍ୟ ପ୍ରଭାରୀ ଲାଲଜୀ ଦେଶାଇ ମତ ବ୍ୟକ୍ତ କରିଛନ୍ତି। ନିଜ ଦଳର ନେତା ଓ ନିଜ ସାମର୍ଥ୍ୟ ଉପରେ ବିଶ୍ୱାସ କରିବା ଆରମ୍ଭ କଲେ କଂଗ୍ରେସକୁ ଓଡ଼ିଶାରେ କେହି ରୋକିପାରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ନିଜ ରାଜ୍ୟ ଗୁଜରାଟରେ ଦଳ ୩୭ ପ୍ରତିଶତ ଭୋଟ ହାତେଇଥିବା ବେଳେ ୫ ହଜାର ଲୋକଙ୍କର ସମାବେଶଟିଏ ଆୟୋଜନ କରିବା କଷ୍ଟକର ହେଉଥାଏ। ତେବେ ଓଡ଼ିଶାରେ ମାତ୍ର ସାଢ଼େ ୧୩ ପ୍ରତିଶତ ଭୋଟ ହାତେଇ ମଧ୍ୟ ଦଳର ନେତାମାନେ ଅନାୟାସରେ ୫ରୁ ୭ ହଜାର ଲୋକଙ୍କ ସମାବେଶ କରିଦେଇପାରୁଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ, ସଂଗଠିତ ଭାବେ ପରିଶ୍ରମ କଲେ ଦଳ ବିଜୟୀ ହେବା ସୁନିଶ୍ଚିତ। ପିସିସି ସଭାପତି ଭକ୍ତ ଚରଣ ଦାସ ଦଳର ରାଜ୍ୟ ସଂଗଠନ କିପରି ତୃଣମୂଳ ସ୍ତର ଯାଏ ପହଞ୍ଚିବ, ତା'ର ସୂଚନା ଦେବା ସହ ପଞ୍ଚାୟତ ନିର୍ବାଚନରେ ଦଳର ବଡ଼ ନେତାମାନେ ନିଜ ନିଜ ଜିଲ୍ଲାର ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ।

ବରିଷ୍ଠ ନେତାମାନେ ବିଭିନ୍ନ ପ୍ରସ୍ତାବ ଦେବା ପରେ ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ପଞ୍ଚାୟତ ନିର୍ବାଚନ ଐକ୍ୟବଦ୍ଧ ଭାବେ ଲଢ଼ିବାକୁ ସଂକଳ୍ପ ନେଇଥିଲେ ଉପସ୍ଥିତ କଂଗ୍ରେସ ନେତା। ଏହି ନିର୍ବାଚନରେ ଓବିସି ସଂରକ୍ଷଣ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏମ୍ଏମ୍ଡିଆର ଓ ଏସଆଇଆର ପ୍ରସଙ୍ଗକୁ ଓଡ଼ିଶାର ଘରେ ଘରେ ପହଞ୍ଚାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସଂକଳ୍ପ ନିଆଯାଇଥିଲା। ନଭେମ୍ବର ୧ ଦିଲ୍ଲୀ ସମାବେଶରେ ଓଡ଼ିଶାରୁ ହଜାର ହଜାର ସଂଖ୍ୟାରେ କିପରି ଯୋଗଦେବେ କଂଗ୍ରେସ ନେତା ଓ କର୍ମୀ, ତା'ର ଏକ ରୂପରେଖ ମଧ୍ୟ ଚୂଡ଼ାନ୍ତ ହୋଇଥିଲା।

■ ସିପିଆଇ ରାଜ୍ୟ ପରିଷଦ ବୈଠକ

ଗଣତନ୍ତ୍ର ବଞ୍ଚାଅ ଅଭିଯାନ ଜାରି ରହିବ



ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଓଡ଼ିଶା ରାଜ୍ୟ କାର୍ଯ୍ୟକାରୀ କମିଟି ଓ ରାଜ୍ୟ ପରିଷଦ ବୈଠକ ଯଥାକ୍ରମେ ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ରାଜ୍ୟ ସମ୍ପାଦକମଣ୍ଡଳୀର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ବୁଥ୍‌ସ୍ତରୀୟ ସମାବେଶ ସହ ଡିସେମ୍ବର ୧, ୨ ଓ ୩ ତାରିଖରେ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ନଭେମ୍ବର ମାସ ବ୍ୟାପୀ 'ପରିବର୍ତ୍ତନ ଜରୁରୀ' ପଦଯାତ୍ରା ଅଭିଯାନ ଜାରି ରଖିବାକୁ ଆହ୍ୱାନ ଦିଆଯାଇଛି।

ବୈଠକରେ ଉଦ୍‌ବୋଧନ ଦେଇ ଜାତୀୟ ପରିଷଦର ଅନ୍ୟତମ ସମ୍ପାଦକ ରାମକୃଷ୍ଣ ପଣ୍ଡା ଦେଶର ପ୍ରଚଳିତ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ସିପିଆଇ ଚଳାଇଥିବା ସମୟୋପଯୋଗୀ 'ପରିବର୍ତ୍ତନ ଜରୁରୀ' ଅଭିଯାନକୁ ଆହୁରି ଶାଣିତ କରିବାକୁ ଆହ୍ୱାନ ଦେଇଥିଲେ। ସମଗ୍ର ଦେଶରେ ଯୁବଛାତ୍ର ଆନ୍ଦୋଳନ ବ୍ୟବସ୍ଥା ପରିବର୍ତ୍ତନ ଆନ୍ଦୋଳନର ରୂପ ନେଉଥିବା ଭୂମିକାକୁ ଅଭିନନ୍ଦନ ଜଣାଇବା ସହ ସିପିଆଇ ସମେତ ଇଣ୍ଡିଆ ବ୍ଲକ୍‌ର ଐତିହାସିକ ଭୂମିକାର ସୂଚନା ଦେଇଥିଲେ।

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ପାଇଁ ୨୦୨୭ ଜାନୁଆରୀ ପହିଲାକୁ ୧୮ ବର୍ଷ ହେଉଥିବା ଓ ତଦୁର୍ଦ୍ଧ୍ୱ ବୟସର ପ୍ରତ୍ୟେକ ନାଗରିକଙ୍କ ନାମ ସଂଯୋଗ କରିବା ପାଇଁ ପାର୍ଟି ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟସୂଚୀର ସୂଚନା ଦେଇ ସିପିଆଇ ନିଜସ୍ୱ ଗଣଭିତ୍ତିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ ଆହ୍ୱାନ ଦେଇଥିଲେ। ରାଜ୍ୟର ଡବଲ ଇଞ୍ଜିନ ସରକାର ମୋଦିଙ୍କ ଚଉକି ସୁରକ୍ଷା ପାଇଁ ଓଡ଼ିଶାର କୋଟିଆ ଅଞ୍ଚଳ ଆନ୍ଧ୍ରପ୍ରଦେଶ ନିକଟରେ ସମର୍ପଣ କରିଥିବାରୁ ସିପିଆଇ ପକ୍ଷରୁ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଛି। ରାଜ୍ୟର ଗୋଟିଏ ଇଞ୍ଚ ମାଟି ଉପରେ ଅନ୍ୟ କାହାର ହସ୍ତକ୍ଷେପକୁ ସିପିଆଇ ବରଦାସ୍ତ କରିବ ନାହିଁ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ସମଗ୍ର ଓଡ଼ିଶାରେ ବିଜେପିର ଲୁଣ୍ଠନ, ଅତ୍ୟାଚାର, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ନଭେମ୍ବର ୭ରେ ରାଜ୍ୟବ୍ୟାପୀ ବୁଥ୍‌ସ୍ତରୀୟ ବିପ୍ଳବ ଦିବସ ଆନ୍ଦୋଳନରୁ ରାଜ୍ୟବ୍ୟାପୀ 'ପରିବର୍ତ୍ତନ ଜରୁରୀ' ଅଭିଯାନ ଜାରି ରହିବ।

କୋଟିଆ ପ୍ରସଙ୍ଗରେ ଚୁପ୍ ବସିଛନ୍ତି ତ୍ରିପଲ ଇଞ୍ଜିନ ସରକାର

ବିଜେପି ସରକାରଙ୍କ ନାହିଁ ଆନ୍ତରିକତା: ବିଜେଡି

■ ଆନ୍ଧ୍ର ହାତକୁ ଟେକି ଦେବାକୁ ଚକ୍ରାନ୍ତ କରୁଛନ୍ତି ରାଜ୍ୟ ସରକାର

■ ବିବାଦର ସ୍ଥାୟୀ ସମାଧାନ ପାଇଁ ବିଜେଡିର ଅପିଲ

ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ଓଡ଼ିଆ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର କୋଟିଆ ପ୍ରସଙ୍ଗରେ ତିଳେ ମାତ୍ର ଆନ୍ତରିକତା ଦେଖାଉନାହିଁ। ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ କେନ୍ଦ୍ର ସରକାରରେ ବିଜେପିର ତ୍ରିପଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି। ଏନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦକ, ପୂର୍ବତନ ସାଂସଦ ତଥା ଜାତୀୟ ମୁଖପାତ୍ର ପ୍ରଦୀପ ମାଝୀ ଓ ସାଧାରଣ ସମ୍ପାଦକ ତଥା



ଜାତୀୟ ମୁଖପାତ୍ର ଭୃଗୁ ବକ୍ସିପାତ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅନେକ ଦିଗକୁ ଉଲ୍ଲେଖିତ କରୁଛି। କୋଟିଆ ପ୍ରସଙ୍ଗରେ ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କଲେନାହିଁ। କୋଟିଆ ରାଜ୍ୟର ଭୂସ୍ୱର୍ଗ। ପର୍ଯ୍ୟଟକମାନଙ୍କୁ ବିମୋହିତ କରିଥାଏ। ଓଡ଼ିଶାବାସୀ କୋଟିଆ ଆମର ବୋଲି କହୁଥିବା ବେଳେ କିନ୍ତୁ ଆଜି କୋଟିଆ ଅସହାୟ ହୋଇପଡ଼ିଛି। ତାହାର ଦୁରବସ୍ଥା ଦେଖିବା ପାଇଁ କେହି ବି ନାହାନ୍ତି। ନିର୍ବାଚନ ପୂର୍ବରୁ ଓ ପରେ ବିଜେପି ସରକାର ମାଳ ମାଳ ପ୍ରତିଶ୍ରୁତି ଦେଇଥିବା ବେଳେ ଏହାକୁ ପୂରଣ କରିବାକୁ ଭୁଲିଗଲେ। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆ ଗସ୍ତ କରିଥିଲେ। ମା'କୁ ଆମ୍ଭେମାନେ କେବେ ମାଉସୀ ବୋଲି ଡାକିବୁ ନାହିଁ ବୋଲି କହିଥିଲେ। ଉତ୍କଳ ଦିବସ ମଧ୍ୟ ସେଠାରେ ପାଳନ କରିଥିଲେ। ଆମ ମା' ମାଟିକୁ ଆନ୍ଧ୍ର ପ୍ରଦେଶ ହାତକୁ ଯିବାକୁ ଦେବୁନାହିଁ ବୋଲି କହିଥିଲେ। କିନ୍ତୁ ତାହା କେବଳ ଲୋକଦେଖାଣିଆ ଥିଲା ବୋଲି ପ୍ରମାଣିତ ହୋଇଛି। କୋଟିଆ ପାଇଁ ୧୬୪ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ କରାଯାଇଥିଲା। କିନ୍ତୁ ବିଜେପି ସରକାରରେ ତାହା ଅବହେଳିତ ହୋଇରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

■ 'ଅର୍ଣ୍ଣବ'ର ମୁକାବିଲା ପାଇଁ ଓଡ଼ିଶା ପୁଲିସ୍ ପ୍ରସ୍ତୁତ

ହାଇ ଆଲର୍ଟରେ କେନ୍ଦ୍ରାଞ୍ଚଳର ସମସ୍ତ ଜିଲ୍ଲା

କଟକ,୨୫।୧୦(ସଂଚାର ବ୍ୟୁରୋ): ଆସନ୍ନ ବାତ୍ୟା 'ଅର୍ଣ୍ଣବ' ଏବଂ ପ୍ରବଳ ବର୍ଷା, ଝଡ଼ ପବନ ଓ ଜଳବନ୍ଦୀ ସ୍ଥିତିର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଓଡ଼ିଶା ପୁଲିସ ପକ୍ଷରୁ କେନ୍ଦ୍ରାଞ୍ଚଳ ଅଧୀନସ୍ଥ ସମସ୍ତ ୭ଟି ଜିଲ୍ଲା କଟକ ଗ୍ରାମାଞ୍ଚଳ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀକୁ ହାଇ ଆଲର୍ଟରେ ରଖାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଡଃ ସତ୍ୟଜିତ ନାୟକ, ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିବା ସହ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକମାନଙ୍କୁ ଜିଲ୍ଲା ପ୍ରଶାସନ, ଓଡ୍ରାଫ୍, ଅଗ୍ନିଶମ ସେବା, ଓସଡମା ଓ ଅନ୍ୟାନ୍ୟ ସଂସ୍ଥା ସହ ସମନ୍ୱୟ ରକ୍ଷା କରି ସମସ୍ତ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ଓ ପ୍ରସ୍ତୁତିରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ ବୋଲି ସେ ଗୁରୁତ୍ୱ



ଦେଇଛନ୍ତି।

ବିପଦସଙ୍କୁଳ, ତଳିଆ, ବନ୍ୟାପ୍ରବଣ ଓ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପୁଲିସ କର୍ମଚାରୀ ମୁତୟନ କରାଯାଇଛି, ଯାହାଦ୍ୱାରା ଆବଶ୍ୟକ ସମୟରେ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଞ୍ଚିପାରିବ। ପୁରୀ, ଜଗତସିଂହପୁର, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ୪ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ବିପଦସଙ୍କୁଳ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାରେ ପୁଲିସ ପ୍ରଶାସନକୁ ସହଯୋଗ କରୁଛି। ଏହି ପ୍ରକ୍ରିୟାରେ ବୟସ୍କ ବ୍ୟକ୍ତି, ଶିଶୁ, ମହିଳା, ଗର୍ଭବତୀ ମହିଳା ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ରାସ୍ତାଘାଟକୁ ଯାତାୟାତ ଉପଯୋଗୀ ରଖିବା ପାଇଁ ପୁଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ, ଜଳବନ୍ଦୀ ରାସ୍ତାରୁ ଜଳ ନିଷ୍କାସନ ଓ ରାସ୍ତା ଉପରେ ପଡ଼ିଥିବା ଗଛକୁ ଯଥାଶୀଘ୍ର ହଟାଇବାରେ ସମନ୍ୱୟ ରଖାଯିବ। ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି, ରିଲିଫ୍ ଯାନ ଓ ଅନ୍ୟାନ୍ୟ ଜରୁରୀକାଳୀନ ସେବାର ଯାତାୟାତକୁ ସୁନିଶ୍ଚିତ କରାଯିବ। ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଅଞ୍ଚଳରେ ଚୋରି ଓ ଲୁଟ୍‌ପାଟ୍ ରୋକିବା ପାଇଁ ପୁଲିସର ଦୃଶ୍ୟମାନ ଉପସ୍ଥିତି, ପାଟ୍ରୋଲିଂ ଓ ରାତ୍ରିକାଳୀନ ପହରା ବ୍ୟବସ୍ଥା କଡ଼ାକଡ଼ି କରାଯିବ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନବନିର୍ମାଣ ସଂଗଠନର ବିରୋଧ

ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ନବନିର୍ମାଣ କୃଷକ ସଂଗଠନ ଓ ଯୁବ ଛାତ୍ର ସଂଗଠନ ଏହାକୁ ତୀବ୍ର ବିରୋଧ କରିଛି। ନବନିର୍ମାଣ କୃଷକ ସଂଗଠନ ଓ ଯୁବ ଛାତ୍ର ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା ଜିଲ୍ଲାର କର୍ମକର୍ତ୍ତା ଅପରାହ୍ନରେ ଲୋୟର ପିଏମଜିଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଗଣତନ୍ତ୍ର ବିରୋଧୀ, ସମ୍ବିଧାନ ବିରୋଧୀ ନରେନ୍ଦ୍ର ମୋଦୀ ଗୋ ବ୍ୟାକ୍ ସ୍ଲୋଗାନ ଦେଇ ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଆସିଥିଲେ। ସମସ୍ତ କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରି ଶ୍ରୀ କୁମାର କହିଥିଲେ ଯେ ସ୍ୱାଧୀନ ଭାରତରେ ଯଦି କିଏ ଗଣତନ୍ତ୍ର ଓ ସମ୍ବିଧାନକୁ ହତ୍ୟା କରିଛନ୍ତି, ତା'ହେଲେ ସେ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜି ଭାରତବର୍ଷରେ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପ୍ରଧାନମନ୍ତ୍ରୀ ଅପବ୍ୟବହାର କରି ଏସଆଇଆର ପ୍ରକ୍ରିୟାରେ ୧୩ କୋଟି ୩୦ ଲକ୍ଷ ଲୋକଙ୍କ ଭୋଟ ଦେବାର ସାମ୍ବିଧାନିକ ଅଧିକାରକୁ



ଛଡ଼ାଇନେଇଛନ୍ତି। ଏଥିସହ ଗଣତନ୍ତ୍ରବିରୋଧୀ ସମ୍ବିଧାନବିରୋଧୀ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଭୋଟ ଚୋରି ଅଭିଯୋଗରେ ଗାଦି ଛାଡ଼ିବାକୁ ଚାଲିଥିବା ଗଣତାନ୍ତ୍ରିକ ସାମ୍ବିଧାନିକ ଆନ୍ଦୋଳନକୁ ପୁଲିସ ଗୁଣ୍ଡାଗିରି ମାଧ୍ୟମରେ ଦବାଇ ଦେବାର ଘୃଣ୍ୟ ପ୍ରୟାସକୁ କଦାପି ଗ୍ରହଣ କରାଯିବ ନାହିଁ ବୋଲି ସେ କହିଥିଲେ। ଦିଲ୍ଲୀ ଚାଷୀ ଆନ୍ଦୋଳନରେ ୭୫୦ରୁ ଅଧିକ ଚାଷୀ ସହିଦ ହୋଇ ଦେଢ଼ ବର୍ଷ କାଳ ରାଜରାସ୍ତାରେ ବସି ରହିବା ପରେ ମଧ୍ୟ ଏ ପର୍ଯ୍ୟନ୍ତ ୨୩ଟି ଫସଲରେ ଏମଏସପି ବା ଫସଲର ନ୍ୟୂନତମ ସମର୍ଥନ ମୂଲ୍ୟ ଘୋଷଣା ନ କରି ଚାଷୀ ମାରଣ ନୀତିର ସମର୍ଥକ ସାଜିଛନ୍ତି, ଯାହା ଫଳରେ ଚାଷୀ ଆତ୍ମହତ୍ୟା ବଢ଼ି ବଢ଼ି ଚାଲିଛି ବୋଲି ଶ୍ରୀ କୁମାର ଅଭିଯୋଗ କରିଛନ୍ତି।

ଡାଲି ଉତ୍ପାଦନରେ ବଳକା, ବର୍ଷ ସାରା ଆମଦାନି

ଭୁବନେଶ୍ୱର,୨୫।୧୦: ଡାଲି ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିବା ବେଳେ ବର୍ଷ ସାରା କିନ୍ତୁ ଡାଲି ଆମଦାନି ହେଉଛି। ଓଡ଼ିଶାରେ ଲୋକଙ୍କ ପାଇଁ ଯେତିକି ପରିମାଣର ଡାଲି ଆବଶ୍ୟକ ତାହାଠାରୁ ପ୍ରାୟ ୧ ଲକ୍ଷ ମେଟ୍ରିକ ଟନ୍ ଅଧିକ ଡାଲି ଉତ୍ପାଦନ ହେଉଥିବା ସରକାରୀ ଭାବେ ଦର୍ଶାଯାଉଛି। ରାଜ୍ୟରେ ଡାଲି ଚାଷ ଓ ଉତ୍ପାଦନ ସଂକ୍ରାନ୍ତରେ ସରକାରୀ ବିବରଣୀ ଦର୍ଶାଉଛି ଯେ ପ୍ରାୟ ୨୦ ଲକ୍ଷ ହେକ୍ଟର ଜମିରେ ଉଭୟ ଖରିଫ ଓ ରବି ଋତୁରେ ଡାଲି ଚାଷ ହେଉଛି। ଖରିଫ ଋତୁରେ ସାଢ଼େ ୪ ଲକ୍ଷ ମେଟ୍ରିକ ଟନ୍ ଡାଲି ଉତ୍ପାଦନ ହେଉଥିବା ବେଳେ ରବି ଋତୁରେ ଏହି ପରିମାଣ ୯ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ରହିଛି। ମୁଣ୍ଡପିଛା ୫୦ ଗ୍ରାମ ଡାଲିକୁ ହିସାବକୁ ନେଇ ରାଜ୍ୟ ସରକାର ଆକଳନ କରିଛନ୍ତି ଯେ ବର୍ଷକୁ ରାଜ୍ୟରେ ୧୧ ଲକ୍ଷ ୬୦ ହଜାର ମେଟ୍ରିକ ଟନ୍ ଡାଲି ଆବଶ୍ୟକ। ରାଜ୍ୟରେ ଉତ୍ପାଦନ ହେଉଛି ୧୩ ଲକ୍ଷ ୨୬ ହଜାର ମେଟ୍ରିକ ଟନ୍। ଏହାକୁ ହିସାବକୁ ନେଲେ ରାଜ୍ୟରେ ଚାହିଦା ତୁଳନାରେ ୧ ଲକ୍ଷ ମେଟ୍ରିକ ଟନ୍ ଅଧିକ ଡାଲି ଉତ୍ପାଦନ ହେଉଛି।

ଓଡ଼ିଶାରୁ ଉତ୍ପାଦିତ ହେଉଥିବା ଡାଲି ମଧ୍ୟରେ ମୁଗ, ବିରି, ହରଡ଼, ମସୁର, କୋଳଥ, ବୁଟ, ମଟର,



ଚଣା, ବରଗୁଡ଼ି ଆଦି ରହିଛି। ତେବେ ଓଡ଼ିଶାରେ ଚାହିଦା ଥିବା ହରଡ଼, ମସୁର, ବୁଟ ଆଦି ଡାଲିର ଉତ୍ପାଦନ ବେଶ୍ ନଗଣ୍ୟ। ହରଡ଼ ଡାଲି ଉତ୍ପାଦନ ଅଢ଼େଇ ଲକ୍ଷ ମେଟ୍ରିକ ଟନ ଭିତରେ ରହିଥିବା ବେଳେ ମସୁର ୧୮ ହଜାର ମେଟ୍ରିକ ଟନ୍ ରହିଛି। ତେବେ ସବୁଠାରୁ ଅଧିକ ରହିଛି ମୁଗ ଉତ୍ପାଦନ।

ଯେହେତୁ ଓଡ଼ିଶା ଲୋକେ ଅଧିକ ପରିମାଣରେ ହରଡ଼ ଡାଲି ବ୍ୟବହାର କରିଥାନ୍ତି, ତେଣୁ ଓଡ଼ିଶାର ବ୍ୟବସାୟୀମାନେ ବର୍ଷସାରା ଅନ୍ୟ ରାଜ୍ୟରୁ ହରଡ଼ ସହ ମସୁର, ବୁଟ ଆଦି ଆମଦାନୀ କରିଥାନ୍ତି। ଅନ୍ୟ ପକ୍ଷରେ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ମୁଗ, ବିରି ଆଦି ଡାଲି ଉତ୍ପାଦନ ହେଉଥିଲେ ମଧ୍ୟ ବଜାରରେ କିନ୍ତୁ ଦର ଢେର ଉଚ୍ଚା ରହୁଛି। ଏହାର କାରଣ ହେଉଛି ଓଡ଼ିଶାରୁ ଉତ୍ପାଦିତ ଡାଲି ପ୍ରକ୍ରିୟାକରଣର ବ୍ୟବସ୍ଥା ନାହିଁ। ଫଳରେ ରାଜ୍ୟ ବାହାରର ବ୍ୟବସାୟୀମାନେ ଅମଳ ସମୟରେ ବିରି, ମୁଗ ଆଦିକୁ ଅଳ୍ପ ଦରରେ ଖରିଦ କରିନେଇ ସେମାନଙ୍କ ରାଜ୍ୟରେ ତାହାକୁ ପ୍ରକ୍ରିୟାକରଣ କରି ଚଢ଼ା ଦରରେ ଓଡ଼ିଶାର ବ୍ୟବସାୟୀମାନଙ୍କୁ ବିକ୍ରି କରୁଛନ୍ତି। ତେଣୁ ରାଜ୍ୟରେ ଅଧିକରୁ ଅଧିକ ପରିମାଣର ଡାଲି ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ସହ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଧିକ ପରିମାଣରେ ହରଡ଼, ବୁଟ, ମସୁର ଆଦି ଚାଷ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମତ ପ୍ରକାଶ ପାଉଛି। (ତଥ୍ୟ)

ମନ ମୋହିଲା ରଘୁରାଜପୁର ଦମ୍ପତିଙ୍କ ପ୍ରସ୍ତୁତ ପଟ୍ଟଚିତ୍ର



ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ଜଟଣୀ ନିକଟସ୍ଥ ଇନଫୋଭ୍ୟାଲି-୨ରେ ଆରବିଆଇର ଡାଟା ସେଣ୍ଟର ଲୋକାର୍ପିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ଆରବିଆଇ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଏକ ସୁନ୍ଦର ପଟ୍ଟଚିତ୍ର ପ୍ରଦାନ କରାଯାଇଛି। ଏହି ପଟ୍ଟଚିତ୍ରଟି ରଘୁରାଜପୁରର ଦମ୍ପତି ବିଜୟ ମହାରଣା ଓ ତାଙ୍କ ପତ୍ନୀ ପ୍ରସ୍ତୁତ କରିଥିଲେ। ଆରବିଆଇ ପକ୍ଷରୁ ଦମ୍ପତିଙ୍କୁ ୨ଟି କ୍ଲଥ୍ ପିକ୍ଚର ପାଇଁ ଅର୍ଡର ଦିଆଯାଇଥିଲା। ଗୋଟିଏ ପଟ୍ଟଚିତ୍ର ପ୍ରଧାନମନ୍ତ୍ରୀଙ୍କୁ ଆରବିଆଇ ପକ୍ଷରୁ ପ୍ରଦାନ କରାଯାଇଥିବା ବେଳେ ଅନ୍ୟଟି ଡାଟା ସେଂଟରର ଶୋଭା ବଢ଼ାଇବ ବୋଲି ସୂଚନା ମିଳିଛି। ପଟ୍ଟଚିତ୍ରରେ ନୂଆ ଡାଟା ସେଣ୍ଟରକୁ ସ୍ଥାନିତ କରାଯାଇଛି। କପଡ଼ା ଉପରେ ଅଙ୍କିତ ଏହି ସୁନ୍ଦର ଚିତ୍ରକୁ ଦେଖି ପ୍ରଧାନମନ୍ତ୍ରୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି। ଏହି ପଟ୍ଟଚିତ୍ର ଆମ ଐତିହ୍ୟ ପରମ୍ପରା ଓ କଳା ସଂସ୍କୃତିର ବଖାଣୁଛି। ପଟ୍ଟଚିତ୍ର କରିଥିବା ବିଜୟ ହେଉଛନ୍ତି ଜଣେ ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ଶିଳ୍ପୀ। ପୁରୀ ଦାଣ୍ଡସାହିର ରଘୁରାଜପୁରରେ ସେ ରହନ୍ତି, ଯେଉଁଠି ପିଢ଼ି ପରେ ପିଢ଼ି ଏହି କଳା ଶିଳ୍ପକୁ ବଞ୍ଚାଇ ରଖିବାକୁ କାମ କରିଆସୁଛନ୍ତି। ସେ କଳାକୁମ୍ଭ୍-ଆଜାଦୀ କା ଅମୃତ ମହୋତ୍ସବରେ ସାମିଲ ହୋଇଥିଲେ। ଏବେ ଏହି ଦମ୍ପତି ଦିଲ୍ଲୀରେ ଥିବା ସୂଚନା ରହିଛି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ସୋମବାର ୨୬ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Monday 26 October 2026, Bhubaneswar

ହଜିଗଲା ଏମଏମଡିଆର ବିବାଦ

ଆଜିକାଲି ଦେଶର ରାଜନୀତିକ ପରିଦୃଶ୍ୟ ଗୋଟିଏ ବିଷୟକୁ ଘେରି ରହିଛି। କକ୍ରୋଚ ଜନତା ପାର୍ଟି (ସିଜେପି) ର ଜାତୀୟ ସ୍ତରର ଆନ୍ଦୋଳନ ଓ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ଭୋଟର ତାଲିକାର ବିଶେଷ ତୀବ୍ର ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାରେ ପ୍ରାୟ ୧୩ କୋଟି ନାମ ବିଲୋପ ହୋଇଥିବା ଅଭିଯୋଗ, ନିର୍ବାଚନ ଆୟୋଗ ଭିତରେ ଦୁଇ ଆୟୁକ୍ତଙ୍କ ଆପତ୍ତି ଓ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ଚିହ୍ନ ବର୍ତ୍ତମାନ ଆଲୋଚନାର ମୁଖ୍ୟ ବିଷୟ। ଏହା ନିଃସନ୍ଦେହ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ସମଗ୍ର ଉତ୍ତେଜନା ମଧ୍ୟରେ ଗୋଟିଏ ବଡ଼ ବିବାଦ ଧୀରେ ଧୀରେ ଅଣଦେଖା ହୋଇଯାଉଛି - ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୨୬ ବା ଏମ୍ଏମ୍ଡିଆର୍ ବିବାଦ। ରାଜନୈତିକ ଦଳଗୁଡ଼ିକ ଏହି ମୁଖ୍ୟ ମୁଦ୍ଦା ଉପରେ ଏବେ ପ୍ରାୟ ନୀରବ ହୋଇଯାଇଛନ୍ତି।



ଗତ ଅଗଷ୍ଟରେ ସଂସଦରେ ବିନା ଆଲୋଚନାରେ ପାରିତ ହୋଇଥିବା ଏହି ଆଇନ ରାଜ୍ୟଗୁଡ଼ିକର ଖଣିଜ ସମ୍ପଦ ଉପରେ କର ଆଦାୟ କରିବାର ଅଧିକାରକୁ ସୀମିତ କରିଛି। କେନ୍ଦ୍ର ସରକାର ନିର୍ଦ୍ଧାରିତ ସର୍ତ୍ତ ବ୍ୟତୀତ ରାଜ୍ୟମାନେ ଖଣିଜ ଅଧିକାର କିମ୍ବା ଖଣିଜ-ସମୃଦ୍ଧ ଜମି ଉପରେ କର, ସେସ୍ କିମ୍ବା ଅନ୍ୟ ଚାର୍ଜ ଲଗାଇପାରିବେ ନାହିଁ। ଏହା ସଂଘୀୟ ବ୍ୟବସ୍ଥା ଉପରେ ସିଧାସଳଖ ଆଘାତ। ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଭଳି ଖଣିଜ-ସମୃଦ୍ଧ ରାଜ୍ୟଗୁଡ଼ିକ ପାଇଁ ଏହା ବିଶେଷ ଚିନ୍ତାଜନକ। ଓଡ଼ିଶାର ରାଜସ୍ୱ ବ୍ୟବସ୍ଥାର ଏକ ବଡ଼ ଅଂଶ ଖଣିଜ ରାଜସ୍ୱ ଉପରେ ନିର୍ଭର କରେ। ଏହି ଆଇନ କାରଣରୁ ରାଜ୍ୟ ହଜାର ହଜାର କୋଟି ଟଙ୍କା ରାଜସ୍ୱ ହରାଇପାରେ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଥିଲେ। ବିଜେଡି, କଂଗ୍ରେସ ଓ ଅନ୍ୟ ଦଳଗୁଡ଼ିକ ବିରୋଧ କରିଥିଲେ, ଆନ୍ଦୋଳନ କରିଥିଲେ, ଏପରିକି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାର କଥା ମଧ୍ୟ ଉଠିଥିଲା। ଝାଡ଼ଖଣ୍ଡ, କେରଳ ଓ କର୍ଣ୍ଣାଟକରେ ମଧ୍ୟ ପ୍ରତିବାଦ ହୋଇଥିଲା।

କିନ୍ତୁ ବର୍ତ୍ତମାନ? ସିଜେପି ଆନ୍ଦୋଳନ ଯେତେବେଳେ ଦିଲ୍ଲୀ, ମୁମ୍ବାଇ ଓ ଅନ୍ୟାନ୍ୟ ସହରରେ ସରଗରମ ହୋଇଛି ଏବଂ ନିର୍ବାଚନ ଆୟୋଗ ଉପରେ ସମସ୍ତ ଧ୍ୟାନ କେନ୍ଦ୍ରିତ ହୋଇଛି, ସେତେବେଳେ ଏମ୍ଏମ୍ଡିଆର୍ ବିଷୟରେ କେହି କଥା କହୁନାହାନ୍ତି। ରାଜନୈତିକ ଦଳଗୁଡ଼ିକ ନୀରବ। ଯେଉଁମାନେ କିଛି ମାସ ପୂର୍ବେ ଏହାକୁ 'କଳା ଆଇନ' ବୋଲି କହୁଥିଲେ, ସେମାନେ ଏବେ ସିଜେପି ର ଦାବି ସହିତ ନିଜକୁ ଯୋଡ଼ି ଦେଇଛନ୍ତି କିମ୍ବା ସମ୍ପୂର୍ଣ୍ଣ ଚୁପ୍। ଏହା କେବଳ ଏକ ବିଷୟର ପରିବର୍ତ୍ତନ ନୁହେଁ; ଏହା ଏକ ଗଭୀର ରାଜନୈତିକ କୌଶଳ କିମ୍ବା ଅସାମର୍ଥ୍ୟର ପରିଚୟ। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଭୋଟର ଅଧିକାର ନିଃସନ୍ଦେହ ଗଣତନ୍ତ୍ରର ମୂଳଦୁଆ। ଯଦି ଭୋଟର ତାଲିକାରେ ବିପୁଳ ପରିମାଣରେ ନାମ ବିଲୋପ ହୋଇଛି ଏବଂ ଆୟୋଗ ଭିତରେ ମତଭେଦ ରହିଛି, ତେବେ ତାହାକୁ ଗୁରୁତ୍ୱ ଦେବା ଉଚିତ। କିନ୍ତୁ ଏକ ବିଷୟକୁ ଉତ୍ତେଜିତ କରି ଅନ୍ୟ ଏକ ସମାନ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଅଣଦେଖା କରିବା ଠିକ୍ ନୁହେଁ। ଏମ୍ଏମ୍ଡିଆର୍ ଆଇନ କେବଳ ରାଜସ୍ୱର ପ୍ରଶ୍ନ ନୁହେଁ; ଏହା ରାଜ୍ୟଗୁଡ଼ିକର ସାର୍ବଭୌମତ୍ୱ, ଆଦିବାସୀ ଅଧିକାର, ପରିବେଶ ଓ ସ୍ଥାନୀୟ ବିକାଶ ସହିତ ଜଡ଼ିତ। ଖଣିଜ ସମ୍ପଦ ଉପରେ କେନ୍ଦ୍ରର ଅଧିକ ନିୟନ୍ତ୍ରଣ ବଡ଼ କର୍ପୋରେଟ୍ ଗୋଷ୍ଠୀଙ୍କୁ ସୁବିଧା ଦେଇପାରେ ଏବଂ ରାଜ୍ୟଗୁଡ଼ିକୁ ଦୁର୍ବଳ କରିପାରେ। ଓଡ଼ିଶା ଭଳି ରାଜ୍ୟ ପାଇଁ ଏହା ଦୀର୍ଘକାଳୀନ ଆର୍ଥିକ ଓ ସାମାଜିକ ପ୍ରଭାବ ପକାଇବ। ରାଜନୈତିକ ଦଳଗୁଡ଼ିକ ଯଦି କେବଳ ଲୋକପ୍ରିୟ ବା ତାତ୍କାଳିକ ବିଷୟକୁ ନେଇ ଆନ୍ଦୋଳନ କରନ୍ତି ଏବଂ ମୂଳଭୂତ ସଂରଚନାଗତ ସମସ୍ୟାକୁ ପଛରେ ପକାନ୍ତି, ତେବେ ଲୋକଙ୍କ ବିଶ୍ୱାସ କ୍ଷୟ ହୁଏ। ସିଜେପି ର ଆନ୍ଦୋଳନ ଯୁବଶକ୍ତିର ପ୍ରତିବାଦ ଓ ଦାବିର ଏକ ନୂତନ ରୂପ। ଏହା ନିଜେ ଏକ ଘଟଣା। କିନ୍ତୁ ଏହା ଉପଯୋଗ କରି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମୁଦ୍ଦାକୁ ଢାଙ୍କି ଦେବା ଉଚିତ ନୁହେଁ। ରାଜନୈତିକ ଦଳଗୁଡ଼ିକୁ ଉଭୟ ବିଷୟ ଉପରେ ସମାନ ଗୁରୁତ୍ୱ ଦେବା ଉଚିତ। ନିର୍ବାଚନ ଆୟୋଗର ସ୍ୱାଧୀନତା ଯେପରି ଜରୁରୀ, ସେହିପରି ରାଜ୍ୟଗୁଡ଼ିକର ଆର୍ଥିକ ଅଧିକାର ଓ ସଂଘୀୟ ସନ୍ତୁଳନ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ।

ଏହି ନୀରବତା ଯଦି ଜାରି ରହେ, ତେବେ ଭବିଷ୍ୟତରେ ରାଜ୍ୟଗୁଡ଼ିକ ନିଜ ସମ୍ପଦ ଉପରେ ନିୟନ୍ତ୍ରଣ ହରାଇବେ ଏବଂ କେନ୍ଦ୍ର-ରାଜ୍ୟ ସମ୍ପର୍କ ଆହୁରି ତିକ୍ତ ହେବ। ଲୋକଙ୍କୁ ମନେ ରଖିବାକୁ ପଡ଼ିବ ଯେ ଗଣତନ୍ତ୍ର କେବଳ ଭୋଟ ଦେବାର ଅଧିକାର ନୁହେଁ; ଏହା ରାଜ୍ୟଗୁଡ଼ିକର ଅଧିକାର, ସମ୍ପଦ ବଣ୍ଟନ ଓ ସମାନତା ଉପରେ ମଧ୍ୟ ନିର୍ଭର କରେ। ସିଜେପି ର ଆନ୍ଦୋଳନ ଯେତେବେଳେ ଚାଲିଛି, ସେତେବେଳେ ଏମ୍ଏମ୍ଡିଆର୍ ବିବାଦକୁ ପୁନର୍ଜୀବିତ କରିବା ଏବଂ ରାଜନୈତିକ ଦଳଗୁଡ଼ିକୁ ନୀରବତା ଭାଙ୍ଗିବାକୁ ବାଧ୍ୟ କରିବା ଆବଶ୍ୟକ। ନଚେତ୍, ଏକ ବିଷୟର ଉତ୍ତେଜନା ଅନ୍ୟ ଏକ ବିଷୟର ମୃତ୍ୟୁ ହୋଇଯିବ ଏବଂ ଏହା ଗଣତନ୍ତ୍ର ପାଇଁ ଭଲ ସଙ୍କେତ ନୁହେଁ।

ପୁରୀ ଧାମର ତାତ୍ପର୍ଯ୍ୟ



ଅନୀତା ପଟ୍ଟନାୟକ

ଥରେ ଚାରି ଜଣବନ୍ଧୁ ବହୁତ ଦିନ ପରେ ଏକାଠି ହୋଇ ପୁରୀ ଯାତ୍ରା କଲେ। ପ୍ରଥମ ବନ୍ଧୁର ନାମ ପ୍ରଥମ ଅକ୍ଷର ଥିଲା ପି ତାକୁ ସମସ୍ତେ ପାୱାର ବା ଶକ୍ତି ବୋଲି ଡାକୁଥିଲେ। ସେହିପରି ଦ୍ୱିତୀୟ ବନ୍ଧୁର ନାମର ପ୍ରଥମ ଅକ୍ଷର ଥିଲା ପି। ତାକୁ ସମସ୍ତେ ପ୍ଲେଫ ବା ସମ୍ପଦ ବୋଲି ଡାକୁଥିଲେ। ସେହିପରି ତୃତୀୟ ବନ୍ଧୁର ନାମର ପ୍ରଥମ ଅକ୍ଷର ମଧ୍ୟ ଥିଲା ପି। ତାକୁ ସମସ୍ତେ ପ୍ରେଷ୍ଟିଜ ବା ସମ୍ମାନ ବୋଲି ଡାକୁଥିଲେ। ସେହିପରି ଚତୁର୍ଥ ବନ୍ଧୁର ନାମର ପ୍ରଥମ ଅକ୍ଷର ମଧ୍ୟ ପି ଥିଲା। ତାକୁ ସମସ୍ତେ ପୋଜିସନ ବା ପଦବୀ ବୋଲି ଡାକୁଥିଲେ। ପ୍ରତ୍ୟେକଙ୍କର ନାମ ପିରେ ଆରମ୍ଭ ହୋଇଥିବାରୁ ଚାରି ଜଣଙ୍କର ମଧ୍ୟରେ ଅନ୍ତରଙ୍ଗ ବନ୍ଧୁତା ଥିଲା।

ପ୍ରଥମ ପି ବା ଶକ୍ତି କହିଲା ମତେ ପୁରୀ ଯିବାକୁ ଭଲ ଲାଗେ। କାରଣ ଭଗବାନ ପ୍ରଭୁ ଜଗନ୍ନାଥ ତୈଳବୀଜରେ ଥିବା ତୈଳସମ। ଦ୍ୱିତୀୟ ପି କହିଲା ମତେ ବି ଲାଗେ ମୋର ପ୍ରଭୁ ଜଗନ୍ନାଥ ଦୁଗ୍ଧରେ ଘୃତ ସମ। ତୃତୀୟ ପି ପ୍ରେଷ୍ଟିଜ କହିଲା ମୋର ପ୍ରଭୁ ଜଗନ୍ନାଥ ପୁଷ୍ପରେ ଥିବା ସୁବାସ ସମ ଓ ଫଳ ମଧ୍ୟରେ ମିଠାରସ ସଦୃଶ। ଏଥର ଚତୁର୍ଥ ପି ବା ପୋଜିସନ କହିଲା ମୋର ପ୍ରଭୁ ଜଗନ୍ନାଥ କାଠ ମଧ୍ୟରେ ଅଗ୍ନି ସଦୃଶ ଓ ଜଗତରେ ପରିବ୍ୟାପ୍ତ। ସୃଷ୍ଟି ହିଁ ଜଗନ୍ନାଥଙ୍କର ଅଭିବ୍ୟକ୍ତି। ତେଣୁ ସେ ହିଁ ପ୍ରକୃତି ଓ ଆମେ ତାଙ୍କର ଉତ୍ତରାଧିକାରୀ। ସେହି ଚାରି ଜଣ ଟ୍ରେନରେ ଯାତ୍ରା କରୁଥିବା ସମୟରେ ଆଉ ଛଅ ଜଣ ଦାର୍ଶନିକ ସହ ସେମାନଙ୍କ ବନ୍ଧୁତା ହେଲା। ସେ ଛଅ ଜଣ ମଧ୍ୟ ପୁରୀ ଯାତ୍ରା କରୁଥିଲେ।

ପ୍ରଥମ ପି (ପାୱାର) କହିଲା ବନ୍ଧୁମାନେ ଆମେ ସମସ୍ତେ ପୁରୀ ଯାଉଛେ କିନ୍ତୁ ମୋ ମତରେ ପୁରୀର ପ୍ରକୃତ ଅର୍ଥ ହେଉଛି ପି - ପିୟୁରିଟି ଯାହା ପବିତ୍ରାର ଚିହ୍ନ। ୟୁ - ୟୁନିଟ ବା ଏକତ୍ୱ ବୋଧ, ଆର - ରିଲିଜିଅସ୍ ବା ଧାର୍ମିକ ଚିହ୍ନ, ଆଇ - ଇଣ୍ଟରଗିଟି ବା ସଂହତିର ଚିହ୍ନ। ତେଣୁ ମୋ ମତରେ ପୁରୀ ହେଉଛି ପବିତ୍ରତା, ଏକତ୍ୱବୋଧ, ଧାର୍ମିକ ଓ ସଂହତିର ଚିହ୍ନ।


ଦ୍ୱିତୀୟ ପି (ପ୍ଲିଫ) କହିଲା ମୋ ପାଇଁ ପୁରୀ ହେଉଛି - ପି- ପ୍ରେସିୟସ ବା ମୂଲ୍ୟବାନ, ୟୁ - ୟୁନିକ ବା ଅଦ୍ୱିତୀୟ, ଆର - ରେସପକ୍ଟଫୁଲ ବା ସମ୍ମାନନୀୟ, ଆଇ - ଇନସ୍ପାଇରିଙ୍ଗ ବା ଉତ୍ସାହଜନ। ତେଣୁ ପୁରୀ ମୋ ପାଇଁ ମୂଲ୍ୟବାନ, ଅଦ୍ୱିତୀୟ, ସମ୍ମାନୀୟ ଓ ଉତ୍ସାହଜନ।

ତୃତୀୟ ବନ୍ଧୁ ପି ବା ପ୍ରେଷ୍ଟିଜ କହିଲା ପୁରୀ ମୋ ପାଇଁ - ପି - ପ୍ରେୟାର ବା ପ୍ରାର୍ଥନା, ୟୁ - ଅଲଟିମେଟ ବା କଳ୍ପନାର ସର୍ବୋତ୍ତମ, ଆର - ରେଭରେନ୍ସ ବା ଭକ୍ତି ଶ୍ରଦ୍ଧା, ଆଇ - ଇନୋଭେଟିଭି ବା ନୂତନ। ତେଣୁ ପୁରୀ ମୋ ପାଇଁ ପ୍ରାର୍ଥନା, କଳ୍ପନାର ସର୍ବୋତ୍ତମ, ଭକ୍ତି ଶ୍ରଦ୍ଧା ଓ ନୂତନ।


ଚତୁର୍ଥ ପି (ପୋଜିସନ) କହିଲା - ପୁରୀ ମୋ ପାଇଁ - ପି - ପ୍ରୋଟେକ୍ଟର ବା ରକ୍ଷାକାରୀ, ୟୁ - ଅନଲିମିଟେଡ ବା ଅସୀମ, ଆର - ରିୱାର୍ଡ଼ିଂ ବା ପ୍ରଦାନକାରୀ, ଆଇ - ଇଲିଷ୍ଟୋରିଅସ୍ ବା ଯଶସ୍ୱୀ। ତେଣୁ ପୁରୀ ମୋ ପାଇଁ ରକ୍ଷାକାରୀ, ଅସୀମ, ଉତ୍ତମ ଫଳ ପ୍ରଦାନକାରୀ ଓ ଯଶସ୍ୱୀ।

ଏହିପରି କଥୋପକଥନ ଚାଲୁଥିବା ବେଳେ ଚାରି ବନ୍ଧୁ ଓ ଛଅ ଦାର୍ଶନିକ ଏକ ଧକ୍କା ଅନୁଭବ କଲେ। ପୁରୀ ରେଳ ଷ୍ଟେସନ ଆସିଯାଇଥିଲା। ଜଗନ୍ନାଥଙ୍କ ଦର୍ଶନ ପାଇଁ ବିଭୋର ହୋଇ ସେମାନେ ଓହ୍ଲାଇ ପଡ଼ିଲେ। ଓହ୍ଲାଇଯିବା ପୂର୍ବରୁ ଛଅ ଦାର୍ଶନିକ, ଚାରି ପି ଙ୍କୁ କହିଲେ ଜଗନ୍ନାଥଙ୍କ କୃପାରୁ ଯଦି ଆପଣମାନଙ୍କ ସହ ଦେଖାହୁଏ ତେବେ ଆମେ ମଧ୍ୟ ପୁରୀ ଶବ୍ଦର ରହସ୍ୟ ଆପଣ ମାନଙ୍କୁ କହିବୁ। ବଟ ଗଣେଶ ନିକଟରେ ଯେପରି ଶ୍ରୀଚୈତନ୍ୟ ଓ ଅତିବଡ଼ି ଜଗନ୍ନାଥ ଦାସଙ୍କର ମିଳନ ହୋଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କ ପ୍ରେମରେ ଉଭୟ ବିଭୋର ଥିଲେ। କିନ୍ତୁ ଅଲଗା ଅଲଗା ହୋଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କରିଥିଲେ। ସେହିପରି ଏହି ଚାରି ବନ୍ଧୁ ଓ ଛଅ ଦାର୍ଶନିକ ଟ୍ରେନରେ ମିତ୍ରତା ହୋଇଥିଲେ ମଧ୍ୟ ଜଗନ୍ନାଥଙ୍କ ପ୍ରେମରେ, ସମୟର କାଳଚକ୍ରରେ, ଅଲଗା ହୋଇଥିଲେ ଦାର୍ଶନିକଙ୍କର ପୁରୀ ସମ୍ବନ୍ଧରେ ସେମାନଙ୍କର ଅଭିବ୍ୟକ୍ତ ପରେ ଜାଣିବା।

ଅବସରପ୍ରାପ୍ତ ପ୍ରଧ୍ୟାପିକା, ସିଡିଏ, କଟକ,
ମୋବାଇଲ୍:୯୭୨୯୮୦୦୨୬



ରୋଗୀ ନା ଗ୍ରାହକ ? ଚିକିତ୍ସା ବ୍ୟବସ୍ଥାର ଅନ୍ଧାର ଦିଗ



ଉତ୍ତମ କୁମାର ମହାନ୍ତି


ରୋଗ ହେଲେ ମଣିଷ ପ୍ରଥମେ ଡାକ୍ତରଙ୍କ ପାଖକୁ ଯାଏ। ସେ ଭାବେ, ଡାକ୍ତର ତାକୁ ରୋଗରୁ ମୁକ୍ତ କରିବେ। କିନ୍ତୁ ଆଜି ଅନେକ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି, ଚିକିତ୍ସା ବ୍ୟବସ୍ଥାରେ ରୋଗୀର ସ୍ୱାସ୍ଥ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଛି, ନା ତାଙ୍କଠାରୁ ଆସୁଥିବା ଟଙ୍କାକୁ? ନିଶ୍ଚିତ ଭାବେ ଅନେକ ଡାକ୍ତର ନିଷ୍ଠାର ସହିତ ରୋଗୀଙ୍କ ସେବା କରୁଛନ୍ତି। କିନ୍ତୁ ସେହି ସେବା କ୍ଷେତ୍ରରେ କିଛି ଲୋକଙ୍କ ଲୋଭ, ଅନୈତିକ ବ୍ୟବସାୟ ଓ ଦୁର୍ବଳ ନିୟନ୍ତ୍ରଣ ସାଧାରଣ ଲୋକଙ୍କୁ ଆର୍ଥିକ ଓ ମାନସିକ ଭାବେ ଶୋଷଣ କରୁଛି।

ଆଜି ଜଣେ ଗରିବ ଲୋକ ରୋଗରେ ପଡ଼ିଲେ କେବଳ ରୋଗ ସହ ଲଢ଼େ ନାହିଁ; ତାକୁ ନିଜ ଆୟ, ସଞ୍ଚୟ, ଧାରକରଜ ଓ ପରିବାରର ଭବିଷ୍ୟତ ସହ ମଧ୍ୟ ଲଢ଼ିବାକୁ ପଡ଼େ। ଘରେ କେହି ଗୁରୁତର ଅସୁସ୍ଥ ହେଲେ ପରିବାର ଲୋକ ଡାକ୍ତରଙ୍କ ନିଷ୍ପତ୍ତି ଉପରେ ଭରସା କରନ୍ତି। ସେହି ସମୟରେ ସେମାନେ ଚିକିତ୍ସାର ପ୍ରତ୍ୟେକ ନିଷ୍ପତ୍ତିକୁ ପ୍ରଶ୍ନ କରିପାରନ୍ତି ନାହିଁ। ଏହି ଅସହାୟତାର ସୁଯୋଗ ନେଇ ଯଦି କେହି ଅନାବଶ୍ୟକ ଖର୍ଚ୍ଚ କରାଏ, ତେବେ ତାହା କେବଳ ବ୍ୟବସାୟିକ ଅନୈତିକତା ନୁହେଁ, ମଣିଷର ଦୁଃଖକୁ ଲାଭର ମାଧ୍ୟମ କରିଥାଏ। ଏହାର ପ୍ରଥମ ସମସ୍ୟା ହେଉଛି ଡାକ୍ତରଙ୍କ ପରାମର୍ଶ ଶୁଳ୍କ ଓ ରୋଗୀଙ୍କୁ ଦିଆଯାଉଥିବା ସମୟ। ଅନେକ ସ୍ଥାନରେ ରୋଗୀ ଦୀର୍ଘ ସମୟ ଅପେକ୍ଷା କରିବା ପରେ ଡାକ୍ତରଙ୍କ ଠାରୁ ମାତ୍ର କିଛି ମିନିଟ୍ ପାଆନ୍ତି। ରୋଗୀ ନିଜ ଅସୁବିଧା କହିବା ପୂର୍ବରୁ ପରୀକ୍ଷା କିମ୍ବା ଔଷଧ ଲେଖିଦିଆଯାଏ। ପୁଣି ଦେଖାଇବା ପାଇଁ ଅଳ୍ପ କିଛି ଦିନ ମଧ୍ୟରେ ଆସିବାକୁ କୁହାଯାଏ ଏବଂ ପ୍ରତ୍ୟେକ ଥର ଶୁଳ୍କ ଦେବାକୁ ପଡ଼େ। ଅବଶ୍ୟ, ସବୁ ରୋଗରେ ସମାନ ସମୟ ଲାଗେ ନାହିଁ। କିନ୍ତୁ ରୋଗୀର କଥା ଶୁଣିବା, ରୋଗ ବୁଝାଇବା ଓ ଚିକିତ୍ସା ବିଷୟରେ ସ୍ପଷ୍ଟ କରିବା ଡାକ୍ତରଙ୍କ ଦାୟିତ୍ୱ। ଶୁଳ୍କ ନେବାରେ ଅସୁବିଧା ନାହିଁ; ଶୁଳ୍କ ନେଇ ମଧ୍ୟ ରୋଗୀଙ୍କୁ ଅବହେଳା କରିବା ଗ୍ରହଣୀୟ ନୁହେଁ।

ଆଉ ଏକ ଗୁରୁତର ସମସ୍ୟା ହେଉଛି ଔଷଧ ଲେଖିବା ପ୍ରଣାଳୀ। ଅନେକ ରୋଗୀ ଡାକ୍ତରଙ୍କ ଲେଖା ବୁଝିପାରନ୍ତି ନାହିଁ। ଔଷଧ ଦୋକାନୀ ଯାହା ଦିଅନ୍ତି, ତାହା ଉପରେ ଭରସା କରିବାକୁ ପଡ଼େ। ଔଷଧର ନାମ, ମାତ୍ରା ଓ କେତେ ଦିନ ଖାଇବାକୁ ହେବ, ସେଥିରେ ଅସ୍ପଷ୍ଟତା ରହିଲେ ଭୁଲ ଔଷଧ ସେବନର ଆଶଙ୍କା ବଢ଼େ। ତେଣୁ ସ୍ପଷ୍ଟ ଓ ପଢ଼ିହେଉଥିବା ଚିଠା ଦେବା ବାଧ୍ୟତାମୂଳକ ହେବା ଉଚିତ। ସମ୍ଭବ ହେଲେ କମ୍ପ୍ୟୁଟରରେ ଔଷଧ ଚିଠା ପ୍ରସ୍ତୁତ କରାଯାଉ। ଔଷଧର ବିକଳ୍ପ ଥିଲେ ରୋଗୀଙ୍କୁ ତାହା ବୁଝାଯାଉ, କିନ୍ତୁ ଡାକ୍ତରଙ୍କ ଅନୁମତି ବିନା ଔଷଧ ବଦଳାଇବାକୁ ଉତ୍ସାହିତ କରାନଯାଉ। ଔଷଧ କମ୍ପାନୀ ଓ ଡାକ୍ତରଙ୍କ ସମ୍ପର୍କ ମଧ୍ୟ ସ୍ୱଚ୍ଛ ହେବା ଆବଶ୍ୟକ। ଔଷଧ କମ୍ପାନୀର ପ୍ରତିନିଧିମାନେ ନିଜ ଔଷଧ ବିଷୟରେ ଡାକ୍ତରଙ୍କୁ ସୂଚନା ଦେବା ସ୍ୱାଭାବିକ। କିନ୍ତୁ ଯଦି ଉପହାର, ଦାମୀ ଭ୍ରମଣ, ଆତିଥ୍ୟ କିମ୍ବା ଅନ୍ୟାନ୍ୟ ସୁବିଧା ବଦଳରେ ନିର୍ଦ୍ଦିଷ୍ଟ ଔଷଧ ଲେଖିବାର ପ୍ରଭାବ ପଡ଼େ, ତେବେ କ୍ଷତି ରୋଗୀର ହୁଏ। ଅଧିକ ଦାମର ଔଷଧ ସବୁବେଳେ ଅଧିକ ଭଲ ହୋଇନଥାଏ। ଔଷଧର ଗୁଣ, ଆବଶ୍ୟକତା ଓ ରୋଗୀର ସାମର୍ଥ୍ୟ ଆଧାରରେ ନିଷ୍ପତ୍ତି ହେବା ଉଚିତ।

ଏହା କେବଳ ଅଭିଯୋଗର କଥା ନୁହେଁ। ୨୦୨୪ ମସିହାରେ ଔଷଧ ବିଭାଗର ଏକ କମିଟି ଆବଶ୍ୟକ ନୀତି ଉଲ୍ଲଂଘନ ସମ୍ପର୍କିତ ମାମଲାରେ ଆବିଭି କମ୍ପାନୀକୁ ଭର୍ତ୍ସନା କରିଥିଲା। ମାମଲାରେ ୩୦ ଜଣ ଡାକ୍ତରଙ୍କ ବିଦେଶ ଯାତ୍ରା ଓ ହୋଟେଲ ଖର୍ଚ୍ଚ ପାଇଁ ପ୍ରାୟ ୧.୯୧ କୋଟି ଟଙ୍କା ବ୍ୟୟ ହୋଇଥିବା ଉଲ୍ଲେଖ ଥିଲା। ଏହା ଦର୍ଶାଏ ଯେ ଔଷଧ ବଜାରରେ ଅନୈତିକ ପ୍ରଚାର ଏକ କଳ୍ପିତ ସମସ୍ୟା ନୁହେଁ। ତେବେ ଏପରି ଘଟଣାର ଅର୍ଥ ସମସ୍ତ ଡାକ୍ତର କିମ୍ବା ସମସ୍ତ କମ୍ପାନୀ ଦୋଷୀ ନୁହନ୍ତି। ଆବଶ୍ୟକ ହେଉଛି ପ୍ରମାଣ ଆଧାରିତ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ। ଅନାବଶ୍ୟକ ରକ୍ତ ପରୀକ୍ଷା, ସ୍କାନ୍ ଓ ଅନ୍ୟାନ୍ୟ ଯାଞ୍ଚ ମଧ୍ୟ ରୋଗୀଙ୍କ ଖର୍ଚ୍ଚ ବଢ଼ାଏ। ଅନେକ ପରୀକ୍ଷା ରୋଗ ଚିହ୍ନଟ ପାଇଁ ଅତ୍ୟନ୍ତ ଜରୁରୀ। କିନ୍ତୁ ପ୍ରତ୍ୟେକ ପରୀକ୍ଷାର ଚିକିତ୍ସାଗତ କାରଣ ରହିବା ଦରକାର। ଯେଉଁଠି ରୋଗୀଙ୍କୁ ନିର୍ଦ୍ଦିଷ୍ଟ ପରୀକ୍ଷାଗାରକୁ ପଠାଯାଉଛି, ସେଠାରେ ଡାକ୍ତରଙ୍କର କୌଣସି ଆର୍ଥିକ ସ୍ୱାର୍ଥ ରହିଛି କି ନାହିଁ, ତାହା ଯାଞ୍ଚ କରାଯିବା ଉଚିତ। ପରୀକ୍ଷାଗାରର ଦର ଦୃଶ୍ୟମାନ ସ୍ଥାନରେ ଲେଖା ରହୁ। ଅଧିକ ଖର୍ଚ୍ଚର ପରୀକ୍ଷା କାହିଁକି ଦରକାର, ତାହା ରୋଗୀଙ୍କୁ ବୁଝାଯାଉ। ସନ୍ଦେହଜନକ ଭାବେ ଗୋଟିଏ ପରୀକ୍ଷାଗାରକୁ ଅଧିକ ରୋଗୀ ପଠାଯାଉଥିଲେ ତାହାର ନିୟମିତ ଯାଞ୍ଚ ହେଉ।

ବଡ଼ ଡାକ୍ତରଖାନାରେ ଚିକିତ୍ସା ଖର୍ଚ୍ଚ ଆଉ ଏକ ବଡ଼ ଚିନ୍ତା। ରୋଗୀ ଭର୍ତ୍ତି ହେବା ସମୟରେ ଯେଉଁ ଖର୍ଚ୍ଚ କୁହାଯାଏ, ଶେଷରେ ବିଲ୍ ତାହାଠାରୁ ବହୁତ ଅଧିକ ହୋଇଯାଏ। ଶଯ୍ୟା, ଡାକ୍ତରଙ୍କ ପରିଦର୍ଶନ, ନର୍ସିଂ, ଔଷଧ, ଯନ୍ତ୍ରପାତି ଓ ଅନ୍ୟାନ୍ୟ ସେବାର ଖର୍ଚ୍ଚ ସ୍ପଷ୍ଟ ନଥିଲେ ପରିବାର ଲୋକ ବିଲ୍ ଯାଞ୍ଚ କରିପାରନ୍ତି



ନାହିଁ। ପଶ୍ଚିମବଙ୍ଗର ଏକ ମାମଲାରେ ରୋଗୀ ସାଧାରଣ ଶଯ୍ୟାରେ ରହିଥିବା ସତ୍ତ୍ୱେ ତାଙ୍କୁ ଗୁରୁତର ରୋଗୀଙ୍କ ପାଇଁ ଥିବା ଚିକିତ୍ସା କକ୍ଷର ଖର୍ଚ୍ଚ ଲଗାଯାଇଥିବାରୁ ରାଜ୍ୟ ଉପଭୋକ୍ତା ଆୟୋଗ ଟଙ୍କା ଫେରସ୍ତ ଓ କ୍ଷତିପୂରଣ ଦେବାକୁ ଆଦେଶ ଦେଇଥିଲେ। ଏହି ଘଟଣା ଦର୍ଶାଏ ଯେ ବିଲ୍‌ର ଯାଞ୍ଚ କେତେ ଜରୁରୀ। ତେଣୁ ପ୍ରତ୍ୟେକ ଡାକ୍ତରଖାନା ରୋଗୀ ଭର୍ତ୍ତି ସମୟରେ ଆନୁମାନିକ ଖର୍ଚ୍ଚ ଲିଖିତ ଭାବେ ଦେବା ଉଚିତ। ଚିକିତ୍ସା ସମୟରେ ଖର୍ଚ୍ଚ ବଢ଼ିଲେ କାରଣ ଜଣାଇ ସଂଶୋଧିତ ଆନୁମାନିକ ଖର୍ଚ୍ଚ ଦେବା ଦରକାର। ଶେଷ ବିଲ୍‌ରେ ପ୍ରତ୍ୟେକ ଖର୍ଚ୍ଚର ବିବରଣୀ ରହୁ। ରୋଗୀ କିମ୍ବା ତାଙ୍କ ପରିବାର ଅଭିଯୋଗ କଲେ ବିଲ୍‌ର ଯାଞ୍ଚ କରିବା ପାଇଁ ସ୍ୱାଧୀନ ବ୍ୟବସ୍ଥା ରହିବା ଆବଶ୍ୟକ। ଭୁଲ ଅର୍ଥ ଆଦାୟ ପ୍ରମାଣିତ ହେଲେ କେବଳ ଟଙ୍କା ଫେରସ୍ତ ନୁହେଁ, ନିୟମ ଅନୁସାରେ କ୍ଷତିପୂରଣ ଓ ଦଣ୍ଡର ବ୍ୟବସ୍ଥା ହେଉ।

ଗୁରୁତର ରୋଗୀଙ୍କୁ ଭେଣ୍ଟିଲେଟରରେ ରଖିବା ସମ୍ପର୍କିତ ଅଭିଯୋଗ ମଧ୍ୟ ଲୋକଙ୍କ ମନରେ ଭୟ ସୃଷ୍ଟି କରେ। ମୃତ୍ୟୁ ଘୋଷଣାରେ ବିଳମ୍ବ, ଚିକିତ୍ସାର ଅବସ୍ଥା ବୁଝାଇବାରେ ଅସ୍ପଷ୍ଟତା ଓ ବଢ଼ୁଥିବା ବିଲ୍‌କୁ ନେଇ ପରିବାର ଲୋକ ପ୍ରଶ୍ନ କରନ୍ତି। ଏଠାରେ ଏକ କଥା ସ୍ପଷ୍ଟ ରହିବା ଦରକାର; ଭେଣ୍ଟିଲେଟରରେ ରଖାଯାଇଥିବା ପ୍ରତ୍ୟେକ ରୋଗୀଙ୍କୁ ଅନାବଶ୍ୟକ ଭାବେ ରଖାଯାଉଛି ବୋଲି କୁହାଯାଇପାରିବ ନାହିଁ। ମସ୍ତିଷ୍କ ମୃତ୍ୟୁ ଓ ଅନ୍ୟ ଅବସ୍ଥାର ଚିକିତ୍ସାଗତ ମାନଦଣ୍ଡ ଭିନ୍ନ। କିନ୍ତୁ ମୃତ୍ୟୁ ଘୋଷଣାର ସମୟ, ଡାକ୍ତରଙ୍କ ମତ, ପରୀକ୍ଷାର ଫଳ ଓ ପରିବାରକୁ ଦିଆଯାଇଥିବା ସୂଚନାର ସଠିକ୍ ରେକର୍ଡ ରହିବା ଉଚିତ। ସନ୍ଦେହ ହେଲେ ସ୍ୱାଧୀନ ଚିକିତ୍ସାଗତ ଯାଞ୍ଚ ହେଉ। ଗୁରୁତର ରୋଗୀଙ୍କ ଅବସ୍ଥା ଓ ଚିକିତ୍ସାର ଉଦ୍ଦେଶ୍ୟ ପରିବାରକୁ ସରଳ ଭାଷାରେ ବୁଝାଯାଉ। ଘରୋଇ ଡାକ୍ତରଖାନାର ଖର୍ଚ୍ଚ ସହ ଚିକିତ୍ସା ବୀମାର ସମସ୍ୟା ମଧ୍ୟ ଯୋଡ଼ି ହୋଇଛି। ଅନେକ ଲୋକ ବର୍ଷ ବର୍ଷ ଧରି ବୀମା କିସ୍ତି ଦେଇଥାନ୍ତି, କିନ୍ତୁ ଆବଶ୍ୟକ ସମୟରେ କେଉଁ ଖର୍ଚ୍ଚ ବୀମାରେ ମିଳିବ ଓ କେଉଁଟି ମିଳିବ ନାହିଁ, ତାହା ନେଇ ବିବାଦ ହୁଏ। ବୀମା କମ୍ପାନୀ ଦାବି ଅସ୍ୱୀକାର କଲେ ସ୍ପଷ୍ଟ କାରଣ ଲିଖିତ ଭାବେ ଦେବା ଦରକାର। ବୀମା କିଣିବା ସମୟରେ ସର୍ତ୍ତଗୁଡ଼ିକୁ ସରଳ ଭାଷାରେ ବୁଝାଇବା ଓ ଅଭିଯୋଗର ନିର୍ଦ୍ଦିଷ୍ଟ ସମୟସୀମାରେ ସମାଧାନ କରିବା ଆବଶ୍ୟକ।


ସରକାରୀ ଡାକ୍ତରଖାନାର ଅବସ୍ଥା ମଧ୍ୟ ଏହି ସମସ୍ୟାର ଏକ ମୁଖ୍ୟ କାରଣ। ଡାକ୍ତର ନଥିବା, ଔଷଧ ମିଳୁନଥିବା, ଯନ୍ତ୍ରପାତି ଖରାପ ଥିବା କିମ୍ବା ପରୀକ୍ଷା ପାଇଁ ଦୀର୍ଘ ଅପେକ୍ଷା କରିବାକୁ ପଡ଼ୁଥିବାରୁ ଲୋକେ ଘରୋଇ ଡାକ୍ତରଖାନାକୁ ଯାଆନ୍ତି। ଏହାର ଅର୍ଥ ଘରୋଇ ଚିକିତ୍ସା ସବୁବେଳେ ଖରାପ ନୁହେଁ; କିନ୍ତୁ ସରକାରୀ ବ୍ୟବସ୍ଥା ଦୁର୍ବଳ ହେଲେ ଲୋକଙ୍କ ପାଖରେ ବିକଳ୍ପ କମିଯାଏ। ଜାତୀୟ ସ୍ୱାସ୍ଥ୍ୟ ହିସାବ ଅନୁସାରେ, ଦେଶର ମୋଟ ସ୍ୱାସ୍ଥ୍ୟ ଖର୍ଚ୍ଚରେ ଲୋକେ ନିଜ ପକେଟରୁ ଦେଉଥିବା ଅଂଶ ୨୦୨୧-୨୨ରେ ୩୯.୪ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ୪୩.୪ ପ୍ରତିଶତକୁ ବଢ଼ିଥିଲା। ଏହା ସ୍ପଷ୍ଟ କରୁଛି ଯେ ଚିକିତ୍ସା ଖର୍ଚ୍ଚର ଭାର ଏବେ ମଧ୍ୟ ସାଧାରଣ ପରିବାର ଉପରେ ବହୁତ ଅଧିକ। ଏହି ପରିସ୍ଥିତିରେ କେବଳ ନୂଆ ନିୟମ ତିଆରି କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ପ୍ରଥମେ ପ୍ରତ୍ୟେକ ଘରୋଇ ଡାକ୍ତରଖାନାରେ ପରାମର୍ଶ ଶୁଳ୍କ, ଶଯ୍ୟା ଭଡ଼ା, ପରୀକ୍ଷା ଓ ଅନ୍ୟାନ୍ୟ ସେବାର ଦର ଦୃଶ୍ୟମାନ ସ୍ଥାନରେ ଲେଖା ରହିବା ଦରକାର। ରୋଗୀଙ୍କୁ ଆନୁମାନିକ ଖର୍ଚ୍ଚ ଓ ଶେଷ ବିଲ୍ ଦିଆଯାଉ। ଅଭିଯୋଗ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ନିର୍ଦ୍ଦିଷ୍ଟ ଫୋନ୍ ନମ୍ବର, ଅନଲାଇନ୍ ବ୍ୟବସ୍ଥା ଓ ସାମ୍ନାସାମ୍ନି ଅଭିଯୋଗ ଦାଖଲର ସୁବିଧା ରହୁ। ଅଭିଯୋଗ ଗ୍ରହଣ କରି ଭୁଲିଯିବା ନୁହେଁ; ପ୍ରତ୍ୟେକ ଅଭିଯୋଗ ପାଇଁ ପରିଚୟ ସଂଖ୍ୟା, ଯାଞ୍ଚକାରୀ ଅଧିକାରୀ ଓ ସମାଧାନର ସମୟସୀମା ନିର୍ଦ୍ଧାରିତ ହେଉ। ଅଭିଯୋଗର ଫଳାଫଳ ଓ ଦୋଷ ପ୍ରମାଣିତ ଘଟଣାରେ ହୋଇଥିବା କାର୍ଯ୍ୟାନୁଷ୍ଠାନର ବାର୍ଷିକ ତଥ୍ୟ ସାର୍ବଜନୀନ କରାଯାଉ।

ସେହିପରି ଔଷଧ କମ୍ପାନୀ ଓ ଡାକ୍ତରଙ୍କ ଆର୍ଥିକ ସମ୍ପର୍କର ଯାଞ୍ଚ ହେଉ, ଅସାଧାରଣ ଭାବେ ଅଧିକ ପରୀକ୍ଷା ଲେଖୁଥିବା ଡାକ୍ତରଖାନାର ରେକର୍ଡ ଯାଞ୍ଚ ହେଉ ଏବଂ ରୋଗୀଙ୍କ ଅଭିଯୋଗକୁ ନିରପେକ୍ଷ ଭାବେ ବିଚାର କରାଯାଉ। ସରକାରୀ ଡାକ୍ତରଖାନାରେ ଖାଲି ପଦ ପୂରଣ, ଔଷଧ ଯୋଗାଣ, ଯନ୍ତ୍ରପାତି ମରାମତି ଓ ପରୀକ୍ଷା ସେବାର ନିୟମିତ ଯାଞ୍ଚ ହେଉ। ଯେଉଁ ସେବା ମିଳୁନାହିଁ, ତାହାର ସୂଚନା ରୋଗୀଙ୍କୁ ଆଗରୁ ଦିଆଯାଉ, ଯାହାଦ୍ୱାରା ସେମାନେ ଅଯଥାରେ ଏପଟସେପଟ ଦୌଡ଼ିବେ ନାହିଁ। ଡାକ୍ତରଙ୍କୁ କେବଳ ଏସବୁ ପାଇଁ ଦାୟୀ ବୋଲି ବିବେଚନା କଲେ ଉଚିତ୍ ହେନାହିଁ। ଡାକ୍ତରମାନେ ମଧ୍ୟ ଅତ୍ୟଧିକ କାର୍ଯ୍ୟଚାପ, ଦୀର୍ଘ କାର୍ଯ୍ୟସମୟ ଓ ରୋଗୀଙ୍କ ଅଧିକ ଭିଡ଼ର ସମ୍ମୁଖୀନ ହୁଅନ୍ତି। ସେମାନଙ୍କୁ ଉପଯୁକ୍ତ ସୁବିଧା, ସୁରକ୍ଷା ଓ କାର୍ଯ୍ୟ ପରିବେଶ ଦେବା ମଧ୍ୟ ଜରୁରୀ। କିନ୍ତୁ ସେହି ସମସ୍ୟାର ସମାଧାନ ରୋଗୀଙ୍କୁ ଅବହେଳା କରିବା କିମ୍ବା ଅନ୍ୟାୟ ଖର୍ଚ୍ଚ ଲଦିଦେବା ନୁହେଁ। ଯେଉଁଠି ଅନୈତିକତାର ପ୍ରମାଣ ମିଳେ, ସେଠାରେ ପଦବୀ କିମ୍ବା ପ୍ରତିଷ୍ଠା ନିର୍ବିଶେଷରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର।

ଚିକିତ୍ସା ମଣିଷର ମୌଳିକ ଆବଶ୍ୟକତା; ଏହାକୁ କେବଳ ଲାଭ କମାଇବାର ମାଧ୍ୟମ କରାଯାଇପାରିବ ନାହିଁ। ରୋଗୀ ଡାକ୍ତରଙ୍କ ପାଖକୁ ଯାଏ ଆଶା ନେଇ, ଭୟ ଓ ଋଣର ବୋଝ ନେଇ ଘରକୁ ଫେରିବା ପାଇଁ ନୁହେଁ। ଡାକ୍ତରଙ୍କ ଜ୍ଞାନ, ଡାକ୍ତରଖାନାର ବ୍ୟବସ୍ଥା ଓ ସରକାରୀ ନିୟନ୍ତ୍ରଣ; ଏହି ତିନୋଟି ରୋଗୀଙ୍କ ସ୍ୱାର୍ଥରେ କାମ କଲେ ହିଁ ଚିକିତ୍ସା ବ୍ୟବସ୍ଥା ଉପରେ ଭରସା ବଢ଼ିବ। ରୋଗୀଙ୍କୁ ଗ୍ରାହକ ଭାବେ ନୁହେଁ, ମଣିଷ ଭାବେ ଦେଖିବା ହିଁ ସୁସ୍ଥ ସମାଜର ପ୍ରଥମ କର୍ତ୍ତବ୍ୟ ଅଟେ।

ଜଳେଶ୍ୱର, ବାଲେଶ୍ୱର
ମୋବାଇଲ୍:୭୬୦୭୦୭୪୬୨୬

କାର୍ତ୍ତିକ ମାସର ମହତ୍ତ୍ୱ




ଅରିଜିତ ମିଶ୍ର

ସର୍ବ ଧର୍ମ ସମନ୍ୱୟର ଦେଶ ହେଉଚି ଏହି ଭାରତ ବର୍ଷ ତନ୍ମଧ୍ୟରୁ ଓଡ଼ିଶା ପ୍ରଦେଶ ଏକ ବିଶିଷ୍ଟ ଅଙ୍ଗ ଅଟେ। ହିନ୍ଦୁ ଧର୍ମରେ କାର୍ତ୍ତିକ ମାସ ହେଉଛି ସମସ୍ତ ମାସ ମାନଙ୍କ ମଧ୍ୟରେ ଶ୍ରେଷ୍ଠ। ସେଥିପାଇଁ ଏହି ମାସରେ ଧର୍ମ କରିବା ଅତି ପ୍ରଶସ୍ତ। ଶାସ୍ତ୍ରରେ ବର୍ଣ୍ଣିତ ଅଛି, କାର୍ତ୍ତିକ ମାସ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ପରି ଶାସ୍ତ୍ର ନାହିଁ ଏବଂ ଗଙ୍ଗା ପରି ତୀର୍ଥ ନାହିଁ। ତେଣୁ ଉକ୍ତ ମାସକୁ ନିଷ୍ଠାର ସହିତ ପାଳନ କରିଲେ, ଅନନ୍ତ ଫଳ ପ୍ରାପ୍ତି ହୁଏ। ଏହି ମାସରେ ଶ୍ରୀକ୍ଷେତ୍ର ଏବଂ ଏକାମ୍ର କ୍ଷେତ୍ରରେ ଅନେକ ମହିଳା ଏକତ୍ରିତ ହୋଇ କାର୍ତ୍ତିକ ବ୍ରତ ପାଳନ କରନ୍ତି। ସୂର୍ଯ୍ୟୋଦୟ ରୁ ସ୍ନାନାଦି କର୍ମ ସଂପାଦନ କରି, ତୁଳସୀ ଚଉରା ମୂଳରେ ରାଇ ଦାମୋଦର ବା ରାଧା ଦାମୋଦର ପୂଜନ କରନ୍ତି। ଏହି ପୂଜାରେ ମୁଖ୍ୟ ଆକର୍ଷଣ ହେଉଛି ମୁରୁଜ ଆଙ୍କିବା, ଯେପରିକି ରାଇ ଦାମୋଦର, ବଗ ବଗୁଲି, ସିଢ଼ି, କପୋତ କପୋତୀ, ଅଁଳା ଗଛ, ଜଗନ୍ନାଥ ଆଦି ଚତୁର୍ଦ୍ଧା ମୂର୍ତ୍ତୀ, ଲକ୍ଷ୍ମୀ ପାଦ ଇତ୍ୟାଦି ଏହି ସବୁ ମୁରୁଜ ଅଙ୍କାଯିବା ପରେ ଯଥା ରୀତି ଅନୁସାରେ ନୈବେଦ୍ୟ କରାଯାଏ ଏବଂ କାର୍ତ୍ତିକ ପୁରାଣ ପାଠ କରାଯାଏ। ସମସ୍ତ ରୀତିନୀତି ଶେଷ ହେବା ପରେ ମହିଳା ମାନେ ହବିଷ ଅନ୍ନ ଗ୍ରହଣ କରନ୍ତି। ଅନେକ ହବିଶ୍ୟାଳି ମାନେ ମହାପ୍ରସାଦ ସେବନ ମଧ୍ଯ କରନ୍ତି। ସଂଧ୍ୟା ସମୟରେ ଏକ ମାଟି ହାଣ୍ଡିରେ ଦୀପ ରଖି, ଏକ ଉଚ୍ଚ ଦଣ୍ଡ ଦ୍ୱାରା ଗୃହ ଠାରୁ ଉପରକୁ ଟେକି ରଖାଯାଏ, ଯାହାକୁ ଆକାଶ ଦୀପ କୁହାଯାଏ।

କାର୍ତ୍ତିକ ମାସଟି ଅତ୍ୟନ୍ତ ଉତ୍କୃଷ୍ଟ ମାସ ହେଇଥିବାରୁ, ଏହି ମାସରେ ଅନେକ ଲୋକ ଆମିଷ ଭୋଜନ କରନ୍ତି ନାହିଁ। ପର୍ବପର୍ବାଣୀ ମଧ୍ଯରୁ ମୁଖ୍ୟ ପର୍ବ ଭାବରେ ଦୀପାବଳୀ ଉତ୍ସବ, ଶ୍ୟାମା କାଳୀ ପୂଜା, ଅଁଳା ନବମୀ, ହରି ଉତ୍ଥାପନ ଏକାଦଶୀ, ବଡ଼ ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣମୀ ପାଳନ କରାଯାଏ। ମୁଖ୍ୟତଃ ହରି ଉତ୍ଥାପନ ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ତିଥି ଉକ୍ତ ପାଞ୍ଚ ଦିନକୁ ପଂଚୁକ ବ୍ରତ କୁହନ୍ତି। ଏହି ପାଞ୍ଚ ଦିନରେ ଅନେକ ମଣିଷ ଇଚ୍ଛା କରନ୍ତି ନାହିଁ ଆମିଷ ଭୋଜନ ପାଇଁ। କିମ୍ବଦନ୍ତୀ ରହିଛି କି ଉକ୍ତ ପାଞ୍ଚ ଦିନ ବଗ ମଧ୍ଯ ଆମିଷ ଭୋଜନ କରେ ନାହିଁ। ସେଥିପାଇଁ ଏହାକୁ "ବକ ପଞ୍ଚକ" ମଧ୍ଯ କୁହାଯାଏ। ଶାସ୍ତ୍ରୀୟ ମତରେ ଆମିଷ ହେଉଚି ହିଂସାର ପ୍ରତୀକ, ତେଣୁ ଏହି ପୁଣ୍ୟ ମାସରେ ଆମିଷ ଭୋଜନ ନିଷେଧ। ବେଳେବେଳେ ମନରେ ପ୍ରଶ୍ନ ଆସେ, ସତରେ କଣ ଆମିଷ ଭୋଜନ ଦ୍ୱାରା ମଣିଷର ଧର୍ମ ନଷ୍ଟ ହୁଏ? ସାଧରଣତଃ ଆମିଷ ଗ୍ରହଣ କଲେ ମଣିଷ ଶରୀରରେ ପାଚନ ପ୍ରକିୟାକୁ ନକାରାତ୍ମକ ପ୍ରଭାବ ପକାଏ। ତେଣୁ ବର୍ଷକୁ ଏକ ମାସ ଯଦି ଆମେ ଆମିଷ ଭୋଜନ ବନ୍ଦ କରୁଛେ, ତେବେ ପାଚନ ପ୍ରକିୟା ସାବଲୀଳ ଭାବରେ ପରିଚାଳିତ ହୋଇଥାଏ। ହିନ୍ଦୁ ଧର୍ମରେ ଆମର ମୁଖ୍ୟତଃ ତିରିଶ ଦିନ ଉପବାସ ପାଇଁ ବର୍ଣ୍ଣନା ଅଛି। ଯେପରିକି, ପ୍ରତ୍ୟକ ମାସରେ ଦୁଇଟି ଏକାଦଶୀ, ସାରା ବର୍ଷରେ ହିସାବ ଅନୁସାରେ ଚବିଶି ଦିନ ପଡିବ। ଠିକ୍ ସେହିପରି ଆଉ ଛଅ ଗୋଟି ଦିବସ ହେଉଛି ନୃସିଂହ ଜନ୍ମ, ବାମନ ଜନ୍ମ, କୃଷ୍ଣ ଜନ୍ମ, ଦୁର୍ଗା ଅଷ୍ଟମୀ, ଶିବ ରାତ୍ରି ଏବଂ ରାମ ଜନ୍ମ। ଏହି ସମସ୍ତ ଦିନକୁ ମିଶାଇଲେ ତିରିଶ ଦିନର ବ୍ରତ ପାଳନ ହୁଏ। କିନ୍ତୁ କାର୍ତ୍ତିକ ମାସରେ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାରେ ରହି ଯଦି ତିରିଶ ଦିନ ଠିକ୍ ଭାବରେ ବ୍ରତ ପାଳନ କରନ୍ତି, ତେବେ ଉପରୋକ୍ତ ବ୍ରତ ସହିତ ସମାନ ଫଳ ପ୍ରାପ୍ତି ହୁଏ। ସାଧାରଣତଃ କାର୍ତ୍ତିକ ମାସର ଅନ୍ତ କାର୍ତ୍ତିକ ପୂର୍ଣ୍ଣମୀ ଦିନ ଡଙ୍ଗା ଭସାଇବା ପରେ ଶେଷ ହୁଏ। ଓଡ଼ିଶାର ଏକ ପାରମ୍ପରିକ ସଙ୍ଗୀତଃ

ଆ, କା, ମା, ବୈ,
ପାନ ଗୁଆ ଥୋଇ
ମାସକ ଧରମ ମୋର
ପାନ ଗୁଆ ଯାକ ତୋର।



ଉକ୍ତ ପଦ ବୋଲି ସମସ୍ତ ବ୍ରତଚାରିଣୀ ବିଭିନ୍ନ ନଦୀ, ଜଳାଶୟ ଏବଂ ସାଗରରେ କଦଳୀ ପାଟୁକା ଡଙ୍ଗା ବା କାଗଜରେ ଡ଼ଙ୍ଗା କରି ଭସାଇ ଥାଆନ୍ତି। ଏହି ପଦର ଅର୍ଥ ହେଉଛି ଆମ ଧର୍ମୀୟ ଭାବନାରେ ଚାରିଗୋଟି ପୁଣ୍ୟ ମାସ ରହିଛି। ଆ ରେ ଆଷାଢ଼ ମାସ, କା ରେ କାର୍ତ୍ତିକ ମାସ, ମା ରେ ମାଘ ମାସ ଏବଂ ବୈ ରେ ବୈଶାଖ ମାସ ଅଟେ। ଯେଉଁ ବ୍ୟକ୍ତି ଏହି ଚାରି ମାସକୁ ନିଷ୍ଠାର ସହିତ ପାଳନ କରେ, ସିଏ ଅଖଣ୍ଡ ପୁଣ୍ୟ ପ୍ରାପ୍ତି କରେ। କାରଣ ଆଷାଢ଼ ମାସ ବର୍ଷା ଋତୁର, କାର୍ତ୍ତିକ ମାସ ଶରତ ଋତୁରେ, ମାଘ ମାସ ଶୀତ ଋତୁରେ ଏବଂ ବୈଶାଖ ମାସ ନିଦାଘ ଗ୍ରୀଷ୍ମ ଋତୁରେ ପଡ଼େ। ଉକ୍ତ ମାସ ମାନଙ୍କରେ ଏହି ଚାରି ଋତୁର କଷ୍ଟରେ ରହି ଯଦି ବିଶ୍ୱାସର ସହ ଈଶ୍ୱର ଆରଧନା କରାଯାଏ, ତେବେ ନିଶ୍ଚିତ ଭାବରେ ପୁଣ୍ୟ ପ୍ରାପ୍ତି ହୁଏ। କାର୍ତ୍ତିକ ପୂର୍ଣ୍ଣମୀର ଠିକ୍ ପରଦିନ ଛାଡ଼ ଖାଇ ପଡ଼େ, ସେହି ଦିନ ବ୍ରତଚାରିଣୀ ମାନେ ସକାଳୁ ସ୍ନାନାଦି କର୍ମ ସଂପାଦନ କରିବା ପରେ ଚଉରା ମୂଳରେ କେବଳ ରାହୁ ମୁଣ୍ଡ ଅଙ୍କନ କରି ମୁଢ଼ି ଓ ମୂଳା ଭୋଗ କରନ୍ତି ଏବଂ ପୂଜା ସରିଲେ ସେହି ମୁଢ଼ି ଓ ମୂଳା ଖାଇ ନିଜର ବ୍ରତ ସମ୍ପନ୍ନ କରନ୍ତି। କିନ୍ତୁ ଅନେକ ମଣିଷ ଆମ ସମାଜରେ ଅଛନ୍ତି, ଯାହାର ମାସ ସାରା ବ୍ରତ ପାଳନର କୌଣସି ପ୍ରମାଣ ନଥାଏ, କିନ୍ତୁ ଛାଡ଼ଖାଇରେ ମାଛ, ମାଂସ ଇତ୍ୟାଦି ଖାଦ୍ୟ ପାଇଁ ଦୋକାନ ସାମ୍ନାରେ ଲାଇନ୍ ଲଗାନ୍ତି। ପ୍ରତ୍ୟେକ ବ୍ରତର ଅନେକ ମହତ୍ତ୍ୱ ରହିଛି। ତେଣୁ ଈଶ୍ୱରଙ୍କ ପ୍ରତି ସମର୍ପଣ ଭାବ ରଖି ପାଳନ କରିବା ଆବଶ୍ୟକ। ବ୍ରତ ପାଳନର ଅର୍ଥ ମୁଁ ମୋ ଶରୀରରୁ କାମନା, ଭୋଗ ବିଳାସ, ମଦ, ମୋହ, ଲୋଭ, ମାତ୍ସର୍ଯ୍ୟ ଆଦିକୁ ଧ୍ୱଂସ କରିବି ଯାହା ଫଳରେ ସମାଜର ସ୍ରୋତରେ ନିଷ୍ଠାର ସହିତ ବଞ୍ଚିବା ଏବଂ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ପ୍ରେମ, ବିଶ୍ୱାସ, ତ୍ୟାଗ ଆଦି ଦ୍ୱାରା ଆବଦ୍ଧ ହେବା, ତେବେ ଏହି ଭାରତ କଣ ସମଗ୍ର ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେବ।

ବୀରନରସିଂହପୁର, ପୁରୀ
ମୋବାଇଲ:୯୦୪୦୩୫୦୦୮୯

‘ମନ୍ କୀ ବାତ୍’ ମୋ ପାଇଁ ଏକ ତୀର୍ଥଯାତ୍ରା

ନୂଆଦିଲ୍ଲୀ, ୨୫।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ କି ବାତ ମାସିକ ରେଡିଓ କାର୍ଯ୍ୟକ୍ରମର ୧୩୯ତମ ଏପିସୋଡ୍‌ରେ କହିଛନ୍ତି, ୧୨ ବର୍ଷ ପୂର୍ବେ ବିଜୟାଦଶମୀର ପବିତ୍ର ଅବସରରେ, ଆମେ ମନ କି ବାତ ଆରମ୍ଭ କରିଥିଲୁ। ସେବେଠାରୁ ଆମର ଯାତ୍ରା ବିନା ବାଧାରେ ଜାରି ରହିଛି। ଆପଣମାନେ ସମସ୍ତେ ଏହି ଯାତ୍ରାରେ ମୋର ସାଥୀ ଏବଂ ମାର୍ଗଦର୍ଶକ ହୋଇ ଆସିଛନ୍ତି। ମୋ ପାଇଁ ମନ କି ବାତ ଆମ ଦେଶର ସାଧାରଣ ଲୋକଙ୍କ କଠିନ ପରିଶ୍ରମ, ସାହସ, ଦୃଢ଼ ସଂକଳ୍ପ, ସମର୍ପଣ ଓ ସେବା ମନୋଭାବକୁ ପାଳନ କରିବାର ଏକ ସୁନ୍ଦର ସୁଯୋଗ ହୋଇଛି। ଆମ ଦେଶରେ ଶତାବ୍ଦୀ ଧରି ତୀର୍ଥଯାତ୍ରାର ପରମ୍ପରା ରହିଆସିଛି। ମୋ ପାଇଁ ମନ କି ବାତ ଏକ ତୀର୍ଥଯାତ୍ରାଠାରୁ କମ୍ ନୁହେଁ - ଏହା ଏକ ଯାତ୍ରା ଯାହା ମାଧ୍ୟମରେ ମୁଁ ମୋର ଦେଶବାସୀଙ୍କ ପ୍ରୟାସକୁ ନିକଟରୁ ବୁଝିପାରୁଛି ଏବଂ ସେମାନଙ୍କ ଅବଦାନ ପ୍ରତି ମୋର ସମ୍ମାନ ପ୍ରକାଶ କରିପାରୁଛି।

ପ୍ରଧାନମନ୍ତ୍ରୀ କପା ଚାଷ ସମ୍ପର୍କରେ ଲୋକଙ୍କୁ ବିଶେଷ ଗୁରୁତ୍ୱ ଦେଇ କହିଛନ୍ତି ଯେ ପଞ୍ଜାବରେ ‘ଖେତି ବିରାସତ ମିଶନ’ ନାମକ ଏକ ସଂଗଠନ ଜୈବିକ ଓ ପାରମ୍ପରିକ କୃଷି ପଦ୍ଧତିକୁ ନୂତନ ଜୀବନ ଦେବା ଆରମ୍ଭ କରିଛି। ଏହି ଦଳର ଲୋକମାନେ ପଞ୍ଜାବର ମାଲୱା ଅଞ୍ଚଳରେ କପା ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରିବାକୁ ଚାହୁଁଥିଲେ। ଏହି ପଦକ୍ଷେପର ନାମ ‘ନବ-ତ୍ରିଞ୍ଜନ’ ରଖାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ରାସାୟନିକ ପଦାର୍ଥ ବ୍ୟବହାର ନକରି ଜୈବିକ କପା ଚାଷ କରାଯାଏ। ପ୍ରାକୃତିକ ରଙ୍ଗ ସହିତ କପା ମଧ୍ୟ ଏଠାରେ ଚାଷ କରାଯାଏ, ଯାହା ଫଳରେ ଏଥିରୁ ଉତ୍ପାଦିତ ସୂତା ଏବଂ କପଡ଼ାକୁ ରଙ୍ଗ କରିବା ପାଇଁ ଅତିରିକ୍ତ ରାସାୟନିକ ପଦାର୍ଥର ଆବଶ୍ୟକତା ଦୂର ହୋଇଥାଏ। ଏହା ଯୋଗୁଁ ବିଶାଳ ପରିବେଶଗତ ପ୍ରଭାବ ଅନୁଭୂତ ହେଉଛି।

ପ୍ରାକୃତିକ ଜଳ ଉତ୍ସଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡର ହେୱାଲ ନଦୀ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ପୂର୍ବରୁ ହେୱାଲ ନଦୀର ପାଣି ଶୁଖିବା ଆରମ୍ଭ କରିଥିଲା, ଏପରି ପରିସ୍ଥିତିରେ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ହେୱାଲ ନଦୀକୁ ଏକ ନୂତନ ଜୀବନ ମିଳିଥିଲା। ଯେତେବେଳେ ସମାଜ ଏପରି ପ୍ରୟାସ କରେ, ପରିବର୍ତ୍ତନ ବହୁତ ଭଲ ହୋଇଥାଏ। ଭୋକାଲ୍ ଫର୍ ଲୋକାଲ୍ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବିହାରର ମଖାନା ଓ କର୍ଣ୍ଣାଟକର ହରଡ଼ ଡାଲିକୁ ସାରା ବିଶ୍ୱରେ ନୂତନ ବଜାର ମିଳିଛି। ମହାରାଷ୍ଟ୍ରର ଆଦିବାସୀ ଉତ୍ପାଦଗୁଡ଼ିକ ଆଦିବାସୀ କଳାର ସମୃଦ୍ଧିକୁ ପ୍ରତିଫଳିତ କରୁଥିବା ପ୍ୟାକେଜିଂ ମାଧ୍ୟମରେ ପରିଚିତି ପାଇଛନ୍ତି। ଖଦି ଲୋକପ୍ରିୟତା ହାସଲ କରିଛି। ଯେଉଁ କାରିଗରମାନଙ୍କର ହସ୍ତଶିଳ୍ପ ଆମର ପରମ୍ପରାକୁ ଜୀବନ୍ତ ରଖିଛି ସେମାନଙ୍କୁ ଏହା ସମର୍ଥନ କରୁଛି। ଆମର ସ୍ଥାନୀୟ କାରିଗରମାନଙ୍କ ଦ୍ୱାରା ତିଆରି ଉତ୍ପାଦଗୁଡ଼ିକୁ ବାଛି ଭୋକାଲ୍ ଫର୍ ଲୋକାଲ୍‌କୁ ସୁଦୃଢ଼ କରିବା। ଦୀପାବଳି ଏବଂ ଛଠ୍ ପର୍ବ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପର୍ବଗୁଡ଼ିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ପ୍ରୟାସ ଚାଲିଛି। ଆମେ ଯେଉଁଠାରେ ରହିବା ସେଠାରେ ସ୍ୱଚ୍ଛତା ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ।



କୌଣସି ଟାର୍ଗେଟ୍ ଅପହଞ୍ଚ ନୁହେଁ



ପାକିସ୍ତାନକୁ ବାୟୁସେନା ମୁଖ୍ୟଙ୍କ ପରୋକ୍ଷ ଚେତାବନୀ

ନୂଆଦିଲ୍ଲୀ, ୨୫।୧୦: ଅପରେସନ ସିନ୍ଦୂର ସମୟରେ ଭାରତୀୟ ବାୟୁସେନା ପାକିସ୍ତାନ ବିରୋଧରେ ମହାପ୍ରହାର କରି ନିଜର ସାମରିକ କ୍ଷମତା ପ୍ରଦର୍ଶନ କରିଛି ବୋଲି ବାୟୁସେନା ମୁଖ୍ୟ ମାର୍ଶାଲ ଅମର ପ୍ରୀତ ସିଂହ କହିଛନ୍ତି। ଏହା ସହ ସେ ପାକିସ୍ତାନକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇ କହିଛନ୍ତି ଯେ, ପଶ୍ଚିମ ମୋର୍ଚ୍ଚାରେ ଦୀର୍ଘ ୧୨୦୦ କିଲୋମିଟର ଓ ୨୦୦ କିଲୋମିଟର ଆଭ୍ୟନ୍ତର ଅଞ୍ଚଳରେ କରାଯାଇଥିବା ସଠିକ ଆକ୍ରମଣ ପ୍ରମାଣିତ କରିଛି କୌଣସି ଟାର୍ଗେଟ ଭାରତୀୟ ବାୟୁସେନା ପାଇଁ ଅପହଞ୍ଚ ନୁହେଁ। ବାୟୁସେନା ମୁଖ୍ୟ କହିଛନ୍ତି, ଅପରେସନ ସିନ୍ଦୂର ଦେଶର ସୁରକ୍ଷାରେ ବାୟୁସେନାର ଗୁରୁତ୍ୱକୁ ପୁଣି ଥରେ ପ୍ରତିପାଦିତ କରିଛି। ସେ ଏହାକୁ ଭାରତର ପ୍ରତିଶୋଧମୂଳକ ଦକ୍ଷତା ଓ ଶତ୍ରୁକୁ ରଣନୀତିକ ଭାବରେ ପ୍ରତିହତ କରିବାର କ୍ଷମତାର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ବୋଲି କହିଛନ୍ତି।

ଅପରେସନ ସିନ୍ଦୂର ସମୟରେ ଚାରି ଦିନିଆ ସାମରିକ ଅଭିଯାନର ତଦାରଖ କରିଥିବା ବାୟୁସେନା ମୁଖ୍ୟ ମାର୍ଶାଲ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ପ୍ରଣାଳୀର କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଅନେକ ସ୍ୱଦେଶୀ ଭାବରେ ବିକଶିତ ଅସ୍ତ୍ରଶସ୍ତ୍ର ଅପରେସନ ସମୟରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲା ଓ ଶତ୍ରୁର ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ବାଇକ୍‌କୁ ଧକ୍କା ଦେଇ ପୁଅ ନେଲା ଜୀବନ

ନ୍ୟାୟ ମାଗିବାରୁ ବିଚାରପତି ବାପାଙ୍କ ନାଲିଆଖି



ଏର୍ଣ୍ଣାକୁଲମ୍, ୨୫।୧୦: ରବିବାର ଭୋର ସକାଳେ ଜଣେ ବିଚାରପତିଙ୍କ ୧୭ ବର୍ଷୀୟ ନାବାଳକ ପୁଅ ଦ୍ରୁତ ଗତିରେ ବିଳାସପୂର୍ଣ୍ଣ ମର୍ସିଡିଜ୍ ବେଞ୍ଜ କାର୍ ଚଲାଇ ଏକ ବାଇକ୍‌କୁ ପ୍ରଚଣ୍ଡ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ତ୍ରିଶୂର ଜିଲ୍ଲାରେ ଅତିରିକ୍ତ ଜିଲ୍ଲା ନ୍ୟାୟାଧୀଶ ଭାବେ କାର୍ଯ୍ୟରତ ଜଣେ ବିଚାରପତିଙ୍କ ନାବାଳକ ପୁଅ ବାପା-ମାଆଙ୍କୁ ନ ଜଣାଇ ରାତି ପ୍ରାୟ ୨ଟା ୨୦ରେ କାର୍ ଧରି ଭଲ୍ଲାରପଦମରୁ କଲାମାସେରୀ ଅଭିମୁଖେ ବାହାରିଥିଲା। ଚେରାନଲ୍ଲୁରସ୍ଥିତ କଣ୍ଟେନର ରୋଡ୍‌ର ଫୋର୍ଡ ଶୋ’ରୁମ୍ ନିକଟରେ କାର୍‌ଟି ବିପରୀତ ଦିଗରୁ ନିଜ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ଜୟବାଲାକୃଷ୍ଣନଙ୍କ ବାଇକ୍‌କୁ ସାମ୍ନାରୁ ଧକ୍କା ଦେଇଥିଲା। ଚେରାନଲ୍ଲୁର ସାଉଥ୍ ଚିତ୍ତୁରର ବାସିନ୍ଦା ଜୟବାଲାକୃଷ୍ଣନଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ତେବେ ଏହି ଘଟଣାରେ ଜଜ୍‌ଙ୍କ ଆଚରଣକୁ ନେଇ ବିବାଦ ସୃଷ୍ଟି ହୋଇଛି। ନାବାଳକ ପୁଅକୁ କାର୍ ଚଲାଇବାକୁ ଦେବା ଓ ଅଭିଭାବକଙ୍କ ଦାୟିତ୍ୱହୀନତା ଉପରେ ପରିବାର ଲୋକେ ପ୍ରଶ୍ନ ଉଠାଇବାରୁ ଜଜ୍ ମହୋଦୟ ସେମାନଙ୍କ ଉପରେ କ୍ଷୁବ୍ଧ ହୋଇ ‘ମୋତେ ଆଇନର ପାଠ ପଢ଼ାଅ ନାହିଁ’ ବୋଲି କହି ନାଲିଆଖି ଦେଖାଇଛନ୍ତି।

ଭୂମିକମ୍ପରେ ପୁଣି ଥରିଲା ଜାପାନ



ନୂଆଦିଲ୍ଲୀ, ୨୫।୧୦: ଜାପାନରେ ପୁଣି ଏକ ଜୋରଦାର ଭୂମିକମ୍ପର ଝଟକା ଅନୁଭୂତ ହୋଇଛି। ଦେଶର ବୋନିନ୍ ଦ୍ୱୀପ ଶନିବାର ରାତିରେ ଏହି ଘଟଣା ଘଟିଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୩ ରେକର୍ଡ ହୋଇଛି। ତେବେ ଆଇଲ୍ୟାଣ୍ଡ୍ ନ୍ୟୁଜ୍ ଭୂମିକମ୍ପର ତୀବ୍ରତା ୭ ବୋଲି କହିଛି। ରିପୋର୍ଟ ଅନୁସାରେ, ଭାରତୀୟ ସମୟ ଅନୁସାରେ ଶନିବାର ରାତିରେ ବୋନିନ ଦ୍ୱୀପରେ ଝଟକା ଲାଗିଛି। କିଛି ଦିନ ପୂର୍ବରୁ ଜାପାନରେ ଆଉ ଏକ ଭୂମିକମ୍ପ ହୋଇଥିଲା। ତେବେ ଶନିବାର ଭୂମିକମ୍ପରେ ଭୟର ମାହୋଲ ଖେଳି ଯାଇଛି। ତେବେ ଏଥିରେ କ’ଣ କ୍ଷୟକ୍ଷତି ହୋଇଛି ସେନେଇ କିଛି ତଥ୍ୟ ମିଳିନାହିଁ। ସୁନାମି ନେଇ ମଧ୍ୟ ଆଲର୍ଟ ଜାରି କରିନି ପାଣିପାଗ ବିଭାଗ। ଅନ୍ୟଦିଗରେ ଝଟକା ଲାଗିବା ପରେ ଲୋକେ ଘରୁ ବାହାରି ଆସିଥିଲେ। ଏହା ପୂର୍ବରୁ ଶନିବାର ବାନୁଆତୁ ଦ୍ୱୀପରେ ବଡ ଧରଣର ଭୂମିକମ୍ପ ଆସିଥିଲା। ରିକ୍ଟର ସ୍କେଲରେ ଏହାର ତୀର୍ବତା ୭.୧ ରହିଥିଲା। ସକାଳ ୮ଟା ୧ ମିନିଟରେ ଏହି ଦ୍ୱୀପ ହଠାତ ଥରି ଉଠିଥିଲା।

ୟୁକ୍ରେନ ଷ୍ଟାରଲିଙ୍କର ଅପବ୍ୟବହାର କରିଛି

ମସ୍କଙ୍କ ଅଭିଯୋଗ ନେଇ ଆଲୋଡ଼ନ



କିଭ, ୨୫।୧୦: ସ୍ପେସଏକ୍ସ ମୁଖ୍ୟ ଏଲନ ମସ୍କ ଦାବି କରିଛନ୍ତି ଯେ, ୟୁକ୍ରେନୀୟ ସେନା ଷ୍ଟାରଲିଙ୍କକୁ ବ୍ୟବହାର କରି ଲୋକଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଡ୍ରୋନ୍ ଆକ୍ରମଣ କରୁଛି। ମସ୍କଙ୍କ ଅନୁଯାୟୀ, ଷ୍ଟାରଲିଙ୍କ ଏକ ବାଣିଜ୍ୟିକ ସେବା। ତେଣୁ ଏପରି ଆକ୍ରମଣ ପାଇଁ ଏହାକୁ ବ୍ୟବହାର କରାଯିବା ଉଚିତ୍ ନୁହେଁ। ତେବେ ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ରୁଷ ସହିତ ଯୁଦ୍ଧରେ ୟୁକ୍ରେନର ପ୍ରତିରକ୍ଷା ପାଇଁ ଷ୍ଟାରଲିଙ୍କ ଅତ୍ୟାବଶ୍ୟକ। ମସ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ନିଜର ମତ ପ୍ରକାଶ କରି କହିଛନ୍ତି, ଷ୍ଟାରଲିଙ୍କ ବ୍ୟକ୍ତି ଓ ପ୍ରତିଷ୍ଠାନର ଯୋଗାଯୋଗ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଏହାକୁ ଆକ୍ରମଣାତ୍ମକ ଡ୍ରୋନ୍ ଆକ୍ରମଣ ପାଇଁ ବ୍ୟବହାର କରିବା ଉପଯୁକ୍ତ ନୁହେଁ। ୟୁକ୍ରେନୀୟ ସେନା ସେବାର ସର୍ତ୍ତାବଳୀ ଉଲ୍ଲଂଘନ କରିଛି ଏବଂ ଲୋକଙ୍କୁ ହତ୍ୟା କରିବା ପାଇଁ ଏହାକୁ ବ୍ୟବହାର କରିଛି। ମସ୍କ ଦାବି କରିଛନ୍ତି, ଏହି ତ୍ରୁଟି ଗତ ସପ୍ତାହରେ ସମାଧାନ କରାଯାଇଛି।

ଫ୍ଲୋରିଡା ବିଶ୍ୱବିଦ୍ୟାଳୟ ନିକଟରେ ଗୁଳିକାଣ୍ଡ

୬ ନାବାଳକଙ୍କ ସମେତ ୧୨ ଆହତ



ୱାଶିଂଟନ, ୨୫।୧୦: ଆମେରିକାରେ ବନ୍ଧୁକ ସଂସ୍କୃତି ଯୋଗୁଁ ଗୁଳିକାଣ୍ଡ ଘଟଣା ବନ୍ଦ ହେବାର ନା ଧରୁନି। ସମ୍ପ୍ରତି ଫ୍ଲୋରିଡାର ତାଲାହାସିରେ ଥିବା ଫ୍ଲୋରିଡା ଏ ଆଣ୍ଡ ଏମ୍ ବିଶ୍ୱବିଦ୍ୟାଳୟର ବ୍ରାଗ୍ ଷ୍ଟାଡିୟମ ନିକଟରେ ଗୁଳିକାଣ୍ଡ ଘଟିଛି। ଗୁଳିକାଣ୍ଡରେ ୬ ଜଣ ନାବାଳକଙ୍କ ସମେତ ୧୨ ଜଣ ଆହତ ହୋଇଛନ୍ତି। ରାତିରେ ପେରି ଏବଂ ମାନାଟି ରାସ୍ତାର ଛକ ନିକଟରେ ଏହି ଘଟଣା ଘଟିଛି। ତାଲାହାସି ପୁଲିସ ରିପୋର୍ଟ କରିଛି, ରାତି ସାଢ଼େ ୧୧ଟା ସୁଦ୍ଧା ଗୁଳିକାଣ୍ଡରେ ଆହତ ହୋଇଥିବା ଲୋକଙ୍କ ମଧ୍ୟରୁ ତିନି ଜଣଙ୍କ ଅବସ୍ଥା ଗୁରୁତର ଥିଲା। ତେବେ ଅନ୍ୟ ନଅ ଜଣଙ୍କ ଅବସ୍ଥା ସ୍ଥିର ଥିଲା। ସରକାରୀ ବିବୃତି ଅନୁଯାୟୀ ଆହତଙ୍କ ମଧ୍ୟରେ ଛଅ ଜଣ ବୟସ୍କ ଓ ଛଅ ଜଣ ନାବାଳକ ଅଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଗୁଳିକାଣ୍ଡ ପୂର୍ବରୁ ଏକ ଝଗଡ଼ା ହୋଇଥିଲା। ଘଟଣା ପାଇଁ କିଏ ଦାୟୀ ତାହା ଜାଣିବା ପାଇଁ ପୁଲିସ ଛାନଭିନ୍ ଜାରି ରଖିଛି। ତାଲାହାସି ପୁଲିସ ମୁଖ୍ୟ ଲରେନ୍ସ ରେଭେଲ୍ ଆହତମାନଙ୍କୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି।

ନ୍ୟାୟପାଳିକାକୁ ନିଜ ହାତରେ ରଖିଛନ୍ତି ମୋଦି



ଜଷ୍ଟିସ୍ କୌଲଙ୍କ ବହିକୁ ନେଇ ସରକାରକୁ ଘେରିଲା କଂଗ୍ରେସ

ନୂଆଦିଲ୍ଲୀ, ୨୫।୧୦: ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୟ କିଶନ କୌଲଙ୍କ ଆଗାମୀ ପୁସ୍ତକ ‘ୱିଦାଉଟ୍ ଫିଅର୍ ଅର୍ ଫେଭର୍’ର କିଛି ଅଂଶ ଉଦ୍ଧାର କରି କଂଗ୍ରେସ ରବିବାର ମୋଦି ସରକାରଙ୍କ ଉପରେ ତୀବ୍ର ଆକ୍ରମଣ କରିଛି। କଂଗ୍ରେସ କହିଛି ଯେ, ନ୍ୟାୟିକ ନିଯୁକ୍ତିରେ ସରକାରଙ୍କ ହସ୍ତକ୍ଷେପ ଓ ମାମଲା ବଣ୍ଟନରେ ହସ୍ତକ୍ଷେପର ଦାବି ନ୍ୟାୟପାଳିକାର ସ୍ୱାଧୀନତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥାଏ। କଂଗ୍ରେସ କହିଛି ଯେ, ସମ୍ବିଧାନକୁ ସୁରକ୍ଷା ଦେବା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା କ୍ଷମତାରେ ଥିବା ଲୋକଙ୍କ ଚାପରୁ ସମ୍ପୂର୍ଣ୍ଣ ମୁକ୍ତ ରହିବା ଉଚିତ। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଗଣମାଧ୍ୟମ ରିପୋର୍ଟ ଉଦ୍ଧାର କରି କହିଛନ୍ତି, ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ନ୍ୟାୟିକ ନିଯୁକ୍ତି କ୍ଷେତ୍ରରେ ସରକାରଙ୍କ ପ୍ରତି ଅତ୍ୟଧିକ ବଶମ୍ବଦ ଥିଲେ। ରମେଶ କହିଛନ୍ତି ଯେ, ଜଷ୍ଟିସ କୌଲ ଅନେକ ଚିନ୍ତାଜନକ ଘଟଣା ଉପରେ ଆଲୋକପାତ କରିଛନ୍ତି, ଯେଉଁଥିରେ ନ୍ୟାୟିକ ନିଯୁକ୍ତିରେ ସରକାରଙ୍କ ହସ୍ତକ୍ଷେପ, କଲେଜିୟମ ବୈଠକ ପୂର୍ବରୁ ସରକାରୀ ଅନୁମୋଦନ ହାସଲ କରିବାର ପ୍ରୟାସ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ବିଚାରପତିଙ୍କ ଜାତି ବିଷୟରେ ସରକାରଙ୍କ ପ୍ରଶ୍ନ ସାମିଲ ଅଛି।

ସଫ୍ଟୱେର୍ ତଥ୍ୟ ଦେବାକୁ ମନାକଲେ ଇସି

କହିଲେ, ଏହା ଆରଟିଆଇ ପରିସରରୁ ମୁକ୍ତ

ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ ପାଇଁ ପରାମର୍ଶ



ନୂଆଦିଲ୍ଲୀ, ୨୫।୧୦: ଭାରତୀୟ ନିର୍ବାଚନ କମିସନ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ପ୍ରକ୍ରିୟା ସମୟରେ ଭୋଟର ତାଲିକାରେ ତ୍ରୁଟି ଓ ଅନିୟମିତତା ଚିହ୍ନଟ କରିବା ପାଇଁ ବ୍ୟବହୃତ ସଫ୍ଟୱେର୍‌ର ନାମ ଓ ବିବରଣୀ ପ୍ରକାଶ କରିବାକୁ ମନା କରିଦେଇଛନ୍ତି। କମିସନ କହିଛନ୍ତି ଯେ, ଏହି ସୂଚନା ଗୁପ୍ତ ଟ୍ରେଡ୍ ସିକ୍ରେଟ ଓ ବୌଦ୍ଧିକ ସମ୍ପତ୍ତି ସହିତ ଜଡିତ। ସୂଚନା ଅଧିକାର (ଆରଟିଆଇ) ଆଇନ ପରିସରରୁ ଏହାକୁ ମୁକ୍ତ କରାଯାଇଛି। ତେବେ ଏସଆଇଆର ପ୍ରକ୍ରିୟା ପାଇଁ କୌଣସି ନୂତନ ସଫ୍ଟୱେର୍ ବିକଶିତ କରାଯାଇ ନାହିଁ କି କିଣାଯାଇ ନାହିଁ ବୋଲି ସେ କହିଛନ୍ତି। ତେଲେଙ୍ଗାନାର କରିମ୍‌ନଗର ନିବାସୀ ସାମାଜିକ କର୍ମୀ ଏମ୍.ଏ. ମୁଜିବ ଆୟୁବଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ସୂଚନା ଅଧିକାର ଆବେଦନର ଉତ୍ତରରେ ଏଭଳି କୁହାଯାଇଛି। ଭୋଟର ତଥ୍ୟରେ ତ୍ରୁଟି କିମ୍ବା ବିସଙ୍ଗତି ଚିହ୍ନଟ କରିବା ପାଇଁ ବ୍ୟବହୃତ ସଫ୍ଟୱେର୍, ଆପ୍ଲିକେସନ୍ କିମ୍ବା ଏଆଇ ପ୍ଲାଟଫର୍ମର ନାମ ଓ ବିବରଣୀ ଆୟୁବ ମାଗିଥିଲେ।

ଏହାର ଉତ୍ତର ଦେଇ ପୂର୍ବତନ ମୁଖ୍ୟ ନିର୍ବାଚନ କମିସନର ଓ.ପି. ରାୱତ କହିଛନ୍ତି ଯେ, ସାମାଜିକ କର୍ମୀ ଏକ ଅପିଲ୍ ଦାୟର କରିବା ଉଚିତ। ଏହା ଏକ ଆଇନଗତ ମାମଲା। ନିର୍ବାଚନ କମିସନ ଯେଉଁ ପ୍ରଶ୍ନଗୁଡ଼ିକୁ ଏଡ଼ାଉଛନ୍ତି ତାହାର ଉତ୍ତର ପାଇବା ପାଇଁ ଆବେଦନକାରୀ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବା ଆବଶ୍ୟକ।

ଷ୍ଟିଙ୍ଗ ଅପରେସନକୁ ବଢ଼ିଲା ବିବାଦ

ମୁହାଁମୁହିଁ ହେଲେ ଶିବକୁମାର ଓ ସିଦ୍ଦରମୈୟା



ବେଙ୍ଗାଲୁରୁ, ୨୫।୧୦: କର୍ଣ୍ଣାଟକ ରାଜନୀତିରେ ଷ୍ଟିଙ୍ଗ ଅପରେସନ ଚର୍ଚ୍ଚାର ବିଷୟ ପାଲଟିଛି। ଷ୍ଟିଙ୍ଗ ଅପରେସନକୁ ନେଇ ପରୋକ୍ଷରେ ମୁହାଁମୁହିଁ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ଶିବକୁମାର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା। ସିଦ୍ଦରମୈୟାଙ୍କୁ ନେଇ ଏହି ଷ୍ଟିଙ୍ଗ ଅପରେସନ ହୋଇଥିବା କୁହାଯାଉଛି। କିନ୍ତୁ ଏହାକୁ ଫେକ୍ ବୋଲି କହିଛନ୍ତି ଶିବକୁମାରଙ୍କ କ୍ୟାବିନେଟ ମନ୍ତ୍ରୀ ତଥା ସିଦ୍ଦରମୈୟାଙ୍କ ପୁଅ ଯତୀନ୍ଦ୍ର। ତାଙ୍କ କହିବା କଥା ବାପାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ପାଇଁ ଏମିତି ହୀନ ପ୍ରୟାସ କରାଯାଉଛି। ସେ ଏହା ମଧ୍ୟ କହିଛନ୍ତି ଯେ, ୨୦୨୩ରେ ‘ପାୱାର ଟିଭି’ର ଏମଡି ରାକେଶ ସେଟ୍ଟୀଙ୍କ ଦ୍ୱାରା ପ୍ରସ୍ତୁତ ଏହି କଥିତ ଷ୍ଟିଙ୍ଗ ଅପରେସନ ପଛରେ କିଛି କଂଗ୍ରେସ ନେତାଙ୍କ ମଧ୍ୟ ହାତ ରହିଛି।

ଶିବକୁମାରଙ୍କ ଘନିଷ୍ଠ କୁହାଯାଉଥିବା ରାକେଶ ସେଟ୍ଟୀଙ୍କୁ ବେଙ୍ଗାଲୁରୁର ଏକ ସ୍ଥାନୀୟ ଅଦାଲତରୁ ଅନ୍ତରୀଣ ଜାମିନ ମିଳିଛି। କିଛି କଂଗ୍ରେସ୍ କର୍ମୀ ଓ ନେତା ସେଟ୍ଟୀଙ୍କ ସହ ସଂପୃକ୍ତ ଥିବା ଯତୀନ୍ଦ୍ର ଅଭିଯୋଗ କରିଛନ୍ତି। ସେ ଜଣେ ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ଆଡ଼କୁ ଇସାରା କରି ଦାବି କରିଛନ୍ତି ଯେ, ମହିଳା ଜଣକ ୨୦୨୩ ବିଧାନସଭା ନିର୍ବାଚନରେ ପୁତ୍ତୁର ସିଟରୁ ଟିକେଟ୍ ଚାହୁଁଥିଲେ। ହେଲେ ଟିକେଟ୍ ନ ମିଳିବାରୁ ବାପା ସିଦ୍ଦରମୈୟାଙ୍କ ବିରୋଧରେ ଏମିତି ଷଡ଼ଯନ୍ତ୍ର ରଚା ଯାଇଛି।

ଯତୀନ୍ଦ୍ର କହିଛନ୍ତି, ଏହି ଘଟଣାରେ ତାଙ୍କ ଚରିତ୍ରକୁ ମଳିନ କରାଯାଇଛି। ୪୦ ବର୍ଷର ସାର୍ବଜନୀନ ଜୀବନରେ ବାପାଙ୍କ ଉପରେ କୌଣସି ଦାଗ ଲାଗି ନାହିଁ। କିନ୍ତୁ ତାଙ୍କ ରାଜନୈତିକ ଜୀବନର ଶେଷ ପାହାଚରେ ଏମିତି ଅଭାବନୀୟ ଘଟଣା ଘଟିଛି।

ଦିଲ୍ଲୀ ବାହାରେ ଆନ୍ଦୋଳନ ପାଇଁ ଦାବିକଲା ବ୍ୟବସାୟୀ ସଂଘ

ନୂଆଦିଲ୍ଲୀ, ୨୫।୧୦: ଦିଲ୍ଲୀରେ ବାରମ୍ବାର ଧାରଣା, ବିକ୍ଷୋଭ ଓ ରାଲି ଯୋଗୁଁ ବ୍ୟବସାୟିକ କାର୍ଯ୍ୟକଳାପ ପ୍ରଭାବିତ ହେଉଥିବାରୁ ସହରର ବାହାର ଅଞ୍ଚଳରେ ଆନ୍ଦୋଳନ ପାଇଁ ସ୍ଥାୟୀ ସ୍ଥାନ ନିର୍ଦ୍ଧାରଣ କରିବାକୁ ସରକାରଙ୍କୁ ଦାବି କରିଛି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି)। ଏହି ଦାବିକୁ ଜନସମର୍ଥନ ଦେବା ପାଇଁ ଦିଲ୍ଲୀର ବିଭିନ୍ନ ବ୍ୟବସାୟୀ ସଂଗଠନ ମିଳିତ ଭାବେ ଅକ୍ଟୋବର ୨୫ରୁ ଏକ ଅନଲାଇନ୍ ଆବେଦନ ଅଭିଯାନ ଆରମ୍ଭ କରିଛନ୍ତି। ଏହି ପ୍ରସଙ୍ଗରେ ଆଲୋଚନା ଓ ପରବର୍ତ୍ତୀ ରଣନୀତି ପ୍ରସ୍ତୁତି ପାଇଁ ସିଏଆଇଟି ଅକ୍ଟୋବର ୨୬ରେ ଦିଲ୍ଲୀର ବିଭିନ୍ନ ବ୍ୟବସାୟୀ ସଂଗଠନର ପ୍ରତିନିଧିଙ୍କୁ ନେଇ ଏକ ଅନଲାଇନ୍ ବୈଠକ ଡାକିଛି। ସିଏଆଇଟି ଅନୁଯାୟୀ, ଦିଲ୍ଲୀର ପ୍ରମୁଖ ବଜାର ଅଞ୍ଚଳରେ ବାରମ୍ବାର ଆନ୍ଦୋଳନ ହେବା ଫଳରେ ଗ୍ରାହକଙ୍କ ଯାତାୟାତ, ପରିବହନ, ସାମଗ୍ରୀ ପହଞ୍ଚାଇବା ଓ ଦୈନନ୍ଦିନ ବ୍ୟବସାୟ ବାଧାପ୍ରାପ୍ତ ହେଉଛି। ଏହାର ସବୁଠାରୁ ଅଧିକ ପ୍ରଭାବ ଛୋଟ ବ୍ୟବସାୟୀ, ରାସ୍ତାକଡ଼ ବିକ୍ରେତା, ଦୈନିକ ମଜୁରିଆ ଓ ସେବା ପ୍ରଦାନକାରୀଙ୍କ ଉପରେ ପଡୁଛି।

ଚିଜକେକ୍ କାରଖାନା ଭଳି ଲାଗୁଛି ହ୍ୱାଇଟ୍ ହାଉସ୍



ୱାଶିଂଟନ, ୨୫।୧୦: ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ମଧ୍ୟରେ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଡୋନାଲ୍ଡ ଟ୍ରମ୍ପଙ୍କୁ କଡ଼ା ସମାଲୋଚନା କରିଛନ୍ତି। ହ୍ୱାଇଟ୍ ହାଉସରେ ହେଉଥିବା ନବୀକରଣ ଉପରେ କଟାକ୍ଷ କରି ଓବାମା କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ ହ୍ୱାଇଟ୍ ହାଉସକୁ ଏଭଳି କରିଦେଇଛନ୍ତି ସତେ ଯେପରି ଲାଗୁଛି ପୂର୍ବତନ ଇରାକୀ ରାଷ୍ଟ୍ରପତି ସଦ୍ଦାମ ହୁସେନ ସେଠାରେ ଏକ ଚିଜକେକ୍ କାରଖାନା ଖୋଲିଛନ୍ତି। ଓବାମା ଓହାୟୋରେ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀଙ୍କ ନିର୍ବାଚନ ରାଲିକୁ ସମ୍ବୋଧିତ କରିବା ସମୟରେ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଓବାମା କହିଛନ୍ତି, ବର୍ତ୍ତମାନର ରାଷ୍ଟ୍ରପତି ହୋମ୍ ଇମ୍ପ୍ରୁଭମେଣ୍ଟ ଚ୍ୟାନେଲ୍‌ରେ ରହିବା ଉଚିତ। ଓବାମା କହିଛନ୍ତି, ସେ ଏକ ବଲରୁମ୍ ନିର୍ମାଣ କରୁଛନ୍ତି ଯାହା ହ୍ୱାଇଟ୍ ହାଉସ୍ ଠାରୁ ବଡ଼। ସେ ରୋଜ୍ ଗାର୍ଡେନ୍ ହଟାଇ ଦେଇଛନ୍ତି, ଦକ୍ଷିଣ ଲନ୍ ଉପରେ ଏକ ହେଲିକପ୍ଟର ପ୍ୟାଡ୍ ତିଆରି କରିଛନ୍ତି। ଡେମୋକ୍ରାଟିକ୍ ପାର୍ଟିର ନେତା ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ପ୍ରଚାର କରି ଏଭଳି କଟାକ୍ଷ କରିଛନ୍ତି। ସୂଚନାଯୋଗ୍ୟ, ଓବାମା ୨୦୦୯ ରୁ ୨୦୧୭ ପର୍ଯ୍ୟନ୍ତ ଆମେରିକାର ରାଷ୍ଟ୍ରପତି ଥିଲେ।

ମୃତ୍ୟୁମୁଖରେ ଐତିହାସିକ ପ୍ୟାରିସ୍ ଚୁକ୍ତି

ବିଶ୍ୱ ତାପମାତ୍ରା ୨.୮ ଡିଗ୍ରୀ ବୃଦ୍ଧି ଆଶଙ୍କା

ନୂଆଦିଲ୍ଲୀ, ୨୫।୧୦: ବିଶ୍ୱକୁ ମହାବିପତ୍ତିରୁ ରକ୍ଷା କରିବା ପାଇଁ ୨୦୧୫ ମସିହାରେ ସ୍ୱାକ୍ଷରିତ ହୋଇଥିବା ଐତିହାସିକ ପ୍ୟାରିସ୍ ଜଳବାୟୁ ଚୁକ୍ତି ଆଜି ସମ୍ପୂର୍ଣ୍ଣ ମୃତ୍ୟୁମୁଖୀ। ବିଶ୍ୱ ଉତ୍ତାପ ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବାର ପ୍ରତିଶ୍ରୁତି ବାସ୍ତବତାରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଛି। ମାସିକ ସଦ୍ୟତମ ସଂଯୁକ୍ତ ରାଷ୍ଟ୍ର ପରିବେଶ କାର୍ଯ୍ୟକ୍ରମ ଅର୍ଥାତ୍ ୟୁଏନ୍‌ଇପିର ‘ଏମିସନ୍ ଗ୍ୟାପ୍ ରିପୋର୍ଟ ୨୦୨୬’ ଏକ ବିସ୍ଫୋରକ ସୂଚନା ଦେଇ ଚେତାବନୀ ଦେଇଛି ଯେ, ୧.୫ ଡିଗ୍ରୀ ଉତ୍ତାପର ସୀମାରେଖା ଅତିକ୍ରମ କରିବା ଏବେ ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ ହୋଇପଡ଼ିଛି। ମାନବସମାଜ ଆଗରେ ଏବେ କେବଳ ଗୋଟିଏ ବିକଳ୍ପ ରହିଛି। ଆଉ ତାହା ହେଉଛି ଶତାବ୍ଦୀର ଶେଷ ସୁଦ୍ଧା ସୀମା ଟପିଥିବା ଉତ୍ତାପକୁ କିପରି ହ୍ରାସ କରାଯାଇପାରିବ।

ୟୁଏନ୍‌ଇପିର ସୂଚନା ଅନୁଯାୟୀ, ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ପୃଥିବୀର ତାପମାତ୍ରା ୧.୭ ରୁ ୧.୮ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ୨୧୦୦ ମସିହା ସୁଦ୍ଧା ଏହାକୁ ୧.୫ ଡିଗ୍ରୀକୁ ଫେରାଇ ଆଣିବାକୁ ହେଲେ ୨୦୨୫ର ସ୍ତର ତୁଳନାରେ ବିଶ୍ୱ ଜୈବ ଗ୍ୟାସ୍ ଉତ୍ସର୍ଜନ ୨୦୩୦ ସୁଦ୍ଧା ୧୮ ପ୍ରତିଶତ, ୨୦୩୫ ସୁଦ୍ଧା ୪୫ ପ୍ରତିଶତ ଓ ୨୦୪୦ ସୁଦ୍ଧା ୬୯ ପ୍ରତିଶତ ହ୍ରାସ କରିବାକୁ ପଡ଼ିବ। ତେବେ ବର୍ତ୍ତମାନର ସରକାରୀ ନୀତି ଚାଲୁ ରହିଲେ ୨୧୦୦ ସୁଦ୍ଧା ବିଶ୍ୱ ଉତ୍ତାପ ୨.୮ ଡିଗ୍ରୀ ବୃଦ୍ଧି ପାଇବ। ଯଦି ସମସ୍ତ ଦେଶ ନିଜ ନିଜ ପ୍ରତିଶ୍ରୁତି ପୂରଣ କରନ୍ତି, ତଥାପି ତାପମାତ୍ରା ୨.୬ ଡିଗ୍ରୀ ବଢ଼ିବା ସୁନିଶ୍ଚିତ। ବର୍ତ୍ତମାନର ପଦକ୍ଷେପ ଅନୁଯାୟୀ, ୨୦୩୦ ସୁଦ୍ଧା ମାତ୍ର ୫ ରୁ ୮ ପ୍ରତିଶତ ଓ ୨୦୩୫ ସୁଦ୍ଧା ୧୧ ରୁ ୧୫ ପ୍ରତିଶତ ଉତ୍ସର୍ଜନ କମାଯାଇପାରିବ, ଯାହା ଅତ୍ୟନ୍ତ ନିରାଶାଜନକ।



କଠିନ ଆହ୍ୱାନର ସାମ୍ନା କରୁଛି ଭାରତ

ବିଶ୍ୱର ତୃତୀୟ ବୃହତ୍ତମ ପ୍ରଦୂଷଣକାରୀ ଦେଶ ଭାବେ ଭାରତ ସମ୍ମୁଖରେ ଏବେ ବିରାଟ ଚ୍ୟାଲେଞ୍ଜ ରହିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ପ୍ରଳୟଙ୍କରୀ ବନ୍ୟାର ସାମ୍ନା କରୁଥିବା ଭାରତ ପାଇଁ ତାପମାତ୍ରାର ପ୍ରତିଟି ଭାଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୨୫ ମସିହାରେ ଭାରତ ପ୍ରାୟ ୪.୫ ବିଲିୟନ୍ ଟନ୍ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗତ କରିଥିବାବେଳେ ଚୀନ୍ ୧୬.୧ ବିଲିୟନ୍ ଟନ୍ ଓ ଆମେରିକା ୬ ବିଲିୟନ୍ ଟନ୍ ଗ୍ୟାସ୍ ନିର୍ଗତ କରିଛନ୍ତି। ଭାରତର ମୁଣ୍ଡପିଛା ଉତ୍ସର୍ଜନ ମାତ୍ର ୩.୧ ଟନ୍ ରହିଛି, ଯାହା ବିଶ୍ୱର ହାରାହାରି ୬.୪ ଟନ୍ ତୁଳନାରେ ବହୁତ କମ୍ ଅଟେ। ଏହି କ୍ଷେତ୍ରରେ ଚୀନ୍ ୧୧.୪ ଟନ୍ ଏବଂ ଆମେରିକା ୧୭.୬ ଟନ୍‌ରେ ରହିଛନ୍ତି।

୨୦୨୬ ସେପ୍ଟେମ୍ବର ସୂଚନା ଅନୁଯାୟୀ, ଭାରତ ନିଜର ନୀତି ବଳରେ ଉତ୍ସର୍ଜନ ତୀବ୍ରତାକୁ ୫୪ ରୁ ୬୦ ପ୍ରତିଶତ ହ୍ରାସ କରିବା ସହ ଅଣ-ଜୀବାଶ୍ମ ସ୍ରୋତକୁ ୬୯ ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରେ। ପ୍ୟାରିସ୍ ଚୁକ୍ତି ଭୁଶୁଡ଼ିବା ଆଶଙ୍କା ମଧ୍ୟରେ ଭାରତ ନିଜର ଶକ୍ତି ଆବଶ୍ୟକତା ପୂରଣ ସହ ବାୟୁମଣ୍ଡଳକୁ ବଞ୍ଚାଇବା ପାଇଁ ଏକ କଠିନ ଆହ୍ୱାନର ସାମ୍ନା କରୁଛି।

ଅପରେସନ୍ ଟ୍ରାଇଡେଣ୍ଟ — ୩ ରାଜ୍ୟର ୩୮ ସ୍ଥାନରେ ଏନ୍‌ସିବିର ଚଢ଼ାଉ

୨୦୨୯ ସୁଦ୍ଧା ନିଶା ନେଟୱର୍କ ମୂଳପୋଛ ପାଇଁ ସଂକଳ୍ପ

ନୂଆଦିଲ୍ଲୀ, ୨୫।୧୦: ନିଶାଦ୍ରବ୍ୟ ବିରୋଧରେ ମୋଦି ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ 'ଅପରେସନ୍ ଟ୍ରାଇଡେଣ୍ଟ' ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଆସାମ, ମିଜୋରାମ ଓ ମଣିପୁରର ୩୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ ପାଇଁ ୩୮ଟି ଟିମ୍ ନିୟୋଜିତ ହୋଇଛନ୍ତି। ସୀମାପାର ନିଶାଦ୍ରବ୍ୟ ଚାଲାଣ ଓ ଏହା ସହ ଜଡ଼ିତ ଆର୍ଥିକ ନେଟୱର୍କକୁ ମୂଳପୋଛ କରିବା ଲକ୍ଷ୍ୟରେ ତିନିଟି ରାଜ୍ୟରେ ଏହି ବ୍ୟାପକ ବହୁ-ସଂସ୍ଥାଗତ ଅଭିଯାନ ଆରମ୍ଭ ହୋଇଛି। ନିଶା ନିୟନ୍ତ୍ରଣ ସମ୍ପର୍କିତ ଭିଜନ୍ ଡକ୍ୟୁମେଣ୍ଟ (୨୦୨୬-୨୦୨୯) ଅନୁରୂପ ଏହି ଅଭିଯାନ କେବଳ ନିଶାଦ୍ରବ୍ୟ ଜବତ କରିବାରେ ସୀମିତ ନ ରହି ଏହା ପଛରେ ସକ୍ରିୟ ଥିବା ଅନ୍ତର୍ଜାତୀୟ



ଚାଲାଣକାରୀ ନେଟୱର୍କ ଏବଂ ସେମାନଙ୍କ ଆର୍ଥିକ କାରବାରକୁ ଚିହ୍ନଟ କରି ଧ୍ୱଂସ କରିବା ଉପରେ ଗୁରୁତ୍ୱ ଦେଉଛି। ଏହା ନିଶା ନିୟନ୍ତ୍ରଣ କ୍ଷେତ୍ରରେ ନିଶାଦ୍ରବ୍ୟ ଜବତକୁ କେନ୍ଦ୍ର କରିଥିବା ପାରମ୍ପରିକ ରଣନୀତିରୁ ନେଟୱର୍କ ଚିହ୍ନଟ ଓ ଆର୍ଥିକ ନେଟୱର୍କକୁ ଅଚଳ କରିବା ଆଧାରିତ ରଣନୀତି ଆଡ଼କୁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି।

ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, 'ନିଶାଦ୍ରବ୍ୟ ବିରୁଦ୍ଧରେ ମୋଦି ସରକାରଙ୍କ ମାରାତ୍ମକ ଆକ୍ରମଣ ଜାରି ରହିଛି। ଆମର ଏଜେନ୍ସିମାନେ ଅକ୍ଟୋବର ୨୩ ରେ ଆସାମ, ମିଜୋରାମ ଏବଂ ମଣିପୁରର ୩୮ ଟି ସ୍ଥାନରେ ଏକ ଅନ୍ତର୍ଜାତୀୟ ନାର୍କୋ-କାର୍ଟେଲକୁ ଧ୍ୱଂସ କରି ଏକକାଳୀନ ଦମନ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅପରେସନରେ ୧୦୦ କୋଟି ମୂଲ୍ୟର ହାୱାଲା କାରବାର, ୧, ୪୨୪ କୋଟି ବ୍ୟାଙ୍କ ଆକାଉଣ୍ଟକୁ ଅଚଳ, ୧୭.୮୨ କୋଟି ମୂଲ୍ୟର ସମ୍ପତ୍ତି ଜବତ, ୫୦୦ ଡେଟୋନେଟର ଏବଂ ୧୨ ଲକ୍ଷ ନଗଦ ଜବତ ସହିତ ୧୮ ଜଣଙ୍କୁ ଗିରଫ କରାଯାଇଥିଲା।

ଏହି ନେଟୱାର୍କ ଡେଥ୍ ଟ୍ରାଏଙ୍ଗଲ କରିଡର ଜରିଆରେ ଭାରତ, ମିଆଁମାର ଏବଂ ବାଂଲାଦେଶ ସୀମା ଦେଇ ନିଶାଦ୍ରବ୍ୟ କାରବାର କରୁଥିଲା। ଏହି କାର୍ଯ୍ୟାନୁଷ୍ଠାନ ୨୦୨୯ ଡିସେମ୍ବର ୩୧ ସୁଦ୍ଧା ପ୍ରତ୍ୟେକ ନିଶାଦ୍ରବ୍ୟ ନେଟୱାର୍କକୁ ଧ୍ୱଂସ କରିବାର ଲକ୍ଷ୍ୟକୁ ସାକାର କରିବା ପାଇଁ ଭାରତର ହିମାଳୟ ଭଳି ସଂକଳ୍ପକୁ ପ୍ରମାଣିତ କରେ। ଡ୍ରଗ କାର୍ଟେଲର କଫିନରେ ଶେଷ କଣ୍ଟା ପିଟିବା ପର୍ଯ୍ୟନ୍ତ ଭାରତ ହାତୁଡ଼ି ମାରିବା ଜାରି ରଖିବ।

● କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା

ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଆଇଜି



କେନ୍ଦ୍ରାପଡ଼ା,୨୫।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ଡଃ ସତ୍ୟଜିତ ନାୟକ। ପୂଜାକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ୬୮ଟି ମେଢ଼ ଓ ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପୂଜା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସମସ୍ତ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ଡଃ ନାୟକ ଜନସାଧାରଣ, ପୂଜା କମିଟି ଓ ଶ୍ରଦ୍ଧାଳୁମାନଙ୍କୁ ପୋଲିସ ପ୍ରଶାସନକୁ ସହଯୋଗ କରିବା ସହ ସୁରକ୍ଷା ନିୟମାବଳୀ ପାଳନ କରି ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟର ସହ ଗଜଲକ୍ଷ୍ମୀ ପୂଜା ପାଳନ କରିବାକୁ ନିବେଦନ କରିଛନ୍ତି।

ଟ୍ରକ୍-ବସ୍ ଧକ୍କା: ଜଣେ ମୃତ, ୧୦ ଆହତ

କୋଲକାତା, ୨୫।୧୦(ସଂଚାର ବ୍ୟୁରୋ): ରବିବାର ସକାଳେ ପାନାଗଡ଼ସ୍ଥିତ ୧୯ ନମ୍ବର ଜାତୀୟ ସଡକର ବାଇପାସ୍‌ରେ ଏକ ଦୁର୍ଘଟଣା ଘଟିଯାଇଛି। ବିହାରର ଜାମୁଇରୁ କୋଲକାତା ଅଭିମୁଖେ ଆସୁଥିବା ଏକ ପର୍ଯ୍ୟଟକ ବସ୍ ଭାରସାମ୍ୟ ହରାଇ ଆଗରେ ଯାଉଥିବା କୋଇଲା ବୋଝେଇ ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଇଛି। ଘଟଣାସ୍ଥଳରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ, ଅନ୍ୟ ଅତିକମରେ ୧୦ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସେମାନଙ୍କୁ ଉଦ୍ଧାର କରି ଦୁର୍ଗାପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଛି।

ପୂର୍ବତନ କାଉନସିଲରଙ୍କ ଭିଣୋଇ ଗିରଫ

କୋଲକାତା, ୨୫।୧୦(ସଂଚାର ବ୍ୟୁରୋ): ବାଗୁଇଆଟି ଥାନା ପୁଲିସ ଦାଦାବଟି ଆଦାୟ ଅଭିଯୋଗରେ ଜମି ମାଫିଆ ନଜିର ହୋସେନକୁ ଗିରଫ କରିଛି। ନଜିର ହୋସେନ ହେଉଛନ୍ତି ବିଧାନନଗର ମ୍ୟୁନିସିପାଲ କର୍ପୋରେସନର ୧୨ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ମମତା ମଣ୍ଡଳଙ୍କ ଭିଣୋଇ। ତାଙ୍କ ବିରୋଧରେ ଧମକଚମକ ଦେଇ ଜମି ହଡ଼ପ କରିବା ଅଭିଯୋଗ ରହିଛି। ବହୁ ପରିମାଣର ଟଙ୍କା ଜବରଦସ୍ତି ଆଦାୟ କରିବା ଘଟଣାରେ ତାଙ୍କୁ ନ୍ୟୁ ଟାଉନ ଅଞ୍ଚଳରୁ ଗିରଫ କରାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ତାଙ୍କୁ ବାରାସତ କୋର୍ଟରେ ହାଜର କରାଇ ପୁଲିସ ତାଙ୍କୁ ୧୪ ଦିନ ପାଇଁ ରିମାଣ୍ଡରେ ନେଇଛି।

ଦୁନ୍ ଏକ୍ସପ୍ରେସର ବ୍ରେକ୍ ସୁ'ରେ ନିଆଁ

କୋଲକାତା, ୨୫।୧୦(ସଂଚାର ବ୍ୟୁରୋ): ରିଷିଡା ଷ୍ଟେସନ୍ ନିକଟରେ ପହଞ୍ଚିବା ସମୟରେ 'ଦୁନ୍ ଏକ୍ସପ୍ରେସ୍' ଟ୍ରେନରେ ନିଆଁ ଲାଗିଯିବାରୁ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଶନିବାର ରାତି ପ୍ରାୟ ୯ଟା ସମୟରେ ୧୩୦୦୯ ଅପ୍ 'ଦୁନ୍ ଏକ୍ସପ୍ରେସ୍'ର ଏକ ସାଧାରଣ ବଗି ତଳେ ଥିବା ବ୍ରେକ୍ ସୁ'ରେ ନିଆଁ ଲାଗିଯାଇଥିଲା। ରେଳ ବିଭାଗର ସୂତ୍ରରୁ ଜଣାପଡ଼ିଛି ଯେ, ହାଓଡ଼ାରୁ ଋଷିକେଶ ଅଭିମୁଖେ ଯାଉଥିବା ଏହି ଟ୍ରେନ୍‌ଟି ରିଷିଡା ଷ୍ଟେସନ୍‌ରେ ପ୍ରବେଶ କରୁଥିବା ବେଳେ ବଗି ତଳୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ବ୍ରେକ୍ ସୁ'ଗୁଡ଼ିକରେ ନିଆଁ ଲାଗିଯିବା କାରଣରୁ ଏହି ଧୂଆଁ ସୃଷ୍ଟି ହୋଇଥିଲା। ଟ୍ରେନ୍ ଚାଳକ (ଲୋକୋ ପାଇଲଟ୍) ଟ୍ରେନ୍‌ଟିକୁ ରିଷିଡା ଷ୍ଟେସନ୍‌ରେ ଅଟକାଇ ଦେଇଥିଲେ, ଯାହା ଫଳରେ ଆତଙ୍କିତ ଯାତ୍ରୀମାନେ ତରବର ହୋଇ ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଥିଲେ। ଷ୍ଟେସନ୍ ଏବଂ ଟ୍ରେନ୍‌ରେ ଉପଲବ୍ଧ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରି ରେଳ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣକୁ ଆଣିଥିଲେ।

ନିଶା ଦ୍ରବ୍ୟ ସହ ୨ ଗିରଫ

କୋଲକାତା, ୨୫।୧୦ (ସଂଚାର ବ୍ୟୁରୋ): କୋଲକାତା ପୁଲିସର ସ୍ପେଶାଲ୍ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଧର୍ମତଲା ବସ୍‌ଷ୍ଟାଣ୍ଡରୁ ବିପୁଳ ପରିମାଣର ନିଶା ଦ୍ରବ୍ୟ ଜବତ କରିଛି। ଶନିବାର ରାତିରେ ଦୀଘାରୁ କୋଲକାତା ଆସୁଥିବା ଏକ ବସ୍‌ରୁ ପୁଲିସ ଦୁଇ ଜଣ ବ୍ୟକ୍ତିଙ୍କୁ ଅଟକ ରଖିଥିଲା। ସେମାନଙ୍କ ପାଖରେ ଥିବା ଦୁଇଟି ଟ୍ରଲି ବ୍ୟାଗ୍ ଯାଞ୍ଚ କରିବା ପରେ ଏହି ନିଶା ଦ୍ରବ୍ୟଗୁଡ଼ିକ ମିଳିଥିଲା। ଅଟକ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କର ପରିଚୟ ରାଜା ସାଉ ଭାବରେ ମିଳିଛି। ଏହି ନିଶା ଦ୍ରବ୍ୟ ଓଡ଼ିଶାରୁ ଦୀଘା ରାସ୍ତା ଦେଇ କୋଲକାତା ଅଣାଯାଇଥିଲା।

ଲକ୍ଷାଧିକ ଟଙ୍କାର ହେରୋଇନ୍ ଜବତ, ଜଣେ ଗିରଫ



କୋଲକାତା, ୨୫।୧୦(ସଂଚାର ବ୍ୟୁରୋ): ନଦିଆ ଜିଲ୍ଲାର ବାଦକୁଲ୍ଲା ଅଞ୍ଚଳରେ ତାହେରପୁର ଥାନା ପୁଲିସ ଲକ୍ଷାଧିକ ଟଙ୍କାର ହେରୋଇନ୍ ଜବତ କରିଛି। ଗୋପନ ସୂତ୍ରରୁ ଖବର ପାଇ ପୁଲିସ ମିଥୁନ ଜୋଆର୍ଦାର ନାମକ ଜଣେ ନିଶା କାରବାରକାରୀଙ୍କୁ ଗିରଫ କରିଛି। ହେରୋଇନ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ ସହିତ ତାଙ୍କୁ ଧରାଯାଇଥିଲା। ତା' ନିକଟରୁ ହେରୋଇନର ୨୦୦ଟି ଛୋଟ ପ୍ୟାକେଟ୍ ଜବତ କରାଯାଇଛି। ସେ ଏହି ନିଶା ଦ୍ରବ୍ୟଗୁଡ଼ିକୁ ବାଦକୁଲ୍ଲା ଓ ତାହେରପୁର ଅଞ୍ଚଳରେ ଲକ୍ଷାଧିକ ଟଙ୍କାରେ ବିକ୍ରି କରିବାକୁ ଯୋଜନା କରିଥିଲା। ଅଭିଯୁକ୍ତ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଅଦାଲତ ତାକୁ ପାଞ୍ଚ ଦିନ ପାଇଁ ପୁଲିସ ହେପାଜତକୁ ପଠାଇଛନ୍ତି।



ଉତ୍କଳ କରାଟେ ସ୍କୁଲରେ ଗ୍ରେଡିଂ ପରୀକ୍ଷା

ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ଆଜି ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଶାଖାଠାରେ ସୁକୋକାଇ କରାଟେର ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକାଇ କରାଟେ ୟୁନିୟନର ମୁଖ୍ୟ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ଏହି ଅନୁଷ୍ଠାନରେ ଆଜି ସିନିୟର ପ୍ରଶିକ୍ଷକ ସେନସେଇ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ସପନ ମିଶ୍ର, ଶୁଭେନ୍ଦୁ ଲେଙ୍କା, ସୁଶାନ୍ତ ପଣ୍ଡା, ଆଶିଷ ରାଉତ, ରାହୁଲ ପ୍ରଧାନ ଓ ଗୋପାଳ ରାଓ ପ୍ରମୁଖ ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏହି ପରୀକ୍ଷାରେ ୟେଲୋ ବେଲ୍ଟରେ ୮୭ ଜଣ, ଅରେଞ୍ଜ ବେଲ୍ଟରେ ୫୫ ଜଣ, ଗ୍ରୀନ ବେଲ୍ଟରେ ୨୮ ଜଣ, ବ୍ଲୁ ବେଲ୍ଟରେ ୩୫ ଜଣ ଓ ବ୍ରାଉନ ବେଲ୍ଟରେ ୧୦୩ ଜଣ ଏହିପରି ମୋଟ ୩୦୮ ଜଣ କୃତକାର୍ଯ୍ୟ ହୋଇଛନ୍ତି।

● ୨.୬୦ କୋଟି ଆତ୍ମସାତ୍ ଅଭିଯୋଗ

ଡିଏଫଓ ଅଫିସର ସିନିଅର ଆସିଷ୍ଟାଣ୍ଟ ଗିରଫ



ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ଓଡ଼ିଶା ଭିଜିଲାନ୍ସ ବିଭାଗ ରବିବାର ନୂଆପଡ଼ାସ୍ଥିତ ସୁନାବେଡ଼ା ବନ୍ୟପ୍ରାଣୀ ବିଭାଗର ଡିଭିଜନାଲ୍ ଫରେଷ୍ଟ ଅଫିସର (ଡିଏଫଓ)ଙ୍କ କାର୍ଯ୍ୟାଳୟରେ 'ଏଷ୍ଟାବ୍ଲିସମେଣ୍ଟ ସେକ୍ସନ୍'ର ଦାୟିତ୍ୱରେ ଥିବା ବରିଷ୍ଠ ସହାୟକ ବବୁଲୁ ସୁନାଙ୍କୁ ଗିରଫ କରିଛି। ସେ ଗତ ୬ ମାସ ଧରି ଫେରାର ଥିଲେ। ଭିଜିଲାନ୍ସ ବିଭାଗର ସୂଚନା ଅନୁଯାୟୀ, ଗତକାଲି ରାତିରେ ବଲାଙ୍ଗୀରରୁ ତାଙ୍କୁ କାବୁ କରାଯାଇଥିଲା। ୨୦୨୩ରୁ ସରକାରୀ ପାଣ୍ଠିରୁ ୨.୬୦ କୋଟି ଟଙ୍କାରୁ ଅଧିକ ଅର୍ଥ ହେରଫେର କରିଥିବା ଅଭିଯୋଗରେ ତାଙ୍କୁ ଭବାନୀପାଟଣାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ କୋର୍ଟରେ ହାଜର କରାଯାଇଛି।

ଓଡ଼ିଶା ଭିଜିଲାନ୍ସ ଦ୍ୱାରା କରାଯାଇଥିବା ଯାଞ୍ଚ ଓ ବ୍ୟାପକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ବବୁଲୁ ସୁନା ନିଜ ପଦବୀର ଅପବ୍ୟବହାର କରି ଅନେକ ଜାଲିଆତି କରିଛନ୍ତି। ସେ 'ମୋଡିଫାଏଡ୍ ଆସ୍ୟୁର୍ଡ କ୍ୟାରିୟର୍ ପ୍ରୋଗ୍ରେସନ୍' (ଏମଏସିପି) ଓ 'ରିଭାଇଜଡ୍ ଆସ୍ୟୁର୍ଡ କ୍ୟାରିୟର୍ ପ୍ରୋଗ୍ରେସନ୍' (ଆର୍‌ଏସିପି) ଯୋଜନା ଅଧୀନରେ ମିଥ୍ୟା 'ଏରିୟର ବିଲ୍' (ବକେୟା ପ୍ରାପ୍ୟ ବିଲ୍) ପ୍ରସ୍ତୁତ କରିଥିଲେ। ଏହି ଜାଲିଆତି ପାଇଁ ସେ ବିଭାଗର ପୂର୍ବତନ, ଅବସରପ୍ରାପ୍ତ ଓ ମୃତ କର୍ମଚାରୀମାନଙ୍କ ତଥ୍ୟ ଓ ପରିଚୟର ଅପବ୍ୟବହାର କରିଥିଲେ। ଏହା ମାଧ୍ୟମରେ ସେ ସରକାରୀ ଅର୍ଥକୁ ନିଜ ପରିବାର ସଦସ୍ୟ (ପତ୍ନୀ, ଭାଇ ଓ ଭଉଣୀ) ଏବଂ ଦୁଇ ଜଣ ଘନିଷ୍ଠ ସହଯୋଗୀଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରି ଆତ୍ମସାତ୍ କରିଥିଲେ। ଅନୁସନ୍ଧାନରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ ଅଭିଯୁକ୍ତ ନିଜର ନିୟମିତ ଦରମା ବୃଦ୍ଧି କ୍ଷେତ୍ରରେ ମଧ୍ୟ ସରକାରୀ ରେକର୍ଡରେ କେଲେଙ୍କାରୀ କରିଥିଲେ, ଯାହା ତାଙ୍କର ପ୍ରାପ୍ୟଠାରୁ ଅଧିକ ଥିଲା। ସେ ଦୀର୍ଘ ସମୟ ଧରି ମାସିକ ଦରମା ବିଲ୍‌ରେ ଅଧିକ ଟଙ୍କା ଦର୍ଶାଇ ମୋଟ ୧୦.୫୮ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ଅବୈଧ ଭାବେ ହାସଲ କରିଥିଲେ। ମୋଟ ଉପରେ କହିବାକୁ ଗଲେ ବବୁଲୁ ସୁନା ସରକାରୀ ରାଜକୋଷରୁ ୨ କୋଟି ୬୦ ଲକ୍ଷ ୨୧ ହଜାର ୩୦୬ ଟଙ୍କା ହେରଫେର କରିଥିବା ଜଣାପଡ଼ିଛି। ତାଙ୍କ ବିରୋଧରେ 'ଦୁର୍ନୀତି ନିବାରଣ ଆଇନ' ଓ 'ଭାରତୀୟ ନ୍ୟାୟ ସଂହିତା'ର ଧାରା ଅଧୀନରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

■ ମୋଦିଙ୍କୁ ନେଇ ଖଡଗେଙ୍କ ଆପତ୍ତିଜନକ ବୟାନ

ଅଶିଷ୍ଟାଚାରର ସବୁ ସୀମା ଟପିଛି କଂଗ୍ରେସ୍: ଶାହ

ନୀତିନ ନବୀନଙ୍କଠୁ ଧର୍ମେନ୍ଦ୍ର ସମସ୍ତେ ବର୍ଷିଲେ



ନୂଆଦିଲ୍ଲୀ, ୨୫।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେରେ ଦେଇଥିବା ବିବାଦୀୟ ଟିପ୍ପଣୀକୁ ବିଜେପି ନେତା ନିଆଁବାଣ ହୋଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦଳ ପ୍ରତିଦିନ ଅଶିଷ୍ଟାଚାରର ସୀମା ପାର କରୁଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ କଂଗ୍ରେସ ଦଳ ଦ୍ୱାରା ସମାନ ଢଙ୍ଗର ପୂର୍ବ ବୟାନକୁ ଉଲ୍ଲେଖ କରି ସେ କହିଛନ୍ତି ଯେ ମୁଖ୍ୟ ବିରୋଧୀ ଦଳ ପାଖରେ ଆଉ କୌଣସି ପ୍ରସଙ୍ଗ ନାହିଁ। ସେମାନେ କେବଳ ଗାଳି-ଗୁଲଜର ରାଜନୀତି କରୁଛନ୍ତି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋସିଆଲ ମିଡିଆରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ବୟାନର ଜବାବ ଦେଇଛନ୍ତି। ସେ ଲେଖିଛନ୍ତି, 'ପାଟନାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପରିବାର ଏବଂ ତାଙ୍କର ସ୍ୱର୍ଗତ ପିତାଙ୍କ ସମ୍ପର୍କରେ ଅଭଦ୍ର ଟିପ୍ପଣୀ କରି ଅଶିଷ୍ଟାଚାରର ସମସ୍ତ ସୀମା ଲଙ୍ଘିଛନ୍ତି। ଏହା ପ୍ରଥମ ଥର ନୁହେଁ ଯେତେବେଳେ କଂଗ୍ରେସ ଦଳ ମୋଦି ଜୀ କିମ୍ବା ତାଙ୍କ ପରିବାର ବିରୁଦ୍ଧରେ ଅପମାନଜନକ ଭାଷା ବ୍ୟବହାର କରିଛି। କେତେବେଳେ, ସେମାନେ ତାଙ୍କ ପୂଜ୍ୟ ମାତାଙ୍କ ବିରୁଦ୍ଧରେ ଅପମାନଜନକ ଭାଷା ବ୍ୟବହାର କରିଛନ୍ତି, କେତେବେଳେ ତାଙ୍କୁ 'ମୃତ ସୌଦାଗର' କହି, ଆଉ କେତେବେଳେ ତାଙ୍କୁ 'ଚାଏବାଲା' କହି ତାଙ୍କ ଦାରିଦ୍ର୍ୟର ପରିହାସ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ, କଂଗ୍ରେସ ଦଳ ପ୍ରତିଦିନ ଅଶାଳୀନତାର ସୀମା ପାର କରୁଛି।'

ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇ ଗୃହମନ୍ତ୍ରୀ କହିଛନ୍ତି ଯେ, କଂଗ୍ରେସ ଦଳ ପ୍ରତିଦିନ ଅଭଦ୍ରତାର ନୂତନ ସୀମା ଅତିକ୍ରମ କରୁଛି। ସେ ଲେଖିଛନ୍ତି, 'ଗତ ୧୨ ବର୍ଷ ଧରି କ୍ରମାଗତ ଭାବେ ମିଳୁଥିବା ନିର୍ବାଚନୀ ପରାଜୟ ଯୋଗୁଁ କଂଗ୍ରେସ ଦଳରେ ହତାଶା ଏବଂ ନିରାଶା ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ, ବର୍ତ୍ତମାନ ନା ସେମାନଙ୍କ ପାଖରେ କୌଣସି ନୀତି ଅଛି, ନା' କୌଣସି ପ୍ରସଙ୍ଗ। କେବଳ ଗାଳିଗୁଲଜର ରାଜନୀତି ହିଁ ବାକି ରହିଛି।' ସେ ଦାବି କରିଛନ୍ତି ଯେ, ଜନସାଧାରଣଙ୍କ ମଧ୍ୟରୁ ନିଜର ଆଧାର ହରାଇଥିବା କଂଗ୍ରେସ, ବର୍ତ୍ତମାନ ନିଜର କର୍ମକର୍ତ୍ତାମାନଙ୍କ ମଧ୍ୟରୁ ମଧ୍ୟ ଆଧାର ହରାଇବାରେ ଲାଗିଛି।

ବିଜେପିର ରାଷ୍ଟ୍ରୀୟ ନେତା ନୀତିନ ନବୀନ ମଧ୍ୟ ଖଡଗେଙ୍କ ବୟାନକୁ ନେଇ କଂଗ୍ରେସ ଉପରେ ବର୍ଷିଛନ୍ତି।ସେ କହିଛନ୍ତି ଯେ, ସାର୍ବଜନୀନ ମଞ୍ଚରୁ ଏଭଳି ଅମର୍ଯ୍ୟାଦିତ ଏବଂ ଅସଂସଦୀୟ ଭାଷା ବ୍ୟବହାର କରିବା କଂଗ୍ରେସର ବୈଚାରିକ ଦେବାଳିଆପଣକୁ ପ୍ରଦର୍ଶନ କରୁଛି। ସେ କହିଛନ୍ତି ଯେ, ରାଜନୈତିକ ବିରୋଧର ମଧ୍ୟ ଏକ ନିର୍ଦ୍ଦିଷ୍ଟ ଗରିମା ଏବଂ ମର୍ଯ୍ୟାଦା ଥାଏ। କିନ୍ତୁ ସ୍ୱର୍ଗତ ପରିଜନମାନଙ୍କୁ ଭାଷଣରେ ଟାଣିବା ବର୍ତ୍ତମାନ ସମଗ୍ର ବିରୋଧୀ ଦଳର ପ୍ରକୃତ ସଂସ୍କାର ପାଲଟିଯାଇଛି। ଏହା କେବଳ ଖଡଗେ ବୟାନ ନୁହେଁ, ବରଂ ସମଗ୍ର ଦଳର ଶିଷ୍ଟାଚାରହୀନ ଚିନ୍ତାଧାରାର ଏକ ପ୍ରମାଣ ଅଟେ।

ସେହିପରି ପୂର୍ବତନ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହାର ନିନ୍ଦା କରି କହିଛନ୍ତି। ସେ କହିଛନ୍ତି ଯେ, ନୀତି ଏବଂ ବିଚାର ଆଧାରରେ ମୁକାବିଲା କରିବାରେ ଅକ୍ଷମ କଂଗ୍ରେସ ବର୍ତ୍ତମାନ କେବଳ ବ୍ୟକ୍ତିଗତ ଅପମାନର ବାଟ ଆପଣାଉଛି। ଜନସାଧାରଣ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ ଦୃଢ଼ ଭାବେ ଠିଆ ହୋଇଛନ୍ତି ଏବଂ କଂଗ୍ରେସକୁ କଡ଼ା ଜବାବ ଦେବେ।

ସୂଚନାଯୋଗ୍ୟ ଯେ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ପାଟନା ଗସ୍ତରେ ଅଛନ୍ତି। ଏହି ସମୟରେ ସେ ଡା. ଶ୍ରୀକୃଷ୍ଣ ସିଂହଙ୍କ ୧୩୯ତମ ଜୟନ୍ତୀର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ଖଡଗେ ଅଭିଭାଷଣ ସମୟରେ ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ କହିଥିଲେ ଯେ, ପିଏମ ମୋଦି କୁଆଡ଼େ ମଧ୍ୟ ଯିବେ ନାହିଁ। ଏହି ବୟାନରେ ରାଗିଯାଇ ଖଡଗେ ପ୍ରଧାନମନ୍ତ୍ରୀଙ୍କ ବାପାଙ୍କ ଉପରେ ଏକ ଆପତ୍ତିଜନକ ଟିପ୍ପଣୀ କରିଥିଲେ।

● ଓଏଫ୍‌ଡିସିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଯାପିତ

୫୦ ବର୍ଷର ଅବଦାନ ପାଇଁ ମହାଶ୍ୱେତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓଠାରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି)ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ସିନେମାର ସମୃଦ୍ଧ ଐତିହ୍ୟକୁ ମନେ ପକାଇବା, ଚଳଚ୍ଚିତ୍ର ଜଗତର ବରିଷ୍ଠ କଳାକାରଙ୍କ ଅବଦାନକୁ ସମ୍ମାନ ଜଣାଇବା ଓ ନୂତନ ପିଢ଼ିକୁ ଓଡ଼ିଆ ସିନେମାର ସୁବର୍ଣ୍ଣ ଯୁଗ ସହ ପରିଚିତ କରାଇବା ଲକ୍ଷ୍ୟରେ ତିନି ଦିନ ଧରି ଉତ୍ସବ ଆୟୋଜିତ ହୋଇଥିଲା।

ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଦୀର୍ଘ ୫୦ ବର୍ଷର ସଫଳ ଯାତ୍ରା ଓ ଅବଦାନ ପାଇଁ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ନିଜର ଅଭିନୟ ଯାତ୍ରା ସମ୍ପର୍କରେ କହିବା ସହ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅଭିନୟ କରିବେ ବୋଲି ମହାଶ୍ୱେତା କହିଛନ୍ତି। ମହାଶ୍ୱେତା ଓଡ଼ିଆ ସିନେମାର ଜଣେ ପ୍ରତିଷ୍ଠିତ ଅଭିନେତ୍ରୀ ଭାବେ ନିଜର ଅଭିନୟ ପ୍ରତିଭା ମାଧ୍ୟମରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ତାଙ୍କର ୫୦ ବର୍ଷର ଚଳଚ୍ଚିତ୍ର ଯାତ୍ରା ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଗୌରବମୟ ଅଧ୍ୟାୟ। ତାଙ୍କୁ ଏହି ସମ୍ମାନ ପ୍ରଦାନ ଓଡ଼ିଆ ସିନେମା ପ୍ରତି ତାଙ୍କର ଅବଦାନକୁ ସ୍ୱୀକୃତି ଦେବା ସହ ଆଗାମୀ ପିଢ଼ିର କଳାକାରଙ୍କୁ ପ୍ରେରଣା ଯୋଗାଇବ। ସମ୍ବର୍ଦ୍ଧନା ସମାରୋହରେ ଦିଗପହଣ୍ଡିର ବିଧାୟକ ତଥା ଓଡ଼ିଆ ସିନେମା ଜଗତର ଲୋକପ୍ରିୟ ଅଭିନେତା ଡ. ସିଦ୍ଧାନ୍ତ ମହାପାତ୍ର, ବରିଷ୍ଠ ନିର୍ଦ୍ଦେଶକ ପଦ୍ମଶ୍ରୀ ଶିଶିର ମିଶ୍ର ଓ ଓଏଫଡିସିର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ।

ଆଜି ଅପରାହ୍ନରେ ୨୦୨୪ରେ ନିର୍ମିତ ଚଳଚ୍ଚିତ୍ର 'ଲହରୀ' ଓ ମହାଶ୍ୱେତାଙ୍କ ଅଭିନୀତ ୧୯୮୦ରେ ସୁପରହିଟ୍ ଚଳଚ୍ଚିତ୍ର 'ମା ଓ ମମତା' ପ୍ରଦର୍ଶିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସୂର୍ଯ୍ୟମୟୀ ମହାପାତ୍ର, ନିକିତା ମିଶ୍ର, ପୁନମ ମିଶ୍ର, ଭୂମିକା ଦାଶ, ଶୁଭାଶିଷ ଶର୍ମା, ଆକାଶ ହୋତା, ସନୋଜ କୁମାର ଓ ଶୁଭମ ନାୟକ ପ୍ରମୁଖ ମଞ୍ଚରେ ସଙ୍ଗୀତ ଓ ନୃତ୍ୟଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କୋଟିଆରେ ଆନ୍ଧ୍ର...

କୋଟିଆ ପଞ୍ଚାୟତ ପାଇଁ ନିଯୁକ୍ତ ଆନ୍ଧ୍ର ପୁଲିସ ଅଧିକାରୀ ପି. ରାମକୃଷ୍ଣଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଆନ୍ଧ୍ର ପୁଲିସକୁ ଦେଖି ବିଧାୟକ ରଘୁରାମ ମାଛ ବାରମ୍ବାର ଏଠାକୁ ଆସି ବିବାଦ ବଢ଼ାଉଥିବା ନେଇ ପ୍ରଶ୍ନ କରିଥିଲେ। ଓଡ଼ିଶାର ସୀମାନ୍ତ ଗ୍ରାମରେ କୌଣସି କାମ ଥିଲେ ଓଡ଼ିଶା ସରକାର କିମ୍ବା କୋରାପୁଟ ପ୍ରଶାସନର ଅନୁମତି ନେଇ ଆସିବାକୁ ସେ କହିଥିଲେ। ସେପଟେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ସେ ବିରୋଧୀଙ୍କୁ ପ୍ରତି ପ୍ରଶ୍ନର ଉତ୍ତର ଦେବାକୁ ସେ ଚାହୁଁନାହାନ୍ତି। ବ୍ଲକ ଓ ଜିଲ୍ଲା ସ୍ତରରେ କୋଟିଆ ପାଇଁ ସର୍ବଦଳୀୟ କମିଟି ଗଠନ କରାଯାଇଛି। କୋରାପୁଟ ଜିଲ୍ଲା ସ୍ତରରେ ଏକାଠି ହୋଇ ଲଢ଼ିବା ପାଇଁ ବିରୋଧୀ ଦଳ ବିଧାୟକଙ୍କୁ ନେଇ କମିଟି ହୋଇଛି। ଏଇଟା କୌଣସି ଦଳର ପ୍ରସଙ୍ଗ ନୁହେଁ ଏହା ଓଡ଼ିଶାର ଅସ୍ମିତାର ପ୍ରତୀକ। ଆନ୍ଧ୍ରର ଯୋଜନାକୁ ପଣ୍ଡ କରିବା ଆମର ଲକ୍ଷ୍ୟ, ଓଡ଼ିଶା ସରକାର କଡ଼ା ଆଭିମୁଖ୍ୟ ଯୋଗୁ ଆନ୍ଧ୍ର ପ୍ରଦେଶ ଗତ ୨୦୨୧ରେ କୋଟିଆ ସୀମା ଭିତରେ ପୋଲିଂ ଷ୍ଟେସନ କରିଥିଲା। ଏଥର ସୀମା ଆରପଟେ ପୋଲିଂ ଷ୍ଟେସନ କରିଛି। ତାଙ୍କ ଦଲାଲଙ୍କୁ ଘଉଡ଼ାଇ ଦିଆଯାଇଛି। ସେହିପରି ବିଧାନସଭା, ଜିଲ୍ଲା ପରିଷଦ, ଗ୍ରାମ ପଞ୍ଚାୟତ, ମ୍ୟୁନିସିପାଲିଟି ସାମ୍ବିଧାନିକ ସଂସ୍ଥା। ଗୋଟିଏ ସ୍ଥାନରେ ଦୁଇ ଜଣ ନିର୍ବାଚିତ ପ୍ରତିନିଧି ରହିପାରିବେ ନାହିଁ। ତେଣୁ ତାହା ବିରୋଧରେ ଆମେ କୋର୍ଟରେ ଆମର ଦାବି ଉପସ୍ଥାପନ କରିବୁ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ଶିଳ୍ପ ବିକାଶର...

ଉପକରଣଗୁଡ଼ିକ ପରିବର୍ତ୍ତେ ଆଧୁନିକ ଭିତ୍ତିଭୂମି ଓ ଦକ୍ଷ ମାନବ ସମ୍ବଳ ସହ ଏହାର ମୁକାବିଲା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଠାରେ ଏହି ନୂତନ ସାଇବର ସୁରକ୍ଷା ପ୍ରତିଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ବିକଶିତ ଭାରତ ପାଇଁ ପୂର୍ବ ଭାରତକୁ ଏକ ଶକ୍ତିଶାଳୀ ବିକାଶ ଇଞ୍ଜିନ୍ ରୂପେ ଅଭିହିତ କରିଥିଲେ। ସେ କହିଥିଲେ ଯେ ବର୍ତ୍ତମାନର ରାଜ୍ୟ ସରକାରଙ୍କ ସମୟରେ ଓଡ଼ିଶାର ବିକାଶଧାରା ତ୍ୱରାନ୍ୱିତ ହୋଇଛି। ରାଜ୍ୟରେ ପାରମ୍ପରିକ ଖଣି ଆଧାରିତ ଶିଳ୍ପ ସହିତ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର ଓ ଆଡଭାନ୍ସ କମ୍ପ୍ୟୁଟିଂର ଏକ ନୂତନ ଶିଳ୍ପ ପରିବେଶ ସୃଷ୍ଟି ହେଉଛି। ଏହା ଖଣିରୁ ମାଇକ୍ରୋଚିପ୍ ପର୍ଯ୍ୟନ୍ତ ଶିଳ୍ପ ବିକାଶର ଏକ ନୂତନ ଭବିଷ୍ୟତ ନିର୍ମାଣ କରିବ। ଏସବୁ ନୂଆ ଦିଗ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ବ୍ୟାପକ ସୁଯୋଗ ଉନ୍ମୁକ୍ତ କରିବ ଓ ସେମାନଙ୍କ ବଡ଼ ସ୍ୱପ୍ନ ପୂରଣ କରିବାରେ ସହାୟକ ହେବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜନକଲ୍ୟାଣକାରୀ, ସକ୍ରିୟ ଓ ସୁଶାସନର ମଡେଲ ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଏହା ଗରିବଙ୍କୁ ସମ୍ମାନପୂର୍ଣ୍ଣ ଜୀବନ ଦେବା ସହ ଜଣେ ହେଲେ ନାଗରିକ ଯେପରି ସେବାରୁ ବଞ୍ଚିତ ହେବେନାହିଁ, ତାହା ସୁନିଶ୍ଚିତ କରୁଛି। ଛୋଟ ସହରଗୁଡ଼ିକୁ ଏବେ ଏକ୍ସପ୍ରେସ ୱେ ସଂଯୋଗ ହେଉଛି। ଏକାଧିକ ରାଜ୍ୟରେ ଏମ୍ସ ଭଳି ପ୍ରତିଷ୍ଠାନ ଖୋଲିଛି। ଛୋଟ ସହରରେ ମଧ୍ୟ ମେଡ଼ିକାଲ କଲେଜ ଖୋଲାଯାଉଛି। ଗାଁଗୁଡ଼ିକରେ ପ୍ରାୟ ୧.୭୫ ଲକ୍ଷ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ହୋଇଛି ଓ ଉପାନ୍ତ ଅଞ୍ଚଳରେ ଡିଜିଟାଲ ଯୋଗାଯୋଗ ପହଞ୍ଚିପାରିଛି। ପ୍ରଧାନମନ୍ତ୍ରୀ ଅତୀତର ଏକ ମୌଳିକ ସମସ୍ୟା ପ୍ରତି ଆଲୋକପାତ କରି କହିଥିଲେ ଯେ ୬୦ ଓ ୭୦ ଦଶକରେ ଗରିବଙ୍କ ନାଁ ନେଇ ବ୍ୟାଙ୍କଗୁଡ଼ିକର ରାଷ୍ଟ୍ରୀୟକରଣ କରାଯାଇଥିଲା। କିନ୍ତୁ ୨୦୧୪ ପର୍ଯ୍ୟନ୍ତ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକ ବ୍ୟାଙ୍କ ସେବାରୁ ବଞ୍ଚିତ ଥିଲେ। ମଧ୍ୟବିତ୍ତଙ୍କ ପାଇଁ ବ୍ୟାଙ୍କ ଋଣ ଦୁଃସ୍ୱପ୍ନ ପାଲଟିଥିଲା। ଚାଷୀ, ଭୂମିହୀନ ଓ ମହିଳାଙ୍କ ପାଇଁ ତ ଏହା ପରିକଳ୍ପନା ବାହାରେ ଥିଲା। ହେଲେ ଆର୍ଥିକ ଅନ୍ତର୍ଭୁକ୍ତିକରଣର ନୂତନ ଯୁଗ ସାରା ଦେଶରେ ଏହି ପରିଦୃଶ୍ୟକୁ ବଦଳାଇଦେଇଛି। ଆଜି ଡିଜିଟାଲ୍ ବ୍ୟାଙ୍କିଂ ମାଧ୍ୟମରେ ଦେଶର ପ୍ରତ୍ୟେକ ପରିବାର ଗୋଟିଏ ଗୋଟିଏ ହିତାଧିକାରୀ ପାଲଟିଛନ୍ତି ବୋଲି ସେ ଦୃଢ଼ତାର ସହ କହିଥିଲେ। ସେ ଆହୁରି କହିଥିଲେ ଯେ ବ୍ୟବସ୍ଥାରେ ଥିବା ସମସ୍ତ ପ୍ରକାରର ବାଟମାରଣାକୁ ଏବେ ବନ୍ଦ କରାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରତ୍ୟେକ ଟଙ୍କା ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ହିତାଧିକାରୀଙ୍କ ଖାତାରେ ପହଞ୍ଚୁଛି। ଆଜି କୌଣସି ବନ୍ଧକ ରଖିପାରୁ ନ ଥିବା ବ୍ୟକ୍ତି ମଧ୍ୟ ନିଜର ବ୍ୟବସାୟ ଆରମ୍ଭ କରିବା ଲାଗି ସୁଲଭ ଆନୁଷ୍ଠାନିକ ଋଣ ପାଇପାରୁଛନ୍ତି। ମୁଦ୍ରା ଯୋଜନା ଅଧୀନରେ ୧୩ କୋଟି ଲୋକ ପ୍ରଥମ ଥର ପାଇଁ ଉଦ୍ୟୋଗୀ ହୋଇଛନ୍ତି। ଲକ୍ଷ ଲକ୍ଷ ରାସ୍ତାକଡ଼ ବିକ୍ରେତା ଓ କୁଶଳୀ କାରିଗର ପିଏମ୍ ସ୍ୱନିଧି ଏବଂ ପିଏମ୍ ବିଶ୍ୱକର୍ମା ମାଧ୍ୟମରେ ଆନୁଷ୍ଠାନିକ ଋଣ ପାଇଛନ୍ତି। ୧୦ କୋଟି ଗ୍ରାମୀଣ ମହିଳାଙ୍କ ପ୍ରତିନିଧିତ୍ୱ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ହଜାର ହଜାର କୋଟି ଟଙ୍କାର ବ୍ୟାଙ୍କ ସହାୟତା ପାଇଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଡେବିଟ୍ ଓ କ୍ରେଡିଟ୍ କାର୍ଡଗୁଡ଼ିକ ଏକଦା ଧନୀମାନଙ୍କ ପାଇଁ ସ୍ୱତନ୍ତ୍ର ରୂପେ ସଂରକ୍ଷିତ ଥିଲା। ଏବେ ରୂପେ କାର୍ଡ ପ୍ରତ୍ୟେକ ନାଗରିକଙ୍କ ପାଇଁ ଉପଲବ୍ଧ ହୋଇଛି। ଏହା ଏବେ ସେମାନଙ୍କ ଆତ୍ମସମ୍ମାନ ଓ ସ୍ୱାବଲମ୍ବନର ପ୍ରତୀକ ପାଲଟିଛି।

ଆନ୍ଧ୍ରରେ 'ଅର୍ଣ୍ଣବ'ର...

ତାମିଲନାଡୁରୁ ଆସୁଥିବା ଅନ୍ୟ ଏକ ପାଣିପାଗ ସିଷ୍ଟମ୍ ମିଶି ଓଡ଼ିଶାରେ ବର୍ଷାର ପରିମାଣକୁ ଆହୁରି ବୃଦ୍ଧି କରିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ବାତ୍ୟା ଯୋଗୁ ଓଡ଼ିଶାର ୮ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇପାରନ୍ତି। ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, ନବରଙ୍ଗପୁର ଓ କଳାହାଣ୍ଡି ଉପରେ ବାତ୍ୟା ଓ ପରବର୍ତ୍ତି ବର୍ଷାର ପ୍ରଭାବ ଅଧିକ ରହିବ। ସେ ମଧ୍ୟରୁ ୫ ଜିଲ୍ଲାକୁ କ୍ୟାଟାଗୋରୀ-୧ରେ ରଖି ପ୍ରସ୍ତୁତି କରାଯାଇଛି। କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାକୁ କ୍ୟାଟାଗୋରୀ-୨ରେ ରଖାଯାଇଛି। ବାତ୍ୟା ଆନ୍ଧ୍ର ଦେଇ ଓଡ଼ିଶାକୁ ପ୍ରବେଶ କରିବ। ଦକ୍ଷିଣ ଓଡ଼ିଶାରେ ପ୍ରବେଶ ପରେ ପ୍ରବଳ ବର୍ଷା ହେବ। ପରେ ପଶ୍ଚିମ ଓଡ଼ିଶାକୁ ପ୍ରବେଶ କରି ଛତିଶଗଡ଼ ଯିବ। ଛତିଶଗଡ଼ରୁ ପୁଣି ଟର୍ଣ୍ଣ କରି ଝାଡ଼ଖଣ୍ଡ ଆଡ଼କୁ ଗତି କରିବ। ଛତିଶଗଡ଼କୁ ଯିବା ବେଳେ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷିବ। ଛତିଶଗଡ଼ରେ ବର୍ଷା ହେଲେ ପାଣି ମହାନଦୀକୁ ଆସିବ। ତେଣୁ ପାଣି ରିଲିଜ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଝାଡ଼ଖଣ୍ଡରେ ବର୍ଷା ହେଲେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ପ୍ରଭାବିତ ହୋଇପାରନ୍ତି ବୋଲି ସେ କହିଛନ୍ତି। ଅର୍ଣ୍ଣବ ପ୍ରଭାବରେ ୨୭ରୁ ରାଜ୍ୟରେ ପ୍ରବଳ ବର୍ଷା ହେବ। ଏଥିଯୋଗୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ଉପୁଜିପାରେ। ସେହିପରି କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାର ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେବାର ଆଶଙ୍କା ରହିଛି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲା ରେଡ୍ ଜୋନରେ ଥିବା ବେଳେ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ସମ୍ଭାବନା ରହିଛି। ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖରେ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ କୁହାଯାଇଛି। ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ହୋଇଛି। ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ଜରୁରୀକାଳୀନ ଅପରେସନ୍ କେନ୍ଦ୍ର ସମେତ ସମସ୍ତ ବ୍ଲକ, ତହସିଲ ଓ ପୌରାଞ୍ଚଳରେ ୨୪/୭ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରାଯାଇଛି। ରାଜ୍ୟ ସରକାରଙ୍କ 'ଶୂନ୍ୟ ଜୀବନହାନି' ଲକ୍ଷ୍ୟକୁ ଆଖି ଆଗରେ ରଖି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ବାତ୍ୟା ପରିଚାଳନା ପାଇଁ ୫ ଆଇଏଏସ ଅଧିକାରୀଙ୍କୁ ୫ଟି ଜିଲ୍ଲା ଦାୟିତ୍ୱ ଦିଆଯାଇଛି। କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାୟଗଡ଼ା ଜିଲ୍ଲା ଦାୟିତ୍ୱ ମିଳିଛି। ସେହିପରି ଡ. ପୋମା ଟୁଡୁଙ୍କୁ କୋରାପୁଟ ଜିଲ୍ଲା, ବିଜୟ କୁମାର ଦାଶଙ୍କୁ ଗଜପତି ଜିଲ୍ଲା ଓ ଡ. ଯେଦୁଲା ବିଜୟଙ୍କୁ ମାଲକାନଗିରି ଦାୟିତ୍ୱ ଦିଆଯାଇଛି।

ନିୟନ୍ତ୍ରଣ ହରାଉଛି...

ବଜାରରେ ଖାଉଟିଙ୍କୁ ପ୍ରାୟ ୪୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଗଣିବାକୁ ପଡୁଛି। ରାଜ୍ୟରେ ବାର୍ଷିକ ପ୍ରାୟ ୯.୩ ଲକ୍ଷ ଟନ୍ ଡାଲି ଆବଶ୍ୟକତା ରହିଥିବା ବେଳେ ଛତିଶଗଡ଼, ମହାରାଷ୍ଟ୍ର ଓ ନାଗପୁରରୁ ଅଧିକାଂଶ ହରଡ଼ ଡାଲି ଆସୁଛି। ଚିନିର ମୂଲ୍ୟ ହଠାତ୍ ୬୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ରାଜ୍ୟର ବାର୍ଷିକ ୯ ଲକ୍ଷ ଟନ୍ ଚିନି ଆବଶ୍ୟକତାର ପ୍ରାୟ ୯୮ ପ୍ରତିଶତ ମହାରାଷ୍ଟ୍ର ଓ କର୍ଣ୍ଣାଟକରୁ ଆସୁଛି। ଗତ ୬ ମାସ ଧରି ଚିନି ଦର ଉପରେ-ତଳେ ଖେଳୁଛି। ପିଆଜ ଦର ଗତ ୫ ମାସ ତଳୁ କିଲୋ ପିଛା ୫୫ ଟଙ୍କାରେ ସ୍ଥିର ରହିଥିବା ବେଳେ ଏବେ ଏହା ୬୦ ଟଙ୍କାରେ ପହଞ୍ଚିଛି। ଅଧିକାଂଶ ପନିପରିବା କିଲୋ ପିଛା ୮୦ ଟଙ୍କା ତଳକୁ ନାହିଁ। ବର୍ଷା ଋତୁରେ ବି କାକୁଡ଼ି ୮୦ ଟଙ୍କାରେ ବିକ୍ରି ହେଉଛି। ଏସବୁ ମଧ୍ୟରେ ଚାଉଳ ମୂଲ୍ୟ ହଠାତ୍ ବଢ଼ିବା ବଜାରରେ ନିଆଁ ଲଗାଇଦେଇଛି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ ଚାଉଳର କିଲୋ ପିଛା ୧୦ରୁ ୨୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଖାଉଟିଙ୍କ ଚିନ୍ତାର କାରଣ ସାଜିଛି। ମୋଟା ଚାଉଳ ଅଧିକ ଉତ୍ପାଦନ ହେଉଥିବା ସତ୍ତ୍ୱେ ମୂଲ୍ୟ ବୃଦ୍ଧିରୁ ବାଦ୍ ପଡ଼ିନାହିଁ। ଏହି ଦରବୃଦ୍ଧି କେବଳ ବ୍ୟକ୍ତିଗତ ଅନୁଭବ ନୁହେଁ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ ଓଡ଼ିଶାର ଖୁଚୁରା ମୂଲ୍ୟସ୍ଫୀତି ଅଗଷ୍ଟ ୨୦୨୬ରେ ୫.୫୨ ପ୍ରତିଶତରୁ ସେପ୍ଟେମ୍ବରରେ ୬.୭୦ ପ୍ରତିଶତକୁ ବଢ଼ିଛି, ଯାହା ଜାତୀୟ ହାର (ପ୍ରାୟ ୫.୫୪ ପ୍ରତିଶତ)ଠାରୁ ବି ଅଧିକ। ଗ୍ରାମୀଣ ଅଞ୍ଚଳରେ ଏହା ଆହୁରି ଅଧିକ (୭.୨୪ ପ୍ରତିଶତ)। ଖାଦ୍ୟ ଓ ପାନୀୟ ବର୍ଗରେ ପିଆଜ, ଅଦା, ରସୁଣ, ଚିନି ଓ ପନିପରିବାର ମୂଲ୍ୟ ବୃଦ୍ଧି ଏହି ଚାପକୁ ବଢ଼ାଇଛି। ରାଜ୍ୟ ଅଧିକାଂଶ ଡାଲି, ଚିନି ଓ କିଛି ଚାଉଳ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିବାରୁ ବାହାର ଯୋଗାଣ ବାଧା, ପାଣିପାଗ ପରିବର୍ତ୍ତନ ଓ ଉତ୍ସବ ମୌସୁମୀ ଚାହିଦା ଦରକୁ ପ୍ରଭାବିତ କରୁଛି।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ...

କରିବେ ବୋଲି ଓଡ଼ିଶା ସରକାର ଆଶାୟୀ ଥିବା ବେଳେ ପ୍ରଧାନମନ୍ତ୍ରୀ କୋଟିଆ ସମସ୍ୟାର ସମାଧାନ ଆଲୋଚନା ଜରିଆରେ କରିବେ ବୋଲି ମଧ୍ୟ କୁହାଯାଉଛି। କାରଣ ଚନ୍ଦ୍ରବାବୁଙ୍କ ଉପରେ ମୋଦିଙ୍କର ଢେର ପ୍ରଭାବ ରହିଛି। ଅତୀତରେ ପୋଲାଭରମ କଥା ଯେଭଳି ମୋଦି ରଖିଥିଲେ ଏବେ କୋଟିଆ କଥା ନିଶ୍ଚିତ ଭାବେ ଚନ୍ଦ୍ରବାବୁ ରଖିବେ ବୋଲି ଆଲୋଚନା ହେଉଛି। ତେବେ ପ୍ରଧାନମନ୍ତ୍ରୀଙ୍କ ନବମ ଓଡ଼ିଶା ଗସ୍ତ ପରେ ଏହି ଦୁଇ ବୃହତ୍ ବିବାଦର କିଭଳି ସରଳ ସମାଧାନ ହେଉଛି, ତାହା ଉପରେ ରାଜ୍ୟବାସୀଙ୍କ ସମେତ ଉଭୟ ଶାସକ ଓ ବିରୋଧୀ ଦଳ ତୀକ୍ଷ୍ଣ ନଜର ରଖିଛନ୍ତି। କାରଣ ଏହି ଦୁଇ ବିବାଦକୁ ନେଇ ରାଜନୀତି ଜୋର ଧରିଥିବା ବେଳେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଏହାକୁ ପ୍ରସଙ୍ଗ ପାଇଁ ସମସ୍ତେ ଅଣ୍ଟା ଭିଡ଼ିଛନ୍ତି।

ଶତବାର୍ଷିକୀ ଗଜଲକ୍ଷ୍ମୀ ପୂଜା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା



କେନ୍ଦ୍ରାପଡ଼ା,୨୫।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ଶତବାର୍ଷିକୀକୁ ନେଇ ସହର ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ପୂଜା ମଣ୍ଡପ ଆକର୍ଷଣୀୟ ତୋରଣ ଓ ରଙ୍ଗିନ ଆଲୋକମାଳାରେ ସଜେଇ ହୋଇଥିବା ବେଳେ ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାତି ୧୨ଟା ପର୍ଯ୍ୟନ୍ତ ଧ୍ୱନିବର୍ଦ୍ଧକ ଯନ୍ତ୍ର ବ୍ୟବହାରକୁ ଅନୁମତି ମିଳିଛି।

ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନେତୃତ୍ୱରେ ସୁରକ୍ଷା ଦାୟିତ୍ୱରେ ୨ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୯ ଜଣ ଡିଏସ୍‌ପି, ୨୦ ଜଣ ଇନ୍ସପେକ୍ଟର, ୧୧୦ ଜଣ ସବ୍‌ଇନ୍ସପେକ୍ଟର ଓ ଏଏସ୍‌ଆଇ, ୨୦୦ ଜଣ କନଷ୍ଟେବଲ ଏବଂ ୩୧୪ ଜଣ ଗୃହରକ୍ଷୀ ନିୟୋଜିତ ହୋଇଛନ୍ତି। ଏଥିସହ ୨୨ ପ୍ଲାଟୁନ୍ ପୁଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଛି। ସହର ସମେତ ଆଖପାଖ ଅଞ୍ଚଳର ସମସ୍ତ ପୂଜା ମଣ୍ଡପ ଉପରେ ପୁଲିସର ନଜର ରହିବ। ଭକ୍ତଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨୪ ଘଣ୍ଟିଆ ପୁଲିସ ପହରା ବ୍ୟବସ୍ଥା କରାଯାଇଛି।

ଗହମ ବିକ୍ରି କରି ଫେରାର ଅଭିଯୋଗ, କେନ୍ଦ୍ରାପଡ଼ାରେ ଝାଡ଼ଖଣ୍ଡ ପୁଲିସ



କେନ୍ଦ୍ରାପଡ଼ା, ୨୫।୧୦(ସଂଚାର ବ୍ୟୁରୋ): ଝାଡ଼ଖଣ୍ଡର ରାଞ୍ଚିରୁ ଗହମ ବୋଝେଇ ଟ୍ରକ୍ ନେଇ ଆସି ସମସ୍ତ ଗହମ ବିକ୍ରି କରି ଫେରାର ହୋଇଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ପାଳକଣା ଗ୍ରାମର ଧନଞ୍ଜୟ ପାତ୍ରଙ୍କୁ ଖୋଜି ଝାଡ଼ଖଣ୍ଡ ପୋଲିସ କେନ୍ଦ୍ରାପଡ଼ାରେ ପହଞ୍ଚିଛି। ପୋଲିସ ଧନଞ୍ଜୟଙ୍କ ଘରେ ନୋଟିସ ଲଗାଇବା ସହ ୧୫ ଦିନ ମଧ୍ୟରେ ରାଞ୍ଚି କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛି।

ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ମାସରେ ରାଞ୍ଚିରୁ ଏକ ଗହମ ବୋଝେଇ ଟ୍ରକ୍ ଆସିଥିଲା। ଧନଞ୍ଜୟ ଟ୍ରକ୍‌ରେ ଥିବା ସମସ୍ତ ଗହମ ବିକ୍ରି କରି ଝାଡ଼ଖଣ୍ଡରୁ ଫେରାର ହୋଇ କେନ୍ଦ୍ରାପଡ଼ାକୁ ଆସିଥିବା ଅଭିଯୋଗ ହୋଇଛି। ଏନେଇ ରାଞ୍ଚିରେ ମାମଲା ରୁଜୁ ହେବା ସହ କୋର୍ଟ ପକ୍ଷରୁ ନୋଟିସ ଜାରି ହୋଇଥିଲା।

ଏହି ମାମଲାରେ ଝାଡ଼ଖଣ୍ଡରୁ ଆସିଥିବା ସ୍ୱତନ୍ତ୍ର ପୋଲିସ ଟିମ୍ ଧନଞ୍ଜୟଙ୍କ ଘରେ ନୋଟିସ ଲଗାଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେ କୋର୍ଟରେ ହାଜର ନହେଲେ ତାଙ୍କ ବିରୋଧରେ ଆଇନାନୁଗ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ସୂଚନା ଦେଇଛି।

ଘର ନିର୍ମାଣ ସାମଗ୍ରୀ ଚୋରି ମାମଲାରେ ୬ ଗିରଫ

୫.୮ ମେଟ୍ରିକ୍ ଟନ୍ ଲୁହା ସାମଗ୍ରୀ ଚୋରି; କାର୍ ସମେତ ୩ ଗାଡ଼ି ଜବତ



ବଡ଼ଗାଁ,୨୫।୧୦(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରେ ଘର ନିର୍ମାଣରେ ବ୍ୟବହୃତ ଲୁହା ସାମଗ୍ରୀ ଚୋରି ଘଟଣାରେ ବଡ଼ଗାଁ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଏଥିସହ ଚୋରି ହୋଇଥିବା ୧୨୦ଟି ଲୁହା ପାଇପ୍,ଦୁଇଟି ମହିନ୍ଦ୍ରା ବୋଲେରୋ ପିକ୍‌ଅପ୍ ଗାଡ଼ି ଓ ଗୋଟିଏ ମାରୁତି ସୁଜୁକି ସ୍ୱିଫ୍ଟ ଡିଜାୟାର କାର୍,୬ଟି ମୋବାଇଲ୍ ଫୋନ୍ ଏବଂ "ମାଆ ଲକ୍ଷ୍ମୀ ଟ୍ରେଡର୍ସ" ନାମ ଥିବା ଗୋଟିଏ ଷ୍ଟାମ୍ପ ସିଲ୍ ଜବତ କରିଛି। ଚୋରି ହୋଇଥିବା ଲୁହା ସାମଗ୍ରୀର ପରିମାଣ ପ୍ରାୟ ୫.୮ ମେଟ୍ରିକ୍ ଟନ୍ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୬ରୁ ୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, କଳ୍ପତରୁ ପ୍ରୋଜେକ୍ଟସ୍ ଇଣ୍ଟରନ୍ୟାସନାଲ୍ ଲିମିଟେଡ୍‌ର ପ୍ରକଳ୍ପ ସ୍ଥଳରୁ ଉକ୍ତ ଲୁହା ସାମଗ୍ରୀ ଚୋରି ହୋଇଥିଲା। ଏହି ଘଟଣାକୁ ନେଇ ବଡ଼ଗାଁ ଥାନାରେ କେସ୍ ନଂ ୩୩୭, ତାରିଖ ୨୪.୧୦.୨୦୨୬ରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ତଦନ୍ତ କରି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲା ଗୋଲା ଥାନା ଅଞ୍ଚଳର ସତେନ୍ଦ୍ର କୁମାର ମହାତୋ (୨୯) ଓ ତିଳକଧାରୀ ମହାତୋ (୪୦)। ସେହିପରି ସୁନ୍ଦରଗଡ଼ ଜିଲ୍ଲା ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳର ବେଦବ୍ୟାସ ଦୁର୍ଗା ମଣ୍ଡପ ନିକଟର ରୋହିତ ସାହୁ (୧୯), କାଲୁଙ୍ଗା ମିଳନ ଗଳିର ଓମ୍ ସା (୨୨), ବେଦବ୍ୟାସ ମନ୍ଦିର ରୋଡ୍‌ର ଗୋବିନ୍ଦ କୁମାର ଶର୍ମା (୨୬) ଏବଂ ବେଦବ୍ୟାସର ବୁରୁଡୋଲା ଅଞ୍ଚଳର ସନ୍ଦୀପ ତିୱାରୀ (୩୧) ରହିଛନ୍ତି। ଗିରଫ ୬ ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ ସମ୍ପୃକ୍ତ ଅଦାଲତକୁ ପଠାଯାଇଥିବା ଜଣାପଡ଼ିଛି।

ବାତ୍ୟାକୁ ନେଇ ମତ୍ସ୍ୟଜୀବୀଙ୍କୁ ପ୍ରଶାସନର ସତର୍କତା

ଦୁଇ ଦିନ ସମୁଦ୍ରକୁ ଯିବା ମନା

ଘଣ୍ଟାପ୍ରତି ୬୦ କି.ମି. ବେଗରେ ଝଟକା ପବନ ସମ୍ଭାବନା

ଅଶାନ୍ତ ରହିବ ସମୁଦ୍ର

କେନ୍ଦ୍ରାପଡ଼ା,୨୫।୧୦(ସଂଚାର ବ୍ୟୁରୋ): ଓଡ଼ିଶା ଉପକୂଳରେ ପାଣିପାଗର ପ୍ରତିକୂଳ ପରିସ୍ଥିତିକୁ ନେଇ ମତ୍ସ୍ୟଜୀବୀଙ୍କ ପାଇଁ ସତର୍କତା ଜାରି ହୋଇଛି। ଆସନ୍ତା ୨୭ ଓ ୨୮ ଅକ୍ଟୋବରରେ ସମୁଦ୍ର ଅଶାନ୍ତ ରହିବା ସହ ଘଣ୍ଟାପ୍ରତି ୬୦ କିଲୋମିଟର ବେଗରେ ଝଟକା ପବନ ବହିବାର ସମ୍ଭାବନା ଥିବାରୁ ଏହି ଦୁଇ ଦିନ ସମୁଦ୍ରକୁ ମାଛ ଧରିବାକୁ ନଯିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛି।

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ଏହି ସମୟରେ ଓଡ଼ିଶା ଉପକୂଳ ଓ ସଂଲଗ୍ନ ସମୁଦ୍ର ଅଞ୍ଚଳରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ଝଟକା ପବନର ବେଗ ୬୦ କିଲୋମିଟର ଛୁଇଁବାର ଆଶଙ୍କା ରହିଛି। ଫଳରେ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ହୋଇପାରେ।

ଏହି ସ୍ଥିତିକୁ ଦୃଷ୍ଟିରେ ରଖି ସମୁଦ୍ରରେ ମାଛ ଧରୁଥିବା ମତ୍ସ୍ୟଜୀବୀଙ୍କୁ ତୁରନ୍ତ ସୁରକ୍ଷିତ ଭାବେ କୂଳକୁ ଫେରିବାକୁ କୁହାଯାଇଛି। ଏଥିସହ ନିର୍ଦ୍ଧାରିତ ଦୁଇ ଦିନ କୌଣସି ମତ୍ସ୍ୟଜୀବୀ ସମୁଦ୍ରକୁ ନଯିବା ନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗ ଓ ଅଧିକାରୀଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ପାଣିପାଗ ବିଭାଗର ସତର୍କ ସୂଚନାକୁ ଗୁରୁତ୍ୱ ଦେବା ସହ ପ୍ରଶାସନର ପରାମର୍ଶ ପାଳନ କରିବାକୁ ମତ୍ସ୍ୟଜୀବୀଙ୍କୁ ଅନୁରୋଧ କରାଯାଇଛି।

ସମ୍ଭାବ୍ୟ ବାତ୍ୟା ପାଇଁ ଦୁଇ ଦିନ ଧ୍ୱନିବର୍ଦ୍ଧକ ଅନୁମତି ବନ୍ଦ

କେନ୍ଦ୍ରାପଡ଼ା,୨୫।୧୦(ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଧ୍ୱନିବର୍ଦ୍ଧକ ଯନ୍ତ୍ର ବ୍ୟବହାର ଅନୁମତିକୁ ଦୁଇ ଦିନ ପାଇଁ ସ୍ଥଗିତ ରଖାଯାଇଛି।

ଏହାଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା, ସାଂସ୍କୃତିକ ଆୟୋଜନ ଓ ବ୍ୟବସାୟିକ ପ୍ରଚାର ପାଇଁ ଧ୍ୱନିବର୍ଦ୍ଧକ ଯନ୍ତ୍ର ବ୍ୟବହାର ଅନୁମତି ମିଳିବ ନାହିଁ। ପାଣିପାଗର ସମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ପ୍ରଶାସନ ଏହି ଅସ୍ଥାୟୀ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ବାତ୍ୟା ପାଇଁ ମାଲକାନଗିରିରେ ପ୍ରଶାସନିକ ତତ୍ପରତା

ଏନଡିଆରଏଫ ଓ ଓଡ୍ରାଫ୍ ଟିମ୍ ମୁତୟନ

ସ୍କୁଲ-କଲେଜ ବନ୍ଦ


ମାଲକାନଗିରି,୨୫।୧୦(ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବର ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥିତିର ମୁକାବିଲା ପାଇଁ କଟକରୁ ୩୦ ଜଣିଆ ଏନଡିଆରଏଫ୍ ଦଳ ଜଣେ କମାଣ୍ଡାଣ୍ଟ ଓ ୨ ଜଣ ଉପ-ଅଧିକାରୀଙ୍କ ନେତୃତ୍ୱରେ ଆଜି ରାତି ସୁଦ୍ଧା କାଲିମେଲାଠାରେ ମୁତୟନ ହେବେ। ଏଥିସହିତ ୩୬ ଜଣିଆ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଓଡ୍ରାଫ୍) ଦଳ ମଧ୍ୟ ଆସି ମାଥିଲି ଠାରେ ପହଞ୍ଚି ସଜାଗ ଅଛନ୍ତି।

ସୁରକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ ଏବଂ ସତୀଗୁଡ଼ାଠାରେ ଚାଲିଥିବା ସମସ୍ତ କ୍ରୀଡ଼ା କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏହାସହ ତଳିଆ ଅଞ୍ଚଳ ଓ କଚା ଘରେ ରହୁଥିବା ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନାନ୍ତର ପାଇଁ ତହସିଲଦାରମାନଙ୍କୁ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଥିବା ୪ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ସମେତ ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡ଼ିକୁ ମଧ୍ୟ ତୁରନ୍ତ ପ୍ରସ୍ତୁତ ରଖିବା ପାଇଁ ପ୍ରଶାସନିକ ସ୍ତରରେ ନିର୍ଦ୍ଦେଶ ଜାରି ହୋଇଛି।

ବାତ୍ୟା ଆଶଙ୍କା: ଖୋର୍ଦ୍ଧା ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଅଧିକାରୀଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ

ଖୋର୍ଦ୍ଧା,୨୫।୧୦ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଏଥିସହ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କୌଣସି ଅଧିକାରୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।




ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୨୫ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଅକ୍ଟୋବର ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ପୂର୍ବରୁ ମଞ୍ଜୁର ହୋଇଥିବା ଛୁଟିକୁ ବାତିଲ କରାଯାଇଛି। ଏହି ନିର୍ଦ୍ଦେଶ ତତ୍କାଳ ଲାଗୁ କରାଯାଇଛି।

ଏବେ ଛୁଟିରେ ଥିବା କିମ୍ବା ମୁଖ୍ୟାଳୟ ଛାଡ଼ିବା ପାଇଁ ଅନୁମତି ନେଇଥିବା କର୍ମଚାରୀମାନଙ୍କୁ ତୁରନ୍ତ ନିଜ ନିଜ କାର୍ଯ୍ୟସ୍ଥଳରେ ଯୋଗଦେବାକୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟା ଜନିତ ପରିସ୍ଥିତିରେ ଜରୁରିକାଳୀନ ସେବା ଓ ପ୍ରଶାସନିକ କାର୍ଯ୍ୟକୁ ସ୍ୱାଭାବିକ ରଖିବା ସହ ଯେକୌଣସି ଜରୁରି ପରିସ୍ଥିତିର ତ୍ୱରିତ ମୁକାବିଲା ଲାଗି ପ୍ରଶାସନ ଏହି ପଦକ୍ଷେପ ଗ୍ରହଣ କରିଛି।

ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ପାଣିପାଗ ପ୍ରଣାଳୀ ଉପରେ ନଜର ରଖାଯାଇଥିବାବେଳେ ବିଭିନ୍ନ ସରକାରୀ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି। ବିପର୍ଯ୍ୟୟ ସମୟରେ ଉଦ୍ଧାର, ରିଲିଫ୍ ବଣ୍ଟନ ଓ ଅନ୍ୟାନ୍ୟ ଜରୁରି ସେବାର ସମନ୍ୱୟ ରକ୍ଷା କରିବା ପାଇଁ ଅଧିକାରୀମାନଙ୍କ ମୁଖ୍ୟାଳୟରେ ଉପସ୍ଥିତିକୁ ଗୁରୁତ୍ୱ ଦିଆଯାଇଛି।

ହାତୀ ଆକ୍ରମଣରେ ଜଣେ ମୃତ



ଢେଙ୍କାନାଳ,୨୫।୧୦(ସଂଚାର ବ୍ୟୁରୋ): ପୁଣି ଏକ ଦୁଃଖଦ ଘଟଣା ଘଟିଛି ଉକ୍ତ ବ୍ଲକରେ ହାତୀ ଆକ୍ରମଣ ରେ ଚାଲି ଯାଇଛି ଏକ ଜୀବନ। ସତେ ଯେପରି ଉକ୍ତ ବ୍ଲକରେ ଯମ ରୂପରେ ଆସି ହାତୀ ଦ୍ୱାରା କରିଚାଲଛି ଜନ ସଂହାର। ହାତୀ ଆକ୍ରମଣରେ ଢେଙ୍କାନାଳ ଜିଲ୍ଲା ଷଡ଼ଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ମନ୍ଦାର ଗ୍ରାମ ପଞ୍ଚାୟତଅଧୀନ ଦଲାର ଗ୍ରାମର ଶ୍ରୀଧର ଦେହୁରୀ(୬୫) ଗତକାଲି ରାତି ପ୍ରାୟ ସାଢ଼େ ବାରଟା ସମୟରେ ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡ଼ିଥିଲା। ବନବିଭାଗ ପକ୍ଷରୁ ପ୍ରଚାର ପ୍ରସାର ଜାରି ରହିଥିବା ବେଳେ ଉକ୍ତ ବ୍ୟକ୍ତି ଜଣକ ଘର ପାଖରେ ଥିବା ନିଜର ଧାନ ବିଲରେ ଥିବା ବେଳେ ଏକ ଦନ୍ତା ହାତୀର ସମ୍ମୁଖୀନ ହୋଉଥିଲା। ଯାହା ଫଳରେ ଉକ୍ତ ଦନ୍ତା ଆକ୍ରମଣର ଶିକାର ହୋଇ ଗୁରୁତର ଅବସ୍ଥାରେ ପ୍ରଥମେ ଶ୍ରୀରାମଚନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଥିବା ଅବସ୍ଥାରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଗଙ୍ଗା-ଭାଗୀରଥୀ ପୂଜା କମିଟିର ୮୫ତମ ବର୍ଷରେ

ମା'ଙ୍କୁ ୬୦୦ ଗ୍ରାମ ସୁନାର ମୁକୁଟ ଅର୍ପଣ



କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଙ୍ଗା-ଭାଗୀରଥୀ ପୂଜା କମିଟି ଚଳିତବର୍ଷ ନିଜର ୮୫ତମ ବାର୍ଷିକୀକୁ ସ୍ମରଣୀୟ କରିବା ପାଇଁ ମା'ଙ୍କୁ ଅର୍ପଣ କରିଛି ଏକ ଆକର୍ଷଣୀୟ ସୁନାର ମୁକୁଟ। ପ୍ରାୟ ୬୦୦ ଗ୍ରାମ ସୁନାରେ ନିର୍ମିତ ଏହି ମୁକୁଟର ଆନୁଷ୍ଠାନିକ ଉନ୍ମୋଚନ ଏକ ଭବ୍ୟ ସମାରୋହରେ କରାଯାଇଥିଲା। ଏହି ଅନନ୍ୟ ଅର୍ପଣ ଭକ୍ତଙ୍କ ମନରେ ଆଧ୍ୟାତ୍ମିକ ଉତ୍ସାହ ଭରିଦେଇଛି।

କଟକର ପ୍ରସିଦ୍ଧ ମୂର୍ତ୍ତିକାର ଓ ଶିଳ୍ପୀ ବସନ୍ତ ବେହେରାଙ୍କ ନିଖୁଣ କାରିଗରୀ ଏବଂ ସୂକ୍ଷ୍ମ କଳାକୌଶଳରେ ନିର୍ମିତ ଏହି ସୁନା ମୁକୁଟ ନିଜର ଆକର୍ଷଣୀୟ ରୂପ ପାଇଁ ବେଶ୍ ଚର୍ଚ୍ଚା ସାଉଁଟିଛି। ଆଗାମୀ ପୂଜା ମହୋତ୍ସବରେ ଏହା ମା'ଙ୍କ ଶୋଭା ବର୍ଦ୍ଧନ କରିବା ସହ ଭକ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିବ ବୋଲି ଆଶା କରାଯାଉଛି।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ନୂତନ ମୁକୁଟର ଉନ୍ମୋଚନ କରିଥିଲେ। ସେ କମିଟିର ୮୫ ବର୍ଷର ଧାର୍ମିକ ପରମ୍ପରା, ସାମାଜିକ ଏକତା ଓ ସାଂସ୍କୃତିକ ଅବଦାନର ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ସମାଜସେବୀ ହିମାଂଶୁ ଭୂଷଣ କର କେନ୍ଦ୍ରାପଡ଼ାର ସମୃଦ୍ଧ ସଂସ୍କୃତି ଓ ପାରମ୍ପରିକ ଉତ୍ସବଗୁଡ଼ିକ କିପରି ସାମାଜିକ ସଦ୍‌ଭାବ ଓ ଭାଇଚାରାକୁ ସୁଦୃଢ଼ କରେ, ସେ ସମ୍ପର୍କରେ ମତ ରଖିଥିଲେ।

କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ସରିତା ସାହୁ, କାଉନସିଲର ରଶ୍ମିତା ସିଂହ, ପୂଜା କମିଟି ସଭାପତି ସୁବାସ କୁମାର ଚାନ୍ଦ ଓ ସମ୍ପାଦକ ନିଗମାନନ୍ଦ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

କାର୍ଯ୍ୟକର୍ତ୍ତାଙ୍କ ସହ ମନ୍ କି ବାତ୍ ଶୁଣିବା ସହିତ ସମସ୍ୟା ବୁଝିଲେ ବିଧାୟକ

ଫୁଲବାଣୀ,୨୫।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଗଞ୍ଜୁଗୁଡ଼ା ପଞ୍ଚାୟତର ଆମ୍ବପଡ଼ା ବନ ସୁରକ୍ଷା ସମିତି ସଭାଗୃହ ପରିସରରେ କାର୍ଯ୍ୟକର୍ତ୍ତାଙ୍କ ସହିତ ବସିକି ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' ଶୁଣିବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କଲେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ। ଫୁଲବାଣୀ ଗ୍ରାମୀଣ ମଣ୍ଡଳର ସଭାପତି ଗୋଲକ ବିହାରୀ କହଁରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ।



ବିଧାୟକ ଶ୍ରୀ ମଲିକ ତାଙ୍କ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଦେଶର ବିଭିନ୍ନ ପ୍ରାନ୍ତର ସଫଳତା, ଅଭିନବ ପଦକ୍ଷେପ ଓ ଜନସାଧାରଣଙ୍କ ପ୍ରେରଣାଦାୟୀ କାର୍ଯ୍ୟକୁ ଜାଣିବାର ଏକ ମାଧ୍ୟମ ବୋଲି କହିଥିଲେ। ପ୍ରତ୍ୟେକ ମାସର ଶେଷ ରବିବାର ଦିନ ଗ୍ରାମବାସୀ ଏକାଠି ହୋଇ 'ମନ୍ କି ବାତ୍' ଶୁଣିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରାୟ ଏକ ଘଣ୍ଟା ଧରି କାର୍ଯ୍ୟକର୍ତ୍ତାଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।

ବିଶେଷ କରି କାର୍ଯ୍ୟକର୍ତ୍ତା ମାନେ ନେଟୱାର୍କ ସମସ୍ୟା ବିଷୟରେ ବିଧାୟକ ସହିତ ଆଲୋଚନା କରିଥିଲେ। ବିଧାୟକ କେଉଁ ଗ୍ରାମ ଗୁଡ଼ିକରେ ନେଟୱାର୍କ ସମସ୍ୟା ଅଛି ତାର ଗୋଟେ ତାଲିକା ପ୍ରସ୍ତୁତ କରି ତାଙ୍କୁ ଶୀଘ୍ର ପ୍ରଦାନ କରିବାକୁ କହିଥିଲେ। ତାଲିକା ପାଇଲା ପରେ ବିଧାୟକ ବିଭାଗୀୟ ମନ୍ତ୍ରୀ ଙ୍କ ସହିତ ଆଲୋଚନା କରି ନେଟୱାର୍କ ସମସ୍ୟା ଦୂର କରିବା ପ୍ରୟାସ କରିବି ବୋଲି ଉପସ୍ଥିତ କାର୍ଯ୍ୟକର୍ତ୍ତା ଙ୍କୁ ଆଲୋଚନା ମାଧ୍ୟମରେ କହିଥିଲେ।

ଦଶରଥ ମଲ୍ଲିକଙ୍କ ୭୦ତମ ଜନ୍ମଜୟନ୍ତୀ ପାଳିତ

'ସଂଗ୍ରାମ ପଥେ ଦଶରଥ' ପୁସ୍ତିକା ଉନ୍ମୋଚିତ



ଆଳି,୨୫।୧୦(ସଂଚାର ବ୍ୟୁରୋ): ସମାଜସେବା ପ୍ରତି ନିଷ୍ଠା ଓ ସାମାଜିକ ଜୀବନରେ ନିଜର ଅବଦାନ ପାଇଁ ପରିଚିତ ଦଶରଥ ମଲ୍ଲିକଙ୍କ ୭୦ତମ ଜନ୍ମଜୟନ୍ତୀ ଆଳିଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଜୀବନୀ ଓ ସଂଘର୍ଷମୟ ଯାତ୍ରାକୁ ନେଇ ପ୍ରସ୍ତୁତ 'ସଂଗ୍ରାମ ପଥେ ଦଶରଥ' ପୁସ୍ତିକା ଉନ୍ମୋଚିତ ହୋଇଥିଲା।

ଆଳି ବ୍ଲକ ବିଜୁ ଜନତା ଦଳର ଏସ୍‌ସି ସେଲ୍‌ର ଜିଲ୍ଲା ସଭାପତି ଦଶରଥ ମଲ୍ଲିକଙ୍କ ନିଜ ଗ୍ରାମ ଆୟତପୁର। ସେ ସରକାରୀ ଚାକିରି ଛାଡ଼ି ପ୍ରାୟ ୩୦ ବର୍ଷ ଧରି ସମାଜସେବାରେ ନିଜକୁ ନିୟୋଜିତ କରିଆସିଛନ୍ତି। ତାଙ୍କର ଜୀବନଯାତ୍ରା, ସଂଘର୍ଷ ଓ ସାମାଜିକ ଅବଦାନକୁ ନେଇ ଅତିଥିମାନେ ଆଲୋକପାତ କରିଥିଲେ।

ଧନେଶ୍ୱର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦ ମୁଖ୍ୟ ଅତିଥି ଏବଂ ଅକ୍ଷୟ ମଲ୍ଲିକ ଓ ସାମ୍ବାଦିକ ଅନିରୁଦ୍ଧ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଦଶରଥ ମଲ୍ଲିକଙ୍କ ବ୍ୟକ୍ତିତ୍ୱ, ସମାଜ ପ୍ରତି ତାଙ୍କର ଅବଦାନ ଓ ଦୀର୍ଘ ଦିନର ସେବାମୂଳକ କାର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପରେ ଅତିଥିମାନଙ୍କ ଉପସ୍ଥିତିରେ 'ସଂଗ୍ରାମ ପଥେ ଦଶରଥ' ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

ଏହି ଜନ୍ମଜୟନ୍ତୀ ଉତ୍ସବରେ ତାଙ୍କ ପରିବାର ସଦସ୍ୟଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଆଳିର ଆରାଧ୍ୟ ଦେବତା ଶ୍ରୀଶ୍ରୀ ଲକ୍ଷ୍ମୀବରାହଙ୍କ ନିକଟରେ ତାଙ୍କର ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରାଯାଇଥିଲା।

ସୁବର୍ଣ୍ଣ ଜୟନ୍ତୀ ପାଇଁ ରାଏସର ଖାରିଶାଣ ଉଚ୍ଚ ବିଦ୍ୟାଳୟର ବାଇକ୍ ଓ କାର୍ ଶୋଭାଯାତ୍ରା



ଗରଦପୁର,୨୫।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧୀନ ରାଏସରସ୍ଥିତ ଖାରିଶାଣ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ଅବସରରେ ରବିବାର ବିଦ୍ୟାଳୟ ପରିସରରୁ ଏକ ବାଇକ୍ ଓ କାର୍ ଶୋଭାଯାତ୍ରା ବାହାରି ରାଏସର ସମେତ ଆଖପାଖ ଅଞ୍ଚଳ ପରିକ୍ରମା କରିଥିଲା। ଶୋଭାଯାତ୍ରା ମାଧ୍ୟମରେ ଆଗାମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ବାର୍ତ୍ତା ପ୍ରଚାର ସହ ଅଞ୍ଚଳବାସୀଙ୍କୁ ଉତ୍ସବରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ବହୁ ପୁରାତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଯୁବକ ଯୋଗଦେଇଥିଲେ। ଏହି ଅବସରରେ ଛୋଟ ପିଲାମାନଙ୍କୁ ବିସ୍କୁଟ ଓ ଚକୋଲେଟ୍ ବଣ୍ଟନ କରାଯାଇଥିଲା।

ଶୋଭାଯାତ୍ରା ପରେ ବିଦ୍ୟାଳୟ ପରିସରରେ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତିର ସପ୍ତମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ସବର ଆୟୋଜନ, 'ସଜସ୍ମୃତି' ସ୍ମରଣିକା ପ୍ରକାଶନ, ପ୍ରାକ୍ତନ ଶିକ୍ଷକ ଓ ବିଦ୍ୟାଳୟର ପ୍ରତିଷ୍ଠାତାମାନଙ୍କୁ ସମ୍ମାନିତ କରିବା, ପୁରାତନ ଛାତ୍ରଛାତ୍ରୀଙ୍କ ସ୍ମୃତିଚାରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ବିଦ୍ୟାଳୟର ଭବିଷ୍ୟତ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଉପରେ ମଧ୍ୟ ମତବିନିମୟ କରାଯାଇଥିଲା।

ବିଦ୍ୟାଳୟର ଗୌରବମୟ ୫୦ ବର୍ଷର ଯାତ୍ରାକୁ ସ୍ମରଣୀୟ କରିବା ଲକ୍ଷ୍ୟରେ ଆସନ୍ତା ୨୦୨୭ ଜାନୁଆରୀ ୯ ଓ ୧୦ ତାରିଖରେ ଦୁଇଦିନିଆ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଆୟୋଜନ କରାଯିବ। ଏହାକୁ ସଫଳ କରିବା ପାଇଁ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ, ଗ୍ରାମବାସୀ ଓ ଶୁଭେଚ୍ଛୁମାନଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ

ସଭାପତି ଭାବେ ରାସବିହାରୀ ନାୟକ, ଉପସଭାପତି ଭାବେ ଦେବେନ୍ଦ୍ର କୁମାର ନାୟକ ଓ ସୀତାକାନ୍ତ ଜେନା, ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ ଖୁଣ୍ଟିଆ, ସହସମ୍ପାଦକ ଭାବେ ତନ୍ମୟ ସୂତାର, ସଂଗଠନ ସମ୍ପାଦକ ଭାବେ ଚିତ୍ତରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଭାବେ ସନାତନ ସାହୁ, ନିଧି ସମ୍ପାଦକ ଭାବେ ଅନୁଜ କୁମାର ମହାନ୍ତି ଏବଂ ସାଂସ୍କୃତିକ ସମ୍ପାଦକ ଭାବେ ତାରାକାନ୍ତ ନାୟକ ଦାୟିତ୍ୱ ତୁଲାଉଛନ୍ତି।

ନିର୍ବାଚନ ଖର୍ଚ୍ଚର ହିସାବ ଦେବେ ପ୍ରାର୍ଥୀ

କଲେଜରେ ନିୟମ ପାଳନ ହେବ ତ ?

କାକଟପୁର ବଜାର କମ୍ପିଥିଲା କଲେଜ ନିର୍ବାଚନକୁ ନେଇ

କାକଟପୁର/ଅସ୍ତରଙ୍ଗ,୨୫।୧୦(ସଂଚାର ବ୍ୟୁରୋ): କଲେଜ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହେବା ପରେ ମଧ୍ୟ ପ୍ରାର୍ଥୀଙ୍କ ପାଇଁ ନିୟମ ପାଳନ ଜରୁରୀ। ଲିଙ୍ଗଡୋ କମିଟିର ସୁପାରିସ ଅନୁଯାୟୀ ଛାତ୍ର ସଂସଦ ନିର୍ବାଚନରେ ପ୍ରତି ପ୍ରାର୍ଥୀଙ୍କ ଖର୍ଚ୍ଚର ସର୍ବାଧିକ ସୀମା ୫ ହଜାର ଟଙ୍କା ରଖାଯାଇଛି। ନିର୍ଧାରିତ ସୀମାଠୁ ଅଧିକ ଖର୍ଚ୍ଚ କରିବା କିମ୍ବା ଖର୍ଚ୍ଚର ହିସାବ ଦାଖଲ ନ କରିବା ନିୟମ ଉଲ୍ଲଂଘନ ଅଟେ ଏବଂ ଏପରି ହେଲେ ବିଜୟୀ ପ୍ରାର୍ଥୀଙ୍କ ନିର୍ବାଚନ ମଧ୍ୟ ରଦ୍ଦ ହୋଇପାରେ। କିନ୍ତୁ ଏ ନିୟମ ସମ୍ପର୍କରେ ଅନେକ ଛାତ୍ରଛାତ୍ରୀ ଅବଗତ ନଥିବାରୁ ନିର୍ବାଚନରେ ଖର୍ଚ୍ଚର ସ୍ୱଚ୍ଛତା ଓ ନିୟମ ପାଳନକୁ ନେଇ ପ୍ରଶ୍ନ ଉଠୁଛି।

ହସ୍ତଗତ ତଥ୍ୟ ଅନୁସାରେ ପୁରୀ ଜିଲ୍ଲା କାକଟପୁର ମଙ୍ଗଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ ନେଇ କାକଟପୁର ମୁଖ୍ୟ ବଜାର ସମେତ କଲେଜ କ୍ୟାମ୍ପସରେ ଉତ୍ସାହ, ପ୍ରଚାର ଓ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। କିନ୍ତୁ ନିର୍ବାଚନରେ ପ୍ରାର୍ଥୀମାନେ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି, ସେହି ଖର୍ଚ୍ଚର ହିସାବ କାହାକୁ ଦେଉଛନ୍ତି ଏବଂ ଛାତ୍ରଛାତ୍ରୀ ଏହି ହିସାବ ଦେଖିପାରୁଛନ୍ତି କି ନାହିଁ, ତାହା ଅନେକଙ୍କ ପାଇଁ ଅଜଣା ରହିଛି।

ଛାତ୍ର ସଂସଦ ନିର୍ବାଚନରେ ସ୍ୱଚ୍ଛତା ଓ ଆର୍ଥିକ ଉତ୍ତରଦାୟିତ୍ୱ ନିଶ୍ଚିତ କରିବା ପାଇଁ ଜଷ୍ଟିସ୍ ଜେ.ଏମ୍. ଲିଙ୍ଗଡୋ କମିଟି ସ୍ପଷ୍ଟ ବ୍ୟବସ୍ଥା କରିଥିଲା। ଏ ସମ୍ପର୍କରେ ମଙ୍ଗଳା କଲେଜ ଅଧ୍ୟକ୍ଷ ଡ. ସଂଗ୍ରାମ ଛାଟୋଇ କହିଛନ୍ତି, "ବର୍ତ୍ତମାନ କଲେଜ ଛୁଟି ରହିଛି। କଲେଜ ଖୋଲିବା ପରେ କେଉଁମାନେ ହିସାବ ଦାଖଲ କରୁଛନ୍ତି ତାହା ଜଣାପଡିବ।"

ଲିଙ୍ଗଡୋ କମିଟି ଧାରା ଅନୁଯାୟୀ ନିର୍ବାଚନ ଫଳ ପ୍ରକାଶ ହେବାର ଦୁଇ ସପ୍ତାହ ମଧ୍ୟରେ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ନିଜ ନିର୍ବାଚନ ଖର୍ଚ୍ଚର ହିସାବ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷଙ୍କୁ ଦାଖଲ କରିବାକୁ ପଡିବ। ଏହି ନିୟମ କେବଳ ବିଜୟୀ ପ୍ରାର୍ଥୀଙ୍କ ପାଇଁ ନୁହେଁ, ନିର୍ବାଚନରେ ଭାଗ ନେଇଥିବା ପ୍ରତ୍ୟେକ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ। କେବଳ ମୌଖିକ ଭାବେ ଖର୍ଚ୍ଚ କହିଦେବା ଯଥେଷ୍ଟ ନୁହେଁ, ଲିଖିତ ହିସାବ ଦାଖଲ ବାଧ୍ୟତାମୂଳକ। ହିସାବ ଦାଖଲ ହେବାର ଦୁଇ ଦିନ ମଧ୍ୟରେ କଲେଜ କର୍ତ୍ତୃପକ୍ଷ ଏହାକୁ ନୋଟିସ୍ ବୋର୍ଡ / ୱେବସାଇଟରେ ପ୍ରକାଶ କରିବା ଉଚିତ, ଯାହା ଦ୍ୱାରା ଅନ୍ୟ ଛାତ୍ରଛାତ୍ରୀ ମଧ୍ୟ ଯାଞ୍ଚ କରିପାରିବେ। ନିୟମ ଉଲ୍ଲଂଘନ କଲେ ନିର୍ବାଚନ ରଦ୍ଦ ହେବାର ବ୍ୟବସ୍ଥା ମଧ୍ୟ ରହିଛି। ତେଣୁ କେବଳ ବିଜୟୀ ହୋଇଥିବା ଆଧାରରେ କୌଣସି ପ୍ରାର୍ଥୀ ନିୟମରୁ ମୁକ୍ତ ହୋଇପାରିବେ ନାହିଁ। ହିସାବ ଦାଖଲ ନ କରିବା କିମ୍ବା ଅଧିକ ଖର୍ଚ୍ଚ ଅଭିଯୋଗ ଉଠିଲେ ପ୍ରମାଣ ଓ ପ୍ରଯୁଜ୍ୟ ନିୟମ ଅନୁଯାୟୀ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ। ହିସାବ ଦାଖଲ କରିବା ଯେପରି ପ୍ରାର୍ଥୀଙ୍କ ଦାୟିତ୍ୱ, ତାହାକୁ ପ୍ରକାଶ କରିବା କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ତେଣୁ ନିର୍ବାଚନ ପରେ ପ୍ରାର୍ଥୀମାନେ ହିସାବ ଦାଖଲ କରୁଛନ୍ତି କି ନାହିଁ ଏବଂ ତାହା ଛାତ୍ରଛାତ୍ରୀଙ୍କ ଯାଞ୍ଚ ପାଇଁ ଉପଲବ୍ଧ ହେଉଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଅମାନିଆ ପାର୍କିଂରେ ପାଣିକୋଇଲି ଛକ ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ଜାମ




କୋରେଇ, ୨୫।୧୦ (ସଂଚାର ବ୍ୟୁରୋ): ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପାଣିକୋଇଲି ଅଂଚଳ ମୁଖ୍ୟ ରାସ୍ତାଗୁଡ଼ିକରେ ବେଆଇନ ଓ ଅବ୍ୟବସ୍ଥିତ ପାର୍କିଂ ଯୋଗୁଁ ସାଧାରଣ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ସାଧାରଣରେ ଅଭିଯୋଗ ଅନୁଯାୟୀ, ବିଶେଷ କରି ବାଲେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତାର ଉଭୟ ପାର୍ଶ୍ୱ ସମେତ ମଝି ଅଂଶକୁ ପାର୍କିଂ ସ୍ଥଳୀ କରି ଦିଆଯାଇଛି। କେତେକ ସ୍ଥାନରେ ଧାଡ଼ି ହୋଇ ଗାଡ଼ିଗୁଡ଼ିକ ଛିଡ଼ା ହୋଇଥିବାରୁ ଓ ବେପରୁଆ ଭିଡ଼ ହେଉଥିବାରୁ ରାସ୍ତା ସଙ୍କୁଚିତ ହୋଇ ପଡୁଛି। ଫଳରେ ଗୋଟିଏ ଗାଡ଼ି ଆଗକୁ କିମ୍ବା ପଛକୁ ନେବା ସମୟରେ ଅନ୍ୟ ସମସ୍ତ ଗାଡ଼ି ଅଟକି ରହି ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ଠପ୍ ହୋଇଯାଉଛି। ଏହି ଅବ୍ୟବସ୍ଥା ଯୋଗୁଁ ବିଶେଷ କରି ଦୁଇ ଚକିଆ ଯାନ ଚାଳକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରାଜପଥ ସହ ସଂଯୁକ୍ତ ଅନ୍ୟାନ୍ୟ ରାସ୍ତାଗୁଡ଼ିକରେ ମଧ୍ୟ ଅନିୟନ୍ତ୍ରିତ ପାର୍କିଂ ଦେଖିବାକୁ ମିଳିଛି। ଏନେଇ ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି।

ହୁତୁହୁତୁ ହୋଇ ଜଳିଲା ସ୍କୁଲ ବସ୍

ନବରଙ୍ଗପୁର,୨୫।୧୦(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ସ୍କୁଲ ପରିସରରେ ଏକ ଅବ୍ୟବହୃତ ବସ୍‌ରେ ନିଆଁ ଲାଗିଯିବା ଫଳରେ ତାହା ଜଳିଯାଇଛି। ବସ୍‌ଟି ହୁତୁହୁତୁ ହୋଇ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ବସ୍‌ରେ କିପରି ନିଆଁ ଲାଗିଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। କେହି ଦୁର୍ବୃତ୍ତ ଜାଣିଶୁଣି ବସ୍‌ରେ ନିଆଁ ଲଗାଇ ଦେଇଥିବା ନେଇ ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ତଦନ୍ତ ପରେ ହିଁ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ।

● ଭୟଙ୍କର ଦୁର୍ଘଟଣା

ମୁହାଁମୁହିଁ ପରେ ଜଳିଗଲା ଦୁଇ ଟ୍ରେଲର, ୨ ଚାଳକ ଜୀବନ୍ତ ଦଗ୍ଧ



ସୁନ୍ଦରଗଡ଼,୨୫।୧୦(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଅଉଁଳା ବାହାଲ ଛକରେ ଘଟିଛି ଏକ ଭୟଙ୍କର ଦୁର୍ଘଟଣା। ମୁହାଁମୁହିଁ ଧକ୍କା ହେବା ପରେ ଜଳିଗଲେ ଦୁଇ ଟ୍ରେଲର। ଫଳରେ ଉକ୍ତ ଦୁଇ ଗାଡ଼ିର ଚାଳକଦ୍ୱୟ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଗତକାଲି ରାତି ପ୍ରାୟ ଗୋଟାଏ ସମୟରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ମୃତକଦ୍ୱୟ ହେଲେ ବିହାରର ଚନ୍ଦନ କୁମାର ଯାଦବ ଓ ଝାଡ଼ଖଣ୍ଡର ମଣ୍ଟୁ ଯାଦବ। ମିଳିଥିବା ସୂଚନାନୁଯାୟୀ, ଲେଫ୍ରିପଡ଼ା ଥାନା ଅଉଁଳା ବାହାଲ ଛକ ନିକଟରେ ଏହି ଛାତିଥରା ଦୁର୍ଘଟଣା ଘଟିଛି। ଦୁଇଟି ଟ୍ରେଲର ଧକ୍କା ହେବା ପରେ ହୁତୁହୁତୁ ହୋଇ ଜଳିଯାଇଛି। ନିଆଁରେ ପୋଡ଼ି ଉଭୟ ଗାଡ଼ିର ଚାଳକଙ୍କ ମୃତ୍ୟୁ ହୋଇଛି। ଖବର ପାଇ ଲେଫ୍ରିପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗାଡ଼ି ଦୁଇଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣା ସାରା ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ବେଳେ ପୁଲିସର ତଦନ୍ତ ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଗତ ଏପ୍ରିଲ ୩୦ ତାରିଖ ଭୋର ପ୍ରାୟ ୩ଟା ସମୟରେ ହେମଗିର ଥାନା ଗୋପାଳପୁର-ରତନସରା ରାସ୍ତା ମଝି ଡିବିଏଲ କ୍ୟାମ୍ପ ନିକଟରେ ଏକ ଖାଲି କୋଇଲା ଟ୍ରକ୍ ଓ ଆଇରନ ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଆଇରନ ବୋଝେଇ ଟ୍ରକ ସହ ଡ୍ରାଇଭର୍ ମନୀଷ କୁମାର ଜୀବନ୍ତ ଦଗ୍ଧ ହୋଇଯାଇଥିଲେ।

● ରାଜଧାନୀରେ ମଦ୍ୟପ ଚାଳକଙ୍କ ଉନ୍ମତ୍ତ କାଣ୍ଡ

ଲୋକଙ୍କୁ ଧକ୍କା ଦେଇ ଡିଭାଇଡରରେ ପିଟିଲା କାର୍

ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଆଜି ଜଣେ ମଦ୍ୟପ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଫଳରେ କେତେକ ଲୋକ ନିଶ୍ଚିତ ଆହତରୁ ରକ୍ଷା ପାଇଯାଇଛନ୍ତି। ସ୍ଥାନୀୟ ସିଆରପି ଛକରୁ ଏକାମ୍ର କାନନ ଯିବା ରାସ୍ତାରେ ଏହି ଚାଳକ ଜଣଙ୍କ ଏକାଧିକ ଦୁର୍ଘଟଣା ଘଟାଇଛନ୍ତି। ଆଜି ବଡ଼ି ଭୋର୍‌ରୁ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇ ଚାଳକ ଜଣଙ୍କ ଲୋକଙ୍କୁ ଧକ୍କା ଦେବା ପରେ ଡିଭାଇଡର ଉପରେ ଗାଡ଼ିକୁ ଚଢ଼ାଇ ଦେଇଥିଲେ। ଫଳତଃ ଉକ୍ତ ରାସ୍ତାରେ ଯାଉଥିବା ଲୋକେ ଅଳ୍ପକେ ବର୍ତ୍ତିଛନ୍ତି। ତେବେ ଡିଭାଇଡର୍ ସହ ଧକ୍କା ହେବା ଫଳରେ ଉକ୍ତ ଦାମୀ ଗାଡ଼ିଟି ଭାଙ୍ଗି ଚୂରମାର ହୋଇଛି। ଗାଡ଼ି ଭିତରୁ ଯୁବକ ଓ ତାଙ୍କ ସହଯୋଗୀଙ୍କୁ ସୁରକ୍ଷିତ ଭାବେ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ଘଟଣା ପରେ ରାସ୍ତାରେ କିଛି ସମୟ ପାଇଁ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁଁ ଏଭଳି ଦୁର୍ଘଟଣା ଘଟୁଥିବାରୁ ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ପୁଲିସ ଦୁର୍ଘଟଣାର କାରଣ ଓ ଚାଳକଙ୍କ ନିଶାସକ୍ତ ଅବସ୍ଥା ସମ୍ପର୍କରେ ତଦନ୍ତ କରୁଛି।

ଭୁବନେଶ୍ୱରଠାରେ ଜାତୀୟ ସହରାଞ୍ଚଳ ସମ୍ମିଳନୀ ୨୦୨୬ ଉଦ୍‌ଯାପିତ

ବିକଶିତ ଭାରତ-୨୦୪୭ ପାଇଁ ସହରାଞ୍ଚଳ ବିକାଶକୁ ଗୁରୁତ୍ୱ



ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲ ଦିଗରେ ସହରାଞ୍ଚଳ ପ୍ରଶାସନ, ନଗର ଯୋଜନା ଓ ଜନସେବା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବିଭିନ୍ନ କାର୍ଯ୍ୟକାରୀ ପରାମର୍ଶ ସହ ଜାତୀୟ ସହରାଞ୍ଚଳ ସମ୍ମିଳନୀ-୨୦୨୬ ଆଜି ଭୁବନେଶ୍ୱରଠାରେ ଉଦ୍‌ଯାପିତ ହୋଇଛି। ସମାରୋହରେ କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ, ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା, ଭାରତ ସରକାରଙ୍କ ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ସହରାଞ୍ଚଳ ବିକାଶ ବିଭାଗର ସଚିବ ସତେନ୍ଦ୍ର ସିଂହ ଏବଂ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇଥିଲେ। ଉଦ୍‌ଯାପନୀ ଅଭିଭାଷଣରେ ମନୋହର ଲାଲ ଭାରତର ସହରୀକରଣର ଐତିହାସିକ ବିକାଶଧାରା ଏବଂ ସହରାଞ୍ଚଳ ଭିତ୍ତିଭୂମି ଓ ସେବାର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ନିରନ୍ତର ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଆମ ସହରଗୁଡ଼ିକ ଭବିଷ୍ୟତରେ ସାମ୍ନା କରିବାକୁ ଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରିବା ହିଁ ଏହି ସମ୍ମିଳନୀର ଉଦ୍ଦେଶ୍ୟ। ଏହି ଅବସରରେ ସେ ଅମୃତ ଯୋଜନା, ସ୍ୱଚ୍ଛ ଭାରତ ମିଶନ୍-ସହରାଞ୍ଚଳ ଏବଂ ପିଏମ୍ ସ୍ୱନିଧି ଭଳି ଜାତୀୟ ଅଭିଯାନ ମାଧ୍ୟମରେ ପାନୀୟ ଜଳ ଓ ପରିମଳ ସେବାର ସମ୍ପ୍ରସାରଣ, ଆବର୍ଜନା ପରିଚାଳନାରେ ଉନ୍ନତି, ସହରାଞ୍ଚଳ ଯାତାୟାତ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ଉଲ୍ଲେଖ କରିଥିଲେ। ନିଯୁକ୍ତି କେନ୍ଦ୍ର ଓ ସାର୍ବଜନୀନ ପରିବହନ ବ୍ୟବସ୍ଥା ନିକଟରେ ସୁଲଭ ମୂଲ୍ୟରେ ଗୃହ ଉପଲବ୍ଧ କରାଇବା, ନିର୍ମାଣ କ୍ଷେତ୍ରରେ ପୁନଃଚକ୍ରଣ ବ୍ୟବସ୍ଥାର ପ୍ରୋତ୍ସାହନ ଏବଂ ପୁରୁଣା ଆବର୍ଜନାକୁ ବୈଜ୍ଞାନିକ ପଦ୍ଧତିରେ ନିଷ୍କାସନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ’



ସହସ୍ରାଧିକ ବିଜେପି କର୍ମୀ କଲେ ସ୍ୱାଗତ

ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ) : ଆରବିଆଇ ଡାଟା ସେଣ୍ଟର ଉଦଘାଟନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଡକ ପଥରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲେ। ଭୁବନେଶ୍ୱର ପହଞ୍ଚିବା ପରେ ସେ ଜୟଦେବ ବିହାରୁ ରୋଡ ସୋ କରିଥିଲେ। ଜୟଦେବ ବିହାରରୁ ଭୁବନେଶ୍ୱର ବିମାନ ବନ୍ଦର ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଲୋକ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ପ୍ରଧାନମନ୍ତ୍ରୀ ସ୍ୱାଗତମ ଧ୍ୱନୀ ଦେଇଥିଲେ। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠାରୁ ଗତ ଅଢେଇ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଓଡିଶାକୁ ଆଠ ଥର ଆସିଛନ୍ତି। ଆଜି ଥିଲା ପ୍ରଧାନମନ୍ତ୍ରୀଙ୍କ ନବମ ଓଡିଶା ଗସ୍ତ। ରାଜ୍ୟରେ ଦେଶର ଦ୍ୱିତୀୟ ଡାଟା ସେଣ୍ଟର ପ୍ରତିଷ୍ଠା ଓଡିଶା ବିକାଶ ପ୍ରତି କେନ୍ଦ୍ରର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଏଥିସହ ରାଜ୍ୟରେ ଶିଳ୍ପର ବିକାଶ, ମାଇକ୍ରୋଚିପ ସେଣ୍ଟର ପ୍ରତିଷ୍ଠା ଭଳି ବିକାଶମୂଳକ କାର୍ଯ୍ୟ ଓଡିଶାକୁ ଦେଶର ଗ୍ରୋଥ ଇଞ୍ଜିନ ଭାବେ ଛିଡା କରାଇଛି। ନିଜେ ପ୍ରଧାନମନ୍ତ୍ରୀ ମଧ୍ୟ ବିକଶିତ ଭାରତ ଗଠନରେ ଓଡିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହୁଛନ୍ତି।

ପୂର୍ବ ଭାରତରେ ଓଡିଶାର ବିକାଶକୁ କେନ୍ଦ୍ରର ପ୍ରାଥମିକତା ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ଏଥିସହିତ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଯୋଗୁ ରାଜ୍ୟରେ ଡବଲ ଇଞ୍ଜିନ ସରକାରର ସୁଫଳ ଲୋକେ ପାଇପାରୁଛନ୍ତି ବୋଲି ରାଜ୍ୟ ବିଜେପି ନେତାମାନେ ଦାବି କରୁଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ଓଡିଶା ପ୍ରତି ଥିବା ତାଙ୍କ ପ୍ରତିବଦ୍ଧତା ଏହି ରୋଡ ସୋ ଜରିଆରେ ପ୍ରମାଣିତ କରିଛନ୍ତି।

ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ

ବ୍ରହ୍ମଗିରି,୨୫।୧୦(ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆସନ୍ତାକାଲିଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଫେରି ସେବା ଓ ପର୍ଯ୍ୟଟକ ଡଙ୍ଗା ଚଳାଚଳ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ନିର୍ଦ୍ଦେଶନାମା ଜାରି ହୋଇଛି। ନିଷେଧାଦେଶ ସମୟରେ କୌଣସି ଡଙ୍ଗା କିମ୍ବା ଫେରି ସେବା ଯେପରି ବେଆଇନ ଭାବେ ଚାଲୁ ନ ହୁଏ, ସେଥିପାଇଁ ସ୍ଥାନୀୟ ପ୍ରଶାସନ ଓ ପୁଲିସ ଘାଟଗୁଡ଼ିକରେ ନିୟମିତ ଯାଞ୍ଚ କରିବେ। ଯାତ୍ରୀ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇବା ପାଇଁ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କୁ ଜନସଚେତନତା ସୃଷ୍ଟି କରିବାକୁ କୁହାଯାଇଛି।

ସ୍ତ୍ରୀକୁ ଲୁହା ରଡ଼ରେ ପିଟି ପିଟି ହତ୍ୟା

ଯାଜପୁର,୨୫।୧୦(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ବଞ୍ଚା ଗ୍ରାମରେ ଘଟିଛି ଏକ ଅଘଟଣ। ମାନସିକ ଭାରସାମ୍ୟ ହରାଇ ନିଜ ସ୍ତ୍ରୀକୁ ଲୁହା ରଡରେ ପିଟି ପିଟି ହତ୍ୟା କରିଛି ସ୍ୱାମୀ। ମୃତକ ଜଣଙ୍କ ହେଲେ ସଉରୁଣି ମଲିକ। ମିଳିଥିବା ସୂଚନାନୁସାରେ, ସୁକିନ୍ଦା ଥାନା ବଞ୍ଚା ଗ୍ରାମର ମଦନ ମଲିକ ଗତ କିଛି ଦିନ ହେବ ମାନସିକ ରୋଗ ପାଇଁ ଔଷଧ ଖାଇଆସୁଥିଲେ। ତେବେ ଗତ ୬ରୁ ୭ ଦିନ ହେବ ତାଙ୍କର ଔଷଧ ସରିଯାଇଥିଲା, ଯେଉଁଥିରେ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଏହି କ୍ରମରେ ଗତକାଲି ବିଳମ୍ବିତ ରାତିରେ ମଦନ ମାନସିକ ଭାରସାମ୍ୟ ହରାଇ ତାଙ୍କ ସ୍ତ୍ରୀ ସଉରୁଣି ମଲିକଙ୍କୁ ଏକ ଲୁହା ରଡରେ ଆକ୍ରମଣ କରିଥିଲେ। ଏଥିରେ ସଉରୁଣି ଗୁରୁତର ଭାବେ ଆହତ ହୋଇଥିବା ବେଳେ ପଡ଼ୋଶୀମାନେ ତାଙ୍କୁ ସୁକିନ୍ଦା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି କାଣ୍ଡ ଘଟାଇବା ପରେ ମଦନ ମଧ୍ୟ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଛନ୍ତି। ସୁକିନ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଉରୁଣୀଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ଲୁଟିନେଲେ ୨୦ ଭରି ସୁନା ଅଳଙ୍କାର ଓ ସ୍କୁଟି



ଦିଗପହଣ୍ଡି,୨୫।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଦିଗପହଣ୍ଡି ଏନ୍‌ଏସି ୧ ନଂ ୱାର୍ଡ ପୁଞ୍ଜିକୟାଁ ଛକ ବିଷଧର ନଗରରେ ରହୁଥିବା ପ୍ରଧାନଶିକ୍ଷକ ପଦ୍ମନ ଶବରଙ୍କ ଘର ଗ୍ରୀଲ୍ ଓ କବାଟ ତାଲା ଭାଙ୍ଗି କିଛି ଦୁର୍ବୃତ୍ତ ଆଲମିରା ଚାବି ତାଡ଼ି ସେଥିରେ ଥିବା ପ୍ରାୟ ୨୦ ଭରି ସୁନା ଅଳଙ୍କାର, ସିସିଟିଭି ମନିଟର ଓ ସ୍କୁଟି ଚୋରି କରି ନେଇଥିବା ଜଣାପଡ଼ିଛି। ପୂଜାଛୁଟି ଯୋଗୁଁ ସ୍କୁଲ୍ ଛୁଟି ଥିବାରୁ ପଦ୍ମନ ଘରେ ତାଲା ପକାଇ ପୈତୃକ ଗାଁକୁ ଯାଇଥିଲେ। ତେବେ ଗତ ଶୁକ୍ରବାର ରାତିରେ ପୁଞ୍ଜିକୟାଁ ଛକ ଦୁର୍ଗାପୂଜା ଅବସରରେ ମେଲୋଡ଼ି ଚାଲିଥିଲା। ବିଳମ୍ବିତ ରାତି ଯାଏ ପୁଞ୍ଜିକୟାଁ ଛକରେ ଜନଗହଳି ଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ଏହାକୁ ଖାତିର ନ କରି ପଦ୍ମନଙ୍କ ଘର ତାଲା ଭାଙ୍ଗି ଚୋରି କରିଥିବା ଜଣାପଡ଼ିଛି। ଖବର ପାଇ ପଦ୍ମନ ଗାଁରୁ ଫେରି ଶନିବାର ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ମାମଲା ନଂ.୪୪୯/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଛନ୍ତି। ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଆଇଆଇସି କୃଷ୍ଣମୟୀ ବରାଳ ଗତକାଲି ପ୍ରାଥମିକ ତଦନ୍ତ କରିଥିଲେ। ଆଜି ମଧ୍ୟାହ୍ନରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିଲେ ମଧ୍ୟ ପୁଲିସକୁ ଲୁଟେରାମାନଙ୍କ ସମ୍ପର୍କରେ କୌଣସି ସୁରାକ ମିଳିପାରିନାହିଁ। ସେହିପରି ଗତ ଅଗଷ୍ଟ ୯ ତାରିଖ ସନ୍ଧ୍ୟାରେ ଦିଗପହଣ୍ଡି ଏନ୍‌ଏସି ୧ ନଂ ୱାର୍ଡର ରାଜପୁର ରୋଡ୍‌ରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ସାହୁଙ୍କ ଘର ସମ୍ମୁଖ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସମାନ ଢଙ୍ଗରେ ଘର ଭିତରେ ଥିବା ୨ଟି ଗଡରେଜ୍ ଆଲମିରା ଚାବି ଭାଙ୍ଗି ଲକର୍ ତାଡ଼ି ସେଥିରେ ଥିବା ପ୍ରାୟ ୩୦ ଭରି ଓଜନର ସୁନା ଅଳଙ୍କାର, ୫୦ ଭରି ଓଜନର ରୁପା ଅଳଙ୍କାର, ନଗଦ ୮ ଲକ୍ଷ ଟଙ୍କା ଓ ୨ଟି ଏଟିଏମ୍ କାର୍ଡ ଲୁଟି ନେଇଥିଲେ।

▶▶ ୯୨ ଲକ୍ଷର ସାଇବର ଲୁଟ୍

ଚୀନ୍ ଲିଙ୍କ୍‌ରେ ଭଦ୍ରକରୁ ମୁଖ୍ୟ ଏଜେଣ୍ଟ ଗିରଫ



ଭଦ୍ରକ,୨୫।୧୦(ସଂଚାର ବ୍ୟୁରୋ): ଭଦ୍ରକରୁ ଅପରେଟ୍ ହେଉଥିଲା ଇଣ୍ଟରନ୍ୟାସନାଲ ଫ୍ରଡ୍ ର୍‍ୟାକେଟ୍। ଚୀନ୍ ସହ ରହିଥିଲା ଲିଙ୍କ୍। ଚୀନୀ ସାଇବର ଠକଙ୍କୁ ଯୋଗାଉଥିଲା ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ। ଫେସବୁକ୍ ଓ ହ୍ୱାଟ୍ସଆପ୍‌ରେ ଡବଲ୍ ରିଟର୍ଣ୍ଣର ଲୋଭ ଦେଖାଇ ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କଠାରୁ ୯୧ ଲକ୍ଷ ୯୦ ହଜାର ଟଙ୍କାର କରିଥିଲା ଠକେଇ। ଏବେ ମାମଲାର ତଦନ୍ତ କରି ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଞ୍ଚଳର ପ୍ରୀତମ ନାୟକ ଓରଫ ବବୁଲୁକୁ ଗିରଫ କରିଛି ପୁଲିସ୍। ତଦନ୍ତ ବେଳେ ଭଦ୍ରକରୁ ପରିଚାଳିତ ଏକ ବଡ଼ ମ୍ୟୁଲ୍ ଆକାଉଣ୍ଟ ନେଟୱର୍କର ପର୍ଦ୍ଦାଫାସ ହୋଇଛି। ସାଧାରଣ ଲୋକଙ୍କୁ କମିଶନ ଓ ପୁଞ୍ଜିନିବେଶ ନାଁରେ ଲୋକଙ୍କ ବ୍ୟାଙ୍କ ଡକ୍ୟୁମେଣ୍ଟ ନେଇ ମ୍ୟୁଲ ଆକାଉଣ୍ଟ ଖୋଲୁଥିଲା ବବୁଲୁ। ପରେ ସେ ଏସବୁ ଡାଟାବେସକୁ ଚୀନ୍‌ର ସାଇବର ଠକଙ୍କୁ ପଠାଇ ମୋଟା ଅଙ୍କର ରୋଜଗାର କରୁଥିଲା।

ଏହି କାମରେ ଗ୍ରାମାଞ୍ଚଳର ବେକାର ଯୁବକଙ୍କୁ ନିୟୋଜିତ କରି ବବୁଲୁ ମାସିକ ଦରମା ମଧ୍ୟ ଦେଉଥିଲା। ଗିରଫ ବେଳେ ଅଭିଯୁକ୍ତ ନିକଟରୁ ୩ଟି ମୋବାଇଲ ଓ ଗୋଟିଏ ଲ୍ୟାପଟପ ଜବତ କରାଯାଇଛି, ଯେଉଁଥିରେ ଚୀନୀ ଭାଷାରେ ଚାଟ୍, ବ୍ୟାଙ୍କ ଡିଟେଲ୍ସ, କ୍ରିପ୍ଟ ଡକ୍ୟୁମେଣ୍ଟ ଆଦି ରହିଛି। ଗତ ୩ ତାରିଖରେ ଏହି ର୍‍ୟାକେଟରେ କାମ କରୁଥିବା ୪ ଜଣଙ୍କୁ ଗିରଫ କରିଥିଲା ସାଇବର ଥାନା ପୁଲିସ। ଶୈଳଶ୍ରୀ ବିହାରର ଏକ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାଞ୍ଜାକ୍ସନ ସମ୍ପର୍କରେ ଖବର ପାଇ ପୂରା ଗ୍ୟାଙ୍ଗକୁ ଠାବ କରିବାକୁ ସକ୍ଷମ ହୋଇଛି ପୁଲିସ। ପୁଲିସ୍‌ର କହିବା କଥା ଯେ ଅଭିଯୁକ୍ତ ବବୁଲୁ ମ୍ୟୁଲ ଆକାଉଣ୍ଟଗୁଡ଼ିକୁ ବିଦେଶୀ ସାଇବର ଠକମାନଙ୍କୁ ଯୋଗାଇ ଦେଉଥିଲା। ଟେଲିଗ୍ରାମ୍‌ରେ ଚୀନୀ ଅପରେଟରଙ୍କ ସହ ଯୋଡ଼ି ହୋଇ ସେ ଆକାଉଣ୍ଟ ହସ୍ତାନ୍ତର କରୁଥିଲା। କ୍ରିପ୍ଟୋ କରେନ୍ସିରେ ହେଉଥିବା ନେଣଦେଣ। ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନେଟୱର୍କର ଅନ୍ୟ ସଦସ୍ୟ ଓ ସମ୍ପତ୍ତି କାରବାରକୁ ନେଇ ତଦନ୍ତ ଜାରି ରହିଥିବା ପୁଲିସ୍ କହିଛି।

୯ ମାସରେ ୪୦ ହଜାରରୁ ଅଧିକ ସାଇବର ଅଭିଯୋଗ

ପୁଲିସ୍ କହିଛି ଯେ ଜାଣତରେ ହେଉ ବା ଅଜାଣତରେ ଯଦି କେହି ଆପଣଙ୍କ ଡକ୍ୟୁମେଣ୍ଟ ବ୍ୟବହାର କରି ମ୍ୟୁଲ ଆକାଉଣ୍ଟ ଖୋଲୁଛନ୍ତି, ତା’ହେଲେ ପରବର୍ତ୍ତୀ ସମୟରେ ଏହା ଆପଣଙ୍କୁ ମହଙ୍ଗା ପଡ଼ିପାରେ। ଏସିପି (ସାଇବର) ସୁଚିସ୍ମିତା ଦାସ ଏ ସମ୍ପର୍କରେ ଚେତାବନୀ ଦେବା ସହ ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ତଥ୍ୟ ଅନୁସାରେ, ଗତ ୯ ମାସରେ ଓଡ଼ିଶାରେ ସାଇବର ଲୁଟ୍‌କୁ ନେଇ ୪୦ ହଜାରରୁ ଅଧିକ ଅଭିଯୋଗ ହୋଇଛି। ୧୯୩୦ ନମ୍ବରକୁ ଏ ସମ୍ପର୍କରେ ଚଳିତ ବର୍ଷ ୬୨ ହଜାରରୁ ଅଧିକ କଲ୍ ଆସିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗତ ଜାନୁଆରୀରୁ ସେପ୍ଟେମ୍ବର ଶେଷ ସୁଦ୍ଧା ୨୮୩ କୋଟି ଟଙ୍କା ଠକିନେଇଛନ୍ତି ସାଇବର ଲୁଟେରା। ଠକେଇ ଟଙ୍କାରୁ ମାତ୍ର ୭ କୋଟି ପୁଲିସ ଫେରାଇ ଆଣିବାରେ ସକ୍ଷମ ହୋଇଥିବା ବେଳେ ୬୦ କୋଟି ଟଙ୍କା ଫ୍ରିଜ୍ କରିପାରିଛି। ଡିଜିଟାଲ ଠକଙ୍କ ମୁକାବିଲା ପାଇଁ ୨୪୯ କୋଟିର ବ୍ୟୟ ବରାଦରେ ଓଡ଼ିଶା ସାଇବର କମାଣ୍ଡ ସେଣ୍ଟର ଗଠନ କାମ ଦ୍ରୁତ ଗତିରେ ଚାଲିଛି।

ସମ୍ପତ୍ତି ଲୋଭରେ ମା’କୁ ନିର୍ଯାତନା



ଫୁଲବାଣୀ,୨୫।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରରେ ଘଟିଛି ଏକ ଅଭାବନୀୟ ଘଟଣା। ମା’ ଝିଅ ଭିତରେ ମନୋମାଳିନ୍ୟକୁ କେନ୍ଦ୍ର କରି ଝିଅର ନିର୍ଯାତନା ଓ ଆକ୍ରମଣରେ ବୁଢ଼ୀ ମା’ର ମୃତ୍ୟୁ ଘଟିଛି। ଘଟଣାଟି ଘଟିଛି ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ପିଅନପଡ଼ାର ଚିଦାନନ୍ଦ ନଗର ଅଞ୍ଚଳରେ। ମୃତକ ଜଣଙ୍କ ହେଲେ ସଦର ବ୍ଲକ ବୁଢ଼ାଦାନୀ ଗାଁର

ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବିଧବା ସେବତୀ କହଁର (୭୦)। ପୁଲିସଠାରୁ ମିଳିଥିବା ସୂଚନାନୁଯାୟୀ, ପ୍ରାୟ ଦେଢ଼ ବର୍ଷ ପୂର୍ବେ ସେବତୀଙ୍କ ଝିଅ ସ୍ମିତାରାଣୀ ଟାଉନ ଥାନା ଅନ୍ତର୍ଗତ ପିଅନପଡ଼ାର ସୁଜିତ ଦେହୁରୀଙ୍କୁ ପରିବାରର ଇଚ୍ଛା ବିରୋଧରେ ପ୍ରେମ ବିବାହ କରିଥିଲେ। ଏହି କାରଣରୁ ବାପଘର ସହ ତାଙ୍କର ସମ୍ପର୍କ ଛିନ୍ନ ହୋଇଥିଲା। ଝିଅକୁ ପୈତୃକ ସମ୍ପତ୍ତିରେ ଭାଗ ନ ଦେବା ପାଇଁ ମଧ୍ୟ ନିଷ୍ପତ୍ତି ନେଇଥିଲା ପରିବାର। ଏହାକୁ ନେଇ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ତେବେ ସ୍ମିତାରାଣୀ ଏକ କନ୍ୟା ସନ୍ତାନକୁ ଜନ୍ମ ଦେବା ପରେ ନବଜାତ ଶିଶୁର ଯତ୍ନ ନେବା ପାଇଁ ପ୍ରାୟ ଦେଢ଼ ମାସ ପୂର୍ବେ ମା’ଙ୍କୁ ବୁଝାଇ ସୁଝାଇ ନିଜ ଘରକୁ ଆଣିଥିଲେ। ପରେ ମା’ଙ୍କୁ ନିର୍ଯାତନା ଦେବା ସହ ମା’ ସହ ନିୟମିତ ଭାବେ ଝଗଡ଼ା କରିଆସୁଥିଲେ। ଏପରିକି ବାଡ଼ିଆପିଟା କରିବା ସହ ସ୍ମିତାରାଣୀ ଧାରୁଆ ଛୁରିରେ ସେବତୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଚେଙ୍କ ଦେଇଥିଲେ। ଝିଅ ମାଡ଼ରେ ସେବତୀଙ୍କ ହାତଗୋଡ଼ ମଧ୍ୟ ଭାଙ୍ଗି ଯାଇଥିଲା। ସେବତୀ ପିନ୍ଧିଥିବା ଅଳଙ୍କାର ମଧ୍ୟ ସ୍ମିତାରାଣୀ ଛଡ଼ାଇ ନେଇଥିଲେ। ଦୁଇ ଦିନ ପୂର୍ବେ ସେବତୀଙ୍କ ଅବସ୍ଥା ଗୁରୁତର ହେବାରୁ ସ୍ମିତାରାଣୀ ତାଙ୍କର ଚିକିତ୍ସା କରିବା ପରିବର୍ତ୍ତେ ବୁଢ଼ାଦାନୀରେ ଛାଡ଼ି ଦେଇଥିଲେ। ସେବତୀଙ୍କ ପୁଅ ଗଣେଶ ପକ୍ଷାଘାତରେ ପୀଡ଼ିତ ଥିବାରୁ ବୋହୂ ନିର୍ମଳଲତା ଗତ ଶୁକ୍ରବାର ସେବତୀଙ୍କୁ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ସେବତୀଙ୍କର ମୃତ୍ୟୁ ହୋଇଯାଇଥିଲା। ବୋହୂ ନିର୍ମଳଲତାଙ୍କ ଏତଲା ଆଧାରରେ ଟାଉନ ପୁଲିସ ଏକ ମାମଲା ରୁଜୁ କରିବା ସହ ସ୍ମିତାରାଣୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ସେବତୀଙ୍କ ଅଳଙ୍କାର ସହ ଘଟଣାରେ ବ୍ୟବହୃତ ଦୁଇଟି ଛୁରିକୁ ପୁଲିସ୍ ଜବତ କରିଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଅଧିକାରୀ ଭୀତାମ୍ବରା କର ସୂଚନା ଦେଇଛନ୍ତି।





୬୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ୍: ୨ ଗିରଫ



କଟକ,୨୫।୧୦(ସଂଚାର ବ୍ୟୁରୋ): ଦୁଇଟି ଭିନ୍ନ ଘଟଣାରେ ୬୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ୩୯୦ ଗ୍ରାମ ବ୍ରାଉନସୁଗର ଜବତ୍ କରିଛି କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ୟୁନିଟ୍-୨। କଟକ ସଦର ଥାନା ଅଞ୍ଚଳର ଶିଶିର ନାୟକ ଓ ଓଲଟପୁର ଥାନା ଅଞ୍ଚଳର ରଞ୍ଜନ ଭୋଇଙ୍କୁ ଗିରଫ କରାଯାଇଛି। ସଦର ଥାନା ଅନ୍ତର୍ଗତ ୱାଟର ପାର୍କ ନିକଟରେ ଅଭିଯୁକ୍ତମାନଙ୍କୁ ମାଡ଼ି ବସିଛି ଅବକାରୀ ଟିମ୍। ଅଭିଯୁକ୍ତଙ୍କଠାରୁ ଏକ ବାଇକ୍ ଜବତ କରାଯାଇଛି। ଅନ୍ୟ ଏକ ଘଟଣାରେ ଜଗତପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀ ନାରାୟଣ ସାହୁ କଲେଜ ନିକଟ ରାସ୍ତାରେ ଚଢ଼ାଉ କରି ୨୨୭ ଗ୍ରାମ ବ୍ରାଉନସୁଗର ଜବତ କରିଛି ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ ୟୁନିଟ୍-୧। ବୈରୀ ଥାନାଞ୍ଚଳର ଅଭିଯୁକ୍ତ କେଶବ ଚନ୍ଦ୍ର ବେହେରାଙ୍କୁ ଏହି ମାମଲାରେ ଗିରଫ କରାଯାଇଛି। ଅଭିଯୁକ୍ତଠାରୁ ଗୋଟିଏ ସ୍କୁଟି ଓ ମୋବାଇଲ ଫୋନ୍ ବି ଅବକାରୀ ଟିମ୍ ଜବତ କରିଛି। ଜବତ ହୋଇଥିବା ନିଶାଦ୍ରବ୍ୟର ଆନୁମାନିକ ବଜାର ମୂଲ୍ୟ ୨୩ ଲକ୍ଷ ୪୦ ହଜାର ଟଙ୍କା ହେବ।





ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

କ

SANCHAR
ସଂଚାର
ସୋମବାର ୨୬ ଅକ୍ଟୋବର ୨୦୨୬
BUSINESS



ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୭,୪୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୫,୧୪୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୭,୪୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୫,୧୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୭,୪୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୫୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୫,୨୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୪୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୭,୪୩୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୫,୧୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୨୯,୯୦୦ ଟଙ୍କା ହୋଇଛି ।



ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ଆମେରିକାରେ ୪.୨ ବିଲିୟନ ଡଲାର ନିବେଶ କରିବ ଅଡି

ୱାଶିଂଟନ, ୨୫।୧୦ଃ ଆମେରିକାରେ ନିଜର ପ୍ରଥମ ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ଯାଉଛି ଜର୍ମାନୀର ପ୍ରସିଦ୍ଧ ବିଳାସପୂର୍ଣ୍ଣ କାର୍ ନିର୍ମାତା କମ୍ପାନୀ ଅଡି। ଏଥିପାଇଁ କମ୍ପାନୀ ପ୍ରାୟ ୪.୨ ବିଲିୟନ ଡଲାର ନିବେଶ କରିବାକୁ ଯୋଜନା କରିଛି। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୪,୫୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆମେରିକାର ଜର୍ଜିଆ ରାଜ୍ୟରେ ଏହି କାରଖାନା ପ୍ରତିଷ୍ଠା ହେବ ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଏକ ନିର୍ବାଚନୀ ସଭାରେ ଘୋଷଣା କରିଛନ୍ତି।ହାତ ମିଳାଇଲେ ମୋଦି-ପୁଟିନ ,୨୦୩୦ ସୁଦ୍ଧା ୧୦୦ ବିଲିଅନ ଡଲାରରେ ପହଞ୍ଚିବ ଭାରତ ଓ ରୁଷ ବାଣିଜ୍ୟ

ଆସନ୍ତା ନଭେମ୍ବର ୩ ତାରିଖରେ ଆମେରିକାରେ ମିଡ଼ଟର୍ମ ନିର୍ବାଚନ ହେବାକୁ ଥିବାବେଳେ ଏହାର ଠିକ୍ ପୂର୍ବରୁ ଟ୍ରମ୍ପ ଏହି ଘୋଷଣା କରିଛନ୍ତି। ଜର୍ଜିଆର ପେରିଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ସେ କହିଥିଲେ ଯେ ଏହି ନିବେଶ ଆମେରିକାର ଅଟୋମୋବାଇଲ୍ ଶିଳ୍ପକୁ ଆହୁରି ମଜଭୁତ କରିବା ସହ ଦେଶରେ ନୂଆ ନିଯୁକ୍ତି ସୃଷ୍ଟି କରିବ। ଏହି ନୂତନ କାରଖାନାରେ ବାର୍ଷିକ ପ୍ରାୟ ୨ ଲକ୍ଷ ଗାଡ଼ି ଉତ୍ପାଦନ କରିବାର କ୍ଷମତା ରହିଥିବା ବେଳେ ଏଠାରେ ଉତ୍ତର ଆମେରିକାର ଗ୍ରାହକଙ୍କୁ ଦୃଷ୍ଟିରେ ରଖି ଉଚ୍ଚମାନର ଓ ବିଳାସପୂର୍ଣ୍ଣ ଏସୁୟଭି ଗାଡ଼ି ନିର୍ମାଣ କରାଯିବ। ଅଡିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗେର୍ନୋଟ୍ ଡୋଲନର୍ ମଧ୍ୟ ଏହି ପ୍ରକଳ୍ପକୁ ଆମେରିକା ବଜାର ପ୍ରତି କମ୍ପାନୀର ଦୀର୍ଘମିଆଦୀ ପ୍ରତିବଦ୍ଧତାର ପ୍ରତୀକ ବୋଲି କହିଛନ୍ତି। କମ୍ପାନୀର ଯୋଜନା ଅନୁଯାୟୀ, ୨୦୨୭ରେ କାରଖାନା ପାଇଁ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ ଏବଂ ୨୦୨୮ରେ ନିର୍ମାଣ କାମ ଆରମ୍ଭ ହେବାର ଯୋଜନା ରହିଛି। ୨୦୩୧ ସୁଦ୍ଧା ଏଠାରେ ପୂର୍ଣ୍ଣ କ୍ଷମତାରେ ଉତ୍ପାଦନ ଆରମ୍ଭ କରିବା ଲକ୍ଷ୍ୟ ରଖାଯାଇଛି। ଅଡି ହେଉଛି ଜର୍ମାନୀର ଅଗ୍ରଣୀ ଅଟୋମୋବାଇଲ୍ କମ୍ପାନୀ ଭୋକ୍ସୱାଗନ୍ ଗ୍ରୁପ୍ର ଏକ ଅଂଶ। ଆମେରିକାରେ ଏହି କାରଖାନା ସ୍ଥାପନ ଦ୍ୱାରା କମ୍ପାନୀ ନିଜର ବିଶ୍ୱସ୍ତରୀୟ ଉତ୍ପାଦନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଉତ୍ତର ଆମେରିକାରେ ବ୍ୟବସାୟ ବିସ୍ତାର କରିବାକୁ ଚାହୁଁଛି। ବର୍ତ୍ତମାନ କମ୍ପାନୀ ଆମେରିକାର ଶୁଳ୍କ ନୀତି, ଚୀନ୍ରୁ ମିଳୁଥିବା କଡ଼ା ପ୍ରତିଯୋଗିତା ଏବଂ ୟୁରୋପୀୟ ବଜାରରେ ଚାହିଦାର ଅନିଶ୍ଚିତତା ଭଳି ସମସ୍ୟାର ସମ୍ମୁଖୀନ ହେଉଛି। ଏହି ପରିସ୍ଥିତିରେ ଆମେରିକାରେ ବଡ଼ ଧରଣର



ନିର୍ମାଣ ହେବ ପ୍ରଥମ କାରଖାନା

ନିବେଶ କରିବା ଅଡି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ପଦକ୍ଷେପ ବୋଲି ବିଚାର କରାଯାଉଛି। ଆମେରିକାର ଅଟୋମୋବାଇଲ୍ ଶିଳ୍ପକୁ ଦେଶ ଭିତରେ ଅଧିକ ଉତ୍ପାଦନ କରିବାକୁ ଉତ୍ସାହିତ କରିବା ଟ୍ରମ୍ପଙ୍କ ବାଣିଜ୍ୟ ନୀତିର ଏକ ପ୍ରମୁଖ ଉଦ୍ଦେଶ୍ୟ। ୨୦୨୫ ଜାନୁଆରୀରେ ଦ୍ୱିତୀୟ ଥର ପାଇଁ ହ୍ୱାଇଟ୍ ହାଉସ୍ର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସେ ବିଭିନ୍ନ ଦେଶ ଓ ସାମଗ୍ରୀ ଉପରେ ଶୁଳ୍କ ଲାଗୁ କରିଛନ୍ତି। ଏଥିରେ ଅଟୋମୋବାଇଲ୍ କ୍ଷେତ୍ର ମଧ୍ୟ ସାମିଲ ରହିଛି। ଟ୍ରମ୍ପ ଏହି ନୂତନ ନିବେଶକୁ ଆମେରିକାର ଉତ୍ପାଦନ ଶିଳ୍ପର ପୁନରୁତ୍ଥାନର ଏକ ଉଦାହରଣ ଭାବେ ଉପସ୍ଥାପନ କରିଛନ୍ତି। ଅନ୍ୟପକ୍ଷରେ, ତାଙ୍କର ଶୁଳ୍କ ନୀତିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ରହିଛି। ଏହି ପ୍ରସଙ୍ଗ ଆଗାମୀ ମଧ୍ୟାବଧି ନିର୍ବାଚନରେ ମଧ୍ୟ ରାଜନୈତିକ ଚର୍ଚ୍ଚାର ଏକ ପ୍ରମୁଖ ବିଷୟ ହୋଇଛି । ମୋଟାମୋଟି ଭାବେ, ଅଡିର ଏହି ପ୍ରସ୍ତାବିତ କାରଖାନା ଆମେରିକାରେ ନୂଆ ନିଯୁକ୍ତି ସୃଷ୍ଟି, ଅଟୋମୋବାଇଲ୍ ଉତ୍ପାଦନ ବୃଦ୍ଧି ଏବଂ ବିଶ୍ୱ ବଜାରରେ କମ୍ପାନୀର ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ହୋଇପାରେ।

ଆଜି ଖୋଲିବନି ବ୍ୟାଙ୍କ



ନୂଆଦିଲ୍ଲୀ, ୨୫।୧୦ଃ କାଲି ଅର୍ଥାତ ସୋମବାର, ୨୬ ଅକ୍ଟୋବରରୁ ଏକ ନୂଆ ସପ୍ତାହ ଆରମ୍ଭ ହେବାକୁ ଯାଉଛି। ଏପରି ପରିସ୍ଥିତିରେ ଯଦି ଆପଣ ଭାବୁଛନ୍ତି ଯେ କାଲି ବ୍ୟାଙ୍କ ଖୋଲିବା ମାତ୍ରେ ନିଜର କୌଣସି ଜରୁରୀ କାମ ସାରିଦେବେ, ତେବେ ଟିକେ ଅଟକି ଯାଆନ୍ତୁ। ବାସ୍ତବରେ, କାଲି ସୋମବାର ଦିନ ବ୍ୟାଙ୍କ ବନ୍ଦ ରହିବାକୁ ଯାଉଛି। ବ୍ୟାଙ୍କ ଯିବା ପୂର୍ବରୁ ଆପଣଙ୍କ ସହର କିମ୍ବା ରାଜ୍ୟରେ କାଲି ବ୍ୟାଙ୍କ ଖୋଲା ଅଛି ନା ନାହିଁ ତାହା ନିଶ୍ଚିତ କରି ନିଅନ୍ତୁ। କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କେତେକ ରାଜ୍ୟରେ ବ୍ୟାଙ୍କ ଛୁଟି ଘୋଷଣା କରିଛି। ଏଥିରୁ ସ୍ପଷ୍ଟ ଯେ କାଲି ସମଗ୍ର ଦେଶରେ ବ୍ୟାଙ୍କ ବନ୍ଦ ରହିବ ନାହିଁ, ବରଂ କିଛି ନିର୍ଦ୍ଦିଷ୍ଟ ରାଜ୍ୟରେ ହିଁ ବ୍ୟାଙ୍କ ଛୁଟି ରହିବ।

ଜଣାଇ ରଖୁଛୁ ଯେ ୨୬ ଅକ୍ଟୋବରରୁ ୧ ନଭେମ୍ବର ମଧ୍ୟରେ ବ୍ୟାଙ୍କ ଚାରି ଦିନ ବନ୍ଦ ରହିବ। କାଲି ଅର୍ଥାତ ସୋମବାର ଦିନ ଅନେକ ରାଜ୍ୟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା, କାନାରା, ଏଚ୍ଡିଏଫ୍ସି, ଆକ୍ସିସ, ଆଇସିଆଇସିଆଇ ଭଳି ସରକାରୀ ତଥା ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ। ସୋମବାର ଦିନ ଜମ୍ମୁ-କାଶ୍ମୀରରେ ବିଲୟ ଦିବସ (Accession Day) ଉପଲକ୍ଷେ ବ୍ୟାଙ୍କ ବନ୍ଦ ରହିବ। ଜମ୍ମୁ ଓ କାଶ୍ମୀରରେ ଏହି ଦିନ ସରକାରୀ ଛୁଟି ଥାଏ। ୨୬ ଅକ୍ଟୋବର ୧୯୪୭ରେ ସେଠାକାର ତତ୍କାଳୀନ ମହାରାଜା ହରି ସିଂହ ଭାରତ ସହିତ ମିଶ୍ରଣ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ, ଯାହାର ସ୍ମୃତିରେ ଏହି ଦିବସ ପାଳନ କରାଯାଏ। ଏହା ବ୍ୟତୀତ ତ୍ରିପୁରାରେ ଲକ୍ଷ୍ମୀ ପୂଜା ଉପଲକ୍ଷେ ବ୍ୟାଙ୍କ ବନ୍ଦ ରହିବ। ମହର୍ଷି ବାଲ୍ମୀକି ଜୟନ୍ତୀ ଅବସରରେ ଚଣ୍ଡିଗଡ଼, ହରିୟାଣା, ହିମାଚଳ ପ୍ରଦେଶ, କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶ ଭଳି କେତେକ ରାଜ୍ୟରେ ବ୍ୟାଙ୍କ ଛୁଟି ରହିବ। ଅନ୍ୟପକ୍ଷରେ, ଉତ୍ତର ପ୍ରଦେଶ, ଦିଲ୍ଲୀ, ବିହାର, ମହାରାଷ୍ଟ୍ର ଏବଂ ରାଜସ୍ଥାନ ଭଳି ରାଜ୍ୟଗୁଡ଼ିକରେ କାଲି ସୋମବାର ଦିନ ବ୍ୟାଙ୍କ ସାଧାରଣ ଦିନ ପରି ଖୋଲା ରହିବ।

୨୦୩୦ ସୁଦ୍ଧା ୧୦୦ ବିଲିଅନ ଡଲାରରେ ପହଞ୍ଚିବ ଭାରତ ଓ ରୁଷ ବାଣିଜ୍ୟ

ନୂଆଦିଲ୍ଲୀ,୨୫।୧୦ଃ ଭାରତ ଓ ରୁଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଓ ଅର୍ଥନୈତିକ ସହଯୋଗକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାରକୁ ୧୦୦ ବିଲିୟନ ଆମେରିକୀୟ ଡଲାର ଏବଂ ଦ୍ୱିପାକ୍ଷିକ ନିବେଶକୁ ୫୦ ବିଲିୟନ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଉଭୟ ଦେଶ କାର୍ଯ୍ୟ କରୁଛନ୍ତି। ଭାରତର ରୁଷସ୍ଥିତ ରାଷ୍ଟ୍ରଦୂତ ବିନୟ କୁମାର ଏହି ସୂଚନା ଦେଇଛନ୍ତି।

ରୁଷର ସମ୍ବାଦ ସଂସ୍ଥା 'ଟାସ୍'କୁ ଶନିବାର ଦେଇଥିବା ଏକ ସାକ୍ଷାତକାରରେ ବିନୟ କୁମାର କହିଛନ୍ତି ଯେ, ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ମୋଦୀ ଓ ପୁଟିନ ଦୁଇ ଦେଶର ସମ୍ପର୍କର ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ବାଣିଜ୍ୟ, ଶିଳ୍ପ, ନିବେଶ ଓ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱ ଗୁରୁତ୍ୱ ଦେଇଥିଲେ । ବିନୟ କୁମାରଙ୍କ କହିବା ଅନୁଯାୟୀ, ଏହି ସହଯୋଗର ଏକ ପ୍ରମୁଖ ଫଳାଫଳ ହେଉଛି ବ୍ରିକ୍ସ ବ୍ୟବସାୟ ସମ୍ମିଳନୀରେ ଉଭୟ ଦେଶର ନେତାଙ୍କ ମିଳିତ ଅଂଶଗ୍ରହଣ। ଏଥିସହ ନୂଆଦିଲ୍ଲୀରେ ପ୍ରଥମ ଥର ପାଇଁ ଆୟୋଜିତ ରୁଷର ଶିଳ୍ପ ପ୍ରଦର୍ଶନୀ 'ଇନୋପ୍ରମ୍-ଇଣ୍ଡିଆ' କୁ ମଧ୍ୟ ଦୁଇ ଦେଶର ନେତା ପରିଦର୍ଶନ କରିଥିଲେ। ଭାରତ ଓ ରୁଷ ମଧ୍ୟରେ ଶ୍ରମଶକ୍ତି ସହଯୋଗ ସମ୍ପର୍କରେ ମଧ୍ୟ ବିନୟ କୁମାର ମତ ରଖିଛନ୍ତି। ରୁଷର ଆବଶ୍ୟକତା ଅନୁଯାୟୀ ସେଠାକୁ ଆବଶ୍ୟକ ସଂଖ୍ୟକ ଦକ୍ଷ କର୍ମଚାରୀ ଯୋଗାଇବା ଦିଗରେ ଭାରତ ପ୍ରସ୍ତୁତ ଥିବା ସେ କହିଛନ୍ତି।ତାଙ୍କ ସୂଚନା ଅନୁଯାୟୀ, ରୁଷରେ ବିଦେଶୀ ଶ୍ରମିକଙ୍କ ପାଇଁ ନିର୍ଦ୍ଧାରିତ କୋଟାର ପ୍ରାୟ ୨୫ରୁ ୩୦ ପ୍ରତିଶତ ଭାରତୀୟଙ୍କ ଅଂଶ ରହିଛି। ପ୍ରାୟ ୧୫୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ଆଗାମୀ ଦିନରେ ଦକ୍ଷ ମାନବ ସମ୍ବଳର ଏକ ପ୍ରମୁଖ ବିଶ୍ୱ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛି ବୋଲି ସେ ମତ ଦେଇଛନ୍ତି। ବିନୟ କୁମାରଙ୍କ କହିବା ଅନୁଯାୟୀ, ଭାରତର କର୍ମଜୀବୀଙ୍କ ହାରାହାରି ବୟସ ୨୯ ବର୍ଷ ହୋଇଥିବା ବେଳେ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୬୯ ପ୍ରତିଶତ ଶ୍ରମଶକ୍ତିର ଅଂଶ। ଭାରତ ନିଜ ଦେଶର ଆବଶ୍ୟକତା ପୂରଣ ସହ ବିଦେଶରେ ନିଯୁକ୍ତି ପାଇଁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଦକ୍ଷ ବୃତ୍ତିଗତଙ୍କୁ ପ୍ରଶିକ୍ଷଣ ଦେଉଛି। ରୁଷର ଶିଳ୍ପ କ୍ଷେତ୍ରରେ ଆବଶ୍ୟକ ଦକ୍ଷ କର୍ମଚାରୀ ପ୍ରସ୍ତୁତ କରିବା ପାଇଁ ଭାରତରେ ଶିକ୍ଷାନୁଷ୍ଠାନ ସ୍ଥାପନ କରିବା କିମ୍ବା ଭାରତରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ରୁଷକୁ ପ୍ରସ୍ତାବ ଦେଇଛି ନୂଆଦିଲ୍ଲୀ। ଏହାଦ୍ୱାରା ରୁଷର ଶିଳ୍ପସଂସ୍ଥାଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରାଯାଇପାରିବ ବୋଲି ଆଶା କରାଯାଉଛି। ମୋଟାମୋଟି ଭାବେ, ଭାରତ ଓ ରୁଷ ମଧ୍ୟରେ ବାଣିଜ୍ୟ, ନିବେଶ, ଶିଳ୍ପ ଓ ଦକ୍ଷ ମାନବ ସମ୍ବଳ କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ଉଭୟ ଦେଶ ଗୁରୁତ୍ୱ ଦେଉଛନ୍ତି। ୨୦୩୦ ସୁଦ୍ଧା ବାଣିଜ୍ୟକୁ ୧୦୦ ବିଲିୟନ ଡଲାର ଏବଂ ଦ୍ୱିପାକ୍ଷିକ ନିବେଶକୁ ୫୦ ବିଲିୟନ ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ଏହି ସମ୍ପର୍କକୁ ଆଗକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ହେବ।




ଚିନି ଦରବୃଦ୍ଧିରେ ଦେଶରେ ଓଡ଼ିଶା ଶୀର୍ଷରେ



ନୂଆଦିଲ୍ଲୀ,୨୫।୧୦ଃଚିନି ଦରବୃଦ୍ଧିକୁ ନେଇ ଗ୍ରାହକଙ୍କ ଚିନ୍ତା ବଢ଼ିଛି। ଦେଶରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି କ୍ଷେତ୍ରରେ ଓଡ଼ିଶା ସର୍ବାଧିକ ହାର ରେକର୍ଡ କରିଛି। ୨୦୨୬ ସେପ୍ଟେମ୍ବରରେ ରାଜ୍ୟରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ୩୭.୪୮ ପ୍ରତିଶତ ରହିଛି। ଅର୍ଥାତ୍, ଗତବର୍ଷ ସେହି ମାସ ତୁଳନାରେ ଚିନିର ଖୁଚୁରା ମୂଲ୍ୟ ସୂଚକାଙ୍କରେ ଏତିକି ବୃଦ୍ଧି ଘଟିଛି। ଜାତୀୟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ତଥ୍ୟରୁ ଏହା ଜଣାପଡ଼ିଛି। କେବଳ ଓଡ଼ିଶା ନୁହେଁ, ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୨୧ଟିରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ୩୦ ପ୍ରତିଶତ ଅତିକ୍ରମ କରିଛି। ଏହା ଚିନି ବଜାରରେ ଦରବୃଦ୍ଧିର ଚାପକୁ ସ୍ପଷ୍ଟ କରୁଛି। ଜାତୀୟ ସ୍ତରରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ୨୦୨୬ ଅଗଷ୍ଟରେ ୨୪.୨୭ ପ୍ରତିଶତ ଥିବାବେଳେ ସେପ୍ଟେମ୍ବରରେ ଏହା ବୃଦ୍ଧି ପାଇ ୨୯.୮୦ ପ୍ରତିଶତରେ ପହଞ୍ଚିଛି। ବର୍ଷ ୨୦୨୪କୁ ନେଇ ପ୍ରସ୍ତୁତ ଉପଭୋକ୍ତା ମୂଲ୍ୟ ସୂଚକାଙ୍କରେ ଉପଲବ୍ଧ ତଥ୍ୟ ଅନୁଯାୟୀ, ଏହା ଜାନୁଆରୀ ୨୦୨୬ ପରଠାରୁ ସର୍ବାଧିକ ହାର। ଏହି ସମୟରେ ଚିନିର ମୂଲ୍ୟ ସୂଚକାଙ୍କ ୧୩୬.୨୫କୁ ବୃଦ୍ଧି ପାଇଛି, ଯାହା ଜାନୁଆରୀ ୨୦୨୫ ପରଠାରୁ ସର୍ବୋଚ୍ଚ ସ୍ତର। ଏପ୍ରିଲ ୨୦୨୬ରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ମାତ୍ର ୧.୪୪ ପ୍ରତିଶତ ଥିଲା।ସେପ୍ଟେମ୍ବରରେ ରାଜସ୍ଥାନକୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୬ର ସର୍ବାଧିକ ଚିନି ମୁଦ୍ରାସ୍ଫୀତି ରେକର୍ଡ ହୋଇଥିବା ଜଣାପଡିଛି । ରାଜସ୍ଥାନରେ ଏହା ଅଗଷ୍ଟର ୨୫.୬୫ ପ୍ରତିଶତରୁ ସାମାନ୍ୟ ହ୍ରାସ ପାଇ ସେପ୍ଟେମ୍ବରରେ ୨୫.୧୫ ପ୍ରତିଶତ ହୋଇଛି। ଚିନିର ଉପଲବ୍ଧତା ନେଇ ଚିନ୍ତା ମଧ୍ୟରେ ତୈଳ ବିପଣନ କମ୍ପାନୀଗୁଡ଼ିକ ୨୦୨୬-୨୭ ଯୋଗାଣ ବର୍ଷ ପାଇଁ ଇଥାନଲ୍ କ୍ରୟ ନିୟମରେ ପରିବର୍ତ୍ତନ କରିଛନ୍ତି। ଅକ୍ଟୋବର ୧୬ରେ ଜାରି ଟେଣ୍ଡରରେ ଆଖୁ ରସ, ଚିନି ସିରପ୍ ଓ ବି-ହେଭି ମୋଲାସେସ୍ରୁ ଉତ୍ପାଦିତ ଇଥାନଲ୍ କ୍ରୟ ପାଇଁ ଅନୁମତି ଦିଆଯାଇନାହିଁ। ଏହା ବଦଳରେ ମକା, ଭଙ୍ଗା ଚାଉଳ, ଭାରତୀୟ ଖାଦ୍ୟ ନିଗମ (FCI) ଦ୍ୱାରା ସଂଗୃହୀତ ଅତିରିକ୍ତ ଚାଉଳ ଏବଂ ସି-ହେଭି ମୋଲାସେସ୍ରୁ ଉତ୍ପାଦିତ ଇଥାନଲ୍ ପାଇଁ ଟେଣ୍ଡରରେ ଆବେଦନ କରିବାର ବ୍ୟବସ୍ଥା ରହିଛି। ଏଥିସହ ମକାରୁ ଉତ୍ପାଦିତ ଇଥାନଲ୍ ପାଇଁ ପ୍ରୋତ୍ସାହନ ରାଶି ପ୍ରତି ଲିଟର ୫.୭୯ ଟଙ୍କାରୁ ହ୍ରାସ କରି ୨.୭୯ ଟଙ୍କା କରାଯାଇଛି। ଫଳରେ ଏହାର କ୍ରୟ ମୂଲ୍ୟ ପ୍ରତି ଲିଟର ୭୧.୮୬ ଟଙ୍କାରୁ ହ୍ରାସ ପାଇ ୬୮.୮୬ ଟଙ୍କା ହୋଇଛି। ଇଥାନଲ୍ ଉତ୍ପାଦନ ନୀତିରେ ପରିବର୍ତ୍ତନ ସହ ମକାର ଦର ଉପରେ ମଧ ନଜର ରହିଛି। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୨୦୨୬ ସେପ୍ଟେମ୍ବରରେ ମକାର ପାଇକାରୀ ଦର ଗତବର୍ଷର ସମାନ ମାସ ତୁଳନାରେ ୩.୩୪ ପ୍ରତିଶତ ବୃଦ୍ଧି ପାଇଛି। ଏହା ଜୁଲାଇ ୨୦୨୫ରୁ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଦର ହ୍ରାସର ଧାରାରେ ପରିବର୍ତ୍ତନ ଆଣିଛି। ଏହି ୧୩ ମାସ ମଧ୍ୟରେ ମକାର ପାଇକାରୀ ଦର ଗତବର୍ଷର ସମାନ ସମୟ ତୁଳନାରେ କମ୍ ଥିଲା। ମାର୍ଚ୍ଚ ୨୦୨୬ରେ ଏହାର ହ୍ରାସ ହାର ସର୍ବାଧିକ ୧୩.୭୯ ପ୍ରତିଶତ ରହିଥିଲା।

ସୁନା ତିଆରି କଲା ଆମେରିକା କମ୍ପାନୀ



ନୂଆଦିଲ୍ଲୀ,୨୫।୧୦ଃ ଦିନେ ହୀରା ବିଶ୍ୱର ସବୁଠାରୁ ମୂଲ୍ୟବାନ ଧାତୁ ଭାବେ ପରିଚିୟ ହାସଲ କରିଥିଲା। ସିନେମା ଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ହୀରାକୁ ଖୁବ୍ ବଢ଼େଇ ଚଢ଼େଇ ଦେଖାଯାଉଥିଲା। ତେଣୁ ଏହି ଧାତୁ ଲୋକଙ୍କର ଆଦର ବି ଖୁବ୍ ରହିଥିଲା। ହେଲେ ସମୟ ଆସିଲା, ହୀରା ଆଉ କେବଳ ପ୍ରାକୃତିକ ଧାତୁରେ ସୀମିତ ହୋଇ ରହିଲା ନାହିଁ। ଟେକ୍ନୋଲୋଜୀ ସାହାଯ୍ୟରେ ମଣିଷ ହୀରାକୁ ଲ୍ୟାବରେ ତିଆରି କଲା। ଲ୍ୟାବ୍ରେ ତିଆରି ହେବା ପରେ ହୀରା ପ୍ରଡକ୍ସନ ମଣିଷର ନିୟନ୍ତ୍ରଣକୁ ଚାଲି ଆସିଲା। ଫଳରେ ବଜାରରେ ହୀରା ମୂଲ୍ୟ କମି କମି ଗଲା। ଭବିଷ୍ୟତରେ ସୁନାର ବି ପରିସ୍ଥିତି ହୀରା ଭଳି ହେବାକୁ ଯାଉଛି। କାରଣ ସୁନାର ପ୍ରଡକ୍ସନ ଏବେ ଆରମ୍ଭ ହୋଇଯାଇଛି। କଥାଟା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏଭଳି ଦାବି କରିଛି ଆମେରିକାର ସାନ ଫ୍ରାନ୍ସିସ୍କୋର ଷ୍ଟାର୍ଟଅପ୍ ମାରାଥନ ଫ୍ୟୁଜନ। କମ୍ପାନୀ କହିଛି ଯେ ସେମାନେ ପାରଦକୁ ସୁନାରେ ପରିଣତ କରିଛନ୍ତି। ତେବେ କେତେ ପରିମାଣରେ ସୁନା ତିଆରି କରାଯାଇଛି ସେ ନେଇ କମ୍ପାନୀ କୌଣସି ଖୁଲାସା କରି ନାହିଁ। ତେବେ ସୁନା ତିଆରି କରିବା କୌଣସି ନୂଆ କଥା ନୁହେଁ। 'ଦ ଆଷ୍ଟଲାଟିକ'ର ଏକ ରିପୋର୍ଟ ଅନୁସାରେ ପୂର୍ବରୁ ମଧ୍ୟ ସୁନା ତିଆରି କରିବାକୁ ଅନେକ ଥର ଚେଷ୍ଟା କରାଯାଇଛି। ମାରାଥନ ଫ୍ୟୁଜନ କମ୍ପାନୀ କହିଛି ଯେ ସେମାନେ ପାରଦକୁ ସୁନାରେ ପରିଣତ କରିଛନ୍ତି। ତାଙ୍କର ଏହି ଉପଲବ୍ଧି CERNର ରେକର୍ଡ ଠାରୁ ୧୦ ଗୁଣା ଉନ୍ନତ। ପ୍ରକୃତରେ CERN ହେଉଛି ବିଶ୍ୱର ସବୁଠାରୁ ବଡ଼ ପ୍ରୟୋଗଶାଳା। ଯେଉଁଠି ବ୍ରହ୍ମାଣ୍ଡର ମୂଳକାରଣ ଓ ନିୟମଗୁଡ଼ିକ ଉପରେ ରିସର୍ଚ୍ଚ କରାଯାଇଥାଏ। CERN ମଧ୍ୟ ଏହାର ଲାର୍ଜ ହାଡ୍ରନ୍ କୋଲାଇଡରରେ ସୀସା କଣିକାର ଧକ୍କା କରି ଅଜାଣତରେ ସୁନା ଉତ୍ପାଦନ କରିଥିଲା। କିନ୍ତୁ ଏହାର ପରିମାଣ ବହୁତ କମ୍ ଥିଲା। ଏବେ ମାରାଥାନ ଫ୍ୟୁଜନ ସୁନା ତିଆରି କରିବାରେ ଲାଗିପଡ଼ିଛି। ଯଦିଓ କମ୍ପାନୀର ମୂଳ ବ୍ୟବସାୟ ଏହା ନୁହେଁ, ତେବେ ସାଇଡ ବ୍ୟବସାୟ ଭାବରେ କମ୍ପାନୀ ଏହା କରିବାକୁ ଚାହୁଁଛି। ନ୍ୟୁକ୍ଲିୟର ଫ୍ୟୁଜନ ମାଧ୍ୟମରେ ସୁନା ତିଆରି କରାଯିବ। ଏହି ନ୍ୟୁକ୍ଲିୟର ଫ୍ୟୁଜନ ଶକ୍ତିର ଏକ ସ୍ୱଚ୍ଛ ଓ ଅସୀମିତ ଉତ୍ସ। ଯାହା ଭବିଷ୍ୟତରେ କୋଇଲା ଓ ପେଟ୍ରୋଲର ଜାଗା ନେଇପାରେ। କିନ୍ତୁ ଏହି ଟେକ୍ନୋଲୋଜୀ ଖୁବ୍ ଅଧିକ ମହଙ୍ଗା। କମ୍ପାନୀର ସହ-ସଂସ୍ଥାପକ ଏଡମ ରୁଟକୋଭସ୍କିଙ୍କ କହିବା ଅନୁସାରେ, ଫ୍ୟୁଜନ ସମୟରେ ପ୍ରସ୍ତୁତ ହେଉଥିବା ସୁନାରୁ ଯେଉଁ କୋଟି କୋଟି ଡଲାର ମିଳିବ ସେଥିରେ ଫ୍ୟୁଜନ ଶକ୍ତି ଉତ୍ପାଦନରେ ହେଉଥିବା ମୋଟା ଖର୍ଚ୍ଚର ଭରଣା କରାଯାଇପାରିବ। ତେଣୁ କମ୍ପାନୀ ଏ ଦିଗରେ କାମ ଜାରି ରଖିଛି। ବୈଜ୍ଞାନିକଙ୍କ କହିବା ଅନୁସାରେ ପ୍ରତ୍ୟେକ ଧାତୁର ଗୋଟିଏ ସ୍ୱତନ୍ତ୍ର ମୂଲ୍ୟ ରହିଥାଏ। ଯାହା ଧାତୁର କେନ୍ଦ୍ରରେ ଥିବା ପ୍ରୋଟନ ସଂଖ୍ୟାରୁ ନିର୍ଦ୍ଧାରିତ ହୁଏ। ପାରଦ କେନ୍ଦ୍ରରେ ୮୦ ଟି ପ୍ରୋଟନ ରହିଥାଏ। ସେହିପରି ସୁନା କେନ୍ଦ୍ରରେ ରହିଥାଏ ୭୯ଟି ପ୍ରୋଟନ। ତେଣୁ ଯଦି ପାରଦରୁ ଗୋଟିଏ ପ୍ରୋଟନ କମ କରିଦିଆଯାଏ, ତେବେ ଏହା ଆପେ ଆପେ ସୁନା ହୋଇଯିବ।

ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ଅଧିକାରୀଙ୍କ ଛୁଟି ବାତିଲ ସହ ନିଜ ହେଡ୍‌କ୍ୱାଟର୍ସରେ ସଜାଗ ରହିବାକୁ ନିର୍ଦ୍ଦେଶ

ଭବାନୀପାଟଣା,୨୫।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ସଫଳ ମୁକାବିଲା, ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ଏବଂ ବିପର୍ଯ୍ୟୟ ସମୟରେ ତ୍ୱରିତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ନିମନ୍ତେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ କାଲି ୨୪.୧୦.୨୦୨୬ ରିଖ ଦିନ ଆଭାସୀ ମାଧ୍ୟମରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ସମସ୍ତ ବିଭାଗ, ବ୍ଲକ୍ ପ୍ରଶାସନ ଓ ଗ୍ରାମ ପଞ୍ଚାୟତଗୁଡ଼ିକୁ ସମନ୍ୱିତ ଭାବେ ଆଗୁଆ ପ୍ରସ୍ତୁତି ଗ୍ରହଣ କରିବା ସହ ଜରୁରୀ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

ପାଣିପାଗ ସମ୍ବନ୍ଧୀୟ ସତର୍କ ସୂଚନା ଜନସାଧାରଣଙ୍କ ନିକଟରେ ସମୟୋପଯୋଗୀ ଭାବେ ପହଞ୍ଚାଇବା ପାଇଁ ମାଇକ୍ ଯୋଗେ ପ୍ରଚାର କରିବା ଏବଂ ପାଣିପାଗ ପରିସ୍ଥିତି ଓ ଆଗୁଆ ପ୍ରସ୍ତୁତି ସମ୍ପର୍କରେ ପଞ୍ଚାୟତିରାଜ ସଂସ୍ଥାର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ବୈଠକ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

ଭାରତୀୟ ପାଣିପାଗ ବିଭାଗ ଏବଂ କେନ୍ଦ୍ରୀୟ ବନ୍ୟା ପୂର୍ବାନୁମାନ ବିଭାଗ, ଭୁବନେଶ୍ୱର ପକ୍ଷରୁ ଜାରି ପାଣିପାଗ ରିପୋର୍ଟ, ସତର୍କ ସୂଚନା ଓ ବନ୍ୟା ବୁଲେଟିନ୍‌କୁ ସମ୍ପୃକ୍ତ ବିଭାଗ ଓ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ନିକଟରେ ତ୍ୱରିତ ପହଞ୍ଚାଇବା ସହ ବର୍ଷାର ନିୟମିତ ରେକର୍ଡ ରଖିବା ଏବଂ ସମୟାନୁସାରେ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଜିଲ୍ଲା ନିୟନ୍ତ୍ରଣ କକ୍ଷକୁ ହେଲ୍ପଲାଇନ୍ ନମ୍ବର ଓ ରୋଷ୍ଟର ଡ୍ୟୁଟି ଦ୍ୱାରା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବା ସହ ପ୍ରତ୍ୟେକ ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ସ୍ଥାପନ, ହେଲ୍ପଲାଇନ୍ ନମ୍ବର ନିର୍ଦ୍ଧାରଣ ଏବଂ ରୋଷ୍ଟର ଡ୍ୟୁଟି ପ୍ରସ୍ତୁତ କରିବାକୁ କୁହାଯାଇଥିଲା।

ବର୍ଷାଜଳ ନିଷ୍କାସନ ସୁନିଶ୍ଚିତ କରିବା ପାଇଁ ନାଳ ଓ ନର୍ଦ୍ଦମାଗୁଡ଼ିକୁ ଆଗୁଆ ସଫା କରିବା ଏବଂ ଆବଶ୍ୟକ ସ୍ଥଳେ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ବର୍ଷା କିମ୍ବା ବନ୍ୟାଜଳରେ ବୁଡ଼ି ରହିଥିବା ଏବଂ ଜଳପ୍ରବାହ ଯୋଗୁଁ ବିପଦସଙ୍କୁଳ ହୋଇଥିବା ରାସ୍ତା, ପୋଲ ଓ କଲଭର୍ଟଗୁଡ଼ିକର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ବ୍ୟାରିକେଡ୍ ଓ ସତର୍କ ସୂଚନା ଫଳକ ଲଗାଇ ଯାତାୟାତ ନିୟନ୍ତ୍ରଣ କରିବାକୁ କୁହାଯାଇଥିଲା।

ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ଦେବା ପାଇଁ ଚିହ୍ନଟ ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇ ସମସ୍ତ ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ଡିଜି ସେଟ୍, ଶୁଖିଲା ଖାଦ୍ୟ ସାମଗ୍ରୀ, ରୋଷେଇ ପାଇଁ ଗ୍ୟାସ୍ ଏବଂ ଆବଶ୍ୟକ ଔଷଧର ପର୍ଯ୍ୟାପ୍ତ ମହଜୁଦ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଜିଲ୍ଲାରେ କେସିଙ୍ଗା ବ୍ଲକ୍ ବେଲଖଣ୍ଡି,ଜୁନାଗଡ ବ୍ଲକ କୁଟେ ଗାଁ, କଲମପୁର ବ୍ଲକର ବାଲି ଛଡା, ଜୟପାଟଣା ବ୍ଲକର ରାସ ଡୁମେର ଠାରେ ବହୁମୁଖୀ ଆଶ୍ରୟ କେନ୍ଦ୍ର ସ୍ଥାପନ କରାଯାଇଛି। ଜିଲ୍ଲାରେ ସମସ୍ତ ତହସିଲ ଓ ମ୍ୟୁନିସିପାଲଟିରେ ୧୭୬୬ ଗୋଟି ପଲିଥିନ୍ ବ୍ୟବହାର ପାଇଁ ମହଜୁଦ୍ ରହିଛି। ସମସ୍ତ ପିଏଚସି, ସିଏଚସି, ଏସଡିଏଚ୍, ଡିଡିଏଚ୍‌ରେ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକୀୟ ଔଷଧ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା ପାଇଁ ପ୍ରସ୍ତୁତ ରହିଛନ୍ତି।

ବଲାଙ୍ଗିର ଜିଲ୍ଲାରୁ ଆସନ୍ତା ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ଏକ ଓଡିଆରଏଫ୍ ଦଳ କଳାହାଣ୍ଡିରେ ପହଞ୍ଚିଯିବ। ବନ୍ୟା ଓ ବାତ୍ୟା ପ୍ରଭାବରେ ବିଭିନ୍ନ ରାସ୍ତା, ପୋଲ, ଘର, ଫସଲ, ପଶୁ ସମ୍ପଦ ଓ ମଣିଷ ଜୀବନ ହାନି ଉପରେ ତତକ୍ଷଣାତ ରିପୋର୍ଟ ପ୍ରେରଣ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ସମ୍ଭାବ୍ୟ ପ୍ରସବ ତାରିଖ ଆଗାମୀ ତିନି ସପ୍ତାହ ମଧ୍ୟରେ ଥିବା ଗର୍ଭବତୀ ମହିଳାମାନଙ୍କୁ ଚିହ୍ନଟ କରି ଆବଶ୍ୟକତା ଅନୁଯାୟୀ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଗୁଆ ସ୍ଥାନାନ୍ତରଣ କରିବା ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଥିଲା। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ପର୍ଯ୍ୟାପ୍ତ ରାସନ ସାମଗ୍ରୀ ଉପଲବ୍ଧତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ



ରାଜନଗର,୨୫।୧୦ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ୍ ମହିଷାସୁର ପଞ୍ଚାୟତର କହ୍ନୁଆ ଗାଁରେ ଧୁମ୍‌ଧାମ୍‌ରେ ପାଳିତ ହେଉଛି ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ। ମା'ଙ୍କ ଆଗମନକୁ ନେଇ ସମଗ୍ର ଗାଁରେ ଦେଖିବାକୁ ମିଳୁଛି ଉତ୍ସାହ ଓ ଆନନ୍ଦର ପରିବେଶ। ପୂଜା ମଣ୍ଡପରେ ଆକର୍ଷଣୀୟ ମେଢ଼, ରଙ୍ଗବେରଙ୍ଗର ଆଲୋକ ସଜ୍ଜା ଏବଂ ମା'ଙ୍କ ମନୋରମ ମୂର୍ତ୍ତି ଭକ୍ତଙ୍କୁ ଆକର୍ଷିତ କରୁଛି।

ଧନ, ଐଶ୍ୱର୍ଯ୍ୟ, ସୁଖ ଓ ସମୃଦ୍ଧିର ଦେବୀ ମା' ଗଜଲକ୍ଷ୍ମୀଙ୍କ ଆରାଧନା ପାଇଁ ପୂଜା ମଣ୍ଡପରେ ବିଶେଷ ପୂଜାର୍ଚ୍ଚନା କରାଯାଉଛି। ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ମା'ଙ୍କ ନିକଟରେ କୁମାରୀ ଦୀପ ଧୂପ ଦେଇ ଭକ୍ତମାନେ ନିଜ ପରିବାରର ସୁଖଶାନ୍ତି, ଉନ୍ନତି ଓ ମଙ୍ଗଳ କାମନା କରୁଛନ୍ତି।

ଏହି ପୂଜା ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ଗାଁର କୁମାରୀ ମିଳିମିଶି ସହଯୋଗ କରୁଛନ୍ତି। ପୂଜା ମଣ୍ଡପର ସାଜସଜ୍ଜାଠାରୁ ଆରମ୍ଭ କରି ପୂଜାର ଆୟୋଜନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ଗ୍ରାମବାସୀଙ୍କ ଏକତା ଓ ସହଯୋଗ ଦେଖିବାକୁ ମିଳୁଛି। ପୂଜା ଅବସରରେ ମେଳା ଓ ଅନ୍ୟାନ୍ୟ ଆକର୍ଷଣ ଯୋଗୁଁ ଅଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଗାଁର କୁମାରୀ ମାନେ ସମସ୍ତେ ଏହି ପୂଜାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଆଲୋକମାଳାରେ ସଜ୍ଜିତ ପୂଜା ମଣ୍ଡପ ରାତିରେ ଆହୁରି ଆକର୍ଷଣୀୟ ଦେଖାଯାଉଛି। ମା'ଙ୍କ ଆଶୀର୍ବାଦରେ କହ୍ନୁଆ ଗାଁ ଅଞ୍ଚଳରେ ସୁଖ, ଶାନ୍ତି ଓ ସମୃଦ୍ଧି ବଜାୟ ରହୁ ବୋଲି ଭକ୍ତମାନେ କାମନା କରୁଛନ୍ତି।

ଡିଏମଏଫ ଫଣ୍ଡ ବିନିଯୋଗରେ ଯାଜପୁର ଜିଲ୍ଲାକୁ ଅଣଦେଖାକୁ ନେଇ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଯାଜପୁର ରୋଡ଼,୨୫।୧୦(ସଂଚାର ବ୍ୟୁରୋ): ଖଣିଜ ପଦାର୍ଥଭରା ଯାଜପୁର ଜିଲ୍ଲାରୁ କୋଟି କୋଟି ଟଙ୍କା ସରକାର ଟିକସ ଆଦାୟ କରୁଥିବା ବେଳେ ଜିଲ୍ଲାର ଜନସାଧାରଣଙ୍କ ବିକାଶରେ ଡିଏମଏଫ ଫଣ୍ଡକୁ ୩୦ ପ୍ରତିଶତ ବିନିଯୋଗ କରି ଅନ୍ୟ ୭୦ପ୍ରତିଶତ ସୁଦୂର ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ ବିନିଯୋଗ କରାଯିବା ନେଇ ସରକାର ନିଷ୍ପତି ନେବାରୁ ଏହା ବିରୁଦ୍ଧରେ ଆଜି ସୁକିନ୍ଦା ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା।

ଖଣିଜ ସମ୍ପଦଭରା ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଖଣି ଅଂଚଳରେ ପାଖାପାଖି ୧୦ରୁ ଉର୍ଦ୍ଧଖଣି କମ୍ପାନୀ ଗଢି ଉଠିଥିବା ବେଳେ ସ୍ଥାନୀୟ ଜନସାଧାରଣ ଜମି ଦେଲେ ଜଙ୍ଗଲ ଦେଲେ , ଧୂଳି ଧୂଆଁ ଖାଇଲେ, ଦୂଷିତ ପାଣି ପିଇଲେ, ସ୍ୱାସ୍ଥ୍ୟ ସମସ୍ୟାର ଶିକାର, ଉତମ ଗମନା ଗମନରୁ ମଧ୍ୟ ବିଚ୍ୟୁତ ହେଲେ, କିନ୍ତୁ ଦୁଃଖ ଓ ପରୀତାପର ବିଷୟ ସରକାରଙ୍କ ଚୂଡାନ୍ତ ନିଷ୍ପତି ଜିଲ୍ଲା ଖଣିଜ ପାଣ୍ଠିର ସିଂଘ ଭାଗ ବିନିଯୋଗ ହେବ ପଡୋଶୀ ଦୁଇ ଜିଲ୍ଲାରେ, ବର୍ତମାନର ସରକାର ନିଜ ଖଣି ଅଂଚଳବାସିଙ୍କ ଭିଟା ମାଟିର ହକକୁ ନିଜ ଠାରୁ ଛଡାଇ ନେଇ ଥିବା ବେଳେ ଏହାର ପୁନର୍ବିଚାର ନକଲେ ଆଗାମୀ ଦିନରେ ସୁକିନ୍ଦା ବାସି ନିଶ୍ଚିତ ଏହାର ଜବାବ ଦେବା ସହିତ ଦୁର୍ବାର ଆନ୍ଦୋଳନ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେଡି କର୍ମୀ ମାନେ ଚେତାବନୀ ଦେଇଛନ୍ତି।

ରଣପୁରରେ କୁମାରୀ ବିବାହ



ବାଲିଅନ୍ତା,୨୫।୧୦(ସଂଚାର ବ୍ୟୁରୋ): ଗାଁ ଦାଣ୍ଡରେ ବନ୍ଧା ଯାଇଥିଲା ଟେଣ୍ଟ । ରଙ୍ଗ ବେରଙ୍ଗର ଆଲୋକ ମାଳା ଏବଂ ନାନାଦି ଫୁଲରେ ସଜ୍ଜା ଯାଇଥିଲା ବିବାହ ବେଦୀ । ବାଜା ବାଣ ରୋଷଣି ଶୋଭାଯାତ୍ରାରେ ବର ଶୁଭ କାରରେ କନ୍ୟା ସ୍ୱାଗତିକା ଘର ନିକଟରେ ପହଞ୍ଚିଥିଲା । ସାଙ୍ଗରେ ଥିଲେ ବରଯାତ୍ରୀ ଏବଂ ବାରିକ ପୁରୋହିତ । ଏହା କୌଣସି ସତ ସତିକା ବିବାହ ଓ୍ୱିଧି ନଥିଲା । କୁମାର ପୂର୍ଣ୍ଣିମା ଉତ୍ସବ ଅବ୍ୟବହିତ ପୂର୍ବରୁ ବାଲିଅନ୍ତା ବ୍ଲକ ଅଧୀନ ରଣପୁର ଗାଁ ଦାଣ୍ଡ ଶଙ୍ଖ ଓ ମହିଳାଙ୍କ ହୁଳହୁଳି ଶବ୍ଦରେ ଉଛୁଳି ପଡିଥିଲା । ସକାଳ ବେଳା କ୍ଷେତ୍ରପାଳୀ ଠାକୁରାଣୀଙ୍କ ନିକଟରେ ଦିଅଁ ମଙ୍ଗୁଳା ଓ୍ୱିଧି ଅନୁଷ୍ଠିତ ହୋଇଥିଲା । ହିନ୍ଦୁ ଘର ରୀତି ନୀତି ଅନୁସାରେ ଜ୍ୱାଇଁ ବାଟ ବରଣି ପ୍ରଥା ସମ୍ପର୍ଣ୍ଣ ହୋଇଥିଲା । ପୁରୋହିତ ସାଇଙ୍କ ମନ୍ତ୍ର ଉଚ୍ଚାରଣ ତାଳେ ତାଳେ ବର କନ୍ୟାଙ୍କ ହାତଗଣ୍ଠି ପକା ପରମ୍ପରା ଅନୁଷ୍ଠିତ ହୋଇଥିଲା । ବେଦିରେ ନବ ବିବାହିତା କୁମାରୀ, ମହିଳା ଏବଂ ନିମନ୍ତ୍ରିତ ବନ୍ଧୁ ବାନ୍ଧବ ବନ୍ଦା ପନା କରିଥିଲେ । ଏହି ବିବାହ କାର୍ଯ୍ୟରେ ଲୋରୀ, ଟୁଇଁନା, ସୁମି, ରାନୁ, ଚୁମି, କୁନି, ପ୍ରଭା, ମୀରା, ଲିକିନା, ମଲ୍ଲୀ, କ୍ରିଷ୍ଣା, ନିହାରିକା,ପୂଜା ଏବଂ ଗ୍ରାମର ସମସ୍ତ ମହିଳା ।

ପାରାଦୀପରେ ଶିଳ୍ପ ସୁରକ୍ଷାକୁ ଗୁରୁତ୍ୱ ସିଆଇଏସଏଫ ପକ୍ଷରୁ ବ୍ୟାପକ ପଦକ୍ଷେପ

ପାରାଦୀପ,୨୫।୧୦(ସଂଚାର ବ୍ୟୁରୋ):ଦେଶର ଅର୍ଥନୈତିକ ବିକାଶରେ ପାରାଦୀପର ଶିଳ୍ପାଞ୍ଚଳ ଓ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ସିଆଇଏସଏଫ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

ପାରାଦୀପସ୍ଥିତ ଆଇଓସିଏଲ୍ ପରି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରତିଷ୍ଠାନର ସୁରକ୍ଷା ବ୍ୟବସ୍ଥାକୁ ସୁସଂଗଠିତ ଓ ଅଧିକ ପ୍ରଭାବଶାଳୀ କରିବା ଉପରେ ସିଆଇଏସଏଫ ଗୁରୁତ୍ୱ ଦେଉଛି। ଏଥିସହ ସୁରକ୍ଷା ଯାଞ୍ଚ, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, କର୍ମଚାରୀଙ୍କ ପ୍ରଶିକ୍ଷଣ ଏବଂ ଆପତ୍କାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଉଛି।

ଶିଳ୍ପାଞ୍ଚଳରେ ସମ୍ଭାବ୍ୟ ବିପଦକୁ ଚିହ୍ନଟ କରି ତାହାର ମୁକାବିଲା କରିବା, ସୁରକ୍ଷା ବ୍ୟବସ୍ଥାର ନିୟମିତ ସମୀକ୍ଷା କରିବା ଏବଂ ଜରୁରୀ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ନେବା ଉପରେ ମଧ୍ୟ ଗୁରୁତ୍ୱ ରହିଛି। ଶିଳ୍ପ ପ୍ରତିଷ୍ଠାନର ସମ୍ପତ୍ତି ସୁରକ୍ଷା ସହ ଦେଶର ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ସିଆଇଏସଏଫର ମୁଖ୍ୟ ଦାୟିତ୍ୱ। ପାରାଦୀପରେ ଶିଳ୍ପାୟନ ଓ ବନ୍ଦର କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା ଏହି ଅଞ୍ଚଳର ନିରାପଦ ଓ ନିରବଚ୍ଛିନ୍ନ କାର୍ଯ୍ୟ ପରିଚାଳନା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଗୁରୁତ୍ୱ ଦିଆଯାଉଛି।



ନୃସିଂହନାଥଙ୍କ ପୀଠରେ ଦୁର୍ଗାପୂଜା ଓ ଭସାଣି



ବାଲିଅନ୍ତା,୨୫।୧୦ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ପାରିବାସୁଦେଇପୁର ନୃସିଂହନାଥ ପ୍ରାଙ୍ଗଣରେ ସାର୍ବଜାନିନ ଦୁର୍ଗାପୂଜା ଶାନ୍ତି କମିଟି ତତ୍ତ୍ୱାବଧାନରେ ପାରିବସୁଦେଇପୁର ଠାରେ ମହା ଆଡମ୍ବର ରେ ମା"ଜଗତ ଜନନୀ ଦଶଭୁଜାଙ୍କର ପୂଜାଅର୍ଚ୍ଚନା କରାଯାଇଥିଲା । ଏହି ଦୁର୍ଗାପୂଜାରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ସମାଗମ ହୋଇ ହୋଇ ପ୍ରସାଦ ସେବନ କରିଥିଲେ । ମାତ୍ର ଏହି ଦୁର୍ଗା ପୂଜା ତିନିଦିନ ଧରି ଅନୁଷ୍ଠିତ ହୋଇ ଥିଲା, ଏହି ପୂଜାରେ ଗ୍ରାମ ଶାନ୍ତି କମିଟିର ସଭାପତି ବିଜୟ କୁମାର ଭୋଇ ଏବଂ ସଭାପତି ରତ୍ନାକର ଜେନା ଏବଂ ସମ୍ପାଦକ ଶାନ୍ତନୁ କୁମାର ଜେନା, ସଂଯୋଜକ ନିରଞ୍ଜନ ଜେନା (ସାଇରାମ) କିଶୋର ଚନ୍ଦ୍ର ଓଝା, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ଆଇନିଯିବି ଲୋକନାଥ ଦାଶ, ଅନିରୁଦ୍ଧ ପରିଡା, ଦୀପ୍ତିରଞ୍ଜନ ଜେନା, ପ୍ରଫୁଲ୍ଲ କୁମାର ଓଝା, ବିଶ୍ୱଜିତ ଜେନା ପ୍ରମୁଖ ଯୋଗଦାନ କରିଥିଲେ ଏବଂ ଏହି ଦୁର୍ଗାପୂଜାରେ ଜୟଦେବ ନିର୍ବାଚନ ମଣ୍ଡଳୀ ମାନ୍ୟବର ବିଧାୟକ ଶ୍ରୀ ନବକିଶୋର ମଲ୍ଲିକ ଓ ପ୍ରତାପରୁଦ୍ରପୁର ସରପଞ୍ଚ ଶ୍ରଦ୍ଧୟା ପାତ୍ର ଯୋଗ ଦେଇଥିଲେ

କାଶିନିପଦରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଫୁଲବାଣୀ,୨୫।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କାଶିନିପଦର ପଞ୍ଚାୟତର ବରାଳଦେବୀ ଖେଳପଡ଼ିଆଠାରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିଜେଡିର ବ୍ଲକ ସଭାପତି ରଜନୀକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତା, ଯୁବ ଓ ଛାତ୍ର ସଂଗଠନର କର୍ମକର୍ତ୍ତା ଏବଂ ଦଳୀୟ କର୍ମୀ ଯୋଗଦେଇଥିଲେ।



ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ପଦ୍ମନାଭ ବେହେରା, ପୂର୍ବତନ ବିଧାୟକ ଦୁଗୁନି କହଁର, ପୂର୍ବତନ ବିଧାୟକ ଅଙ୍ଗଦ କହଁର, ଜିଲ୍ଲା ଯୁବ ସଭାପତି ରାକେଶ ମିଶ୍ର, ଛାତ୍ର ସଭାପତି ସୁନିଲ ସେଠୀ, ମିଡିଆ ସେଲ୍‌ର ରାଜେନ୍ଦ୍ର ପାଢ଼ୀ, ବିଜେଡି ରାଜ୍ୟ ସମ୍ପାଦକ କୈଳାଶ ମୁଖୀ, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟନାରାୟଣ ବେହେରା, ପୂର୍ବତନ ଜିଲ୍ଲା ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ଜିଲ୍ଲା ସାଧାରଣ ସମ୍ପାଦକ ଚୈତନାଥ କହଁର, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ କହଁର, ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ ଏବଂ ବିଜେଡି ବ୍ଲକ ସମ୍ପାଦକ ଭାସ୍କର ଚନ୍ଦ୍ର ପୁଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ପଲାବୁଡି ଠାରୁ ବାଇକ୍ ରାଲି କରି ଖେଳ ପଡିଆ ଠାରେ ପହଞ୍ଚି ଥିଲେ । ପଦଯାତ୍ରା ସହିତ ଦଳର ସାଂଗଠନିକ ସ୍ଥିତିକୁ ମଜବୁତ କରିବା ଏବଂ ତୃଣମୂଳସ୍ତରରେ କର୍ମୀଙ୍କ ସହ ସମନ୍ୱୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ସାଂଗଠନିକ ଆଲୋଚନା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ମାଲକାନଗିରି ଜିଲ୍ଲା ମହିଳା ମୋର୍ଚ୍ଚା କମିଟି ଘୋଷଣା ବେଣୀ କାର୍ତ୍ତୁଲ ସଭାପତି

ମାଲକାନଗିରି,୨୫।୧୦ (ସଂଚାର ବ୍ୟୁରୋ): ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଅନୁମୋଦନ କ୍ରମେ ଆଜି ମାଲକାନଗିରି ଜିଲ୍ଲା ମହିଳା ମୋର୍ଚ୍ଚା କମିଟି ଘୋଷଣା କରାଯାଇଛି।



Bharatya Janata Party , Odisha
Mahila Morcha District Committee
District Name:- MALKANGIRI

sl no	Designation	Name	phone number	Block	Constituency
1	PRESIDENT	BENI KARTUL	9668304774	MALKANGIRI	MALKANGIRI
2	VICE PRESAIDENT	NAMRADA KAMRAMI	9098431430	PODIA	MALKANGIRI
3	VICE PRESIDENT	USHA RANI TRIPATHI	6371699687	MATHILI	CHITRAKONDA
4	VICE PRESIDENT	MAMTAMAYI MOHANTY	9078590520	MALKKANGIRI	MALKANGIRI
5	VICE PRESIDENT	SABITRI DAS	8018578889	KALIMELA	MALKANGIRI
6	VICE PRESIDENT	VIJAY LAXMI BHUMIA	7683876230	MATHILI	CITRAKONDA
7	GENERAL SECRETARY	MOUSAMI TRIPATHY	9438475889	MALKANGIRI	MALKANGIRI
8	GENERAL SECRETARY	JAYANTI KHILO	9668892075	MATHILI	CHITRAKONDA
9	SECRETARY	SABITRI MUDULI	8118034107	KHAIRIPUT	CHITRAKONDA
10	SECRETARY	PADMINI RAJU	8144733631	KALIMELA	MALKANGIRI
11	SECRETARY	SOUDAMINI ACHARIYA	7077068159	MALKANGIRI	MALKANGIRI
12	SECRETARY	SUSUMA SARKAR	8144813332	KALIMELA	MALKANGIRI
13	SECRETARY	UJALA PARMA	9937029459	MATHILI	CHITRAKONDA
14	TREASURER	SUSMITA DUMALI	6371052558	MATHILI	CHITRAKONDA
15	EXECUTIVE MEMBER	SUMITRA BEHERA	7749947083	MALKANGIRI	MALKANGIRI
16	EXECUTIVE MEMBER	RASMI KABASI	7682983225	MALKANGIRI	MALKANGIRI
17	EXECUTIVE MEMBER	LAXMI GOUDA	8658005878	MALKANGIRI	MALKANGIRI

ଜିଲ୍ଲା ବିଜେପି ସଭାପତି ଶ୍ରୀ ଅଶୋକ ପରିଡା ନୂତନ କମିଟି ଘୋଷଣା କରିଛନ୍ତି।

ନୂତନ କମିଟିରେ ଶ୍ରୀମତୀ ବେଣୀ କାର୍ତ୍ତୁଲଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଥିବା ବେଳେ ୫ ଜଣ ଉପ-ସଭାପତି, ୨ ଜଣ ସାଧାରଣ ସମ୍ପାଦିକା, ୬ ଜଣ ସମ୍ପାଦିକା ଓ ଜଣେ କୋଷାଧ୍ୟକ୍ଷଙ୍କ ସମେତ ମୋଟ ୩୧ ଜଣଙ୍କୁ ଜିଲ୍ଲା ଦାୟିତ୍ୱ ଦିଆଯାଇଛି।

ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ପରିଡା କହିଛନ୍ତି ଯେ, ମହିଳା ଶକ୍ତି ହିଁ ବିଜେପିର ମୂଳ ଶକ୍ତି। ନୂତନ କମିଟି ସଂଗଠନକୁ ବୁଥ୍ ସ୍ତର ପର୍ଯ୍ୟନ୍ତ ସୁଦୃଢ଼ କରିବ ଏବଂ ସରକାରଙ୍କ ମହିଳା କଲ୍ୟାଣ ଯୋଜନାକୁ ଘରେ ଘରେ ପହଞ୍ଚାଇବ। ଆଗାମୀ ଦିନରେ ରାଜନୀତିରେ ମହିଳାଙ୍କ ଭୂମିକା ବଢ଼ିବା ସହ ରାଜନୀତି କ୍ଷେତ୍ରରେ ସେମାନେ ନିଜକୁ ସାମିଲ୍ କରିପାରିବେ।

ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ



କଳାହାଣ୍ଡି,୨୫।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ବଡ଼ବସୁଲ ମୁଖ୍ୟ ରାସ୍ତା କଡ଼ରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ଜୁନାଗଡ଼ ଥାନା ଅନ୍ତର୍ଗତ ମହିଭର (ଖୁଡୁପଡ଼ା) ଗ୍ରାମର ପଙ୍କଜ ମାଝୀଙ୍କ ପତ୍ନୀ ଲକ୍ଷ୍ମୀ ମାଝୀ (୪୮) ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଲକ୍ଷ୍ମୀ ରାତିରେ ଘରୁ ବାହାରି ଫେରି ନଥିବାରୁ ପରିବାର ଲୋକେ ରାତିସାରା ଖୋଜାଖୋଜି କରିଥିଲେ। ସକାଳେ ବଡ଼ବସୁଲ ରାସ୍ତା କଡ଼ରେ ତାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଅଜଣା ଗାଡ଼ି ଧକ୍କା ଦେଇ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ଖବର ପାଇ ଧର୍ମଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଚିକିତ୍ସାଳୟକୁ ପଠାଇଛି। ଘଟଣାର ପ୍ରକୃତ କାରଣ ଓ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଚିହ୍ନଟ କରିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି।

ଶିଆଳି ବାଲିଯାତ୍ରା ୨୦୨୬ ପାଇଁ ପ୍ରସ୍ତୁତି ବୈଠକ

ବିଜୁ ପଟ୍ଟନାୟକ ଓ ଡଃ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପନ ଉପରେ ଗୁରୁତ୍ୱ

ବାଲିକୁଦା,୨୫।୧୦ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶିଆଳି ବେଳାଭୂମିରେ ଆୟୋଜିତ ହେବାକୁ ଥିବା ବାଲିଯାତ୍ରା-୨୦୨୬କୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଶିଆଳି ଖୁସି ରିସର୍ଟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବାଲିଯାତ୍ରାକୁ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଅଧିକ ଦିନ ଧରି ଆୟୋଜନ କରିବା ସହ ଏହାର ପରିଚାଳନା ଓ ବିଭିନ୍ନ ବ୍ୟବସ୍ଥାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।



ବୈଠକରେ ମୁଖ୍ୟ ଅତିଥି ଭାବେ ଏରସମା ବ୍ଲକର ସାଂସଦ ପ୍ରତିନିଧି ଜଟାଧାରୀ ସ୍ୱାଇଁ ଯୋଗଦେଇଥିବା ବେଳେ ଶିଆଳି ବାଲିଯାତ୍ରା ପରିଚାଳନା କମିଟିର ସଭାପତି ନିରାକାର ସ୍ୱାଇଁ, ସମ୍ପାଦକ ପ୍ରଦୀପ୍ତ ସାମଲ, କୋଷାଧ୍ୟକ୍ଷ ଦୀପକ ଗିରି, ଉପସଭାପତି ସୁକାନ୍ତ ସାମନ୍ତ, ସହକୋଷାଧ୍ୟକ୍ଷ ଚନ୍ଦନ ପରିଡ଼ା ଓ ବରିଷ୍ଠ ସଦସ୍ୟ ଜୟଦେବ ସାମନ୍ତଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ଶିଆଳି ବାଲିଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା, ଆବଶ୍ୟକୀୟ ପରିଚାଳନା ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବରୁ ବାଲିଯାତ୍ରା ପାଞ୍ଚ ଦିନ ଧରି ଚାଲୁଥିବା ବେଳେ ଚଳିତ ବର୍ଷ ଏହାକୁ ଦଶ ଦିନ ଧରି ଆୟୋଜନ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଅନ୍ୟପକ୍ଷରେ, ଓଡ଼ିଶାର ବରପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀ ଡଃ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା ଘଟଣାକୁ ବୈଠକରେ ନିନ୍ଦା କରାଯାଇଥିଲା। ବାଲିଯାତ୍ରା ପୂର୍ବରୁ ଉଭୟଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପନ କରିବା ନିମନ୍ତେ ପରିଚାଳନା କମିଟି ପକ୍ଷରୁ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଏହି ପ୍ରସ୍ତୁତି ବୈଠକରେ ୫୦ରୁ ଉର୍ଦ୍ଧ୍ୱ ପରିଚାଳନା କମିଟି ସଦସ୍ୟ ଯୋଗଦେଇ ବାଲିଯାତ୍ରାର ସଫଳ ଆୟୋଜନ ଓ ବିଭିନ୍ନ ଦିଗ ଉପରେ ନିଜ ନିଜର ମତାମତ ରଖିଥିଲେ।

ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ, କୋର୍ଟ ଚାଲାଣ



ସତ୍ୟବାଦୀ,୨୫।୧୦ (ସଂଚାର ବ୍ୟୁରୋ): ଜଣେ ମହିଳାଙ୍କ ସହ ଅସଦାଚରଣ ଅଭିଯୋଗରେ ସତ୍ୟବାଦୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁକଳ-ଆଳିଶ ଗ୍ରାମର ସନ୍ତାନୁ ମଲ୍ଲିକ (୩୨)। ପୋଲିସ ଅନୁଯାୟୀ, ବନମାଳୀଡ଼ିପି ଗ୍ରାମର ବର୍ଷା ମଲ୍ଲିକଙ୍କ ଲିଖିତ ଅଭିଯୋଗ ଆଧାରରେ ୨୩ ଅକ୍ଟୋବରରେ ସତ୍ୟବାଦୀ ଥାନାରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁସାରେ, ୨୧ ଅକ୍ଟୋବର ସନ୍ଧ୍ୟାରେ ସନ୍ତାନୁ ତାଙ୍କୁ ଭୋଜି ଖାଇବାକୁ ଡାକିଥିଲେ। ଭୋଜି ସାରି ରାତି ପ୍ରାୟ ୧୦ଟା ୩୦ରେ ଉଭୟ ଫେରୁଥିବା ବେଳେ ଏକ ନିର୍ଜନ ରାସ୍ତାରେ ସ୍କୁଟି ଅଟକାଇବାକୁ ଅଭିଯୁକ୍ତ କହିଥିବା ଅଭିଯୋଗ ହୋଇଛି। ଏଥିରେ ମହିଳାଜଣକ ପ୍ରତିବାଦ କରିବାରୁ ଅଭିଯୁକ୍ତ ବଳପୂର୍ବକ ସ୍କୁଟି ଅଟକାଇ ତାଙ୍କ ସହ ଅସଦାଚରଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ସତ୍ୟବାଦୀ ଥାନାର ଏସ୍‌ଆଇ ଗୌରାଙ୍ଗ ଚରଣ ମହାପାତ୍ର ତଦନ୍ତ କରୁଛନ୍ତି। ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ଜାଗୁଳିପାଟଣା ଅନନ୍ତ ପୁରୁଷୋତ୍ତମ ମନ୍ଦିରର ଇତିହାସ ଉନ୍ମୋଚନ କଲା

ହେରିଟେଜ୍ ୱାକ

ଗଜପତି ଦିବ୍ୟସିଂହ ଦେବଙ୍କ ସହ ଜଡ଼ିତ ମନ୍ଦିରର ଐତିହ୍ୟ ଓ କିମ୍ବଦନ୍ତୀ ଉପରେ ଚର୍ଚ୍ଚା

ଅବହେଳିତ ମହନ୍ତଙ୍କ ସମାଧିସ୍ଥଳୀର ସଂରକ୍ଷଣ ପାଇଁ ଉଠିଲା ସ୍ୱର



ଖୋର୍ଦ୍ଧା,୨୫।୧୦ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲାର ଐତିହାସିକ ଓ ଧାର୍ମିକ ଐତିହ୍ୟର ଅନ୍ୱେଷଣ ସହ ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ନିଜ ଅଞ୍ଚଳର ଇତିହାସ ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ଆୟୋଜିତ ତୃତୀୟ ଖୋର୍ଦ୍ଧା ହେରିଟେଜ ୱାକ୍‌ରେ ଏଥର ଜାଗୁଳିପାଟଣାସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ ମନ୍ଦିରର ଐତିହାସିକ ପୃଷ୍ଠଭୂମି, ଧାର୍ମିକ ପରମ୍ପରା ଓ ଲୋକକଥା ଉପରେ ଅନୁଧ୍ୟାନ କରାଯାଇଛି। ମନ୍ଦିରର ସ୍ୱତନ୍ତ୍ର ବିଗ୍ରହ, ପୂଜାବିଧି, ରଥଯାତ୍ରା ଓ ଏହା ସହ ଜଡ଼ିତ ବିଭିନ୍ନ କିମ୍ବଦନ୍ତୀ ପଦଯାତ୍ରାର ପ୍ରମୁଖ ଆକର୍ଷଣ ପାଲଟିଥିଲା।

ରବିବାର ସକାଳ ୯ଟାରେ ଚଣ୍ଡୀଚୁଆ ଛକରୁ ଏହି ଐତିହ୍ୟ ଅନ୍ୱେଷଣ ପଦଯାତ୍ରା ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ଅଧ୍ୟାୟ ପକ୍ଷରୁ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରାଯିବା ପରେ ସେମାନେ ମା' ଚଣ୍ଡୀଙ୍କ ଦର୍ଶନ କରି ଖୋର୍ଦ୍ଧା-ନୟାଗଡ଼ ରାସ୍ତା ଦେଇ ଜାଗୁଳିପାଟଣାସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ସେବାୟତ କମଳଲୋଚନ ଦାସ ମହାରାଜ, ଗଣେଶ ଦାସ ମହାରାଜ, ବୁଦ୍ଧିଜୀବୀ ବୈକୁଣ୍ଠନାଥ ମହାପାତ୍ର, ମୀନକେତନ ମହାନ୍ତି, ପ୍ରଦୀପ କୁମାର ବେହେରାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ପଦଯାତ୍ରୀଙ୍କୁ ସ୍ୱାଗତ କରିଥିଲେ।

ମନ୍ଦିରର ଇତିହାସ ଓ ଧାର୍ମିକ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ବରିଷ୍ଠ ସାମ୍ବାଦିକ ପ୍ରଭାତ ପାଣିଗ୍ରାହୀ ଏହାର ଐତିହାସିକ ପୃଷ୍ଠଭୂମି ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ସେବାୟତ କମଳଲୋଚନ ଦାସ ମହାରାଜ ମନ୍ଦିରର ନିତିକାନ୍ତି, ପୂଜାପଦ୍ଧତି ଓ ପର୍ବପର୍ବାଣି ସମ୍ପର୍କରେ ବୁଝାଇଥିବା ବେଳେ ବୈକୁଣ୍ଠନାଥ ମହାପାତ୍ର ଓ ମୀନକେତନ ମହାନ୍ତି ମନ୍ଦିର ସହ ଜଡ଼ିତ ଅନ୍ୟାନ୍ୟ ସାଂସ୍କୃତିକ ଓ ଐତିହାସିକ ତଥ୍ୟ ଉପସ୍ଥାପନ କରିଥିଲେ।

ଗବେଷକଙ୍କ ମତ, ଲୋକଶ୍ରୁତି ଓ ସଂଗୃହୀତ ତଥ୍ୟ ଅନୁଯାୟୀ, ଏହି ମନ୍ଦିରର ଇତିହାସ ଗଜପତି ଦିବ୍ୟସିଂହ ଦେବ ଦ୍ୱିତୀୟଙ୍କ ଜୀବନର କେତେକ ଘଟଣା ସହ ଜଡ଼ିତ ବୋଲି କୁହାଯାଏ। ବ୍ରିଟିଶ ଶାସନ ସମୟରେ କଳାପାଣି ଦଣ୍ଡ ଭୋଗୁଥିବା ଗଜପତି ସେଠାରୁ ଖସି ଆସିବା, ପରବର୍ତ୍ତୀ ସମୟରେ ପୁନର୍ବାର ଗିରଫ ହୋଇ କଟକ ଜେଲ୍‌ରେ ରହିବା ଏବଂ ପରେ ମୁକ୍ତ ହୋଇ ବାବା ରଘୁବୀର ଦାସଙ୍କ ଆଶ୍ରୟ ନେବା ସମ୍ପର୍କରେ ଜନଶ୍ରୁତି ପ୍ରଚଳିତ ରହିଛି। ସେ ଦୟାନିଧି ଦାସ ନାମରେ ପରିଚିତ ହୋଇଥିବା ନେଇ ମଧ୍ୟ କୁହାଯାଏ।

ଲୋକବିଶ୍ୱାସ ଅନୁଯାୟୀ, ପ୍ରଭୁ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ପରେ ବେରୁହାଁ ଗ୍ରାମରୁ ଦାରୁ ଅଣାଯାଇ ପୁରୀର କାରିଗରଙ୍କ ଦ୍ୱାରା ବିଗ୍ରହ ନିର୍ମାଣ କରାଯାଇଥିଲା। ପରେ କେରଳରୁ ଆସିଥିବା ଶୌତ୍ରୀୟ ବ୍ରାହ୍ମଣମାନେ ବିଗ୍ରହଙ୍କ ପ୍ରତିଷ୍ଠା କରିଥିବା କିମ୍ବଦନ୍ତୀ ରହିଛି। ପ୍ରଥମେ ଏକ କୁଟୀରରେ ଦେବବିଗ୍ରହଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସେଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ ହୋଇଥିବା କୁହାଯାଏ। ଏହି ମନ୍ଦିରକୁ କେନ୍ଦ୍ର କରି ଅଞ୍ଚଳଟି ଜାଗୁଳିପାଟଣା ନାମରେ ପରିଚିତ ହୋଇଥିବା ନେଇ ମଧ୍ୟ ମତ ପ୍ରକାଶ ପାଇଥିଲା।

ମନ୍ଦିରର ଅନ୍ୟତମ ବିଶେଷତ୍ୱ ହେଉଛି ଏଠାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପୂର୍ଣ୍ଣାଙ୍ଗ ବିଗ୍ରହ ପୂଜା ପାଉଛନ୍ତି। ବଳଭଦ୍ରଙ୍କ ହସ୍ତରେ ହଳ ଓ ମୁଷଳ ଥିବାବେଳେ ଶ୍ରୀଜଗନ୍ନାଥଙ୍କ ହସ୍ତରେ ଶଙ୍ଖ ଓ ଚକ୍ର ରହିଛି। ଏହି ବିଗ୍ରହଗୁଡ଼ିକର ସ୍ୱତନ୍ତ୍ର ରୂପ ଓ ପୂଜାପଦ୍ଧତି ମନ୍ଦିରର ଧାର୍ମିକ ମହତ୍ତ୍ୱକୁ ଅଧିକ ବିଶିଷ୍ଟ କରିଛି। ମନ୍ଦିର ପରିସରରେ ଶ୍ରୀଭୈରବେଶ୍ୱର, ଶ୍ରୀଚୈତନ୍ୟ, ହନୁମାନ ଓ ମା' ଲକ୍ଷ୍ମୀଙ୍କ ମନ୍ଦିର ସହ ମହନ୍ତ ରଘୁବୀର ଦାସଙ୍କ ସମାଧି ରହିଛି। ଏହି ସ୍ଥାନଗୁଡ଼ିକ ମନ୍ଦିରର ଧାର୍ମିକ ଓ ସାଂସ୍କୃତିକ ପରିଚୟ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ହେରିଟେଜ୍ ୱାକ୍‌ରେ ସାମିଲ ଅଂଶଗ୍ରହଣକାରୀମାନେ ମନ୍ଦିର ପରିସରରେ ଥିବା କଳ୍ପବଟ, ଶ୍ରୀଭୈରବଙ୍କ ପୀଠ, ପୂର୍ବତନ ମହନ୍ତମାନଙ୍କ ସମାଧିସ୍ଥଳୀ, କାରୁଣ୍ୟ କୁଣ୍ଡ, ଜାଗୁଳେଇ ମନ୍ଦିର ଓ ଗୁଣ୍ଡିଚା ମଣ୍ଡପ ପରିଦର୍ଶନ କରିଥିଲେ।

ତେବେ ମନ୍ଦିର ପରିସରରେ ଥିବା ପୂର୍ବତନ ମହନ୍ତମାନଙ୍କ ସମାଧିସ୍ଥଳୀ ଅବହେଳିତ ଅବସ୍ଥାରେ ରହିଥିବା ଦେଖି ପଦଯାତ୍ରୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଐତିହାସିକ ଓ ଧାର୍ମିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ସ୍ଥାନଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ, ସଂରକ୍ଷଣ ଓ ଆବଶ୍ୟକ ପୁନରୁଦ୍ଧାର କରାଯିବା ଉପରେ ମତ ପ୍ରକାଶ ପାଇଥିଲା।



ଖାଲି ପେଟରେ ଖାଆନ୍ତୁ ଚାମଚେ ଦେଶୀ ଘିଅ

କ୍ୟାନ୍ସରକୁ ଦେବ ମାତ୍





ଆଜିକାଲି ଆମେ ସ୍ୱାଦ ଅପେକ୍ଷା ସ୍ୱାସ୍ଥ୍ୟକୁ ବେଶି ପ୍ରାଥମିକତା ଦେଉଛୁ। ଡାଏଟ୍ ପ୍ଲାନ୍, ବ୍ୟାୟାମ, ଖାଦ୍ୟ ଉପରେ ଧ୍ୟାନ ଦେଉଛେ । ଶରୀର ପାଇଁ କୌଣସି କସରତ ଛାଡୁନାହୁଁ । କେତେକ ସେମାନଙ୍କ ଦୈନନ୍ଦିନ ଖାଦ୍ୟ-ଚାର୍ଟରୁ ଚିନି ଏବଂ ଲୁଣ ଗ୍ରହଣକୁ ହ୍ରାସ କରିଦିଅନ୍ତି ଏବଂ କୌଣସି ସୁସ୍ଥ ଚର୍ବି ବି ଆବଶ୍ୟକ ବୋଲି ଭୁଲିଯାଆନ୍ତି । କିନ୍ତୁ କଣ ଆପଣ ଜାଣନ୍ତି କ୍ଲାରିଫାଏଡ୍ ବଟର କିମ୍ବା ଘିଅ ହେଉଛି ଆମ ଶରୀର ପାଇଁ ଆବଶ୍ୟକ ଉପାଦାନ। ଯାହା ଏକ ଶୁଦ୍ଧ ଫ୍ୟାଟ୍ ଏବଂ ଏହା ଶରୀର ଉପଯୋଗୀ । ଆୟୁର୍ବେଦ ଅନୁସାରେ, ପ୍ରାଚୀନ କାଳରୁ ଘିଅକୁ ଏକ ପ୍ରମୁଖ ଔଷଧୀୟ ଗୁଣ ଭାବରେ ବ୍ୟବହାର କରାଯାଇ ଆସୁଛି । ଭାରତୀୟ ସଂସ୍କୃତିରେ ଘିଅକୁ ଅତ୍ୟନ୍ତ ପବିତ୍ର ବୋଲି ବିଶ୍ୱାସ କରାଯାଏ । ଏବଂ ପ୍ରତ୍ୟେକ କ୍ଷେତ୍ରରେ ଏହାର ଏକ ଅବିଚ୍ଛେଦ୍ୟ ଭୂମିକା ରହିଛି । ଏହା ଆମ ସ୍ୱାସ୍ଥ୍ୟ ପାଇଁ କିପରି ଜରୁରୀ, ଆସନ୍ତୁ ଜାଣିବା.. ସକାଳେ ଖାଲି ପେଟରେ ଘିଅ ଖାଇବା ଲାଭଦାୟକ ହୋଇଥାଏ । ଆପଣ ଏହାକୁ ଉଷୁମ ପାଣି ସାହାର୍ଯ୍ୟରେ ନେଇ ପାରିବେ । ଦେଶୀ ଘିଅ କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରେ ନାହିଁ ବରଂ ଖାଲି ପେଟରେ ଖାଇବା ଖୁବ୍ ଲାଭଦାୟକ। କିନ୍ତୁ କିଛି ଲୋକ ଘିଅ ଖାଇବାକୁ ପସନ୍ଦ କରିନଥାଆନ୍ତି । ଆୟୁର୍ବେଦ ଅନୁସାରେ ଖାଲିପେଟରେ ଘିଅ ଖାଇବା କେବଳ ଆମକୁ ସୁସ୍ଥ ରଖି ନଥାଏ ବରଂ ଏହା ତ୍ୱଚା ପାଇଁ ମଧ୍ୟ ବେଷ୍ଟ ।

ଘିଅର ଉପକାରିତା ପାଚନ ଠିକ୍ କରେ : ଗୋଟିଏ ଚାମଚ ଘିଅ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ସଠିକ ହୁଏ । ଘିଅରେ ଥିବା ବ୍ୟୁଟିରିକ ଏସିଡ୍ ଆଣ୍ଟି ଇନଫ୍ଲାମେଣ୍ଟାରୀ ଭାବେ କାର୍ଯ୍ୟ କରିଥାଏ । ଯାହା ଖାଦ୍ୟକୁ ଶିଘ୍ର ହଜମ କରିବାରେ ସାହାଯ୍ୟ କରେ । ଓଜନ କମାଏ : ସାଧାରଣତଃ ଆମେ ଭାବିଥାଉ ଘିଅ ଖାଇଲେ ଓଜନ ବଢ଼େ । କିନ୍ତୁ ଖାଲିପେଟରେ ଘିଅ ଖାଇବା ଦ୍ୱାରା ଓଜନକୁ ହ୍ରାସ ହୁଏ । ଏହାକୁ ନିୟମିତ ଭାବେ ଖାଇବା ଦ୍ୱାରା ଓଜନକୁ ନିୟନ୍ତ୍ରଣ କରାଯାଇପାରିବ । ଖାଲି ପେଟରେ ଏକ ଚାମଚ ଦେଶୀ ଘିଅ ଖାଇବା ଦ୍ୱାରା ମେଟାବୋଲିଜିମ୍ ବୃଦ୍ଧି ପାଏ । ଯାହା ଶରୀରର ଚର୍ବିକୁ ହ୍ରାସ କରିଥାଏ । ତ୍ୱଚା ପାଇଁ ବେଷ୍ଟ : ଘିଅରେ ଥିବା ଭିଟାମିନ୍ ସ୍କିନକୁ ପ୍ରାକୃତିକ ଭାବେ ଗ୍ଲୋଇଂ କରେ ଏବଂ କୁଞ୍ଚନ ସମସ୍ୟାରୁ ମୁକ୍ତି ଦେଇଥାଏ । ଯଦି ଆପଣ ଆପଣଙ୍କ ମୁହଁରେ ପ୍ରାକୃତିକ ଚମକ ପାଇବାକୁ ଚାହାଁନ୍ତି, ତେବେ ଏହି ଟ୍ରିକ୍ ଆପଣାନ୍ତୁ । ହାଡ଼ ପାଇଁ ଲାଭକାରୀ : ଘିଅକୁ ହାଡ଼ ପାଇଁ ମହୋଷଧି ଭାବେ ବିବେଚନା କରାଯାଏ । ଘିଅରେ ଓମେଗା ୩ ଫ୍ୟାଟି ଏସିଡ୍ ଥାଏ । ଯାହା ଅଷ୍ଟିଓ-ପୋରୋସିସ୍ ହେବାର ସମ୍ଭାବନାକୁ ମଧ୍ୟ କମ୍ କରିଥାଏ । ଘିଅରେ ଥିବା ଭିଟାମିନ୍ K ହାଡ଼କୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । କ୍ୟାନ୍ସର ଦୂର କରେ : ଘିଅରେ ରହିଛି ଆଣ୍ଟି-କ୍ୟାନସର ଗୁଣ । ଯାହା ଆପଣଙ୍କ ଶରୀରରେ କ୍ୟାନସର କୋଷକୁ ବଢ଼ିବାରେ ରୋକିଥାଏ ।



ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ପାଣି ପିଇବା ଅନୁଚିତ

ଖାଦ୍ୟ ଖାଇବାର ତୁରନ୍ତ ପରେ ପାଣି ପିଇବା ସାଧାରଣତଃ ଲୋକଙ୍କର ଏକ ଅଭ୍ୟାସ। କିନ୍ତୁ ଜାଣନ୍ତି କି ଏହା ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ? ଏହି ପ୍ରଶ୍ନର ଉତ୍ତର ଜାଣିବା ପାଇଁ ପ୍ରଥମେ ପାଚନ ପ୍ରକ୍ରିୟାକୁ ବୁଝିବା ଆବଶ୍ୟକ, ଯାହାଦ୍ୱାରା ଖାଇବାର କେତେ ସମୟ ପରେ ପାଣି ପିଇବା ଆବଶ୍ୟକ ତାହା ବୁଝିବା ସହଜ ହେବ। ବୈଜ୍ଞାନିକ ଦୃଷ୍ଟିରୁ ଦେଖିବାକୁ ଗଲେ ଖାଇବା ପରେ ତୁରନ୍ତ ପାଣି ପିଇବା ଶରୀର ପାଇଁ କ୍ଷତିକାରକ। ତାହା ଆମେ ସମସ୍ତେ ଜାଣୁ। ଘରର ବୟସ୍କ ଲୋକମାନେ ଖାଇବା ପରେ ପାଣି ପିଇବା ମଝିରେ କିଛି ସମୟର ଗ୍ୟାପ୍ ଦେବା ପାଇଁ କହିଥାନ୍ତି। ନିଶ୍ୱାସ ପ୍ରଶ୍ୱାସ ନେବା ଶରୀର ପାଇଁ ଯେତିକି ଜରୁରି, ପାଣି ପିଇବା ମଧ୍ୟ ଠିକ୍ ସେତିକି। ଏହା ଆମ ଶରୀରକୁ କେବଳ ସତେଜ ରଖି ନଥାଏ, ବରଂ ଶରୀର ଭିତରେ ହେଉଥିବା ପ୍ରକ୍ରିୟାରେ ମଧ୍ୟ ସହଯୋଗ କରିଥାଏ। କୁହାଯାଏ ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ମଧ୍ୟ ତ୍ୱଚାରେ ଚମକ ଆସିଥାଏ। କିନ୍ତୁ ଖାଇବାର କେତେ ସମୟ ପରେ ପାଣି ପିଇବା ଆବଶ୍ୟକ। ଚାଲନ୍ତୁ ସେ ବିଷୟରେ ଜାଣିବା। ଖାଦ୍ୟ ଖାଇବା ପୂର୍ବରୁ କିମ୍ବା ଖାଇବାର ତୁରନ୍ତ ପରେ ଆଦୌ ପାଣି ପିଇବା ଅନୁଚିତ୍। ବିଶେଷଜ୍ଞଙ୍କ ମତରେ ଖାଇବାର ଅଧା ଘଣ୍ଟା ପୂର୍ବରୁ ଓ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା ଉଚିତ୍। କାରଣ ତରଳ ଖାଦ୍ୟ ପେଟରୁ ପ୍ରାୟ ୨୦ରୁ ୩୦ ମିନିଟ୍ରେ ବାହାରି ଯାଇଥାଏ। ଯେତେବେଳେ ଖାଦ୍ୟ ହଜମ ହେବା ପାଇଁ ୩ରୁ ୪ ଘଣ୍ଟା ସମୟ ଲାଗିଥାଏ। ଯଦି ଖାଇବା ପରେ ତୁରନ୍ତ ପାଣି ପିଉଛନ୍ତି, ତେବେ ହଜମ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରୁଥିବା ଏନ୍ଜାଇମ୍ଗୁଡିକ ଖାଦ୍ୟକୁ ହଜମ କରିବାରେ ବାଧା ସୃଷ୍ଟି କରିଥାନ୍ତି। ଫଳରେ ବ୍ଲୋଟିଂ ପରି ସମସ୍ୟା ସୃଷ୍ଟି ହୋଇଥାଏ। ଅବଶ୍ୟ ଯେଉଁମାନେ କମ୍ ଖାଦ୍ୟ ଖାଇଥାନ୍ତି, ସେମାନେ ଖାଇବା ସମୟରେ ସାମାନ୍ୟ ପାଣି ପିଇପାରିବେ। କାରଣ ଏମାନଙ୍କ କ୍ଷେତ୍ରରେ ଓଭର୍ଇଟିଂ ଆଶଙ୍କା କମ୍ ରହିଥାଏ। ଯେତେବେଳେ ଆମେ ଖାଦ୍ୟ ଖାଉଛେ, ଆମ ଶରୀରରେ ହଜମ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଖାଦ୍ୟକୁ ହଜମ କରାଇବା ପାଇଁ ଲାଳ ଓ ହଜମ କରାଉଥିବା ଏନ୍ଜାଇମ୍ କ୍ଷରଣ ହୋଇଥାଏ। ଖାଦ୍ୟ ଖାଇବାର ଠିକ୍ ପୂର୍ବରୁ ପାଣି ପିଇବା ଦ୍ୱାରା ଏନ୍ଜାଇମ୍ଗୁଡିକ ଠିକ୍ ଭାବେ କାମ କରିପାରି ନଥାନ୍ତି। ଫଳରେ ଭୋଜନକୁ ହଜମ କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ଏହାବ୍ୟତୀତ ଖାଇବା ପୂର୍ବରୁ ପାଣି ପିଇବା ଦ୍ୱାରା ପେଟ ଭରିଯାଏ, ତେଣୁ ଆବଶ୍ୟକ ଖାଦ୍ୟ ଖାଇବା ସମ୍ଭବ ହୁଏନା। ତେଣୁ କିଛି ସମୟ ପରେ ପୁଣି ଭୋକ ଲାଗିବା ସ୍ୱାଭାବିକ। ଏପରି କରିବା ଦ୍ୱାରା ଅଧିକ ଖାଇବାର ଆଶଙ୍କା ବଢ଼ିଥାଏ। ତେଣି ବିଶେଷଜ୍ଞଙ୍କ ମତରେ ଠିକ୍ ଭାବରେ ଖାଦ୍ୟ ଗ୍ରହଣ କରିବା ପାଇଁ ଖାଦ୍ୟ ଖାଇବାର ଅଧା ଘଣ୍ଟା ପୂର୍ବରୁ ଏକ ଗ୍ଲାସ୍ ପାଣି ପିଇବା ଉଚିତ୍। କିନ୍ତୁ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା ଉଚିତ୍। ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ଗ୍ୟାସ୍, ଏସିଡିଟି ଓ ପେଟ ଯନ୍ତ୍ରଣା ପରି ସମସ୍ୟା ସୃଷ୍ଟି ହୋଇଥାଏ। କାରଣ ପାଣି ଖାଦ୍ୟକୁ ହଜମ କରୁଥିବା ଏନ୍ଜାଇମ୍କୁ ପତଳା କରିଦେଇଥାଏ। ତେଣୁ ଖାଦ୍ୟ ଖାଇବାର ଅଧା ଘଣ୍ଟା ପରେ ପାଣି ପିଇବା ଉଚିତ୍

୨୪ ଘଣ୍ଟା ଫ୍ରିଜ୍ ଚଲାଉଛନ୍ତି କି ?



ଆଜିକାଲି ଫ୍ରିଜ୍ ପ୍ରତ୍ୟେକ ପରିବାରର ଏକ ଆବଶ୍ୟକୀୟ ଉପକରଣ ପାଲଟିଯାଇଛି । ଖାଦ୍ୟ ସାମଗ୍ରୀକୁ ତାଜା ରଖିବା ଓ ନଷ୍ଟ ହେବାରୁ ବଞ୍ଚାଇବା ପାଇଁ ଫ୍ରିଜ୍ ବେଶ୍ ସହାୟକ ହୋଇଥାଏ । ତେବେ ଅନେକ ସମୟରେ ଲୋକଙ୍କ ମନରେ ପ୍ରଶ୍ନ ଉଠେ ଫ୍ରିଜ୍‌କୁ ୨୪ ଘଣ୍ଟା ଚାଲୁ ରଖିବା ଉଚିତ୍ ନା ବିଜୁଳି ବିଲ୍ ବଞ୍ଚାଇବା ପାଇଁ ବେଳେବେଳେ ବନ୍ଦ କରିବା ଦରକାର ? ବର୍ଷକୁ କେତେ ଥର ଓ କେଉଁ ସମୟରେ ଫ୍ରିଜ୍ ବନ୍ଦ କରିବା ଉଚିତ୍ ? ଆସନ୍ତୁ ଜାଣିବା ଏହା ଉପରେ ବିଶେଷଜ୍ଞଙ୍କ ମତାମତ । ଫ୍ରିଜ୍‌କୁ ୨୪ ଘଣ୍ଟା ଚାଲୁ ରଖିବା କାହିଁକି ଜରୁରୀ ? ବିଶେଷଜ୍ଞଙ୍କ ଅନୁସାରେ, ରେଫ୍ରିଜରେଟରକୁ ୨୪ ଘଣ୍ଟା ଅବିରତ ଚାଲୁ ରଖିବା ପାଇଁ ହିଁ ଡିଜାଇନ୍ କରାଯାଇଥାଏ । ଅନେକ ଲୋକ ବିଜୁଳି ବିଲ୍ କମ୍ କରିବା ଆଶାରେ କିମ୍ବା ମେସିନ୍‌କୁ ବିଶ୍ରାମ ଦେବା ପାଇଁ ରାତିରେ କିଛି ଘଣ୍ଟା ଫ୍ରିଜ୍ ବନ୍ଦ କରିଦିଅନ୍ତି । ମାତ୍ର ଏହା ଦ୍ୱାରା ଲାଭ ବଦଳରେ କ୍ଷତି ଅଧିକ ହୋଇଥାଏ । ଫ୍ରିଜ୍ ବନ୍ଦ ହେଲେ ଭିତରର ତାପମାତ୍ରା ବଢ଼ିବାକୁ ଲାଗେ । ଫଳରେ ରଖାଯାଇଥିବା କ୍ଷୀର, ପନିପରିବା, ଫଳ ଓ ରନ୍ଧା ଖାଦ୍ୟ ଶୀଘ୍ର ଖରାପ ହୁଏ ଏବଂ ଜୀବାଣୁ ବଂଶବୃଦ୍ଧି କରନ୍ତି । ପୁଣି ଥରେ ଫ୍ରିଜ୍ ଚାଲୁ କରିବା ବେଳେ କମ୍ପ୍ରେସରକୁ ପୂର୍ବ ଭଳି ଥଣ୍ଡା କରିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ । ଏହା ଦ୍ୱାରା ବିଜୁଳି ବିଲ୍ କମିବା ବଦଳରେ ବୃଦ୍ଧି ପାଏ । ବାରମ୍ବାର କୁଲିଂ ସାଇକେଲ୍ ଭାଙ୍ଗିବା ଦ୍ୱାରା ଫ୍ରିଜ୍‌ର କମ୍ପ୍ରେସର ଉପରେ ଅତିରିକ୍ତ ଚାପ ପଡ଼େ, ଯାହା ଫ୍ରିଜ୍‌କୁ ଶୀଘ୍ର ଖରାପ କରିଦିଏ। ବର୍ଷକୁ କେତେ ଥର ଓ କେବେ ବନ୍ଦ କରିବେ ଫ୍ରିଜ୍ ? ସାଧାରଣ ଦିନଗୁଡ଼ିକରେ ଫ୍ରିଜ୍‌କୁ ୨୪ ଘଣ୍ଟା ଚାଲୁ ରଖିବା ଉଚିତ୍ ।

ମୁହଁରେ ଦେଖାଯାଉଥିବା ସଂକେତରୁ ଜାଣିହେବ ଫ୍ୟାଟି ଲିଭର



ଫ୍ୟାଟି ଲିଭର ସମସ୍ୟା ଏବେ ବିଶ୍ୱରେ ଖୁବ୍ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଭିତରୁ ଗୋଟିଏ। ଯାହା ଚୁପ୍ ଚାପ୍ ଶରୀରକୁ ଆକ୍ରାନ୍ତ କରିଥାଏ। କାହାକୁ ଜଣା ବି ପଡ଼ି ନଥାଏ ଯେ ତାଙ୍କ ଲିଭର ଡ୍ୟାମେଜ୍ ହେଉଛି। ଯେବେ କି ସ୍ଥିତି ଗମ୍ଭୀର ହୋଇଯାଇଥାଏ। ଅଧିକାଂଶ ଲୋକ ଜାଣନ୍ତି ଅଧିକ ମଦ୍ୟପାନ କରିବା ଦ୍ୱାରା ଲିଭର ଖରାପ ହୋଇଯାଇଥାଏ। କିନ୍ତୁ ଫ୍ୟାଟି ଲିଭର କେବଳ ମଦ୍ୟପାନ ପାଇଁ ନୁହେଁ, ବରଂ ମୋଟାପଣ, ଟାଇପ୍-2 ଡାଇବେଟିସ୍ , ହାଇ ବ୍ଲଡ୍ ପ୍ରେସର ଓ ହାଇକୋଲେଷ୍ଟ୍ରୋଲ ଲିଭରରେ ଫ୍ୟାଟ୍ ଜମା କରି ଦେଇଥାଏ। ଏହାକୁ ନନ୍ ଆଲକୋହଲିକ୍ ଫ୍ୟାଟି ଲିଭର ଡିଜିଜ୍ କୁହାଯାଇଥାଏ। ସଠିକ୍ ସମୟରେ ଏହାର ଚିକିତ୍ସା ନହେଲେ ପରବର୍ତ୍ତୀ ସମୟରେ ଏହା ଏକ ବଡ଼ ରୂପ ନେଇପାରେ। ଆଶ୍ଚର୍ଯ୍ୟକର କଥା ହେଉଛି, ଫ୍ୟାଟି ଲିଭରର ଝଲକ ତ୍ୱଚରେ ଦେଖାଯାଇଥାଏ। ହଁ, ଠିକ୍ ଶୁଣିଲେ। ଆପଣଙ୍କ ତ୍ୱଚାରେ କିଛି ଖାସ୍ ସଂକେତ ସୂଚାଇଥାଏ ଆପଣଙ୍କ ଲିଭର ଠିକ୍ ରେ କାମ କରୁଛି ନା ନାହିଁ। ହେଲ୍ଥ୍ ଏକ୍ସପର୍ଟଙ୍କ କହିବା ଅନୁସାରେ ଏହାକୁ ଆଦୌ ଅଣଦେଖା କରନ୍ତୁନି।

ମୁହଁ ଫୁଲିଯିବା : ଯେତେବେଳେ ଲିଭର ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ, ଶରୀରରେ ପ୍ରୋଟିନ୍ ଏବଂ ତରଳ ପଦାର୍ଥର ସନ୍ତୁଳନ ବିଗିଡ଼ି ଯାଇଥାଏ। ଏହାର ପ୍ରଭାବ ମୁହଁ ଉପରେ ପଡ଼ିଥାଏ। ଅନେକ ସମୟରେ ଆଖି ଏବଂ ଗାଲ ଚାରିପାଖ ଫୁଲି ଯାଇଥାଏ। ଯଦି ତ୍ୱଚାରେ ଏମିତି ବାରମ୍ବାର ଦେଖା ଯାଉଛି, ଆଉ ଏହାର କୌଣସି ସ୍ପଷ୍ଟ କାରଣ ନାହିଁ, ତାହେଲେ ଏହା ଆଲର୍ଜି , କମ୍ ନିଦ, ଲିଭରରେ ଅସୁବିଧା ଯୋଗୁ ଏହି ବିପଦ ଦେଖା ଦେଇଥାଏ।

ବେକରେ କଳାଦାଗ : ଅନେକ ଲୋକଙ୍କୁ ଜଣା ପଡ଼େନି କେତେବେଳେ ତାଙ୍କ ବେକରେ କଳା ଦାଗ ଦେଖା ଯିବା ଆରମ୍ଭ ହୋଇଯାଇଥାଏ। ମେଡିକାଲ୍ ଭାଷାରେ ଏହାକୁ ଏକେଥୋସିସ୍ ନାଇଗ୍ରିକନ୍ସ କୁହାଯାଇଥାଏ। ଏହି ସମସ୍ୟା ସେ ସମୟରେ ହୋଇଥାଏ ଯେତେବେଳେ ଶରୀରର ଇନସୁଲିନ୍ ବଢ଼ିଯାଇଥାଏ। ଇନସୁଲିନ୍ ପ୍ରତିରୋଧ, ଶରୀରର ଇନସୁଲିନ୍ ସଠିକ୍ ଭାବରେ ବ୍ୟବହାର କରିବାରେ ଅସମର୍ଥତା, ଫ୍ୟାଟି ଲିଭର ସହିତ ଜଡିତ। ତେଣୁ, ବେକର ପଛ କିମ୍ବା ପାର୍ଶ୍ୱରେ କଳା ପଡ଼ିବା ଯକୃତ ଏବଂ ମେଟାବୋଲିକ୍ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।

ମୁହଁ ଲାଲ୍ ଦେଖାଯିବା : କିଛି ଲୋକଙ୍କ ମୁହଁରେ ଲାଲ୍ ଦେଖା ଯାଇଥାଏ। କେତେକ ସମୟରେ,ମୁହଁର ଶିରା ଅଧିକ ସ୍ପଷ୍ଟ ହୋଇଯାଏ କିମ୍ବା ଛୋଟ ଛୋଟ ବ୍ରଣ ଦେଖାଯାଏ। ଏହି ଲକ୍ଷଣଗୁଡିକ ସାଧାରଣ ଲାଗିପାରେ ,କିନ୍ତୁ ଯେତେବେଳେ ମୁହଁ ଫୁଲିବା ଏବଂ ବେକ କଳା ହେବା ଭଳି ଅନ୍ୟାନ୍ୟ ଲକ୍ଷଣ ଏକା ସହ ଦେଖା ଦେଇଥାଏ। ତେବେ ଏହା ଫ୍ୟାଟି ଲିଭର ସମସ୍ୟାକୁ ଦର୍ଶାଇଥାଏ। ଲିଭର ଡ୍ୟାମେଜ୍ ହେବା ଶରୀରର ଆହୁରି ଅନେକ ଲକ୍ଷଣ ଦେଖା ଦେଇଥାଏ। ଯେମିତି କି ଜିଙ୍କ୍ ଅଭାବ ମୁହଁ ଚାରିପାଖରେ ଫୋଟକା କିମ୍ବା ଜ୍ୱଳନ ହୋଇପାରେ।

ଏମିତି କିଛି ଲକ୍ଷଣ ଦେଖା ଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ତେବେ ମନେ ରଖନ୍ତୁ କେବଳ ମୁହଁର ଲକ୍ଷଣ ଗୁଡ଼ିକୁ ସମାଧାନ କରିବା ଯଥେଷ୍ଟ ନୁହେଁ। ଏହା ସହ ଲିଭର ସଠିକ୍ ପରିଚାଳନା କରିବା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଓଜନ ଠିକ୍ ରଖନ୍ତୁ , ନିୟମିତ ବ୍ୟାୟାମ କରିନ୍ତୁ, ଅଧିକ ଚର୍ବିଯୁକ୍ତ ଖାଦ୍ୟ ଖାଆନ୍ତୁନି।

ସଂଚାର SANCHAR

ଧନର ଦେବୀଙ୍କ ଆଗମନରେ ଦୁଲୁକୁଛି ଅସ୍ତରଙ୍ଗ

ଭକ୍ତି, ଏକତା, ସଂସ୍କୃତିର ତ୍ରିବେଣୀ ସଙ୍ଗମ

୪୭ବର୍ଷର ପରମ୍ପରା ବହନ କରିଛି ମା' ଲକ୍ଷ୍ମୀ କ୍ଲବ



କାକଟପୁର/ଅସ୍ତରଙ୍ଗ, ୨୫ା୧୦ (ସଂଚାର ବ୍ୟୁରୋ): ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଏବେ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ପରିବେଶରେ ପୂର୍ଣ୍ଣ ହୋଇ ଉଠିଛି। ମା' ଲକ୍ଷ୍ମୀ କ୍ଲବ ତରଫରୁ ଆୟୋଜିତ ମା' ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ୪୭ତମ ବର୍ଷରେ ପଦାର୍ପଣ କରିଛି। ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଏହି ପୂଜା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ଅସ୍ତରଙ୍ଗ ମାଟିର ଏକତା, ପରମ୍ପରା ଓ ସଂସ୍କୃତିର ପ୍ରତୀକ ପାଲଟିଛି। ଧନଦାତ୍ରୀ ମା'ଙ୍କ ଆଗମନକୁ ନେଇ ସାରା ବଜାରକୁ ନବବଧୂ ପରି ସୁସଜ୍ଜିତ କରାଯାଇଛି। ହଜାର ହଜାର ରଙ୍ଗୀନ ଆଲୋକମାଳା, ଫୁଲମାଳ ଓ ତୋରଣରେ ସାରା ଅଞ୍ଚଳ ଆଲୋକିତ ହୋଇଛି। ଦୂରଦୂରାନ୍ତରୁ ଭକ୍ତମାନେ ମା'ଙ୍କ ଦର୍ଶନ ପାଇଁ ଭିଡ଼ ଜମାଉଛନ୍ତି।

ରବିବାର ମଧ୍ୟାହ୍ନ ସମୟରେ ପୂଜାର ପ୍ରଥମ ନୀତି ଭାବେ ଭବ୍ୟ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। କ୍ଲବ ସଦସ୍ୟମାନେ ମସ୍ତକରେ ମଙ୍ଗଳ କଳସ ଧରି ଘଣ୍ଟ, ଶଙ୍ଖ, ହୁଳହୁଳି ଓ ମା' ଗଜଲକ୍ଷ୍ମୀଙ୍କ ଜୟଧ୍ୱନୀ ସହ ନଗର ପରିକ୍ରମା କରିଥିଲେ। ନିକଟସ୍ଥ ନଦୀରୁ ରୁ ପବିତ୍ର ଜଳ ଆଣି ପୂଜା ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। କଳସ ସ୍ଥାପନ ପରେ ପୁରୋହିତଙ୍କ ଦ୍ୱାରା ବୈଦିକ ମନ୍ତ୍ର ଉଚ୍ଚାରଣ ସହ ସଂକଳ୍ପ, ଚକ୍ଷୁଦାନ, ପ୍ରାଣ ପ୍ରତିଷ୍ଠା ଓ ଉପଚାର ପୂଜା କରାଯାଇଥିଲା। ଏହା ପରେ ମା'ଙ୍କର ମହାସ୍ନାନ, ନବ ବସ୍ତ୍ର ଓ ସ୍ୱର୍ଣ୍ଣ ଅଳଙ୍କାର ଧାରଣ, ସିନ୍ଦୂର ଲେପନ ଏବଂ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଅପରାହ୍ନ ରେ ମା'ଙ୍କର ମହା ଆରତୀ ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଭକ୍ତଙ୍କ ବିଶ୍ୱାସ ଯେ, ଏହି ପୂଜା କଲେ ଘରେ ଧନଧାନ୍ୟ ବୃଦ୍ଧି ହୁଏ ଓ ସମସ୍ତ ଦୁଃଖ ଦୂର ହୁଏ।

ଚଳିତ ବର୍ଷ ପୂଜାର କର୍ତ୍ତା ଭାବେ ଡ଼. କମଳେଶ ଛାଟୋଇ ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ସ୍ନିଗ୍ଧାରାଣୀ ଛାଟୋଇ ସପତ୍ନୀକ ବସି ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଛନ୍ତି। ସେମାନଙ୍କ ଭକ୍ତିପୂତ ଉପସ୍ଥିତି ପୂଜାକୁ ଆହୁରି ଆଧ୍ୟାତ୍ମିକ କରିଛି।

ଏହି ପୂଜାର ସଫଳତା ପଛରେ ଲକ୍ଷ୍ମୀ କ୍ଲବର ସମସ୍ତ ସଦସ୍ୟଙ୍କ ନିଷ୍ଠା ରହିଛି। ସଭାପତି ଚିତ୍ରସେନ ପ୍ରଧାନ (ଚିତ୍ରା), ଉପ-ସଭାପତି ମନୋଜ ବିଶ୍ୱାଳ (ଭୀମା), ସମ୍ପାଦକ ଦିଲ୍ଲୀପ କୁମାର ଦାସ (ମୁନା), ସାଂସ୍କୃତିକ ସମ୍ପାଦକ ଦେବାଶିଷ ବାରିକ (ବୁବୁ), ଉପଦେଷ୍ଟା ପବିତ୍ର କାଣ୍ଡି ପ୍ରମୁଖ ଓ ଅନ୍ୟ ସଦସ୍ୟମାନଙ୍କ ସହଯୋଗରେ ପୂଜା ଆଜି ଅଞ୍ଚଳରେ ସୁନାମ ଅର୍ଜନ କରିଛି।

ପ୍ରଥମ ସନ୍ଧ୍ୟାରେ ସୁନାମଧନ୍ୟା ଗାୟିକାମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଭକ୍ତି ସଙ୍ଗୀତରେ ପୁରା ମଣ୍ଡପ ମନ୍ତ୍ରମୁଗ୍ଧ ହୋଇଥିଲା।

ଢେଙ୍କାନାଳରେ ଆରମ୍ଭ ହେଲା ବିଶ୍ୱପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା

୪୧ଟି ପୂଜା ମଣ୍ଡପରେ ପୂଜା ପାଇବେ ମା'

୧୧ ଦିନ ଧରି ଚାଲିବ ମା'ଙ୍କ ଆରାଧନା

ଉତ୍ସବମୁଖର ଢେଙ୍କାନାଳ ସହର



ଢେଙ୍କାନାଳ, ୨୫ା୧୦ (ସଂଚାର ବ୍ୟୁରୋ): ଆରମ୍ଭ ହୋଇଛି ଢେଙ୍କାନାଳର ବିଶ୍ୱପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା। ଧନ, ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ଦେବୀ ମା' ଗଜଲକ୍ଷ୍ମୀଙ୍କ ଆରାଧନା ପାଇଁ ସଜେଇ ହୋଇଛି ସମଗ୍ର ଢେଙ୍କାନାଳ ସହର। ସୁନ୍ଦର ତୋରଣ, ଆକର୍ଷଣୀୟ ଆଲୋକମାଳା ଓ ରଙ୍ଗବେରଙ୍ଗର ସାଜସଜ୍ଜାରେ ଝଲସି ଉଠିଛି ବିଭିନ୍ନ ପୂଜା ମଣ୍ଡପ। ଚଳିତ ବର୍ଷ ସହରର ୪୧ଟି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ପାଉଥିବାବେଳେ ଦୀର୍ଘ ୧୧ ଦିନ ଧରି ଏହି ମହୋତ୍ସବ ଚାଲିବ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଛି।

ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଏହା ସହରର ଐତିହ୍ୟ, ପରମ୍ପରା ଓ ସାଂସ୍କୃତିକ ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପ୍ରତିବର୍ଷ ଏହି ପୂଜାକୁ ଦେଖିବା ପାଇଁ ଢେଙ୍କାନାଳ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ମା'ଙ୍କ ଆଶୀର୍ବାଦ ଲାଭ କରିବା ସହ ପୂଜା ମଣ୍ଡପଗୁଡ଼ିକର ଆକର୍ଷଣୀୟ ସାଜସଜ୍ଜା ଓ ଆଲୋକସଜ୍ଜା ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ବିଶେଷ ଆଗ୍ରହ ରହିଥାଏ। ପୂଜା ଆରମ୍ଭ ହେବା ସହିତ ବିଭିନ୍ନ ମଣ୍ଡପରେ ବିଧିବିଧାନ ଅନୁଯାୟୀ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା, ମନ୍ତ୍ରପାଠ ଓ ଆଳତି ଆଦି ଅନୁଷ୍ଠିତ ହେଉଛି। ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ମଣ୍ଡପଗୁଡ଼ିକରେ ପହଞ୍ଚିବା ସହ ସହରରେ ଧୀରେଧୀରେ ପାର୍ବଣର ମାହୋଲ ଜମିବାରେ ଲାଗିଛି। ଆଗାମୀ ୧୧ ଦିନ ଧରି ପୂଜା, ଭକ୍ତି ଓ ଉତ୍ସବର ପରିବେଶରେ ମୁଖରିତ ହେବ ଢେଙ୍କାନାଳ ସହର।

ଏହି ମହୋତ୍ସବ ଅବସରରେ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନବଜାର ଓ ରାସ୍ତାଘାଟରେ ମଧ୍ୟ ଚଳଚଞ୍ଚଳତା ବୃଦ୍ଧି ପାଇଛି। ପୂଜାକୁ କେନ୍ଦ୍ର କରି ବ୍ୟବସାୟୀମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିବାବେଳେ ଛୋଟ ବଡ଼ ବ୍ୟବସାୟୀଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ପୂଜା ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବା ସହ ସହରର ଆର୍ଥିକ ଓ ସାମାଜିକ ଚଳଚଞ୍ଚଳତା ମଧ୍ୟ ବୃଦ୍ଧି ପାଇବାର ଆଶା ରହିଛି। ଏହି ଅବସରରେ ପୂଜା କମିଟିଗୁଡ଼ିକ ପକ୍ଷରୁ ମା'ଙ୍କ ପୂଜାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତି କରାଯାଇଛି। ଅନ୍ୟପକ୍ଷରେ, ପୂଜା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ୍ ନିୟନ୍ତ୍ରଣ ଓ ଶ୍ରଦ୍ଧାଳୁଙ୍କ ସୁବିଧା ଉପରେ ପ୍ରଶାସନର ଗୁରୁତ୍ୱ ରହିବ ବୋଲି ଆଶା କରାଯାଉଛି।

ନୂତନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକାର୍ପଣ କଲେ ସାଂସଦ ଓ ବିଧାୟକ



ମହାକାଳପଡ଼ା, ୨୫ା୧୦ (ସଂଚାର ବ୍ୟୁରୋ): ମହାକାଳପଡା ବ୍ଲକ ଉପକୂଳବର୍ତ୍ତୀ ନଦୀନାଳ ଘେରା ବତୀଘର ପଞ୍ଚାୟତରେ ସ୍ୱାସ୍ଥ୍ୟସେବାକୁ ନୂଆ ଦିଗ ଦେବା ଲକ୍ଷ୍ୟରେ ଏକ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ ହୋଇଛି। ରବିବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମିଳିତ ଭାବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଉପକୂଳ ଅଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବାରେ ସହାୟତା ମିଳିବ ବୋଲି ଆଶା ପ୍ରକାଶ ପାଇଛି।

ଏହି ଅବସରରେ ସାଂସଦ ଶ୍ରୀ ପଣ୍ଡା ଶତାଧିକ ହିତାଧିକାରୀ ଓ ରୋଗୀଙ୍କୁ ଆୟୁଷ୍ମାନ କାର୍ଡ ସହ ବିଭିନ୍ନ ସହାୟକ କିଟ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିରଞ୍ଜନ କର, ପ୍ୟାରୀମୋହନ ନନ୍ଦ ଏବଂ ବତୀଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭମ ରାଜ ତ୍ରିପାଠୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ପରେ ସାଂସଦ ଶ୍ରୀ ପଣ୍ଡା ଓ ବିଧାୟକ ଡ. ନାୟକ ବତୀଘର ଶିବମନ୍ଦିର ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଥିଲେ। ଏଥିରେ ଗ୍ରାମାଞ୍ଚଳର ମହିଳାଙ୍କ ହସ୍ତତନ୍ତ ଶିଳ୍ପ, ଆତ୍ମନିର୍ଭର ଭାରତ, ନୂତନ ସୁପର କମ୍ପ୍ୟୁଟର, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହ ଉନ୍ନତ ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଷୟ ଉପରେ ଆଲୋକପାତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କ ସହ ଅତିଥିମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିଥିଲେ। ପରେ ସାଂସଦ ଶ୍ରୀ ପଣ୍ଡା ଅଞ୍ଚଳର କେତେକ ବରିଷ୍ଠ ଶିକ୍ଷକ ଓ ଗ୍ରାମର ମୁରବୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଓ ସେତୁ ନିର୍ମାଣ ଉପରେ ଗୁରୁତ୍ୱ ,ଏହି ଅବସରରେ ଆୟୋଜିତ ସଭାରେ ବକ୍ତବ୍ୟ ରଖି ଅତିଥିମାନେ କହିଥିଲେ ଯେ, 'ମନ୍ କି ବାତ୍' ଦେଶବାସୀଙ୍କୁ ଏକାଠି କରିବା ସହ ରାଷ୍ଟ୍ର ଗଠନରେ ଯୋଗଦାନ ପାଇଁ ପ୍ରେରଣା ଯୋଗାଉଛି। ଡବଲ୍ ଇଞ୍ଜିନ୍ ସରକାର ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ରେଳପଥ ସମ୍ପ୍ରସାରଣ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଥିବା ସେମାନେ ମତ ଦେଇଥିଲେ।

ଗଜଲକ୍ଷ୍ମୀ ପୂଜା ମଣ୍ଡପ ବୁଲି ମା'ଙ୍କ ଆଶୀର୍ବାଦ ନେଲେ ସଂଚାର ସମ୍ପାଦକ



କେନ୍ଦ୍ରାପଡ଼ା, ୨୫ା୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ପରିଚିତ ବ୍ୟକ୍ତିତ୍ୱ, ସମାଜସେବୀ ତଥା ଦୈନିକ ଖବରକାଗଜ 'ସଂଚାର'ର ସମ୍ପାଦକ ହିମାଂଶୁ ଭୂଷଣ କର ସହରର ବିଭିନ୍ନ ଗଜଲକ୍ଷ୍ମୀ ପୂଜା ମଣ୍ଡପ ପରିଦର୍ଶନ କରି ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଛନ୍ତି।

ଏହି ଅବସରରେ ସେ ମଢ଼ିଆଳସ୍ଥିତ ଗଙ୍ଗାଭାଗୀରଥୀ ପୂଜା ମଣ୍ଡପରେ ପହଞ୍ଚି ବିଧାୟକ ଗଣେଶ୍ୱର ବେହେରା ଓ ପୌରାଧ୍ୟକ୍ଷା ସରିତା ସାହୁଙ୍କ ସହ ମିଳିତ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ପୂଜା ମଣ୍ଡପ ଉଦ୍‌ଘାଟନ କରିଥିଲେ। ପରେ ପୌର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ସମାଜସେବା ଓ ସାମ୍ବାଦିକତା କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିଥିବା ଶ୍ରୀ କରଙ୍କ ଏହି ପରିଦର୍ଶନ ଅବସରରେ ପୂଜାର ଆଧ୍ୟାତ୍ମିକ ପରିବେଶ ଓ ଭକ୍ତିମୟ ପରିବେଶରେ ସେ ସାମିଲ ହୋଇଥିଲେ।

ତୃତୀୟ ବର୍ଷରେ ଲୋକନାଥ ବଣିକ ସଂଘର ଗଜଲକ୍ଷ୍ମୀ ପୂଜା

ଜିରୋ ପଏଣ୍ଟରେ ଭକ୍ତିମୟ ପରିବେଶ



ପାରାଦ୍ୱୀପ, ୨୫ା୧୦ (ସଂଚାର ବ୍ୟୁରୋ): ଧୂପ, ଦୀପ ଓ ମନ୍ତ୍ରଧ୍ୱନିରେ ମୁଖରିତ ହୋଇଉଠିଛି ପାରାଦ୍ୱୀପର ଜିରୋ ପଏଣ୍ଟ ଅଞ୍ଚଳ। ଲୋକନାଥ ବଣିକ ସଂଘ ପକ୍ଷରୁ ମହାଆଡ଼ମ୍ବରରେ ଆୟୋଜିତ ହୋଇଛି ମା' ଗଜଲକ୍ଷ୍ମୀଙ୍କ ପୂଜା। ଚଳିତ ବର୍ଷ ଏହି ପୂଜା ତୃତୀୟ ବର୍ଷରେ ପଦାର୍ପଣ କରିଥିବାରୁ ସଂଘର ସଦସ୍ୟଙ୍କ ମଧ୍ୟରେ ବିଶେଷ ଉତ୍ସାହ ପ୍ରକାଶ ପାଇଛି। ମା'ଙ୍କ ଆରାଧନା ସହ ଅଞ୍ଚଳର ସୁଖ, ଶାନ୍ତି, ସମୃଦ୍ଧି ଓ ବ୍ୟବସାୟର ଉନ୍ନତି କାମନା କରାଯାଇଛି। ପୂଜାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

ବାୟୁସେନାର ବାୟୁ ପ୍ରଦର୍ଶନୀରେ ଓଡ଼ିଆ ପୁଅର ପାରଦର୍ଶିତା

୩୨ ବର୍ଷର ସେବାରେ ଦକ୍ଷତାର ପରିଚୟ ଦେଲେ ମହାକାଳପଡ଼ାର ବାପି ମିଶ୍ର



ମହାକାଳପଡ଼ା, ୨୫ା୧୦(ସଂଚାର ବ୍ୟୁରୋ): ଭାରତୀୟ ବାୟୁସେନାର ବାୟୁ ପ୍ରଦର୍ଶନୀରେ ନିଜର ବୈଷୟିକ ଦକ୍ଷତା ପ୍ରଦର୍ଶନ କରି ଓଡ଼ିଶା ତଥା ମହାକାଳପଡ଼ା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଜଣେ ଓଡ଼ିଆ ପୁଅ। ସେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଅଳାଇଲୋ ପଞ୍ଚାୟତର ବବରପୁର ଗ୍ରାମର ପ୍ରଭୁପାଦ ମିଶ୍ର ଓରଫ ବାପି।

ଭାରତୀୟ ବାୟୁସେନାର ୯୪ତମ ପ୍ରତିଷ୍ଠା ଦିବସ ଅବସରରେ ଉତ୍ତରପ୍ରଦେଶର ବାରାଣସୀସ୍ଥିତ ନମୋ ଘାଟ ନିକଟରେ ଗଙ୍ଗା ନଦୀ ଉପରେ 'ୱିଙ୍ଗସ୍ ଓଭର ଗଙ୍ଗାଜ୍' ନାମରେ ଏକ ଆକର୍ଷଣୀୟ ବାୟୁ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ତେଜସ୍, ରାଫେଲ, ସୁଖୋଇ, ଏଲ୍‌ସିଏଚ୍ ପ୍ରଚଣ୍ଡ, ଏମ୍‌ଆଇ-୧୭ ଓ ଆଇଏଲ୍-୭୮ ଭଳି ବିମାନ ସାମିଲ ହୋଇ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ବାୟୁ ପ୍ରଦର୍ଶନୀର ମହାଦେବ ଫର୍ମେସନରେ ସାମିଲ ଆଇଏଲ୍-୭୮ ବିମାନରେ ମାଷ୍ଟର ୱାରେଣ୍ଟ ଅଫିସର ଭାବେ କାର୍ଯ୍ୟ କରିଥିଲେ ବାପି ମିଶ୍ର। ବବରପୁର ଗ୍ରାମର ନିମାଇଁ ଚରଣ ମିଶ୍ରଙ୍କ ପୁଅ ବାପି ୧୯୯୩ ମସିହାରେ ଭାରତୀୟ ବାୟୁସେନାରେ ଇଞ୍ଜିନ୍ ଫିଟର ଭାବେ ଯୋଗଦେଇଥିଲେ। ଦୀର୍ଘ ୩୨ ବର୍ଷର ସେବାକାଳ ମଧ୍ୟରେ ସେ ବାୟୁସେନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅପରେସନରେ ନିଜର ଦକ୍ଷତା ଓ ଅଭିଜ୍ଞତାର ପରିଚୟ ଦେଇଛନ୍ତି। ବାରାଣସୀରେ ଆୟୋଜିତ ଏହି ବିମାନ ପ୍ରଦର୍ଶନୀ ସମୟରେ ସେ ଏୟାରକ୍ରାଫ୍ଟ କ୍ୟାପଟେନଙ୍କୁ ବୈଷୟିକ ସହାୟତା ଯୋଗାଇବା ସହ ବିମାନର ଇଞ୍ଜିନ୍ ଓ ଇନ୍ଧନ ବ୍ୟବସ୍ଥାର ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଏହି ଅବଦାନ ଓ ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଛି।

ଟାଟା ପାୱାର ହଟାଇବା ଦାବିରେ ଢେଙ୍କାନାଳରୁ ବିଦ୍ୟୁତ ଠିକା କର୍ମଚାରୀଙ୍କ ଦଣ୍ଡଯାତ୍ରା

ମୁଣ୍ଡିଆମାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା



ଢେଙ୍କାନାଳ, ୨୫ା୧୦ (ସଂଚାର ବ୍ୟୁରୋ): ଟାଟା ପାୱାରକୁ ଓଡ଼ିଶାରୁ ହଟାଇବା ଏବଂ ବିଦ୍ୟୁତ ଠିକା କର୍ମଚାରୀଙ୍କ ସମସ୍ୟାର ସମାଧାନ ଦାବିରେ ଆନ୍ଦୋଳନକୁ ଜୋରଦାର କରିଛି ଅଲ୍ ଓଡ଼ିଶା ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଂଚ । ଏହି ଦାବିରେ ଢେଙ୍କାନାଳ କଲେଜ ବାଇପାସ୍ ଠାରୁ ଦଣ୍ଡମୁଣ୍ଡିଆ ଶୋଭାଯାତ୍ରାରେ ବାହାରି ଶ୍ରମିକମାନେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ରହିଛି ।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ ବିଭାଗରେ ଦୀର୍ଘ ୧୪ରୁ ୧୫ ବର୍ଷ ଧରି କାର୍ଯ୍ୟ କରିବା ପରେ ମଧ୍ୟ ଠିକା କର୍ମଚାରୀମାନେ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ, ଟାଟା ପାୱାର ଉପଭୋକ୍ତାମାନଙ୍କୁ ମଧ୍ୟ ଶୋଷଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରି କମ୍ପାନୀ ମୁନାଫା ବଢ଼ାଇବାକୁ ଉଦ୍ୟମ କରୁଥିବା ଏବଂ ଏ କ୍ଷେତ୍ରରେ ସରକାର ନିରବ ରହୁଥିବା ମଧ୍ୟ ଆନ୍ଦୋଳନକାରୀମାନେ ଅଭିଯୋଗ ଉଠାଇଛନ୍ତି। ତେଣୁ ମାନ୍ୟବର ଶକ୍ତିମନ୍ତ୍ରୀ ତୁରନ୍ତ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ସହ ଟାଟା ପାୱାରକୁ ଓଡ଼ିଶାରୁ ହଟାଇବାକୁ ସେ ଦାବି କରିଛନ୍ତି । " ଟାଟା ହଟାଅ, ଓଡ଼ିଶା ବଂଚାଅ" ନାରା ଦେଇ ଆନ୍ଦୋଳନକୁ ଆଗକୁ ବଢ଼ାଇଛନ୍ତି କର୍ମଚାରୀମାନେ ।

ଗଜଲକ୍ଷ୍ମୀ ପୂଜା ପୂର୍ବରୁ ସ୍ୱଚ୍ଛତା ଅଭିଯାନ

ଝାଡ଼ୁ ଧରିଲେ ଜିଲ୍ଲାପାଳ ଓ ପୌରାଧ୍ୟକ୍ଷା



କେନ୍ଦ୍ରାପଡ଼ା, ୨୫ା୧୦ (ସଂଚାର ବ୍ୟୁରୋ): ଗଜଲକ୍ଷ୍ମୀ ପୂଜାକୁ ସ୍ୱଚ୍ଛ, ସୁନ୍ଦର ଓ ପରିବେଶ ଅନୁକୂଳ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ାରେ ଆରମ୍ଭ ହୋଇଛି ସ୍ୱଚ୍ଛତା ଅଭିଯାନ। ଏହି ଅଭିଯାନରେ ନିଜେ ଝାଡ଼ୁ ଧରି ରାସ୍ତା ସଫା କରିଛନ୍ତି ଜିଲ୍ଲାପାଳ ରଘୁରାମ ଆର୍. ଆୟର ଓ ପୌରାଧ୍ୟକ୍ଷା ସରିତା ସାହୁ। ଅଧିକାରୀଙ୍କ ଏହି ପଦକ୍ଷେପ ସ୍ୱଚ୍ଛତା ପ୍ରତି ସାଧାରଣ ଲୋକଙ୍କୁ ସଚେତନ କରିବା ସହ ସହରବାସୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିଛି।

ରବିବାର ସକାଳେ ଗରାପୁରସ୍ଥିତ ଭିଆଇପି ରୋଡ୍ ଅଞ୍ଚଳରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଓ ପୌରାଧ୍ୟକ୍ଷାଙ୍କ ସମେତ ପୌରସଂସ୍ଥାର କର୍ମଚାରୀ, ଜିଲ୍ଲା ପ୍ରଶାସନର ଅଧିକାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସାମିଲ ହୋଇ ରାସ୍ତାଘାଟ ସଫା କରିଥିଲେ। ଏଥିସହ ରାସ୍ତାକଡ଼ରେ ଥିବା ବେଆଇନ ଜବରଦଖଲ ହଟାଇ ଯାତାୟାତକୁ ସୁଗମ କରିବା ଦିଗରେ ପଦକ୍ଷେପ ନିଆଯାଇଥିଲା।

ଆଗାମୀ ଗଜଲକ୍ଷ୍ମୀ ପୂଜାରେ କେନ୍ଦ୍ରାପଡ଼ା ସହରକୁ ହଜାର ହଜାର ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଆଗମନ ହେବାକୁ ଥିବାରୁ ସହରର ପରିମଳ ବ୍ୟବସ୍ଥା ଓ ଯାତାୟାତ ନିୟନ୍ତ୍ରଣ ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ଏହି ଅବସରରେ ଜିଲ୍ଲାପାଳ ସ୍ଥାନୀୟ ବ୍ୟବସାୟୀ ଓ ବାସିନ୍ଦାଙ୍କ ସହ ଆଲୋଚନା କରି ପଲିଥିନ୍ ଓ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାରରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଅଳିଆ ଆବର୍ଜନାକୁ ରାସ୍ତାରେ ନ ପକାଇ ନିର୍ଦ୍ଦିଷ୍ଟ ଆବର୍ଜନା ପାତ୍ରରେ ପକାଇବା ସହ ଉପଯୁକ୍ତ ଆବର୍ଜନା ପରିଚାଳନା ବ୍ୟବସ୍ଥା ଆପଣାଇବାକୁ ସେ ନିବେଦନ କରିଥିଲେ।

ଜିଲ୍ଲାପାଳ କହିଥିଲେ ଯେ, ଗଜଲକ୍ଷ୍ମୀ ପୂଜାକୁ ଶାନ୍ତିପୂର୍ଣ୍ଣ ଓ ସଫଳ କରିବା ସହ ସହରର ସୌନ୍ଦର୍ଯ୍ୟ ବଜାୟ ରଖିବା ପ୍ରଶାସନର ପ୍ରାଥମିକତା। ତେବେ ଏଥିପାଇଁ ଜନସାଧାରଣ ଓ ବ୍ୟବସାୟୀଙ୍କ ସହଯୋଗ ଅପରିହାର୍ଯ୍ୟ। ଅନ୍ୟପକ୍ଷରେ ପୌରାଧ୍ୟକ୍ଷା ସରିତା ସାହୁ ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଅଭ୍ୟାସରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ପୂଜା ଅବସରରେ କେନ୍ଦ୍ରାପଡ଼ାକୁ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସହର ଭାବେ ଉପସ୍ଥାପନ କରିବା ପାଇଁ ସମସ୍ତେ ମିଳିତ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ଜିଲ୍ଲା ମୁଖ୍ୟ କାରଗାର ପରିସରରେ ଗଜଲକ୍ଷ୍ମୀ ପୂଜା



ସୁନ୍ଦରଗଡ଼, ୨୫ା୧୦ (ସଂଚାର ବ୍ୟୁରୋ): ଆଜି ଶରତ ପୂର୍ଣ୍ଣିମା ଓଡ଼ିଆ କୁମାର ପୂର୍ଣ୍ଣିମା ସହ ମା ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ଏହି ଅବସରରେ ଆଜି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ କାରାଗାର ପରିସର ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ଆନନ୍ଦ ଉଲ୍ଲାସ ସହ ଆରମ୍ଭ ହୋଇଛି। ଏହି ପୂଜା ଉତ୍ସବ ତିନି ଦିନ ଧରି ଚାଲିବ ବୋଲି ଜେଲ ସୁପରିଟେଣ୍ଡେଣ୍ଟ ତଥା ପୂଜାରେ ମୁଖ୍ୟକର୍ତ୍ତା ଜୀବନ ସିଂ ମୁଣ୍ଡା ସୂଚନା ଦେଇଛନ୍ତି।

ପ୍ରତିଦିନ ସନ୍ଧ୍ୟାରେ ଭକ୍ତ ମାନଙ୍କ ପାଇଁ ପ୍ରଥମ ଦିନ କୀର୍ତ୍ତନ, ଦ୍ୱିତୀୟ ଦିନ ଭଜନ ସନ୍ଧ୍ୟା, ତୃତୀୟ ଦିନ ସମ୍ବଲପୁର ରୁ କୃଷ୍ଣଗୁରୁ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ପୂଜାରେ ଶନିବାର ସନ୍ଧ୍ୟାରେ ମହିଳା ମାନେ କଳସ ଯାତ୍ରା, ଅଧିବାସ ସହ ପୂଜାବିଦ୍ଧି ଆରମ୍ଭ ହୋଇଥିଲା, ଆଜି ନବଗ୍ରହ ପୂଜା, ସାବିତ୍ରୀ ମଣ୍ଡଳ, ଲକ୍ଷ୍ମୀ ବର୍ଣ୍ଣ ପୂଜା ଗଣେଶ, ସରସ୍ୱତୀ, ଲକ୍ଷ୍ମୀ ପୂଜା ପଣ୍ଡିତ ଦୀନବନ୍ଧୁ ଦାସଙ୍କ ଦ୍ୱାରା ପ୍ରଥମ ଦିନ ପୂଜା ସମାପନ ହେବା ସହ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହେଲା ଚାନ୍ଦୋଳ ବଜାର



ଡେରାବିଶ, ୨୫ା୧୦ (ସଂଚାର ବ୍ୟୁରୋ): ମା ଗଜଲକ୍ଷ୍ମୀ ପୂଜା ପାଇଁ ଆଜି ଠାରୁ ଚାନ୍ଦୋଳ ବଜାର ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ଦୀର୍ଘବର୍ଷ ହେଲା କେନ୍ଦ୍ରାପଡ଼ା ଜିଲ୍ଲାରେ ମା ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ମହା ଆଡ଼ମ୍ବରରେ ପାଳନ ହୋଇ ଆସୁଥିବା ବେଳେ ଚାନ୍ଦୋଳ ବଜାରରେ ଅନୁଷ୍ଠିତ ଜିଲ୍ଲା ଦ୍ୱିତୀୟ ବୃହତମ ଗଣପର୍ବ ଭାବେ ପାଳିତ ହୋଇ ଆସୁଛି।

ଚାନ୍ଦୋଳ ବଜାର ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟବସାୟୀମାନଙ୍କ ଦ୍ୱାରା ୨୫ଟି ଭିନ୍ନ ଭିନ୍ନ ମଣ୍ଡପରେ ମା ଲକ୍ଷ୍ମୀ ପୂଜା ପାଇ ଆସୁଛନ୍ତି। ସମସ୍ତ ମେଢ଼ର ସାଜସଜ୍ଜା କଟକ-ଚାନ୍ଦବାଲି ରାଜରାସ୍ତାର କାକଟିଆ ଠାରୁ ଚାନ୍ଦୋଳ କଲେଜ ଛକ ଯାଏ ତିନିକିଲୋମିଟର ବ୍ୟାପୀ ଆଲୋକ ମାଳା ସହିତ ସୁସଜ୍ଜିତ ତୋରଣ ଦର୍ଶକମାନଙ୍କୁ ଆକୃଷ୍ଟ କରିଥାଏ। ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଏହି ଉତ୍ସବରେ ପ୍ରତ୍ୟେହ ହଜାର ହଜାର ଶ୍ରଦ୍ଧାଳୁ ମାଙ୍କ ଦର୍ଶନ କରିବା ସହିତ ପୂଜା ମଣ୍ଡପ ମାନଙ୍କରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥାନ୍ତି। ଲୋକମାନଙ୍କର ସମାଗମ ଯୋଗୁଁ ବଜାରରେ ବିଭିନ୍ନ ପ୍ରକାର ଫାଷ୍ଟଫୁଡ୍ ଦୋକାନ ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଦୋକାନର ପଡ଼ିଥିବା ଦେଖିବାକୁ ମିଳିଛି। ଭିଡ଼ ନିୟନ୍ତ୍ରଣ ଓ ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ପାଇଁ ଦୁଇ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ହୋଇଛନ୍ତି। ପୂଜା ଅବ୍ୟବହିତ ପୂର୍ବରୁ ଆଜି ଚାନ୍ଦୋଳ ବଜାରରେ ପୋଲିସ୍ ଫ୍ଲାଗମାର୍ଚ୍ଚ କରାଯାଇଥିଲା।

ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଗରଦପୁର, ୨୫ା୧୦ (ସଂଚାର ବ୍ୟୁରୋ): ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଜଣେ ୬୩ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗରଦପୁର ବ୍ଲକ ପନ୍ଦିଆ ଗ୍ରାମର ନଟବର ମଲ୍ଲିକଙ୍କ ପୁଅ ରଞ୍ଜନ ମଲ୍ଲିକ। ସୂଚନା ଅନୁଯାୟୀ, ରଞ୍ଜନ ମଜୁରି କାମରେ ଆସିଥିବା ବେଳେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କର ଖୋଜଖବର ନମିଳିବା ଏବଂ ନଦୀକୂଳରେ ସାଇକେଲ ଥୁଆ ହୋଇଥିବା ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ପରିବାର ସଦସ୍ୟ ଓ ଗ୍ରାମବାସୀ ଖୋଜାଖୋଜି କରି ବିଫଳ ହେବା ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ନଦୀରେ ଖୋଜାଖୋଜି କରି ରଞ୍ଜନଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ପାଟକୁରା ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

ମେଲାଣି ନେଲେ ମା' ଦୁର୍ଗା

ଭସ୍ମ, ତ୍ରିଶୂଳ, ରୁଦ୍ରାକ୍ଷ-ଭଷାଣିରେ ଶିବ ଗଣଙ୍କ ରୌଦ୍ର ନୃତ୍ୟ





କାକଟପୁର/ଅସ୍ତରଙ୍ଗ, ୨୫ା୧୦ (ସଂଚାର ବ୍ୟୁରୋ): ଆସିଥିଲେ ମା', ହସିଥିଲା ଅସ୍ତରଙ୍ଗ। ଗଲେ ମା', କାନ୍ଦୁଛି ଅସ୍ତରଙ୍ଗ। ଭକ୍ତଙ୍କୁ ଦର୍ଶନ ଦେବାକୁ ଧରାବତରଣ କରିଥିଲେ ଜଗତଜନନୀ ମା' ଦୁର୍ଗା। ୫ ଦିନ ଧରି ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀରେ ଚଣ୍ଡୀପାଠ, ମହାଆରତୀ, ହୋମଯଜ୍ଞ, ପୁଷ୍ପାଞ୍ଜଳି, ସିନ୍ଦୂର ଖେଳ, ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ରବିବାର ସନ୍ଧ୍ୟାରେ ମା' ମେଲାଣି ନେଇଛନ୍ତି। ବିଦାୟ ବେଳାର ଦୃଶ୍ୟ ଥିଲା ଅତ୍ୟନ୍ତ ଭାବବିହ୍ୱଳ, ଭକ୍ତିମୟ, ଆଧ୍ୟାତ୍ମିକ ଓ ହୃଦୟସ୍ପର୍ଶୀ। ମା'ଙ୍କ ବିଦାୟରେ ସାରା ପୁରୀ ଜିଲ୍ଲାର ଅସ୍ତରଙ୍ଗ ବଜାରରେ ପରିବେଶ, କିନ୍ତୁ ମନରେ ଭକ୍ତିର ଜୁଆର। ଅସ୍ତରଙ୍ଗ ପୋଲିସର କଡ଼ା ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ଭିତରେ ଭଷାଣି ଶୋଭାଯାତ୍ରାରେ ମା'ଙ୍କୁ ଭାବପୂର୍ଣ୍ଣ ବିଦାୟ ଦେଇଛନ୍ତି ଅସ୍ତରଙ୍ଗ ଅଞ୍ଚଳବାସୀ।

ଚଳିତ ବର୍ଷ ଅସ୍ତରଙ୍ଗ ମା' ଦୁର୍ଗା କ୍ଲବ ୫୮ତମ ବର୍ଷରେ ପଦାର୍ପଣ କରିଛି। ଏହି ୫୮ ବର୍ଷର ପରମ୍ପରା କେବଳ ପୂଜା ନୁହେଁ, ଏହା ଅସ୍ତରଙ୍ଗ ମାଟିର ଏକତା, ଭକ୍ତି, ସଂସ୍କୃତି, ପରମ୍ପରା ଓ ଭାଇଚାରାର ପ୍ରତୀକ। ଏଥର ପୂଜାର ମୁଖ୍ୟ ଆକର୍ଷଣ ଥିଲା ରୋମର ପ୍ରସିଦ୍ଧ ଭାଟିକାନ ସିଟି ଆକୃତିର ବିଶାଳ ତୋରଣ। ହଜାର ହଜାର ରଙ୍ଗୀନ ଆଲୋକମାଳା, ଫୁଲମାଳ ଓ ତୋରଣରେ ସଜା ଏହି ମଣ୍ଡପ ଭିତରେ ଜଗତଜନନୀ ଯେମିତି ସ୍ୱର୍ଗରୁ ଓହ୍ଲାଇ ଆସିଥିଲେ। ଏହି ଅପୂର୍ବ ତୋରଣ ଦେଖିବାକୁ ପୁରୀ, କାକଟପୁର, ନିମାପଡା, କୋଣାର୍କ, ଜଟଣୀ, ଭୁବନେଶ୍ୱର, ଜଗତସିଂହପୁର ଜିଲ୍ଲାରୁ ରୁ ହଜାର ହଜାର ଶ୍ରଦ୍ଧାଳୁ ଆସିଥିଲେ।

ରବିବାର ସନ୍ଧ୍ୟା ୬ଟାରୁ ଆରମ୍ଭ ହେଲା ଭବ୍ୟ ଭଷାଣି ଶୋଭାଯାତ୍ରା। ସମ୍ପୂର୍ଣ୍ଣ ପାରମ୍ପରିକ ଓ ଆଧ୍ୟାତ୍ମିକ ଢଙ୍ଗରେ ଅନୁଷ୍ଠିତ ହୋଇଥିଲା। ଆଗରେ ଶଙ୍ଖ, ଘଣ୍ଟ, ଘଣ୍ଟା, ସିଂଘବାଜା, ତୁରୀ, ମହୁରୀର ଦିବ୍ୟ ଧ୍ୱନୀ, ପଛରେ ଦୁଲୁଦୁଲି ଢୋଲ, ମର୍ଦ୍ଦଳ, ମୃଦଙ୍ଗର ଗୁମୁଗୁମୁ ଶବ୍ଦରେ ପୁରା ବଜାର ପ୍ରକମ୍ପିତ ହୋଇଉଠିଥିଲା। ଭକ୍ତମାନେ "ଜୟ ମା' ଦୁର୍ଗା" ନାରାରେ ଆକାଶ କମ୍ପାଇ ଦେଉଥିଲେ।ଶୋଭାଯାତ୍ରାର ସବୁଠୁ ରୋମାଞ୍ଚକର ଓ ଆଧ୍ୟାତ୍ମିକ ଆକର୍ଷଣ ଥିଲା ଅଘୋରୀ ନୃତ୍ୟ। ମୁହଁରେ ଭସ୍ମ, ବେକରେ ରୁଦ୍ରାକ୍ଷ ଓ ସର୍ପ, ହାତରେ ତ୍ରିଶୂଳ ଧରି ଅଘୋରୀ ମାନେ ଯେତେବେଳେ ରୌଦ୍ର ଓ ଅଦ୍ଭୁତ ନୃତ୍ୟ କଲେ, ଦର୍ଶକ ଭୟ ଓ ଭକ୍ତିରେ ସ୍ତବ୍ଧ ହୋଇଗଲେ। ଅନେକ କହୁଥିଲେ - ସାକ୍ଷାତ ଶିବଙ୍କ ଗଣ ଆସିଛନ୍ତି ମା'ଙ୍କୁ ନେବାକୁ। ଏହା ପରେ ସିଂହ ନାଚର ଗର୍ଜନ, ଘୋଡା ନାଚର ତାଳ, କଣ୍ଢେଇ ନାଚର ଅଭିନୟ, ଜୁନାଗଡର ପ୍ରସିଦ୍ଧ ସିଂଘବାଜା, ରାଉରକେଲାର ରଙ୍ଗୀନ ସର୍କସ ନୃତ୍ୟ ମନମୋହିଲା। ସବୁଠୁ ନିଆରା ଥିଲା ମଣିଷ କୁକୁଡା ଗଂଜା ଲଢେଇ - ମଣିଷ କୁକୁଡା ସାଜି ଲଢେଇ କରିବା ଦେଖି ପିଲାଠୁ ବୁଢା ହସି ବେଦମ, ତାଳିରେ ବଜାର ଗୁଞ୍ଜରିତ। ସବୁଠୁ ପ୍ରଶଂସନୀୟ - କମିଟି ଡିଜେ ବନ୍ଦ କରି କେବଳ ପାରମ୍ପରିକ ବାଦ୍ୟରେ ଭଷାଣି କଲା, ଆଧ୍ୟାତ୍ମିକ ପରିବେଶ ବଜାୟ ରହିଲା। ଶେଷରେ ଦୁର୍ଗା କ୍ଲବରୁ ବାହାରି ବଜାର ପରିକ୍ରମା କରି ଭଉଁରିଆ ସେତୁ ନଦୀରେ ବିସର୍ଜନ ହେଲା।